

ଶାହଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି | ୬


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




କଫି ମଗ୍‌ରେ 'ଚୋର' ଲେଖାଥିବାରୁ ରାଗିଲେ ତମନ୍ନା | ୮


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୩୮ Vol. 21 No-238 27 NOVEMBER 2024 WEDNESDAY BHUBANESWAR ବୁଧବାର, ୨୭ ନଭେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


## ୧୨,୧୫୬ କୋଟିର ଅତିରିକ୍ତ ବଜେଟ୍ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

# ସୁଭଦ୍ରା ପାଇଁ ୧୧୯୬ କୋଟି



ଭୁବନେଶ୍ୱର, ୨୬।୧୧ (ଭାସ୍କର ନ୍ୟୁଜ): ବିଧାନସଭା ଶୀତ ଅଧିବେଶନର ପ୍ରଥମ ଦିନରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି। ମୋଟ ୧୨,୧୫୬ କୋଟିର ଅତିରିକ୍ତ ବଜେଟ୍ ଉପସ୍ଥାପନ କରାଯାଇଛି। ଏଥିରେ ସୁଭଦ୍ରା ଯୋଜନା ପାଇଁ ସବୁଠାରୁ ଅଧିକ ବ୍ୟୟ ଅଟକଳ କରାଯାଇଛି। ରାଜ୍ୟ ସରକାରଙ୍କ ଏହି ମହତ୍ୱାକାଂକ୍ଷୀ ଯୋଜନା ପାଇଁ ୧୧୯୬ କୋଟିର ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ସେହିପରି ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ଆୟୋଜନ ପାଇଁ ୧୨୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଥିବାବେଳେ ରତ୍ନଭଣ୍ଡାର ପାଇଁ ୫ କୋଟିର ବ୍ୟୟ ଅଟକଳ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ସିଏପିଏଫ ମୁତୟନ ପାଇଁ ୨୯୯ କୋଟିର ବ୍ୟୟବରାଦ ହୋଇଥିବାବେଳେ ପୋଲିସ ଷ୍ଟେସନ ଓ ଫାଣ୍ଡିରେ ସିସିଟିଭି ପାଇଁ ୫୧ କୋଟି ଟଙ୍କା, ଶ୍ରୀମନ୍ଦିର ପରିକ୍ରମାର ବିସ୍ତୃତି ସୁବିଧା ବିକାଶ ପାଇଁ ୨୬ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଅଗ୍ନିଶମ ବିଭାଗର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ୧୨୦ କୋଟି ବ୍ୟୟବରାଦ ହୋଇଥିବାବେଳେ ବନ୍ୟା ନିୟନ୍ତ୍ରଣ ଓ ଡ୍ରେନେଜ ପାଇଁ ୬୬ କୋଟି, ମଧୁବାବୁ ପେନସନ ଯୋଜନାରେ ୩୬୮ କୋଟି, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ପାଇଁ ୬୪୪ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ବିଭିନ୍ନ ନିଯୁକ୍ତି ପରୀକ୍ଷା ଆୟୋଜନ ପାଇଁ ୧୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। କୋଠଭୋଗ ଦାନ ଯୋଜନା ପାଇଁ ୧୫ କୋଟି ଟଙ୍କାର ଅନୁଦାନ ବ୍ୟବସ୍ଥା ହୋଇଥିବାବେଳେ ଶ୍ରଦ୍ଧାଳୁମାନେ ରଥ ଉପରକୁ ଯାଇନଥିବାରୁ ଦଇତାପତିଙ୍କୁ କ୍ଷତିପୂରଣ ବାବଦରେ ୧୨ କୋଟି ଟଙ୍କା ପ୍ରଦାନ ବ୍ୟବସ୍ଥା ହୋଇଛି। ଓଡ଼ିଶା ବିଧାନସଭାର କୋଠା ନିର୍ମାଣ ପାଇଁ ୬ କୋଟି ଟଙ୍କା ବରାଦ ହୋଇଥିବାବେଳେ ରାଜ୍ୟର ମାଧ୍ୟମିକ ବିଦ୍ୟାଳୟରେ ● ପୃଷ୍ଠା ୫ ଦେଖନ୍ତୁ

### କାହାପାଇଁ କେତେ?

| ବିଭାଗ | ଅତିରିକ୍ତ ବ୍ୟୟବରାଦ(କୋଟିରେ) |
|---|---|
| ସ୍ୱରାଷ୍ଟ୍ର | ୧୩୫୨ |
| ସାଧାରଣ ପ୍ରଶାସନ | ୩୪ |
| ରାଜସ୍ୱ ବିପର୍ଯ୍ୟୟ | ୯୯ |
| ଅର୍ଥ | ୧୭୫୦ |
| ନିର୍ମାଣ | ୨୭୭ |
| ବିଦ୍ୟାଳୟ ଓ ଗଣଶିକ୍ଷା | ୧୧୧୪ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୧୫୩୦ |
| ଗୃହନିର୍ମାଣ ଓ ପୌର ଉନ୍ନୟନ | ୧୦୦୦ |
| ଜଳସମ୍ପଦ | ୩୪୭ |
| ଗ୍ରାମ୍ୟ ଉନ୍ନୟନ | ୪୧୩ |
| ମହିଳା ଓ ଶିଶୁ ବିକାଶ | ୧୨୩୦ |
| ଉଚ୍ଚଶିକ୍ଷା | ୩୦୫ |

### ଅତିରିକ୍ତ ବଜେଟ୍ ପାଇଁ ବ୍ୟୟବରାଦ

| ବ୍ୟୟର ପ୍ରକାର | ମୋଟ ବ୍ୟୟବରାଦ |
|---|---|
| ପ୍ରଶାସନିକ ବ୍ୟୟ | ୧୬୮୫ କୋଟି |
| କାର୍ଯ୍ୟକ୍ରମ ବ୍ୟୟ | ୧୦,୧୫୫ କୋଟି |
| ବିପର୍ଯ୍ୟୟ ପ୍ରଶମନ ପାଣ୍ଠି | ୧୨୦ କୋଟି |
| ରାଜ୍ୟ ବଜେଟ୍‌ରୁ ସ୍ଥାନାନ୍ତର | ୧୯୬ କୋଟି |
| ମୋଟ | ୧୨,୧୫୬ କୋଟି |

## ସମ୍ବିଧାନ ଦିବସରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ

# ସମ୍ବିଧାନ ହେଉଛି ସାଧାରଣତନ୍ତ୍ରର ମଜବୁତ ଆଧାର



ନୂଆଦିଲ୍ଲୀ, ୨୬।୧୧: ଆମ ସମ୍ବିଧାନ ହେଉଛି ଆମ ଗଣତାନ୍ତ୍ରିକ ସାଧାରଣତନ୍ତ୍ରର ମଜବୁତ ଆଧାର। କାର୍ଯ୍ୟପାଳିକା, ବିଧାନପାଳିକା ଓ ନ୍ୟାୟପାଳିକା ତଥା ସମସ୍ତ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣରୁ ଆମର ସାମ୍ବିଧାନିକ ଆଦର୍ଶକୁ ଶକ୍ତି ମିଳିଥାଏ ବୋଲି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ମଙ୍ଗଳବାର ସଂସଦ ଭବନର ସେଣ୍ଟ୍ରାଲ ହଲରେ ସମ୍ବିଧାନ ପ୍ରଣୟନର ୭୫ ବର୍ଷ ପୂର୍ତ୍ତି ସମାରୋହରେ ଯୋଗ ଦେଇ ଶ୍ରୀମତୀ ମୁର୍ମୁ କହିଥିଲେ ଯେ ୭୫ ବର୍ଷ ପୂର୍ବେ ଆଜିର ଦିନରେ 'ସମ୍ବିଧାନ ସଦନ'ର ଏହି ସେଣ୍ଟ୍ରାଲ ହଲ୍ ରେ ସମ୍ବିଧାନ ସଭା ଏକ ନୂଆ ସ୍ୱାଧୀନ ଦେଶ ପାଇଁ ସମ୍ବିଧାନ ପ୍ରଣୟନର ବିଶାଳ କାର୍ଯ୍ୟ ସମ୍ପାଦନ କରିଥିଲା। ସେଦିନ ସମ୍ବିଧାନ ସଭା ମାଧ୍ୟମରେ ଆମେ ଭାରତର ଜନସାଧାରଣ ଏହି ସମ୍ବିଧାନକୁ ଗ୍ରହଣ କରିଥିଲୁ, ପ୍ରଣୟନ କରିଥିଲୁ ଏବଂ ନିଜକୁ ସମର୍ପିତ କରିଥିଲୁ । ରାଷ୍ଟ୍ରପତି କହିଛନ୍ତି, ଆମ ସମ୍ବିଧାନ ହେଉଛି ଆମ ଗଣତାନ୍ତ୍ରିକ ସାଧାରଣତନ୍ତ୍ରର ମଜବୁତ ଆଧାର। ଆମ ସମ୍ବିଧାନ ଆମର ସାମୂହିକ ଏବଂ ବ୍ୟକ୍ତିଗତ ସମ୍ମାନକୁ ସୁନିଶ୍ଚିତ କରେ । ରାଷ୍ଟ୍ରପତି କହିଛନ୍ତି ଯେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସମସ୍ତ ନାଗରିକ 'ଆଜାଦୀ କା ● ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ସମ୍ବିଧାନ ଦିବସରେ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା



ନୂଆଦିଲ୍ଲୀ, ୨୬।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ସମ୍ବିଧାନ ଦିବସ ତଥା ସମ୍ବିଧାନର ୭୫ତମ ବାର୍ଷିକୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୋସିଆଲ ମିଡିଆ ପୋଷ୍ଟ 'ଏକ୍ସ'ରେ ମୋଦୀ ଲେଖିଛନ୍ତି ଯେ ଭାରତୀୟ ସମ୍ବିଧାନର ୭୫ତମ ବାର୍ଷିକୀ ତଥା ସମ୍ବିଧାନ ଦିବସ ଅବସରରେ ସମସ୍ତ ଦେଶବାସୀଙ୍କୁ ବହୁତ ବହୁତ ଶୁଭକାମନା।

### ସୁଜାତା କାର୍ତ୍ତିକେୟନଙ୍କ ଛୁଟି ଆବେଦନ ଖାରଜ

ଭୁବନେଶ୍ୱର, ୨୬।୧୧ (ଭାସ୍କର ନ୍ୟୁଜ): ବରିଷ୍ଠ ଆଇଏଏସ୍ ଅଧିକାରୀ ସୁଜାତା କାର୍ତ୍ତିକେୟନଙ୍କର ଛୁଟି ଆବେଦନକୁ ଖାରଜ କରିଛନ୍ତି ରାଜ୍ୟ ସରକାର। ସେ ଆଉ ୬ ମାସ ଛୁଟିପାଇଁ ଆବେଦନ କରିଥିଲେ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ତାଙ୍କ ଆବେଦନକୁ ଖାରଜ କରାଯିବା ସହ ୨୭ ତାରିଖରେ ଚାକିରିରେ ଯୋଗଦେବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ମଇ ୩୧ରୁ ସୁଜାତା ୬ ମାସ ଛୁଟିରେ ରହିଥିଲେ।







हरियाणा सरकार

भागीदार प्रदेश ओडिशा

भागीदार देश संयुक्त गणराज्य तंजानिया

यद्यदाचरति श्रेष्ठस्तत्तदेवेतरो जनः।
स यत्प्रमाणं कुरुते लोकस्तदनुवर्तते॥
भगवद्गीता 3.21

# अन्तर्राष्ट्रीय गीता महोत्सव 2024

28 नवम्बर – 15 दिसम्बर
कुरुक्षेत्र, हरियाणा



## मुख्य कार्यक्रम

| समय | स्थल | कार्यक्रम |
|---|---|---|
| बृहस्पतिवार, 5 दिसम्बर | | |
| प्रात: 09:00 | पुरुषोत्तमपुरा बाग, ब्रह्म सरोवर | गीता यज्ञ एवं गीता पूजन |
| प्रात: 11:15 | पुरुषोत्तमपुरा बाग, ब्रह्म सरोवर | हरियाणा, भागीदार प्रदेश ओडिशा एवं सहभागी देश तंजानिया के पैवेलियन का शुभारम्भ |
| अपराह्न 12:30 | श्रीमद्भगवद्गीता सदन, कुरुक्षेत्र विश्वविद्यालय | अन्तर्राष्ट्रीय गीता संगोष्ठी का उद्घाटन |
| सायं 05:00 | पुरुषोत्तमपुरा बाग, ब्रह्म सरोवर | भजन संध्या एवं महाआरती |
| सायं 06:00 | पुरुषोत्तमपुरा बाग, ब्रह्म सरोवर | साँस्कृतिक संध्या |
| सोमवार, 9 दिसम्बर | | |
| अपराह्न 02:00 | पुरुषोत्तमपुरा बाग, ब्रह्म सरोवर | संत सम्मेलन |
| मंगलवार, 10 दिसम्बर | | |
| अपराह्न 02:00 | पुरुषोत्तमपुरा बाग, ब्रह्म सरोवर | अखिल भारतीय देवस्थानम सम्मेलन |
| बुधवार, 11 दिसम्बर | | |
| प्रात: 9:00 | गीता जन्मस्थली-ज्योतिसर एवं सन्निहित सरोवर | श्रीमद्भगवद्गीता का सम्पूर्ण पाठ एवं गीता यज्ञ |
| प्रात: 10:00 | थीम पार्क, कुरुक्षेत्र | 18000 विद्यार्थियों द्वारा गीता का वैश्विक पाठ |
| अपराह्न 02:00 | श्रीमद्भगवद्गीता सदन, कुरुक्षेत्र विश्वविद्यालय | 48 कोस तीर्थ सम्मेलन |
| अपराह्न 03:00 | कुरुक्षेत्र विकास बोर्ड कार्यालय के सामने से | गीता शोभा यात्रा का प्रारम्भ |
| सायं 05:30 | ब्रह्म सरोवर, सन्निहित सरोवर एवं ज्योतिसर | दीपोत्सव |
| सायं 05:30 | 48 कोस कुरुक्षेत्र भूमि | तीर्थों पर दीपोत्सव |
| सायं 06:00 | पुरुषोत्तमपुरा बाग, ब्रह्म सरोवर | गीता महाआरती एवं दीप दान |
| 28 नवम्बर – 15 दिसम्बर | | |
| प्रात: 09:00 | ब्रह्म सरोवर | ख्याति प्राप्त शिल्पियों का संगम – शिल्प एवं सरस मेला |
| 5 – 11 दिसम्बर | | |
| प्रात: 09:00 | पुरुषोत्तमपुरा बाग, ब्रह्म सरोवर | राज्य स्तरीय प्रदर्शनी-सूचना, जन संपर्क एवं भाषा विभाग, हरियाणा |
| प्रात: 09:00 | ब्रह्म सरोवर | गीता पुस्तक मेला- हरियाणा ग्रंथ अकादमी के सौजन्य से |
| प्रात: 11:00 | पुरुषोत्तमपुरा बाग, ब्रह्म सरोवर | हरियाणा एवं ओडिशा पैवेलियन में साँस्कृतिक कार्यक्रम |
| सायं 06:00 | पुरुषोत्तमपुरा बाग, ब्रह्म सरोवर | साँस्कृतिक संध्या |



"सभी देशवासियों को गीता जयंती की अनंत शुभकामनाएं। श्रीमद्भगवद्गीता सदियों से मानवता का मार्गदर्शन करती आई है। अध्यात्म और जीवन-दर्शन से जुड़ा यह महान ग्रंथ हर युग में पथ प्रदर्शक बना रहेगा।"
**- नरेन्द्र मोदी**

@igmkkr
InternationalGitaMahotsav

www.internationalgitamahotsav.in
www.48koskurukshetra.com

RO No.:-1089/13/1885/2025/30521/3059/21. Dated Chandigarh, the 26/11/2024

सूचना, जन सम्पर्क एवं भाषा विभाग, हरियाणा | www.prharyana.gov.in | Follow us on @dipharyana



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ସ୍ଥିତ ଅଗମ୍ୟ ଆଦିବାସୀ ପଲ୍ଲୀ ଜକଲେଇ ଠାରେ ସମ୍ବିଧାନ ଦିବସ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ଅନୁଷ୍ଠାନ 'ବୁଲଆଉ' ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ପ୍ରତୀକାତ୍ମକ ସମ୍ବିଧାନ ଗ୍ରନ୍ଥକୁ ଶ୍ରଦ୍ଧା ଓ ସମ୍ମାନର ସହ ପୂଜନ କରିବା ସହିତ ଜାତୀୟ ସଙ୍ଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମରେ ଅତିଥି ରୂପେ ସାମାଜିକ କର୍ମୀ ସୁଶାନ୍ତ ସାହୁ ଯୋଗ ଦେଇ କହିଥିଲେ, ଭାରତୀୟ ସମ୍ବିଧାନର ପରିଚୟ ହେଉଛି ବିଶ୍ୱରେ ଅନନ୍ୟ । ଏହା ବିଶ୍ୱର ସର୍ବବୃହତ ଲିଖିତ ସମ୍ବିଧାନ । ପ୍ରତିଟି ଭାରତୀୟଙ୍କ ପାଇଁ ଏହା ଏକ ପବିତ୍ର ଗ୍ରନ୍ଥ । ଏହା ପ୍ରତିଟି ଭାରତୀୟଙ୍କୁ ମୌଳିକ କର୍ତ୍ତବ୍ୟର ଦାୟିତ୍ୱକୁ ମନେ ପକାଇ ଦେଇଥାଏ ଓ ମୌଳିକ ଅଧିକାର ହେଉଛି ନାଗରିକମାନଙ୍କର ଢାଲ । 'ବୁଲଆଉ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଯୋଗଦେଇ ସମ୍ବିଧାନର ଗୁରୁତ୍ୱ ଏବଂ ଏହାର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀ ଏବଂ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ ।

### ରାଜ୍ୟସ୍ତରୀୟ ସମ୍ବିଧାନ ଦିବସ ପାଳିତ

## ସମ୍ବିଧାନର 'ମୁଖବନ୍ଧ'କୁ ପାଠ କରାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ନଭେମ୍ବର ୨୬ ତାରିଖ । ସମ୍ବିଧାନ ଦିବସ । ଏହି ଅବସରରେ ସ୍ଥାନୀୟ ଏଜି ଛକ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ସମ୍ବିଧାନ ହେଉଛି ଆମ ସ୍ୱାଧୀନ ଭାରତର ପୁଣ୍ୟଗ୍ରନ୍ଥ । ଦେଶର ମାର୍ଗ ଦର୍ଶକ । ଦେଶର ସବୁ ଆଇନ, କାନୁନ୍, ବିଧି ବ୍ୟବସ୍ଥାର ମୁଖ୍ୟ ସ୍ରୋତ । ସମ୍ବିଧାନର ମୂଲ୍ୟବୋଧ ପ୍ରତି ସଚେତନ ରହି ସବୁ ନାଗରିକ ନିଜ ନିଜର ମୌଳିକ କର୍ତ୍ତବ୍ୟକୁ ପାଳନ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ମନ୍ତ୍ରୀ ମଣ୍ଡଳର ଉପସ୍ଥିତ ସଦସ୍ୟ ଗଣ ପ୍ରଥମେ ସମ୍ବିଧାନ ଚିଠା ପ୍ରସ୍ତୁତ କମିଟିର ଅଧ୍ୟକ୍ଷ ଡକ୍ଟର ବାବା ସାହେବ ଭୀମ ରାଓ ଅମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସେଠାରେ ଉପସ୍ଥିତ ଜନ ସାଧାରଣଙ୍କୁ ସମ୍ବିଧାନର ମୁଖବନ୍ଧକୁ ପାଠ କରାଇ ଥିଲେ । ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ସମ୍ବିଧାନ ସଭାର ଅଧ୍ୟକ୍ଷ ଡକ୍ଟର ରାଜେନ୍ଦ୍ର ପ୍ରସାଦ, ସମ୍ବିଧାନ ଚିଠା ପ୍ରସ୍ତୁତକାରୀ କମିଟିର ଅଧ୍ୟକ୍ଷ ଡକ୍ଟର ବାବା ସାହେବ୍ ଆମ୍ବେଦକର ଓ କମିଟିର ସମସ୍ତ ସଦସ୍ୟ ମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏଜି ଛକ ଠାରୁ କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ପ୍ରାୟ ଏକ ହଜାରରୁ ଅଧିକ ଲୋକ ଏକ ପଦ ଯାତ୍ରାରେ ଯାଇଥିଲେ । ପଦ ଯାତ୍ରାରେ 'ଆମ ସମ୍ବିଧାନ ଆମ ସ୍ୱାଭିମାନ' ଧ୍ୱନି ଦେଇ ସମସ୍ତେ ଉତ୍ସାହର ସହ ପଦ ଯାତ୍ରାରେ ଯାଇଥିଲେ । କ୍ୟାପିଟାଲ ହସ୍ପିଟାଲରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଗଣ ସଫେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ପୂର୍ବତନ ମନ୍ତ୍ରୀ ମନ ମୋହନ ସାମଲ ପ୍ରମୁଖ ଯୋଗ ଦେଇଥିଲେ । କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ, ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ, କ୍ରୀଡାବିତ୍, ଛାତ୍ର ଛାତ୍ରୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ ।



ସମ୍ବିଧାନର ମୂଲ୍ୟବୋଧକୁ ସୂଚାରୁ ରୂପେ ପାଳନ କରିବା ପାଇଁ ବାଚସ୍ପତି ସୁରମା ପାଢ଼ୀ ଶପଥ ପାଠ କରାଉଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆନ୍ତଃ-ମନ୍ତ୍ରାଳୟ କେନ୍ଦ୍ରୀୟ ଟିମ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାତ୍ୟା 'ଦାନା'ର କ୍ଷୟକ୍ଷତି ଆକଳନ କରିବା ପାଇଁ ଆସିଥିବା ଆନ୍ତଃ-ମନ୍ତ୍ରାଳୟ କେନ୍ଦ୍ରୀୟ ଟିମ୍ ଆଜି ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟର ଯୁଗ୍ମ ସଚିବ ପିକେ ରାଏଙ୍କ ନେତୃତ୍ୱରେ ଏକ ସାତ ଜଣିଆ ଟିମ୍ ୨୪ ତାରିଖରେ ଆସି ସବୁଠୁ ଅଧିକ କ୍ଷତିଗ୍ରସ୍ତ ଭଦ୍ରକ, କେନ୍ଦ୍ରାପଡା ଓ ବାଲେଶ୍ୱର ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରିଛନ୍ତି । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କ୍ଷୟକ୍ଷତିର ଭରଣା ପାଇଁ ସହାୟତା ସହିତ ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ଥାୟୀ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରାଯାଇ ପାରିଲେ ଓଡିଶାର ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ । କେନ୍ଦ୍ରୀୟ ଟିମ୍‌ର ମୁଖ୍ୟ ଶ୍ରୀ ରାଏ ବାତ୍ୟା 'ଦାନା'ର ସୁପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହ ଉପସ୍ଥିତ ଥିଲେ ।

## ଦେଶର ଶାସନ ପ୍ରଣାଳୀକୁ ସରଳ ସହ ସର୍ବବ୍ୟାପୀ କରିଛି ଭାରତୀୟ ସମ୍ବିଧାନ: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମ୍ବିଧାନ ଦିବସ ଆଜି ସମଗ୍ର ଦେଶରେ ପାଳନ କରାଯାଉଥିବା ବେଳେ ରାଜ୍ୟ କାର୍ଯ୍ୟାଳୟରେ ବୁଦ୍ଧିଜୀବୀ ପ୍ରକୋଷ୍ଠ ଓ ଲିଗାଲ ସେଲ୍ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହାକୁ ରାଜ୍ୟ ସଭାପତି ମନମୋହନ ସାମଲ ଉଦ୍‌ଘାଟନ କରି କହିଥିଲେ ଯେ, ଭାରତୀୟ ସମ୍ବିଧାନ ଆମ ଦେଶର ଶାସନ ପ୍ରଣାଳୀକୁ ସରଳ କରିବା ସହ ସର୍ବବ୍ୟାପୀ ତଥା ସମସ୍ତ ନାଗରିକଙ୍କୁ ଆଇନଗତ ଅଧିକାର ପ୍ରଦାନ କରିଛି । ଆମ ସମ୍ବିଧାନ, ଆମ ସ୍ୱାଭିମାନ । ଏହି ଅବସରରେ ଶ୍ରୀ ସାମଲ ଭାରତ ସମ୍ବିଧାନ ପ୍ରସ୍ତାବନାକୁ ଶପଥ କରାଇଥିଲେ । ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ବିଧାୟକ ଇରାଶିଷ ଆଚାର୍ଯ୍ୟ ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ କଂଗ୍ରେସ ସରକାର ସମୟରେ ସମ୍ବିଧାନର କାର୍ଯ୍ୟକାରିତାରେ ଅନେକ ତ୍ରୁଟି କରିବା ସହ ନିଜ ଦଳର ରାଜନୈତିକ ସ୍ୱାର୍ଥ ପାଇଁ ସମ୍ବିଧାନକୁ ବଦଳାଇବା ଏବଂ ଅପବ୍ୟବହାର କରିଥିଲେ ବୋଲି କହିଛନ୍ତି । ବୁଦ୍ଧିଜୀବୀ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ସୁଦର୍ଶନ ନାୟକ ଉପସ୍ଥାପନା କରିବା ପରେ ଅନ୍ୟତମ ବକ୍ତା କେନ୍ଦ୍ର ସରକାରଙ୍କ ଷ୍ଟାଡିଂ କାଉନ୍‌ସିଲ ଉମାକାନ୍ତ ପଟ୍ଟନାୟକ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ବିଧାୟକ ଅଗସ୍ତି ବେହେରା, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରବିଶଙ୍କର ପଟ୍ଟନାୟକ ପ୍ରମୁଖ ଅଭିଭାଷଣ ରଖିଥିଲେ ।

## ଆରମ୍ଭରୁ ବିରୋଧୀଙ୍କ ହଟ୍ଟଗୋଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେଇଛି । ସର୍ବ ପ୍ରଥମେ ଛଅ ଜଣ ଦିବଙ୍ଗତ ବିଧାୟକ ମାନଙ୍କ ପାଇଁ ଶୋକ ପ୍ରସ୍ତାବ ପାରିତ ହେବା ପରେ ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନେ ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ କରିଥିଲେ । ବାଚସ୍ପତି ତାଙ୍କୁ ବାରମ୍ବାର ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ନିବେଦନ କରିବା ସତ୍ୱେ ଏହାର କୌଣସି ପ୍ରଭାବ ତାଙ୍କ ଉପରେ ପଡି ନ ଥିଲା । ଏହା ଫଳରେ ବାଚସ୍ପତି ଗୃହକୁ ୧୨.୨୫ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏହି କାରଣରୁ ପ୍ରଶ୍ନକାଳର କାର୍ଯ୍ୟକ୍ରମ ହୋଇପାରି ନଥିଲା । ଶୋକ ପ୍ରସ୍ତାବ ପାରିତ ହେବା ପରେ ବାଚସ୍ପତି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ପ୍ରଶ୍ନର ଉତର ଦେବାକୁ ଡାକିଥିଲେ । ତଦନୁଯାୟୀ ମନ୍ତ୍ରୀ ଶ୍ରୀ ନାୟକ ମଧ ପ୍ରଶ୍ନର ଉତର ଦେବା ଆରମ୍ଭ କରିଥିଲେ । ହେଲେ ବିଭିନ୍ନ ପ୍ରସଙ୍ଗ ଉପରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ । ଅନାହର ପ୍ରସଙ୍ଗ ନେଇ କଂଗ୍ରେସ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଇସ୍ତଫା ଦାବି କରିଥିଲେ । ନଭେମ୍ବର ୨୬ରୁ ଆରମ୍ଭ ହୋଇଥିବା ଏହି ଶୀତ ଅଧିବେଶନ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଏବଂ ଅର୍ଥ ବିଭାଗ ମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବେ । ସେପଟେ ରାଜ୍ୟପାଳଙ୍କ ଅନୁମୋଦିତ ବିଭିନ୍ନ ବିଲ୍ ମଧ ସଭାରେ ଉପସ୍ଥାପନ ହେବ ।

### ୬ ଦିବଙ୍ଗତ ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି, ଶୋକ ପ୍ରସ୍ତାବ ପାରିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନ ମଙ୍ଗଳବାର ଆରମ୍ଭ ହୋଇଛି । ପ୍ରଥମ ଦିନରେ ବିଧାନସଭାର ଛଅ ଜଣ ଦିବଙ୍ଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇ ଶୋକ ପ୍ରସ୍ତାବ ପାରିତ କରାଯାଇଛି । ମଙ୍ଗଳବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଙ୍ଗତ ନେତାଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରିଥିଲେ । ଏମାନେ ହେଲେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେ, ପୂର୍ବତନ ବିଧାୟକ ଧନେଶ୍ୱର ମାଝୀ, ପୂର୍ବତନ ବିଧାୟକ ମକରଧ୍ୱଜ ପ୍ରଧାନ, ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା ଏବଂ ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ମାଝୀ । ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ତଥା ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏହି ଶୋକ ପ୍ରସ୍ତାବକୁ ସମର୍ଥନକରିଥିଲେ । ଏହା ପରେ ସଭ୍ୟ ମାନେ ଦିବଙ୍ଗତ ଆତ୍ମାଙ୍କ ସଦଗତି କାମନା କରି ଏକ ମିନିଟ ନୀରବ ପ୍ରାର୍ଥନା କରିବା ସହ ଶୋକ ପ୍ରସ୍ତାବ ପାରିତ କରାଯାଇଥିଲା ।

### ନାବାଳିକା ଦୁଷ୍କର୍ମ ମାମଲା
## ଆସାମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ(ଭାସ୍କର ନ୍ୟୁଜ୍): ଏକ ନାବାଳିକା ବଳତ୍କାର ମାମଲାରେ କଟକର ଆଡହକ୍ ଆଡିସିନାଲ୍ ଡିଷ୍ଟ୍ରିଟ୍ ଏଣ୍ଡ ସେସନ୍ ଜଜ୍ (ଫାଷ୍ଟ ଟ୍ରାକ୍ ସ୍ପେସାଲ୍ କୋର୍ଟ)-୧ ଆସାମୀ ଗଗନ ନାୟକ (୩୭)କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି । ଏଥିସହିତ କୋର୍ଟ ଆସାମୀକୁ ୨୦ ହଜାର ଟଙ୍କାର ଜୋରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି । ଜୋରିମାନା ଦାଖଲ କରିନପାରିଲେ ଆସାମୀକୁ ଆଉ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ସେହିପରି କୋର୍ଟ ଏହି ମାମଲାରେ ପିଡିତାକୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି । ତିଗିରିଆ ଥାନା ଅଧିନସ୍ଥ ବାଲିସାହି ସୁନ୍ଦରପାଟଣାର ଆସାମୀ ଗଗନ ନାୟକ (୩୭) ୨୦୨୨ ମସିହା ଫେବୃୟାରୀ ୨୧ ତାରିଖରେ ଜଣେ ୫ ବର୍ଷୀୟ ନାବାଳିକାକୁ କୋଳି ଦେବା ଲୋଭ ଦେଖାଇ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଥିଲା । ପିଡିତାର ମାଆ ତିଗିରିଆ ଥାନାରେ ୨୦୨୨ ମସିହା ମାର୍ଚ୍ଚ ୩ରେ ଅଭିଯୋଗ କରିଥିଲେ । ପୋଲିସ୍ ଘଟଣାର ତଦନ୍ତ କରି ମାର୍ଚ୍ଚ ୪ରେ ଆସାମୀକୁ ଗିରଫ କରିଥିଲା । ପରେ ଏପ୍ରିଲ୍ ୩୦ ତାରିଖରେ ପୁଲିସ୍ କୋର୍ଟରେ ଆସାମୀ ବିରୋଧରେ ଅଭିଯୋଗଫର୍ଦ୍ଦ ଦାଖଲ କରିଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ପରିଚାଳନା କରୁଥିଲେ ।

## ୟୁପିଇଏସ୍ ବିଶ୍ୱବିଦ୍ୟାଳୟରୁ ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଉତ୍ତରାଖଣ୍ଡ ୟୁପିଇଏସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି । ମଙ୍ଗଳବାର ଡେରାଡୁନ୍‌ସ୍ଥିତ ୟୁପିଇଏସ୍ ବିଶ୍ୱବିଦ୍ୟାଳୟର ୨୨ତମ ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୧ତମ ସମ୍ମାନସୂଚକ ଡକ୍ଟରେଟ୍ । ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି । ସମ୍ମାନସୂଚକ ଡିଗ୍ରୀ ପ୍ରଦାନ ଅବସରରେ ଶ୍ରୀ ସାମନ୍ତଙ୍କ ଅସାଧାରଣ ସାମାଜିକ ପ୍ରୟାସ ଉପରେ ଆଲୋକପାତ କରାଯାଇଥିଲା । ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ କହିଛନ୍ତି, ବିଗତ ୩୩ବର୍ଷ ଧରି ମୁଁ ନିରନ୍ତର ସମାଜସେବା କରିଆସୁଛି । ଏହି ୬୧ ତମ ସମ୍ମାନସୂଚକ ଡକ୍ଟରେଟ୍ ନିଶ୍ଚିତ ଭାବେ ସବୁଦିନ ପାଇଁ ସ୍ମୃତି ହୋଇ ରହିବ । ଏହି ଅବସରରେ ବ୍ରିଟିଶ୍ ପାର୍ଲାମେଣ୍ଟର ସାଂସଦ ଲର୍ଡ କରଣ ବିଲିମୋରିଆଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା । ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି ।

## ବାଂଲାଦେଶୀ ନାବାଳିକା ପ୍ରସଙ୍ଗ: ତୃତୀୟ ଅଭିଯୁକ୍ତ ଗିରଫ

କଟକ(ଭାସ୍କର ନ୍ୟୁଜ୍): ବାଂଲାଦେଶୀ ନାବାଳିକା ଘଟଣାରେ ରାଜଧାନୀରୁ ତୃତୀୟ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ପୋଲିସ । ଗିରଫ ଅଭିଯୁକ୍ତ ହେଲା ଅବଦୁଲ ସୟଦ ସୁଲେମାନ । ତା ଘର ଭୁବନେଶ୍ୱରର ଝାରପଡ଼ାରେ । ସେ ହିଁ ମୁଖ୍ୟତଃ ଏହି ରାକେଟକୁ ଚଳାଉଥିଲେ । ତାଙ୍କ ଠାରୁ କିଂପିନ ଗୋପୀର କିଛି ତଥ୍ୟ ମିଳିଛି । ଭୁବନେଶ୍ୱର, ପଶ୍ଚିମବଙ୍ଗ ଓ କଟକକୁ ମିଶାଇ ନାବାଳିକା ଏକାଧିକ ଲୋକଙ୍କ ନାଁ କହିଛି । ଏମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରହିଛି । ନାବାଳିକା ପରିବାରଠାରୁ ନାବାଳିକା ସଂପର୍କରେ କିଛି ତଥ୍ୟ ମଗାଯାଇଛି ବୋଲି କଟକ ଡିସିପି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, କଟକରୁ ଉଦ୍ଧାର ହୋଇଥିବା ବାଂଲାଦେଶ ଢ଼ାକାର ଜଣେ ନାବାଳିକାଙ୍କୁ ଦୁର୍ବୃ ଗୋଟିଏ ଦିନରେ ୧୫ ଥର ଦୁଷ୍କର୍ମ କରିବା ଭଳି ତଥ୍ୟ ସାମନାକୁ ଆସିଛି । ଏହାକୁ ନେଇ କଟକ କମିଶନରେଟ ପୋଲିସ ତନାଘନା ଆରମ୍ଭ କରିବା ସହିତ ପୀଡ଼ିତାଙ୍କ ବୟାନ ଆଧାରରେ ୫ ଜଣ ଦଲାଲଙ୍କ ବିରୋଧରେ ମଧୁପାଟଣା ଥାନାରେ ମାମଲା ରୁଜୁ କରିଛି । ଅଭିଯୁକ୍ତ ଦଲାଲମାନେ ହେଉଛନ୍ତି ଲିଟନ ଦାସ, ମୌସୁମୀ, ବାବୁ ଦାସ, ଗୋପୀ ଓ ମାୟା ପୁଲିସ ବିଏନ୍‌ଏସ ଧାରା ୧୪୩(୪), ୧୪୪(୧), ୩(୫), ୬୪(୧), ୬ ପୋକସୋ ଏବଂ ୫ ଆଇଟିପି ଆକ୍ଟରେ ମାମଲା (୩୦୭/୨୪) ରୁଜୁ କରିଛି । ଏହି ନାବାଳିକାକୁ ଭାରତରେ ଚାକିରି ଦେବାର ଲୋଭ ଦେଖାଇ ଦୁଇଜଣ ଦଲାଲ ପଶ୍ଚିମବଙ୍ଗ ଆଣିଥିଲେ । ବାଂଲାଦେଶ ସୀମାରେ ଜଙ୍ଗଲ ଭିତରେ ଥିବା ଗଳା ରାସ୍ତାରେ ସୀମା ପାର କରାଇଥିଲେ । କଲିକତାରେ ପହଞ୍ଚିବା ପରେ ସେଠାରେ ଆଉ ଦୁଇ ଜଣ ଦଲାଲ ଚାକିରି ଦେବା ବଦଳରେ ଦେହ ବ୍ୟବସାୟରେ ନିୟୋଜିତ କରିଥିଲେ । ସେଠୁ ଆଉ ଜଣେ ଦଲାଲ ଭୁବନେଶ୍ୱର ଆଣିଥିଲା । ଭୁବନେଶ୍ୱରରେ ମଧ ଦେହ ବ୍ୟବସାୟରେ ତାଙ୍କୁ ନିୟୋଜିତ କରିଥିଲା । ପୀଡ଼ିତା ଦେଇଥିବା ବୟାନ ଅନୁଯାୟୀ, ତାଙ୍କ ସହିତ ଶାରୀରିକ ସଂପର୍କ ରଖିବାକୁ ଗ୍ରାହକମାନେ ଦଲାଲଙ୍କୁ ପ୍ରତିଥର ଦେଢ଼ରୁ ୨ ହଜାର ଟଙ୍କା ଦେଉଥିଲେ । ଦିନକୁ ପାଖାପାଖି ୧୦ରୁ ୧୫ ଜଣ ଗ୍ରାହକ ଆସୁଥିଲେ । ପୀଡ଼ିତା ଏକ ପ୍ରକାର ଅସହାୟ ହୋଇ ପଡ଼ିଥିଲେ । ଶେଷରେ ସଦର ଥାନା ଅନ୍ତର୍ଗତ ଗୋପାଳପୁରକୁ ଦଲାଲ ଆଣିଥିବାବେଳେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିବା ପୀଡ଼ିତା ପୋଲିସର ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଥିଲେ । ପୋଲିସ ଗଲା ୯ ତାରିଖ ରାତିରେ ତାଙ୍କୁ ଉଦ୍ଧାର କରିଥିଲା । ପରେ ତାଙ୍କୁ ସିଡ଼ବ୍ଲୁସିରେ ହାଜର କରିବା ପରେ ବସୁନ୍ଧରାରେ ଥଇଥାନ କରାଯାଇଥିଲା ।

### ରାଜଭବନ ଅଧିକାରୀଙ୍କୁ ସମ୍ବିଧାନ ପାଠ କରାଇଲେ ରାଜ୍ୟପାଳଙ୍କ ମୁଖ୍ୟ ସଚିବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଭବନ ଅଧିକାରୀଙ୍କୁ ସମ୍ବିଧାନ ପାଠ କରାଇଲେ ରାଜ୍ୟପାଳଙ୍କ ମୁଖ୍ୟ ସଚିବ । ଏନ୍‌ବିଏସ୍ ରାଜପୁତ, ରାଜ୍ୟପାଳଙ୍କ ପ୍ରମୁଖ ସଚିବ, ସମ୍ବିଧାନ ଦିବସରେ ରାଜଭବନର ଅଧିକାରୀ ଓ କର୍ମଚାରୀଙ୍କୁ ଅଭିଷେକ୍ ହଲରେ ସମ୍ବିଧାନ ଦିବସ ଅବସରରେ ସମ୍ବିଧାନ ପାଠ କରାଇଛନ୍ତି ।

### ପୂର୍ବତଟ ରେଳପଥ ଦ୍ୱାରା ସମ୍ବିଧାନ ଦିବସ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତଟ ରେଳପଥ ମୁଖ୍ୟାଳୟ ରେଳ ସଦନରେ ଆଜି ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ଏହି ଉତ୍ସବରେ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ନେତୃତ୍ୱରେ ଭାରତ ସମ୍ବିଧାନର ମୁଖବନ୍ଧ ସାମୂହିକ ପଠନରେ ଅଂଶଗ୍ରହଣ କରାଯାଇଥିଲା । ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରାଙ୍କ ସହ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ । ରେଳପଥର ପ୍ରମୁଖ କାର୍ମିକ ଅଧିକାରୀ ସିଦ୍ଧାର୍ଥ କାଟିଙ୍କ ଦ୍ୱାରା ସଂଯୋଜନା କରାଯାଇଥିଲା । ପୂର୍ବତଟ ରେଳପଥରେ ସମ୍ବିଧାନ ଦିବସ ପାଳନ ଦ୍ୱାରା ସମ୍ବିଧାନରେ ଦର୍ଶାଯାଇଥିବା ମୂଲ୍ୟବୋଧ ପ୍ରତି ସଂଗଠନର ଗଭୀର ସମ୍ମାନ ଏବଂ ଦୈନନ୍ଦିନ ଜୀବନ ଏବଂ କାର୍ଯ୍ୟରେ ଏହାର ନୀତି ରକ୍ଷା କରିବାର ଗୁରୁତ୍ୱକୁ ପ୍ରତିଫଳିତ କରାଯାଇଥିଲା । ଏହି ପଦକ୍ଷେପ ଭାରତୀୟ ସମ୍ବିଧାନର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ସହ କର୍ମଚାରୀ ଏବଂ ହିତାଧିକାରୀଙ୍କ ମଧ୍ୟରେ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ପୂର୍ବତଟ ରେଳପଥର ପ୍ରତିବଦ୍ଧତାର ଏକ ଅଂଶ ।

### ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଜାତୀୟ ଦୁଗ୍ଧ ଦିବସ ପାଳିତ

## ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଦୁଇଗୁଣ ବୃଦ୍ଧି ପାଇବ: ମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୁଗ୍ଧ ଉତ୍ପାଦନରେ ରାଜ୍ୟର ଗ୍ରାମୀଣ ବିକାଶ ପାଇଁ ସାମର୍ଥ୍ୟ ରହିଛି । ଦୁଗ୍ଧ ଉତ୍ପାଦନ ସହିତ ଚାଷୀ ଓ ମହିଳାଙ୍କ ବିକାଶ ଜଡ଼ିତ ଥିବାରୁ ରାଜ୍ୟ ସରକାର ଏହା ଉପରେ ଧ୍ୟାନ ଦେଉଛନ୍ତି ବୋଲି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରକାଶ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ଆନୁକୂଲ୍ୟରେ ଜାତୀୟ ଦୁଗ୍ଧ ଦିବସ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ଅଧିକ ସଂଖ୍ୟକ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ସରକାରଙ୍କ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଉଛି । ଓୟୁଏଟିର ଭେଟେରିନାରୀ କଲେଜ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଲେ ଯେ ରାଜ୍ୟରେ ଏବେ ଦୈନିକ ପ୍ରାୟ ୭୨ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦିତ ହେଉଛି । ମୁଣ୍ଡିପିଛା ଦୈନିକ ୩୦୦ ଗ୍ରାମ ଦୁଗ୍ଧ ଆବଶ୍ୟକ ଥିବା ସ୍ଥଳେ ଆମ ରାଜ୍ୟରେ ପ୍ରାୟ ୧୬୦ ଗ୍ରାମ ଦୁଗ୍ଧ ଉତ୍ପାଦିତ ହେଉଛି । ସରକାର ଗୋପାଳନକୁ ପ୍ରାଧାନ୍ୟ ଦେଇ ନୂତନ ଭାବେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆରମ୍ଭ କରିଛନ୍ତି । ଏହା ମାଧ୍ୟମରେ ଆଗାମୀ ପାଞ୍ଚ ବର୍ଷରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ଦୁଇଗୁଣ କରିବାର ଲକ୍ଷ୍ୟ ରଖାଯାଇଛି । ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଥିଲେ ଯେ ଓମ୍‌ଫେଡ୍‌ର ୩୭୦୦ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଜରିଆରେ ପ୍ରାୟ ୩ ଲକ୍ଷ ଗୋପାଳକ ଉପକୃତ ହେଉଛନ୍ତି । କାର୍ଯ୍ୟକ୍ରମରେ ଓମ୍‌ଫେଡ୍‌ର ସଭାପତି କିଶୋର ଚନ୍ଦ୍ର ପ୍ରଧାନ, ଓମ୍‌ଫେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, ପ୍ରାଣିସମ୍ପଦ ବିଭାଗର ନିର୍ଦ୍ଦେଶକ ରାମାଶିଷ ହାଜରା, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ ଗୌତମ ପାତ୍ର, ଭେଟେରିନାରୀ କଲେଜର ଡିନ୍ ସୁଶେଣ କୁମାର ପଣ୍ଡା ଓ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅଶୋକ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ୨୫ ଜଣ ସଫଳ ଦୁଗ୍ଧଚାଷୀ ଓ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଇମର୍ତ୍ତୀ ଦେବୀ କଲେଜ୍‌ରେ ସମ୍ବିଧାନ ଦିବସ ପାଳିତ



କଟକ(ଭାସ୍କର ନ୍ୟୁଜ୍): କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ଜାତୀୟ ସମ୍ବିଧାନ ଦିବସ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ସାଗରିକା ମହାନ୍ତିଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମର ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ଼ାକ୍ତର ରବିରଞ୍ଜନ ସାହୁ ମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ରାଜନୀତି ବିଭାଗର ବିଭାଗ ମୁଖ୍ୟ ଦେବାଶିଷ ସ୍ୱାଇଁ ସମ୍ବିଧାନ ବିଷୟରେ ଆଲୋକପାତ କରି ସମ୍ବିଧାନର ମୁଖବନ୍ଧ ପାଠ କରିଥିଲେ । ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମକର୍ତ୍ତାବୃନ୍ଦ ତଥା ଛାତ୍ରୀଗଣ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ ।

## ରାଜ୍ୟ ପୋଲିସ ମୁଖ୍ୟାଳୟରେ ସମ୍ବିଧାନ ଦିବସ ଶପଥ ପାଠ



କଟକ(ଭାସ୍କର ନ୍ୟୁଜ୍): ଆଜି ନଭେମ୍ବର ୨୬ ତାରିଖ । ସମ୍ବିଧାନ ଦିବସ । ଏହି ଅବସରରେ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ଦୟାଲ ଗଙ୍ଗୱାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଛନ୍ତି । ସମ୍ବିଧାନ ହେଉଛି ଆମ ସ୍ୱାଧୀନ ଭାରତର ପୁଣ୍ୟ ଗ୍ରନ୍ଥ । ଦେଶର ମାର୍ଗ ଦର୍ଶକ । ଦେଶର ସବୁ ଆଇନ, କାନୁନ୍, ବିଧି ବ୍ୟବସ୍ଥାର ମୁଖ୍ୟ ସ୍ରୋତ । ତେଣୁ ସମ୍ବିଧାନର ମୂଲ୍ୟବୋଧ ପ୍ରତି ସଚେତନ ରହି ସବୁ ନାଗରିକ ନିଜ ନିଜର ମୌଳିକ କର୍ତ୍ତବ୍ୟକୁ ପାଳନ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଏହା ସହ ଆମ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ମଧ୍ୟ ସମ୍ମାନ ପ୍ରଦର୍ଶନ କରିବା ଆବଶ୍ୟକ । ଦେଶର ଐତିହ୍ୟର ସୁରକ୍ଷା ପାଇଁ ମଧ ଦାୟିତ୍ୱବାନ ହୋଇ କାମ କରିବା ଆବଶ୍ୟକ ବୋଲି ଇଉଏଚ ଶପଥ ପାଠ କରାଇଛନ୍ତି । ସମ୍ବିଧାନ ଆମ ଦେଶର ଏକତା ଓ ଅଖଣ୍ଡତାର ମୂଳ ସ୍ରୋତ । ସେଥିପାଇଁ ଆମ ସମସ୍ତଙ୍କୁ ସମ୍ବିଧାନରେ ଥିବା ମୌଳିକ କର୍ତ୍ତବ୍ୟଗୁଡ଼ିକୁ ପାଳନ କରିବା ଆବଶ୍ୟକ । ଦେଶର ସାର୍ବଭୌମତ୍ୱ, ଏକତା ଓ ସଂହତି ପ୍ରତି ଆମେ ପ୍ରତି ମୁହୂର୍ତ୍ତରେ ସଚେତନ ରହିବା ଆବଶ୍ୟକ ବୋଲି ସମସ୍ତ କର୍ମଚାରୀ ଶପଥ ପାଠ କରିଛନ୍ତି । ଏହି ଶପଥ ପାଠ କାର୍ଯ୍ୟକ୍ରମରେ ଏଆଇଜି ବାମଦେବ ସିଂଙ୍କ ସମେତ ପୋଲିସ ମୁଖ୍ୟାଳୟର ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ସମସ୍ତ ସଂସ୍ଥା ଅଧିକାରୀ, ଉପବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ଜୟନ୍ତୀ ଓ ସମ୍ବିଧାନ ଦିବସ ପାଳିତ



କଟକ(ଭାସ୍କର ନ୍ୟୁଜ୍): ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ରଥୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କର ୧୦୭ତମ ଜୟନ୍ତୀ ମଙ୍ଗଳବାର ମିଶନ୍ ରୋଡସ୍ଥିତ ବୀରେନ୍ ମିତ୍ର ପାର୍କ ପରିସରରେ ଜିଲ୍ଲା ପ୍ରଶାସନ ଅଧୀନସ୍ଥ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ବୀରେନ ମିତ୍ର ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜୟନ୍ତୀ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବୀରେନ ମିତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱର୍ଗତ ମିତ୍ରଙ୍କ ସ୍ମୃତିଚାରଣ କରିଥିଲେ । ସମାରୋହର ମୁଖ୍ୟ ଅତିଥି, କଟକ ମହାନଗର ନିଗମର ମାନ୍ୟବର ମେୟର ସୁବାସ ଚନ୍ଦ୍ର ସିଂହ ସ୍ୱର୍ଗତ ବୀରେନ ମିତ୍ରଙ୍କ ସ୍ମୃତିଚାରଣ କରି ରାଜନୀତି କ୍ଷେତ୍ରରେ ବୀରେନ୍ ମିତ୍ରଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ଓଡ଼ିଶା ଘରୋଇ ଯାନ୍ତ୍ରିକ ମହାବିଦ୍ୟାଳୟ ସଂଘର ସମ୍ପାଦକ ତଥା ସମାରୋହର ମୁଖ୍ୟ ବକ୍ତା ବିନୋଦ ଦାସ ସ୍ୱର୍ଗତ ବୀରେନ ମିତ୍ର ନିଜ ସ୍ୱଳ୍ପ ସମୟର ଜୀବନକାଳ ମଧ୍ୟରେ ରାଜନୀତି କ୍ଷେତ୍ରରେ ଯେଉଁ ସ୍ୱାକ୍ଷର ଛାଡି ଯାଇଛନ୍ତି ତାହା ଆଗାମୀ ପିଢୀ ପାଇଁ ଆଦର୍ଶ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ । ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବୀରେନ ମିତ୍ରଙ୍କୁ ଜଣେ ଏକନିଷ୍ଠ ବିପ୍ଲବୀ ଛାତ୍ରନେତା ଭାବେ ବର୍ଣ୍ଣନା କରିବା ସହ ତାଙ୍କ ପାରଦର୍ଶିତା ଓ ଲଢୁଆ ମନୋବୃତି ଯୁବପିଢୀଙ୍କ ପାଇଁ ଆଦର୍ଶ ହୋଇ ରହିବ ବୋଲି କହିଥିଲେ । ପୂର୍ବତନ ବିଧାୟକ ଓ କଟକ ମହାନଗର ପୂଜା କମିଟିର ସାଧାରଣ ସମ୍ପାଦକ ପ୍ରଭାତ କୁମାର ତ୍ରିପାଠୀ ସ୍ୱର୍ଗତ ବୀରେନ ମିତ୍ରଙ୍କୁ ଜଣେ ଦରଦି, ସମ୍ବେଦନଶୀଳ, ଉଦାରବାଦୀ ତଥା ନିର୍ଭୀକ ରାଜନୀତିଜ୍ଞ ଭାବେ ବର୍ଣ୍ଣନା କରିଥିଲେ । ବିଶିଷ୍ଟ ସମାଜସେବୀ ଲଲାଟେନ୍ଦୁ ବଡୁ ସ୍ୱର୍ଗତ ମିତ୍ର ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଜଣେ ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଓ ସମାଜସେବୀ ଭାବରେ ନିଜର ପରକାଷ୍ଠା ପ୍ରଦର୍ଶନ କରିଯାଇଛନ୍ତି ବୋଲି କହିଥିଲେ । ଏହି ଅବସରରେ ଆଜି କଟକ ମହାନଗର ଶାନ୍ତି କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ, ମଙ୍ଗଳାବାଗ ପୂଜା କମିଟିର ମୁରବୀ ଶେଖ ସମସୀର ଖାନ୍, ଏବଂ ବିଶିଷ୍ଟ ଦନ୍ତ ଚିକିତ୍ସକ ଡାକ୍ତର ରବି ନାରାୟଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ଦେବା ସହ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ବୀରେନ୍ ମିତ୍ର ଫାଉଣ୍ଡେସନର କୋଷାଧ୍ୟକ୍ଷ ତଥା ସ୍ୱର୍ଗତ ମିତ୍ରଙ୍କର ନାତି ଅମିତ୍ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ ।"
- ମହାତ୍ମା ଗାନ୍ଧୀ



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ



### ଆରମ୍ଭରୁ ଉଷ୍ମ ଶୀତ ଅଧିବେଶନ

## ସ୍ୱାଭାବିକ ବାତାବରଣ ବଜାୟ ରହୁ

ଗତ ସାଧାରଣ ନିର୍ବାଚନରେ ବିଜୟ ହାସଲ କରି ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାର ତୃତୀୟ ଥର କ୍ଷମତାସୀନ ହେବା ପରେ ସଂସଦର ପ୍ରଥମ ଶୀତକାଳୀନ ଅଧିବେଶନ ସୋମବାର ଆରମ୍ଭ ହୋଇଛି । ଆସନ୍ତା ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଅଧିବେଶନର ପ୍ରଥମ ଦିନରେ ହିଁ ପ୍ରବଳ ହଙ୍ଗାମା ଯୋଗୁଁ ଉଷ୍ମ ବାତାବରଣ ଦେଖିବାକୁ ମିଳିଛି । ରାଜନୈତିକ ସମୀକ୍ଷକଙ୍କ ଆକଳନ ସତ୍ୟ ପ୍ରମାଣିତ ହେବା ସହିତ ଆଦାନି ପ୍ରସଙ୍ଗକୁ ନେଇ ଗୃହରେ ଏଭଳି ଝଡ଼ ସୃଷ୍ଟି ହୋଇଥିଲା ଯେ, ସ୍ୱାଭାବିକ କାର୍ଯ୍ୟ ପରିଚାଳନା ସମ୍ଭବପର ହୋଇନଥିଲା । ଫଳରେ ସଂସଦର ଉଭୟ ଗୃହକୁ ବୁଧବାର ପର୍ଯ୍ୟନ୍ତ ମୁଲତବୀ ରଖିବାକୁ ପଡ଼ିଛି । ବର୍ତ୍ତମାନ ଆମ ଦେଶରେ ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ହୋଇଥିବା ଆଦାନି ଗ୍ରୁପ୍ ଉପରେ ଯୁକ୍ତରାଷ୍ଟ୍ର ଆମେରିକାର କାର୍ଯ୍ୟାନୁଷ୍ଠାନ, ମଣିପୁର ହିଂସା ଏବଂ ଉତ୍ତରପ୍ରଦେଶର ସମ୍ଭଲ ଠାରେ ସାଂପ୍ରଦାୟିକ ଉତ୍ତେଜନାକୁ କେନ୍ଦ୍ରକରି ବିରୋଧୀ ଦଳ ମୂଳରୁ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥିଲେ । ଆଦାନି ଗ୍ରୁପ ବିରୋଧରେ ଆସିଥିବା ଲାଞ୍ଚ ଅଭିଯୋଗ ଉପରେ ଗୃହରେ ଆଲୋଚନା ଦାବି କରି ବିରୋଧୀ ଦଳ ଉଭୟ ଲୋକସଭା ଓ ରାଜ୍ୟସଭାରେ ହଙ୍ଗାମା ସୃଷ୍ଟି କରିଥିବାର ଦେଖାଯାଇଥିଲା । ବାଚସ୍ପତି ସେମାନଙ୍କ ଦାବିକୁ ଅଗ୍ରାହ୍ୟ କରି ଏହି ପ୍ରସଙ୍ଗ ଉପରେ ଚର୍ଚ୍ଚା ହେବନାହିଁ ବୋଲି ସ୍ପଷ୍ଟ କରିଥିଲେ । ଫଳରେ ହୋ-ହାଲ୍ଲା ବଢ଼ିବା ସହିତ ଗୃହକାର୍ଯ୍ୟ ବ୍ୟାହତ ହୋଇଥିଲା । ରାଜ୍ୟସଭାରେ ଅଧ୍ୟକ୍ଷ ଜଗଦୀପ ଧନ୍‌ଖଡ଼ ଓ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କ ମଧ୍ୟରେ ଏହାକୁ ନେଇ ପ୍ରବଳ ଯୁକ୍ତିତର୍କ ଚାଲିଥିଲା । ଏଥର ଶୀତ ଅଧିବେଶନରେ ଏହି ତିନି ପ୍ରସଙ୍ଗକୁ ନେଇ ଆଗକୁ ହଙ୍ଗାମା ଓ ଉତ୍ତେଜନା ଅବ୍ୟାହତ ରହିବାର ସୂଚନା ମିଳୁଛି । ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନିଙ୍କ ବିରୋଧରେ ସୌରଶକ୍ତି ଚୁକ୍ତି ହାସଲ ନିମନ୍ତେ ଭାରତୀୟ ଅଧିକାରୀଙ୍କୁ ୨୨ଶହ କୋଟି ଟଙ୍କା ଲାଞ୍ଚ ଦିଆଯିବା ନେଇ ଅଭିଯୋଗ ଆସିଛି ଏବଂ ବିରୋଧୀ 'ଇଣ୍ଡିଆ' ମେଣ୍ଟ ଏହାକୁ ମୋଦି ସରକାର ବିରୋଧରେ ଏକ ଅସ୍ତ୍ରରୂପେ ବ୍ୟବହାର କରିଛନ୍ତି । ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏହି ମାମଲାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ତଦନ୍ତ ଦାବି କରିଛନ୍ତି । ନିକଟରେ ଅନୁଷ୍ଠିତ ହୋଇଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାଯୁତି ଅଭୂତପୂର୍ବ ସଫଳତା ହାସଲ କରିଥିବାରୁ କେନ୍ଦ୍ରର ଶାସକ ମେଣ୍ଟ ଖୁବ୍ ଉତ୍ସାହିତ ଅଛନ୍ତି, ଯାହାର ପ୍ରଭାବ ଏଥର ଅଧିବେଶନରେ ପ୍ରତିଫଳିତ ହୋଇପାରେ । ବିରୋଧୀ ଦଳ ଆକ୍ରମଣର ଶାଣିତ ଜବାବ୍ ଦେବାକୁ ଏନ୍‌ଡିଏ ମେଣ୍ଟ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବାର ଦଳୀୟ ମୁଖପାତ୍ର ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ କେରଳର ୱାୟନାଡ଼ ଆସନରୁ କଂଗ୍ରେସ ନେତ୍ରୀ ତଥା ଗାନ୍ଧୀ ପରିବାରର ଅନ୍ୟତମ ସଦସ୍ୟା ପ୍ରିୟଙ୍କା ଗାନ୍ଧୀ ରେକର୍ଡ ଭୋଟ ବ୍ୟବଧାନରେ ଲୋକସଭାକୁ ନିର୍ବାଚିତ ହେବା ଫଳରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ମନୋବଳ ମଧ୍ୟ ଅନେକାଂଶରେ ବୃଦ୍ଧି ପାଇଛି ଏବଂ ସେ ଆସନ୍ତା ୨୮ ତାରିଖରେ ସାଂସଦ ରୂପେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି । ପରବର୍ତ୍ତୀ ସମୟରେ ସେ ଗୃହରେ ସକ୍ରିୟ ଭୂମିକା ଗ୍ରହଣ କରି ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବାର ସମ୍ଭାବନା ରହିଛି । ଶୀତ ଅଧିବେଶନରେ ୧୫ଟି ନୂଆ ବିଧେୟକ (ବିଲ) ଆଗତ ହେବାକୁ ଥିବାବେଳେ ଅନ୍ୟ ୧୧ଟି ବିଧେୟକକୁ ଆଲୋଚନା ପାଇଁ ତାଲିକାଭୁକ୍ତ କରାଯାଇଛି । ତେବେ ତାଲିକାଭୁକ୍ତ ବିଧେୟକ ମଧ୍ୟରୁ ୱାକ୍‌ଫ୍ ବିଲ୍‌କୁ ନେଇ ଗୃହରେ ପ୍ରତିବାଦର ସ୍ୱର ଉଠିବାର ସମ୍ଭାବନା ରହିଛି । କାରଣ ୱାକ୍‌ଫ୍ ବିଲ୍ ସଂଶୋଧନକୁ କଂଗ୍ରେସ ସମେତ ଅଧିକାଂଶ ବିରୋଧୀ ଦଳ ମୂଳରୁ ତୀବ୍ର ବିରୋଧ କରିଆସୁଛନ୍ତି । ଶୀତ ଅଧିବେଶନ ଆରମ୍ଭରୁ ବିରୋଧୀଙ୍କ ହଙ୍ଗାମାକୁ ପ୍ରଧାନମନ୍ତ୍ରୀ ମୋଦି କଡ଼ା ଭାଷାରେ ସମାଲୋଚନା କରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇ ଗୃହରେ ବିରୋଧୀ ଦଳ ହଙ୍ଗାମା କରୁଛନ୍ତି ବୋଲି ମନ୍ତବ୍ୟ ରଖିଛନ୍ତି । ସଂସଦରେ ଶାନ୍ତ ବାତାବରଣ ଦ୍ୱାରା ହିଁ ସମସ୍ତ ପ୍ରସଙ୍ଗର ଆଲୋଚନା ସମ୍ଭବପର ହୋଇଥାଏ । ତେଣୁ ଉଭୟ ଶାସକ ଓ ବିରୋଧୀ ଦଳ ଗୃହରେ ସୁସ୍ଥ ବାତାବରଣ ବଜାୟ ରଖିବା ଦିଗରେ ଯତ୍ନଶୀଳ ହେବା ସଂସଦୀୟ ଗଣତନ୍ତ୍ର ପାଇଁ ଶୁଭଙ୍କର ହେବ ।

# ଓଡ଼ିଶା ପର୍ବରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ



**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

କେନ୍ଦ୍ର କ୍ୟାବିନେଟରେ ମୋର ସହଯୋଗୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜୀ, ଅଶ୍ୱିନୀ ବୈଷ୍ଣବ ଜୀ, ଓଡ଼ିଆ ସମାଜ ଅନୁଷ୍ଠାନର ସଭାପତି ଶ୍ରୀ ସିଦ୍ଧାର୍ଥ ପ୍ରଧାନ ଜୀ, ଓଡ଼ିଆ ସମାଜର ଅନ୍ୟ କର୍ମକର୍ତ୍ତା, ଓଡିଶାର ସମସ୍ତ କଳାକାର, ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି, ଭଦ୍ର ମହିଳା ଓ ଭଦ୍ରବ୍ୟକ୍ତିଗଣ । ଓଡ଼ିଶାର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ନମସ୍କାର, ଏବଂ ଜୁହାର। ଓଡ଼ିଆ ସଂସ୍କୃତିର ମହାକୁମ୍ଭ 'ଓଡ଼ିଶା ପର୍ବ ୨୦୨୪' କୁ ଆସି ମୁଁ ଗର୍ବିତ। ଆପଣମାନଙ୍କୁ ଭେଟି ମୁଁ ବହୁତ ଖୁସି । ଓଡ଼ିଶା ପର୍ବ ଅବସରରେ ମୁଁ ଆପଣ ସମସ୍ତଙ୍କୁ ଏବଂ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଉଛି। ଚଳିତ ବର୍ଷ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକୀର ଶହେ ବର୍ଷ ପୂରଣ ହେଉଛି। ଏହି ଅବସରରେ ମୁଁ ତାଙ୍କୁ ସ୍ମରଣ କରୁଛି ଏବଂ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଭକ୍ତ ଦାସିଆ ବାଉରୀ ଜୀ, ଭକ୍ତ ସାଲବେଗ ଜୀ ଏବଂ ଓଡ଼ିଆ ଭାଗବତର ରଚୟିତା ଶ୍ରୀଜଗନ୍ନାଥ ଦାସଜୀଙ୍କୁ ମଧ୍ୟ ମୁଁ ସମ୍ମାନର ସହ ପ୍ରଣାମ କରୁଛି । ନିଜର ସାଂସ୍କୃତିକ ବିବିଧତା ମାଧ୍ୟମରେ ଭାରତକୁ ବଞ୍ଚାଇ ରଖିବାରେ ଓଡ଼ିଶାର ବଡ଼ ଭୂମିକା ରହିଛି। ଓଡ଼ିଶା ସବୁବେଳେ ସାଧୁ ସନ୍ଥ ଓ ବିଦ୍ୱାନ ମାନଙ୍କର ଭୂମି ଭାବେ ଜଣାଶୁଣା । ସାରଳା ମହାଭାରତ, ଓଡ଼ିଆ ଭାଗବତ...ଏଠାକାର ବିଦ୍ୱାନମାନେ ଯେପରି ସ୍ଥାନୀୟ ଭାଷାରେ ଆମ ଧର୍ମଗ୍ରନ୍ଥଗୁଡ଼ିକ ଘରେ ଘରେ ପହଞ୍ଚାଇଥିଲେ, ଋଷିମାନଙ୍କ ଚିନ୍ତାଧାରା ସହିତ ଲୋକମାନଙ୍କୁ ଯେପରି ଯୋଡ଼ିଥିଲେ...ଭାରତର ସାଂସ୍କୃତିକ ସମୃଦ୍ଧିରେ ସେମାନଙ୍କର ଏକ ବଡ଼ ଭୂମିକା ରହିଛି । ଓଡ଼ିଆ ଭାଷାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଜଡ଼ିତ ଅନେକ ସାହିତ୍ୟ ରହିଛି। ମୁଁ ମଧ୍ୟ ତାଙ୍କର ଗୋଟିଏ କାହାଣୀ ସବୁବେଳେ ମନେ ରଖିଥାଏ । ମହାପ୍ରଭୁ ତାଙ୍କ ଶ୍ରୀ ମନ୍ଦିରରୁ ବାହାରି ନିଜେ ଯୁଦ୍ଧର ନେତୃତ୍ୱ ନେଇଥିଲେ। ତା'ପରେ ଯୁଦ୍ଧ କ୍ଷେତ୍ରକୁ ଯିବା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଭକ୍ତ 'ମାଣିକ ଗଉଡୁଣୀ'ଙ୍କ ହାତରୁ ଦହି ଖାଇଥିଲେ। ଏହି କାହାଣୀ ଆମକୁ ବହୁତ କିଛି ଶିଖାଏ । ଏହା ଆମକୁ ଶିକ୍ଷା ଦିଏ ଯେ , ଯଦି ଆମେ ଭଲ ଉଦ୍ଦେଶ୍ୟରେ କାମ କରୁ, ତେବେ ଭଗବାନ ନିଜେ ସେହି କାମର ନେତୃତ୍ୱ ନିଅନ୍ତି । ସର୍ବଦା, ସବୁବେଳେ, ପ୍ରତ୍ୟେକ ପରିସ୍ଥିତିରେ, ଆମେ ଏକା ବୋଲି ଭାବିବାର କୌଣସି ଆବଶ୍ୟକତା ନାହିଁ, ଆମେ ସର୍ବଦା 'ପ୍ଲସ୍ ୱାନ୍', ଭଗବାନ ସର୍ବଦା ଆମ ସହିତ ଅଛନ୍ତି, ଈଶ୍ୱର ସର୍ବଦା ଆମ ସହିତ ରହିଛନ୍ତି। ଓଡ଼ିଶାର ସନ୍ଥ କବି ଭୀମ ଭୋଇ କହିଥିଲେ- ମୋ ଜୀବନ ପଚେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ। ଏହାର ଭାବାର୍ଥ ହେଉଛି ଯେ ମୋତେ ଯେତେ ଯନ୍ତ୍ରଣା ସହିବାକୁ ପଡୁ ପଛେ...କିନ୍ତୁ ଦୁନିଆକୁ ରକ୍ଷା କରାଯାଉ। ଏହା ମଧ୍ୟ ଓଡ଼ିଶାର ସଂସ୍କୃତି। ଓଡ଼ିଶା ସମଗ୍ର ଦେଶ ତଥା ସମଗ୍ର ମାନବ ସମାଜର ସେବା କରୁଛି। ଏଠାରେ ପୁରୀ ଧାମ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ଦୃଢ଼ କରିଛି। ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ବୀର ସନ୍ତାନମାନେ ଦେଶକୁ ଦିଗ ଦେଖାଇଥିଲେ । ପାଇକ ବିଦ୍ରୋହର ସହିଦଙ୍କ ଋଣ ଆମେ କେବେ ପରିଶୋଧ କରିପାରିବୁ ନାହିଁ । ମୋ ସରକାର ଭାଗ୍ୟବାନ ଯେ ପାଇକ ବିପ୍ଳବ ଉପରେ ଏକ ସ୍ମାରକୀ ଡାକ ଟିକଟ ଏବଂ ମୁଦ୍ରା ଉନ୍ମୋଚନ କରିବାର ସୁଯୋଗ ପାଇଛି । ଏହି ସମୟରେ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଅବଦାନକୁ ସମଗ୍ର ଦେଶ ମନେ ପକାଉଛି । ଆମେ ତାଙ୍କର ୧୨୫ତମ ଜୟନ୍ତୀକୁ ବଡ଼ ଧରଣରେ ପାଳନ କରୁଛୁ। ଅତୀତରୁ ଆଜି ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ଦେଶକୁ କେତେ ଦକ୍ଷ ନେତୃତ୍ୱ ଦେଇଛି ତାହା ମଧ୍ୟ ଆମ ସାମ୍ନାରେ ରହିଛି। ଆଜି ଓଡ଼ିଶାର ଝିଅ...ଆଦିବାସୀ ସମ୍ପ୍ରଦାୟର ଦ୍ରୌପଦୀ ମୁର୍ମୁ ଜୀ ଭାରତର ରାଷ୍ଟ୍ରପତି । ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ତାଙ୍କ ପ୍ରେରଣାରେ ଭାରତରେ ଆଦିବାସୀ କଲ୍ୟାଣ ପାଇଁ ହଜାର ହଜାର କୋଟି ଟଙ୍କାର ଯୋଜନା ଆରମ୍ଭ ହୋଇଛି ଏବଂ ଏହି ଯୋଜନାଗୁଡ଼ିକ କେବଳ ଓଡ଼ିଶା ନୁହେଁ ବରଂ ସମଗ୍ର ଭାରତର ଆଦିବାସୀ ସମାଜକୁ ଉପକୃତ କରୁଛି । ଓଡ଼ିଶା ହେଉଛି ମାତା ସୁଭଦ୍ରାଙ୍କ ରୂପରେ ନାରୀ ଶକ୍ତି ଏବଂ ସେମାନଙ୍କ ସାମର୍ଥ୍ୟର ଭୂମି । ଓଡ଼ିଶାର ମହିଳାମାନେ ଆଗକୁ ବଢ଼ିଲେ ହିଁ ଓଡ଼ିଶା ଆଗକୁ ବଢ଼ିବ। ସେଥିପାଇଁ କିଛି ଦିନ ତଳେ ମୁଁ ଓଡ଼ିଶାର ମୋ ମା' ଭଉଣୀମାନଙ୍କ ପାଇଁ ସୁଭଦ୍ରା ଯୋଜନା ଆରମ୍ଭ କରିଥିଲି। ଏହା ଦ୍ୱାରା ଓଡ଼ିଶାର ମହିଳାମାନେ ବେଶ୍ ଉପକୃତ ହେବେ। ଉତ୍କଳର ମହାନ ପୁତ୍ରମାନଙ୍କ ବିଷୟରେ ଦେଶ ଜାଣୁ, ସେମାନର ଜୀବନରୁ ପ୍ରେରଣା ନେଉ, ସେଥିପାଇଁ ଏଭଳି ଆୟୋଜନର ବହୁତ ଗୁରୁତ୍ୱ ଅଛି । ଏହି ଉତ୍କଳ ଭାରତର ସାମୁଦ୍ରିକ ଶକ୍ତିକୁ ଏକ ନୂଆ ଦିଗ ଦେଇଥିଲା। ଗତକାଲି ଓଡ଼ିଶାରେ ବାଲିଯାତ୍ରା ଶେଷ ହୋଇଛି। ଏଥର ମଧ୍ୟ ନଭେମ୍ବର ୧୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ଦିନ କଟକ ମହାନଦୀ କୂଳରେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଲିଯାତ୍ରା ହେଉଛି ଭାରତ ଓ ଓଡ଼ିଶାର ସାମୁଦ୍ରିକ ସମ୍ଭାବନାର ପ୍ରତୀକ । ଶହ ଶହ ବର୍ଷ ପୂର୍ବେ ଯେତେବେଳେ ଆଜି ଭଳି କୌଣସି ଜ୍ଞାନକୌଶଳ ନଥିଲା, ସେତେବେଳେ ଏଠାକାର ନାବିକମାନେ ସମୁଦ୍ର ପାର ହେବାକୁ ସାହସ ଦେଖାଇଥିଲେ। ଇଣ୍ଡୋନେସିଆର ବାଲି, ସୁମାତ୍ରା, ଜାଭା ଭଳି ସ୍ଥାନକୁ ଆମର ବ୍ୟବସାୟୀମାନେ ବୋଇତ ଯୋଗେ ଯାତାୟାତ କରୁଥିଲେ। ଏହି ଯାତ୍ରା ମାଧ୍ୟମରେ ବାଣିଜ୍ୟ ଓ ସଂସ୍କୃତି ମଧ୍ୟ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନରେ ପହଞ୍ଚିଥିଲା । ଆଜି ବିକଶିତ ଭାରତର ସଂକଳ୍ପ ହାସଲ କରିବାରେ ଓଡ଼ିଶାର ସାମୁଦ୍ରିକ ଶକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଓଡ଼ିଶାକୁ ନୂଆ ଉଚ୍ଚତାରେ ପହଞ୍ଚାଇବା ପାଇଁ ୧୦ ବର୍ଷ ହେଲା ନିରନ୍ତର ପ୍ରୟାସ ଚାଲିଛି। ଆଜି ଓଡ଼ିଶା ପାଇଁ ଏକ ନୂଆ ଭବିଷ୍ୟତର ଆଶା ସୃଷ୍ଟି ହୋଇଛି। ୨୦୨୪ରେ ଓଡ଼ିଶାବାସୀଙ୍କ ଅଭୂତପୂର୍ବ ଆଶୀର୍ବାଦ ଏହି ଆଶାକୁ ନୂଆ ରୂପ ଦେଇଛି। ଆମର ବଡ଼ ସ୍ୱପ୍ନ ଅଛି, ବଡ଼ ଲକ୍ଷ୍ୟ ରହିଛି। ୨୦୩୬ରେ ଓଡ଼ିଶା ରାଜ୍ୟ ଗଠନର ଶତବାର୍ଷିକୀ ପାଳନ କରିବ। ଓଡ଼ିଶାକୁ ଦେଶର ଶକ୍ତିଶାଳୀ, ସମୃଦ୍ଧ ଓ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ମଧ୍ୟରେ ଗଣାଯିବା ଆମର ପ୍ରୟାସ। ଏକ ସମୟ ଥିଲା ଯେତେବେଳେ ଭାରତର ପୂର୍ବ ଭାଗ ...ଓଡ଼ିଶା ଭଳି ରାଜ୍ୟକୁ ପଛୁଆ କୁହାଯାଉଥିଲା। କିନ୍ତୁ ମୁଁ ଭାରତର ପୂର୍ବ ଭାଗକୁ ଦେଶର ଅଭିବୃଦ୍ଧି ଇଞ୍ଜିନ୍ ଭାବରେ ବିବେଚନା କରେ । ସେଥିପାଇଁ ପୂର୍ବ ଭାରତର ବିକାଶକୁ ଆମେ ପ୍ରାଥମିକତା ଦେଇଛୁ। ଆଜି ସମଗ୍ର ପୂର୍ବ ଭାରତରେ ଯୋଗାଯୋଗ, ସ୍ୱାସ୍ଥ୍ୟ ଓ ଶିକ୍ଷାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ୧୦ ବର୍ଷ ପୂର୍ବେ କେନ୍ଦ୍ର ସରକାର ଯେତିକି ବଜେଟ୍ ଦେଉଥିଲେ, ତା'ଠାରୁ ଓଡ଼ିଶାକୁ ୩ ଗୁଣ ଅଧିକ ବଜେଟ୍ ମିଳୁଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ଓଡ଼ିଶାର ବିକାଶ ପାଇଁ ୩୦ ପ୍ରତିଶତ ଅଧିକ ବଜେଟ୍ ଦିଆଯାଇଛି। ଓଡ଼ିଶାର ବିକାଶ ପାଇଁ ଆମେ ପ୍ରତ୍ୟେକ କ୍ଷେତ୍ରରେ ଦ୍ରୁତ ଗତିରେ କାର୍ଯ୍ୟ କରୁଛୁ। ବନ୍ଦର ଭିତ୍ତିକ ଶିଳ୍ପ ବିକାଶ ପାଇଁ ଓଡ଼ିଶାରେ ପ୍ରଚୁର ସମ୍ଭାବନା ରହିଛି। ତେଣୁ ଧାମରା, ଗୋପାଳପୁର, ଅସ୍ତରଙ୍ଗ, ପାଲୁର ଓ ସୁବର୍ଣ୍ଣରେଖା ବନ୍ଦରର ବିକାଶ କରି ଏଠାରେ ବ୍ୟବସାୟକୁ ପ୍ରୋତ୍ସାହିତ କରାଯିବ। ଓଡ଼ିଶା ମଧ୍ୟ ଭାରତର ଖଣି ଓ ଧାତବ ଶକ୍ତି କେନ୍ଦ୍ର। ଏହା ଇସ୍ପାତ, ଆଲୁମିନିୟମ ଓ ଶକ୍ତି କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିଥାଏ । ଏହି ସବୁ କ୍ଷେତ୍ର ଉପରେ ଧ୍ୟାନ ଦେଲେ ଓଡ଼ିଶାରେ ସମୃଦ୍ଧିର ନୂଆ ଦ୍ୱାର ଖୋଲାଯାଇପାରିବ। ଓଡ଼ିଶା ମାଟିରେ କାଜୁ, ଝୋଟ, କପା, ହଳଦୀ ଓ ତୈଳବୀଜ ପ୍ରଚୁର ପରିମାଣରେ ଚାଷ କରାଯାଏ । ଆମର ପ୍ରୟାସ ହେଉଛି ଏହି ଉତ୍ପାଦଗୁଡିକ ଯେପରି ଅଧିକ ବଜାରରେ ପହଞ୍ଚିବ ଏବଂ ଆମର କୃଷକ ଭାଇ ଭଉଣୀମାନେ ଏହାର ଲାଭ ପାଇବେ । ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ମଧ୍ୟ ସମ୍ପ୍ରସାରଣର ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶା ସାମୁଦ୍ରିକ ଖାଦ୍ୟକୁ ଏକ ବ୍ରାଣ୍ଡରେ ପରିଣତ କରିବା ପାଇଁ ଆମର ପ୍ରୟାସ ରହିଛି, ଯାହାର ବିଶ୍ୱ ବଜାରରେ ଚାହିଦା ରହିଛି । ଓଡ଼ିଶାକୁ ନିବେଶକଙ୍କ ପ୍ରିୟ ସ୍ଥାନରେ ପରିଣତ କରିବା ପାଇଁ ଆମର ପ୍ରୟାସ ରହିଛି। ଆମ ସରକାର ଓଡ଼ିଶାରେ ଇଜ୍ ଅଫ୍ ଡୁଇଙ୍ଗ ବିଜନେସକୁ ପ୍ରୋତ୍ସାହିତ କରିବାକୁ ପ୍ରତିବଦ୍ଧ। ଉତ୍କର୍ଷ ଉତ୍କଳ ମାଧ୍ୟମରେ ପୁଞ୍ଜିନିବେଶ ବୃଦ୍ଧି କରାଯାଉଛି। ଓଡ଼ିଶାରେ ନୂଆ ସରକାର ଗଠନ ହେବା ମାତ୍ରେ ପ୍ରଥମ ୧୦୦ ଦିନ ମଧ୍ୟରେ ୪୫ ହଜାର କୋଟି ଟଙ୍କାର ପୁଞ୍ଜିନିବେଶକୁ ମଞ୍ଜୁରି ମିଳିଛି। ଆଜି ଓଡ଼ିଶାର ନିଜସ୍ୱ ଦୃଷ୍ଟିକୋଣ ଓ ରୋଡ୍ ମ୍ୟାପ୍ ରହିଛି। ଏବେ ଏଠାରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରାଯିବା ସହ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ। ଏହି ପ୍ରୟାସ ପାଇଁ ମୁଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ଟିମ୍‌କୁ ଅଭିନନ୍ଦନ ଜଣାଉଛି। ଓଡ଼ିଶାର ସାମର୍ଥ୍ୟକୁ ସଠିକ ଦିଗରେ ଉପଯୋଗ କରି ଏହାକୁ ବିକାଶର ନୂତନ ଉଚ୍ଚତାରେ ପହଞ୍ଚାଇ ହେବ। ମୋର ବିଶ୍ୱାସ ଯେ ଓଡ଼ିଶା ଏହାର ରଣନୈତିକ ସ୍ଥିତିର ଏକ ବଡ଼ ଫାଇଦା ପାଇପାରିବ । ଏଠାରୁ ଘରୋଇ ଓ ଅନ୍ତର୍ଜାତୀୟ ବଜାରରେ ପହଞ୍ଚିବା ସହଜ। ପୂର୍ବ ଓ ଦକ୍ଷିଣ-ପୂର୍ବ ଏସିଆ ପାଇଁ ଓଡ଼ିଶା ବାଣିଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର । ଆଗାମୀ ଦିନରେ ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ଓଡିଶାର ଗୁରୁତ୍ୱ ଆହୁରି ବୃଦ୍ଧି ପାଇବ । ଆମ ସରକାର ମଧ୍ୟ ରାଜ୍ୟରୁ ରପ୍ତାନି ବୃଦ୍ଧି ଲକ୍ଷ୍ୟ ଉପରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାରେ ସହରୀକରଣକୁ ପ୍ରୋତ୍ସାହିତ କରିବାର ପ୍ରଚୁର ସମ୍ଭାବନା ରହିଛି । ଆମ ସରକାର ଏ ଦିଗରେ ଠୋସ୍ ପଦକ୍ଷେପ ନେଉଛନ୍ତି। ଅଧିକ ସଂଖ୍ୟକ ଗତିଶୀଳ ଏବଂ ସୁସଂଯୋଜିତ ସହର ନିର୍ମାଣ ପାଇଁ ଆମେ ପ୍ରତିବଦ୍ଧ । ଓଡ଼ିଶାର ଦ୍ୱିତୀୟ ସ୍ତରର ସହରଗୁଡ଼ିକରେ ମଧ୍ୟ ନୂଆ ସମ୍ଭାବନା ସୃଷ୍ଟି କରିବାକୁ ଆମେ ଯଥାସମ୍ଭବ ଚେଷ୍ଟା କରୁଛୁ। ବିଶେଷ କରି ପଶ୍ଚିମ ଓଡ଼ିଶାର ଜିଲ୍ଲା ଗୁଡ଼ିକରେ ନୂତନ ଭିତ୍ତିଭୂମି ନୂଆ ସୁଯୋଗ ସୃଷ୍ଟି ହେବ। ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶା ସାରା ଦେଶର ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୂଆ ଆଶା ଭଳି। ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଅନୁଷ୍ଠାନ ରହିଛି, ଯାହା ଶିକ୍ଷା କ୍ଷେତ୍ରରେ ରାଜ୍ୟକୁ ଅଗ୍ରଣୀ ହେବାକୁ ପ୍ରେରଣା ଦେଇଥାଏ। ଏହି ପ୍ରୟାସ ରାଜ୍ୟରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ମଧ୍ୟ ପ୍ରୋତ୍ସାହନ ଦେଉଛି। ସାଂସ୍କୃତିକ ସମୃଦ୍ଧି ପାଇଁ ଓଡ଼ିଶା ସବୁବେଳେ ସ୍ୱତନ୍ତ୍ର ରହିଆସିଛି । ଓଡ଼ିଶାର ଶୈଳୀ ସମସ୍ତଙ୍କୁ ଆକର୍ଷିତ କରିଥାଏ, ସମସ୍ତଙ୍କୁ ପ୍ରେରଣା ଦେଇଥାଏ। ଏଠାରେ ଓଡ଼ିଶୀ ନୃତ୍ୟ ହେଉ...ଓଡ଼ିଶାର ଚିତ୍ରକଳା...ପଟ୍ଟଚିତ୍ରରେ ଏଠାରେ ଯେଉଁ ଉଜ୍ଜ୍ୱଳତା ଦେଖିବାକୁ ମିଳୁଛି...ଆମ ଆଦିବାସୀ କଳାର ପ୍ରତୀକ ସୌରା ଚିତ୍ରକଳା ମଧ୍ୟ ସେତିକି ଅତୁଳନୀୟ। ଓଡ଼ିଶାର ସମ୍ବଲପୁରୀ, ବୋମକାଇ ଓ କୋଟପାଡ଼ ବୁଣାକାରଙ୍କ କାରିଗରୀ ମଧ୍ୟ ଦେଖିବାକୁ ମିଳୁଛି। ଆମେ ଏହି କଳା ଓ କାରିଗରୀକୁ ଯେତେ ପ୍ରସାର କରିବୁ, ଏହି କଳାକୁ ସଂରକ୍ଷିତ ରଖିଥିବା ଓଡ଼ିଆ ଲୋକମାନେ ସେତେ ଅଧିକ ସମ୍ମାନ ପାଇବେ। ଆମ ଓଡ଼ିଶାରେ ମଧ୍ୟ ସ୍ଥାପତ୍ୟ ଓ ବିଜ୍ଞାନର ଏତେ ବଡ଼ ଐତିହ୍ୟ ରହିଛି। କୋଣାର୍କର ସୂର୍ଯ୍ୟ ମନ୍ଦିର... ଏହାର ବିଶାଳତା, ଏହାର ବିଜ୍ଞାନ...ଲିଙ୍ଗରାଜ ଓ ମୁକ୍ତେଶ୍ୱର ଭଳି ପ୍ରାଚୀନ ମନ୍ଦିରର ସ୍ଥାପତ୍ୟ .....ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଆଜି ଯେତେବେଳେ ଲୋକମାନେ ସେସବୁକୁ ଦେଖୁଛନ୍ତି...ତେଣୁ ଆମେ ଭାବିବାକୁ ବାଧ୍ୟ ହେଉଛୁ ଯେ ଶହ ଶହ ବର୍ଷ ପୂର୍ବେ ମଧ୍ୟ ଓଡ଼ିଶାବାସୀ ବିଜ୍ଞାନରେ ଏତେ ଆଗରେ ଥିଲେ। ପର୍ଯ୍ୟଟନ ଦୃଷ୍ଟିକୋଣରୁ ଓଡ଼ିଶା ଏକ ବିପୁଳ ସମ୍ଭାବନାର ରାଜ୍ୟ। ଏହି ସମ୍ଭାବନାଗୁଡ଼ିକୁ ସାକାର କରିବା ପାଇଁ ଆମକୁ ଅନେକ ଦିଗରେ କାମ କରିବାକୁ ପଡିବ । ଆପଣ ଦେଖିପାରିବେ ଯେ ଆଜି ଓଡ଼ିଶା ତଥା ଦେଶରେ ଓଡ଼ିଶାର ଐତିହ୍ୟ ଓ ପରିଚୟକୁ ସମ୍ମାନ ଦେଉଥିବା ସରକାର ରହିଛି। ଆପଣ ଦେଖିଥିବେ ଯେ ଗତବର୍ଷ ଜି-୨୦ ଶିଖର ସମ୍ମିଳନୀ ହୋଇଥିଲା। ଜି-୨୦ ସମୟରେ ଆମେ ଅନେକ ରାଷ୍ଟ୍ରମୁଖ୍ୟ ଓ କୂଟନୀତିଜ୍ଞଙ୍କ ସହ ସାକ୍ଷାତ କରିଛୁ। ସୂର୍ଯ୍ୟ ମନ୍ଦିରର ଏକ ଭବ୍ୟ ଚିତ୍ର ଉପସ୍ଥାପନ କରାଯାଇଥିଲା। ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ପରିସରର ୪ଟି ଯାକ ଦ୍ୱାର ଖୋଲାଯାଇଥିବାରୁ ମୁଁ ଖୁସି । ମନ୍ଦିରର ରତ୍ନ ଭଣ୍ଡାର ମଧ୍ୟ ଖୋଲାଯାଇଛି। ଓଡ଼ିଶାର ପ୍ରତ୍ୟେକ ପରିଚୟ ବିଷୟରେ ବିଶ୍ୱକୁ ଜଣାଇବା ପାଇଁ ଆମକୁ ଅଧିକ ଅଭିନବ ପଦକ୍ଷେପ ନେବାକୁ ପଡ଼ିବ। ଯେମିତି...ବାଲିଯାତ୍ରାକୁ ଅଧିକ ଲୋକପ୍ରିୟ କରିବା, ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ପ୍ରଚାର ପ୍ରସାର କରିବା ପାଇଁ ଆମେ ବାଲିଯାତ୍ରା ଦିବସ ଘୋଷଣା କରିପାରିବା। ଓଡ଼ିଶୀ ନୃତ୍ୟ ଭଳି କଳା ପାଇଁ ଆମେ ଓଡ଼ିଶୀ ଦିବସ ପାଳନ କରିବା ଆରମ୍ଭ କରିପାରିବା । ବିଭିନ୍ନ ଆଦିବାସୀ ଐତିହ୍ୟକୁ ପାଳନ କରିବା ପାଇଁ ନୂଆ ପରମ୍ପରା ମଧ୍ୟ ଆରମ୍ଭ କରାଯାଇପାରେ । ଏଥିପାଇଁ ସ୍କୁଲ ଓ କଲେଜରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରିବ। ଏହାଦ୍ୱାରା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେବ, ଏଠାରେ ପର୍ଯ୍ୟଟନ ଓ କ୍ଷୁଦ୍ର ଶିଳ୍ପ ସମ୍ବନ୍ଧୀୟ ସୁଯୋଗ ବୃଦ୍ଧି ପାଇବ। ଏହାର କିଛି ଦିନ ପରେ ଏଥର ସାରା ବିଶ୍ୱର ଲୋକଙ୍କୁ ନେଇ ଭୁବନେଶ୍ୱର ଓ ଓଡ଼ିଶାରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଓଡ଼ିଶାରେ ପ୍ରଥମ ଥର ପାଇଁ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି। ଏହି ସମ୍ମିଳନୀ ମଧ୍ୟ ଓଡ଼ିଶା ପାଇଁ ଏକ ବଡ଼ ସୁଯୋଗ ହେବାକୁ ଯାଉଛି। ପରିବର୍ତ୍ତିତ ସମୟ ସହିତ ଲୋକମାନେ ନିଜ ମାତୃଭାଷା ଓ ସଂସ୍କୃତିକୁ ମଧ୍ୟ ଭୁଲି ଯାଉଛନ୍ତି। କିନ୍ତୁ ମୁଁ ଦେଖିଛି...ଓଡିଆ ସମାଜ, ଯାହା ବି ହେଉ ନା କାହିଁକି, ଏହାର ସଂସ୍କୃତି ଅଛି, ଏହାର ଭାଷା...ମୁଁ ସବୁବେଳେ ମୋର ପର୍ବପର୍ବାଣୀକୁ ନେଇ ବହୁତ ଉତ୍ସାହିତ ଅଛି । ମାତୃଭାଷା ଓ ସଂସ୍କୃତିର ଶକ୍ତି କିପରି ଆମକୁ ଆମ ମାଟି ସହ ଯୋଡ଼ି ରଖିଥାଏ...ମୁଁ କିଛି ଦିନ ତଳେ ଦକ୍ଷିଣ ଆମେରିକାର ଏକ ଦେଶ ଗୁୟାନାରେ ଏହା ଦେଖିଥିଲି । ପାଖାପାଖି ୨୦୦ ବର୍ଷ ତଳେ ଶହ ଶହ ଶ୍ରମିକ ଭାରତ ଛାଡ଼ି ଚାଲିଯାଇଥିଲେ। କିନ୍ତୁ ସେ ରାମଚରିତମାନସକୁ ସାଙ୍ଗରେ ନେଇଥିଲେ । ସେମାନେ ରାମଙ୍କ ନାମ ନେଇଥିଲେ...ଆଜି ବି ଭାରତ ମାଟି ସହ ତାଙ୍କର ସମ୍ପର୍କ ଯୋଡ଼ି ହୋଇ ରହିଛି। ବିକାଶ ହେଲେ ଆମ ଐତିହ୍ୟକୁ ଏମିତି ରଖିବା...ତେଣୁ ଏହାର ଫାଇଦା ସମସ୍ତଙ୍କ ପାଖରେ ପହଂଚିଥାଏ । ସେହିଭଳି ଆମେ ଓଡ଼ିଶାକୁ ନୂଆ ଉଚ୍ଚତାରେ ପହଞ୍ଚାଇ ପାରିବା। ଆଜିର ଆଧୁନିକ ଯୁଗରେ ଆମକୁ ମଧ୍ୟ ଆଧୁନିକ ପରିବର୍ତ୍ତନକୁ ଗ୍ରହଣ କରିବାକୁ ପଡିବ ଏବଂ ଆମର ମୂଳକୁ ମଧ୍ୟ ସୁଦୃଢ଼ କରିବାକୁ ପଡିବ । ଓଡ଼ିଶା ମହୋତ୍ସବ ଭଳି କାର୍ଯ୍ୟକ୍ରମ ଏଥିପାଇଁ ଏକ ମାଧ୍ୟମ ହୋଇପାରିବ। ମୁଁ ଚାହୁଁଛି ଯେ ଆଗାମୀ ବର୍ଷଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଆହୁରି ବିସ୍ତାରିତ ହେଉ ଯେପରି ଏହି ପର୍ବ କେବଳ ଦିଲ୍ଲୀରେ ସୀମିତ ନ ରହିବ । ଏଥିରେ ଯେପରି ଅଧିକରୁ ଅଧିକ ଲୋକ ସାମିଲ ହୁଅନ୍ତି, ସ୍କୁଲ ଓ କଲେଜର ଅଂଶଗ୍ରହଣ ମଧ୍ୟ ବୃଦ୍ଧି ପାଇବ ସେଥିପାଇଁ ପ୍ରୟାସ କରିବା ଦରକାର। ଅନ୍ୟ ରାଜ୍ୟର ଲୋକମାନେ ମଧ୍ୟ ଦିଲ୍ଲୀଆସି ଓଡ଼ିଶାକୁ ଅଧିକ ନିକଟରୁ ଜାଣିବା ଜରୁରୀ। ଆଗାମୀ ଦିନରେ ଏହି ମହୋତ୍ସବର ରଙ୍ଗ ଓଡ଼ିଶା ଓ ଦେଶର କୋଣ ଅନୁକୋଣରେ ପହଞ୍ଚିବ, ଏହା ଜନଭାଗିଦାରୀ ପାଇଁ ଏକ ପ୍ରଭାବଶାଳୀ ମଞ୍ଚରେ ପରିଣତ ହେବ ବୋଲି ମୋର ବିଶ୍ୱାସ ରହିଛି । ଏହି ଭାବନାରେ ମୁଁ ପୁଣି ଥରେ ଆପଣ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି ।

**ଆପଣଙ୍କୁ ବହୁତ ଧନ୍ୟବାଦ ।**
**ଜୟ ଜଗନ୍ନାଥ !**

# ପ୍ଲାଷ୍ଟିକ୍ ପରିଚାଳନା



**ଇଂ ସତ୍ୟନାରାୟଣ ମାଝୀ**
ଏକତାଳୀ, ଯଶିପୁର, ମୟୂରଭଞ୍ଜ
ମୋ: ୯୪୩୮୫୩୭୦୧୩

ସାରା ବିଶ୍ୱରେ ଆଜି ଆମ ପୃଥିବୀରେ ଏପରି ଅନେକ ପଦାର୍ଥ ରହିଅଛି, ଯେଉଁଥିପାଇଁ ପ୍ରଦୂଷଣର ସମସ୍ୟା ବଢିବାରେ ଲାଗିଛି। ଏହିପରି ପଦାର୍ଥ ମଧ୍ୟରୁ ଗୋଟିଏ ହେଉଛି ପ୍ଲାଷ୍ଟିକ୍। ଏହା ଏକ ପଦାର୍ଥ ଯାହା ବ୍ୟବହାର କରିବା ଅତି ସହଜ। ଥରେ ବ୍ୟବହୃତ ହେଲେ ଏହାକୁ ଫୋପାଡି ଦିଆଯାଏ। ଯେଉଁଥିପାଇଁ ପ୍ରଦୂଷଣ ଆମ ପରିବେଶ ପାଇଁ ବହୁତ କ୍ଷତି ପହଞ୍ଚାଉଛି। ପ୍ଲାଷ୍ଟିକ୍ ସାମଗ୍ରୀରୁ ଉତ୍ପନ୍ନ ବର୍ଜ୍ୟବସ୍ତୁ ନିଷ୍କାସନ କରିବା କଷ୍ଟକର। ଯେତେବେଳେ ବି ଆମେ ବଜାରକୁ ଯାଉ, ଆମେ ପନିପରିବା କିମ୍ବା ପ୍ଲାଷ୍ଟିକ୍ ବ୍ୟାଗରେ ଜିନିଷ କିଣିଥାଉ ଏବଂ ପ୍ଲାଷ୍ଟିକକୁ ସହଜରେ ରଖିଥାଉ। ଯାହାଦ୍ୱାରା ଆମେ ଏହାକୁ ପୁନର୍ବାର ବ୍ୟବହାର କରିପାରିବା। କିନ୍ତୁ ଏହା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ପ୍ଲାଷ୍ଟିକ୍ ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଖରାପ ଅଟେ। ଯଦି ଆପଣ ଭାରତକୁ ପ୍ଲାଷ୍ଟିକମୁକ୍ତ କରିବାକୁ ଚାହୁଁଛନ୍ତି ତେବେ ଆପଣଙ୍କୁ ପ୍ରତିଶ୍ରୁତି ଦେବାକୁ ପଡିବ। ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁରୁ ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟି ହୁଏ। ଆଜିର ସମୟରେ ଏହା ବହୁତ ବଡ଼ ହୋଇଗଲାଣି ଏବଂ ଦିନକୁ ଦିନ ବୃଦ୍ଧି ପାଉଛି। ଆମର ଏହି ସୁନ୍ଦର ଗ୍ରହ ପୃଥିବୀ ଉପରେ ଏହାର ଅନେକ ନକାରାତ୍ମକ ପ୍ରଭାବ ରହିଛି, ଯେଉଁ କାରଣରୁ ଏହା ମାନବ ଜୀବନ ପାଇଁ ଏକ ଗୁରୁତର ବିପଦ ପାଲଟିଛି।

ଏହି କାରଣରୁ ପ୍ଲାଷ୍ଟିକ ପ୍ରଦୂଷଣ ଆଜି ଏକ ବିଶ୍ୱସ୍ତରୀୟ ଚିନ୍ତାର ବିଷୟ ପାଲଟିଛି। ଆମର ଦୈନନ୍ଦିନ ଜୀବନରେ ଏହି ଦୁଇଟି ପଦକ୍ଷେପ ଗ୍ରହଣ କରି ଆମେ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ହ୍ରାସ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବା। ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଆମକୁ ପ୍ଲାଷ୍ଟିକ ବ୍ୟବହାରରୁ ଦୂରେଇ ରହିବା ଉଚିତ୍। କାରଣ ବର୍ତ୍ତମାନ ଆମେ ଏହାର ବ୍ୟବହାରରେ ଅଭ୍ୟସ୍ତ ହୋଇଗଲୁ ଏବଂ ତାହା ମଧ୍ୟ ବହୁତ ଶସ୍ତା, ତେଣୁ ଆମେ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିପାରିବା ନାହିଁ। ତଥାପି, ଆମେ ସହଜରେ ପ୍ଲାଷ୍ଟିକ୍ ଦ୍ରବ୍ୟର ବ୍ୟବହାରକୁ ବନ୍ଦ କରିପାରିବା ଯାହା ପାଇଁ ଇକୋ-ଫ୍ରେଣ୍ଡଲି ବିକଳ୍ପ ଉପଲବ୍ଧ। ଉଦାହରଣ ସ୍ୱରୂପ, ପ୍ଲାଷ୍ଟିକ ବ୍ୟାଗ ବଦଳରେ ବଜାରରୁ ସାମଗ୍ରୀ କିଣିବାବେଳେ, ଆମେ ଝୋଟ କପଡା କିମ୍ବା କାଗଜରେ ନିର୍ମିତ ବ୍ୟାଗ ବ୍ୟବହାର କରିପାରିବା।

ସେହିଭଳି ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପର୍ବ ସମୟରେ ପ୍ଲାଷ୍ଟିକ୍ ବାସନ ଏବଂ ଅନ୍ୟାନ୍ୟ ଜିନିଷ ବ୍ୟବହାର କରିବା ପରିବର୍ତ୍ତେ ଆମେ ଷ୍ଟିଲ୍, କାଗଜ, ପତ୍ର କିମ୍ବା ଅନ୍ୟାନ୍ୟ ପରିବେଶ ଅନୁକୂଳ ଦ୍ରବ୍ୟରେ ନିର୍ମିତ ଜିନିଷ ବ୍ୟବହାର କରିପାରିବା, ଯାହା ସହଜରେ ପୁନଃ ବ୍ୟବହାର ଏବଂ ନିଷ୍କାସନ ହୋଇପାରିବ। ଯଦି ଆପଣ ପ୍ଲାଷ୍ଟିକ ବ୍ୟାଗ ଏବଂ ପ୍ଲାଷ୍ଟିକରେ ନିର୍ମିତ ଅନ୍ୟାନ୍ୟ ଜିନିଷ ବ୍ୟବହାର ବନ୍ଦ କରିପାରିବେ ନାହିଁ, ଅନ୍ତତଃପକ୍ଷେ ଏହାକୁ ଫୋପାଡିବା ପୂର୍ବରୁ ଯଥାସମ୍ଭବ ପୁନର୍ବ୍ୟବହାର ଲାଗି ଚେଷ୍ଟିତ ହେବା ଜରୁରି। ପ୍ଲାଷ୍ଟିକ୍ ବ୍ୟାଗ୍ ଏବଂ ଅନ୍ୟ ସାମଗ୍ରୀ ବ୍ୟବହାର କରି ଫୋପାଡି ଦେବା ଆମର ଅଭ୍ୟାସ ହୋଇଗଲାଣି। ଏହି ଉପାୟରେ ଆମେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ହ୍ରାସ କରିବାରେ ଏବଂ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବା। ଏବେ ସମୟ ଆସିଛି ଯେତେବେଳେ ଆମେ ଏକାଠି ହୋଇ ପ୍ଲାଷ୍ଟିକ୍ ପ୍ରଦୂଷଣର ଏହି ରାକ୍ଷସକୁ ସାମ୍ନା କରିବା ଆବଶ୍ୟକ। ଯଦି ଆମେ ସମସ୍ତେ ଏହି ଉଲ୍ଲେଖିତ ପଦକ୍ଷେପ ଗ୍ରହଣ କରୁ, ପ୍ଲାଷ୍ଟିକ୍ ପ୍ରଦୂଷଣର ସ୍ତରକୁ ହ୍ରାସ କରି ଆମେ ଏହାକୁ ସହଜରେ ନିୟନ୍ତ୍ରଣ କରିପାରିବା। ସମାଜର ପ୍ରତିଟି ବ୍ୟକ୍ତି ପ୍ଲାଷ୍ଟିକ ପରିଚାଳନା ପ୍ରତି ଜାଗ୍ରତ ହେବାକୁ ପଡିବ, ନଚେତ୍ ଏଇ ପ୍ଲାଷ୍ଟିକ୍ ଆମ ପୃଥିବୀ ଧ୍ୱଂସାବିମୁଖି ଏକ ପ୍ରମୁଖ ଅଂଶୀଦାର ସାଜିବ। କାରଣ ଆମେ ନିଶ୍ଚୟ ଲକ୍ଷ୍ୟ କରିଥିବା ଅନେକ ପ୍ଲାଷ୍ଟିକ୍ ପରିଚାଳନା ଜମା ବି ଧ୍ୟାନ ଦିଅନ୍ତି ନାହିଁ। ପରିବେଶ ଧ୍ୱଂସାଭିମୁଖିର କାରଣ ଆମମାନଙ୍କ ମଧ୍ୟରୁ ହିଁ ରହିଛୁ ଯାହା ଧରିତ୍ରୀ ମା' ପାଇଁ କଷ୍ଟଦାୟକ।

# ଭାଷା ଓ ସଂସ୍କୃତି ପ୍ରିୟ ନରସିଂହ ନନ୍ଦ

**ବିମଳା ସିଂହ**
ସମ୍ପାଦିକା, ଗୋଧୂଳି ସାହିତ୍ୟ ସଂସଦ
ମୋ : ୯୪୩୮୦୧୩୧୯୩

ଜଣେ ନିରଳସ ସାହିତ୍ୟିକ, ସାର୍ଥକ ସଂସ୍କୃତି ପ୍ରେମୀ ବିଭୂତିରେ ସମୃଦ୍ଧ, ଜଣେ ସିଦ୍ଧହସ୍ତ ସଂଗଠକ, ମିଷ୍ଟଭାଷୀ, ବନ୍ଧୁବତ୍ସଳ, ପ୍ରେମୀ ସର୍ବୋପରି ଜଣେ ଭଲ ମଣିଷ ଭାବରେ ମୋ ସାହିତ୍ୟ ଜୀବନର ଗତିପଥରେ ମୁଁ ଦିନେ ଭେଟିଥିଲି ଗୋଦାବରୀଶ ସାହିତ୍ୟ ସଂସଦର ସଭାଗୃହରେ ଦୀର୍ଘ କୋଡ଼ିଏ ବର୍ଷ ତଳେ ଯାହାଙ୍କୁ, ସେ ଆଜି ପର୍ଯ୍ୟନ୍ତ ମୋ ହୃଦୟ ଭିତରେ ବଞ୍ଚି ରହିଛନ୍ତି ତାଙ୍କର ଅବର୍ତ୍ତମାନରେ ମଧ୍ୟ। ସେ ଆଉ କେହି ନୁହଁ, ଆମ ସମସ୍ତଙ୍କର ଅତିପ୍ରିୟ ନରସିଂହ ନନ୍ଦ ଯାହାଙ୍କର ଜୀବନ ବିତୁଥିଲା ନିଜ ମାତୃଭାଷା ଓ ସଂସ୍କୃତିର ଉତ୍ତୋରତର ଉନ୍ନତି ପାଇଁ।

କଥାରେ ଅଛି ସମୟ କାହାକୁ ଅପେକ୍ଷା କରେନି। ନିଜ ଜୀବନକାଳ ମଧ୍ୟରେ କରିଯାଇଥିବା କର୍ମମାନ ଓ ସମୟ ପରିସ୍ଥିତି ସହିତ ତାଳ ଦେଇ ମନ, ପ୍ରାଣ ଢାଳି ଦେଇ ସମସ୍ତଙ୍କର ଉନ୍ନତି ପାଇଁ ଲଢ଼େଇ ବନ୍ଧୁକରେ ନୁହେଁ କାଗଜ କଲମରେ କରିଥିବା ବ୍ୟକ୍ତି ହିଁ ସେହି ସମୟ ଛାତିରେ ଆଙ୍କି ଦେଇଥାଏ ଅଭୁଲା, ଅଲିଭା ଚିତ୍ରଟିଏ ଯାହାକୁ ସମୟ ହିଁ ବଳବାନ କରିଦିଏ ସ୍ମୃତିର ରେଖାଟିଏ ଟାଣିଦେଇ। ଆଉ ପର ପୀଢ଼ିରେ ଖୋଜୁଥାଏ ସେହି ଅଭୁଲା ସ୍ମୃତିର ପଦଚିହ୍ନକୁ। ଜନ୍ମ ୧୯୩୫ ମସିହା ଜାନୁୟାରୀ ୧୮ ତାରିଖ, ମୃତ୍ୟୁ ୨୭।୧୧।୨୦୧୧; ଦୀର୍ଘ ୭୫ ବର୍ଷର ଅବଧି। ଜୀବନ ଜିଇବାର ଦୀର୍ଘପଥ। ତା'ରି ଭିତରେ ଅନେକ ଅନୁଷ୍ଠାନ ଗଢ଼ିବା, ନାଟକ ରଚନା କରିବା, ଭାଷାକୁ ବଞ୍ଚାଇବା, ଓଡ଼ିଆ ଭାଷାରେ ଓଡ଼ିଶା ସରକାର ଶାସନ ଚଳାଇବା, ସଂକୀର୍ତ୍ତନର ପ୍ରଚାର ପ୍ରସାର କରିବା, ଅଭିନୟ କରିବା, ସଂଗଠନ କରିବା, କାଗଜ କଲମ ପୃଷ୍ଠାରେ ନିଜର ଅନୁଭୂତିକୁ ସାଇତି ରଖିବା, ଅନେକ ଅନୁଷ୍ଠାନର କର୍ମକର୍ତ୍ତା ରହିବା ଜଣେ ବ୍ୟକ୍ତିପକ୍ଷରେ ସମ୍ଭବ ନହେଲେ ମଧ୍ୟ ସମ୍ଭବ ହୋଇଥିଲା ଏହି ଭାଷା ଓ ସଂସ୍କୃତି ପ୍ରେମୀ ନରସିଂହ ନନ୍ଦଙ୍କ ପକ୍ଷରେ। କର୍ପୂର ଉଡ଼ି ଯାଇଛି ସିନା କନା ଖଣ୍ଡିକ ପଡ଼ି ରହିଛି। ତାଙ୍କ ହାତଗଢ଼ା ଯେତେ ଅନୁଷ୍ଠାନ ଭିତରେ ଭାଷା ସାହିତ୍ୟର ବିକାଶ ପାଇଁ ଗଢ଼ିଥିବା "ଗୋଦାବରୀଶ ସାହିତ୍ୟ ସଂସଦ'' ତାଙ୍କର ଅମ୍ଳାନ କୀର୍ତ୍ତି ଯେଉଁଠି ଭେଟିଥିଲି ଦିନେ କବିତାଟିଏ ପଢ଼ିବାକୁ ଯାଇ ଏହି ପୁଣ୍ୟ ବ୍ୟକ୍ତି ସଭାଙ୍କୁ। ହସ ହସ ମୁହଁ, ଧୀର ଚାଲି, ସମସ୍ତଙ୍କୁ ସାଦରେ ପାଛୋଟି ନେବାର ଅଭିବ୍ୟକ୍ତି, ଆଜି ବି ମନେପଡ଼େ ମୋ'ର। କାହିଁକି କେଜାଣି ମୋ'ଠାରୁ ଯେଉଁମାନେ ବଡ଼ ସମସ୍ତଙ୍କୁ ଡାକେ ବଡ଼ଭାଇର ସମ୍ମାନ ଦେଇ କିନ୍ତୁ ଏଇଠି ବ୍ୟତିକ୍ରମ ଥିଲା ମୋର। ମୁଁ "ମଉସା'' ବୋଲି ସମ୍ବୋଧନ କରିଥିଲି ଏଇ ମହାନ୍ ବ୍ୟକ୍ତି ନରସିଂହ ନନ୍ଦଙ୍କୁ ସେ ମଧ୍ୟ ବହୁତ ଭଲ ପାଉଥିଲେ। ମୋର କବିତା ପଢ଼ିବାର ପାଳି ପଡ଼ିଲେ ନିଜେ ଖୁବ୍ ମନଧ୍ୟାନ ଦେଇ ଶୁଣୁଥିଲେ ଏବଂ ପରିଶେଷରେ ମୋ କବିତା ଉପରେ ମୋତେ ଦିଗ୍‌ଦର୍ଶନ ଦେଉଥିଲେ ମଧ୍ୟ। ସରକାରୀ ଚାକିରି ଭିତରେ ଅନୁଷ୍ଠାନ ଗଢ଼ିବା, ସେଗୁଡ଼ିକର ରକ୍ଷଣାବେକ୍ଷଣ, ସମୃଦ୍ଧି ଇତ୍ୟାଦି ଚିନ୍ତା କରିବା, "ମାନବ ସେବା ହିଁ ମାଧବ ସେବା''ର କୃତୀ ହୋଇ ସାଂସ୍କୃତିକ ଧାରା ଭିତରେ ନିଜକୁ ହଜାଇ ଦେବା ତାଙ୍କର ଥିଲା ଦୈନନ୍ଦିନ ଜୀବନଚର୍ଯ୍ୟାର ଅଂଶବିଶେଷ। ତାଙ୍କ ସଂସ୍ପର୍ଶରେ ଯିଏ ଆସିଛି, ତାଙ୍କର ବ୍ୟକ୍ତିତ୍ୱ ବିଷୟରେ ଯିଏ ତାଙ୍କର କର୍ମାବଳୀକୁ ଅନୁଧ୍ୟାନ କରିଛି ସେହି ଜାଣେ ତାଙ୍କର ଜୀବନ ଏ ସମାଜ ପାଇଁ କେତେ ମୂଲ୍ୟବାନ୍ ଥିଲା। ତାଙ୍କର ଆଦର୍ଶ ଥିଲା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଏହି ନିରହଂକାର ବ୍ୟକ୍ତିତ୍ୱଙ୍କୁ ଦେଖିଲେ ମୁଣ୍ଡ ଆପେ ଆପେ ନଇଁଯାଏ।

ଆଜି ତାଙ୍କର ଶ୍ରାଦ୍ଧ ଦିବସ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ତାଙ୍କର ସୁପୁତ୍ରମାନେ ପୂଜ୍ୟପୂଜାକୁ ଆଦରି ନେଇ ସ୍ମୃତି ସଂସଦ ମାଧ୍ୟମରେ ଆମକୁ ତାଙ୍କର ଗୁଣଗାନ କରିବାର ସୁଯୋଗ ଦେଇଛନ୍ତି। ମୋର ମଧ୍ୟ ସୌଭାଗ୍ୟ "ଗୋଧୂଳି'' ସାହିତ୍ୟ ସଂସଦର ସଂପାଦିକା ଭାବରେ ଏଭଳି ଏକ ପବିତ୍ର କାମରେ ନିଜକୁ ସାମିଲ କରାଇ ପାରିଥିବାରୁ। ଯଦି ପ୍ରତ୍ୟେକ ବ୍ୟକ୍ତି ତା' ଜୀବନକାଳ ଭିତରେ ସମାଜର ହିତ ପାଇଁ, ଭାଷାର ଉନ୍ନତି ପାଇଁ ସଂସ୍କୃତିର ସୁରକ୍ଷା ପାଇଁ କାମ ନ କଲ ତେବେ ଏ ଜୀବନ ଖାଲି ଖାଇବା ପାଇଁ ବଞ୍ଚିବା ସଦୃଶ ହୋଇଥାଏ। କିନ୍ତୁ ଜଣେ ଆଦର୍ଶବାଦ ବ୍ୟକ୍ତିଙ୍କ ପଥକୁ ଅନୁସରଣ କରି ଯଦି ଜୀବନରେ କିଛି ନିଜ ଭାଷା, ସଂସ୍କୃତି ପାଇଁ କିଛି କରିପାରିଲେ ଯାହା କରିଯାଇଛନ୍ତି ନରସିଂହ ନନ୍ଦ, ଯିଏ ପାଲଟିଛନ୍ତି ଆମର ପ୍ରେରଣାଦାତା, ଆମର ଆଦର୍ଶ ତେବେ ଯାଇ ନିଜ ଜୀବନକୁ ସାର୍ଥକ କରାଇପାରିବ ଏବଂ ନରସିଂହ ନନ୍ଦଙ୍କ ପରି ଅମ୍ଳାନ ତାରକାଟିଏ ହୋଇ ଜନମାନସରେ ପ୍ରତ୍ୟେକ ମଣିଷର ହୃଦୟ ଆକାଶରେ ତାରା ଭଳି ତାରାଟିଏ ହୋଇ ସୂର୍ଯ୍ୟଙ୍କ ପରି ନହେଲେ ମଧ୍ୟ କିଛି ଆଲୋକ ବିଚ୍ଛୁରଣ କରିପାରିବ ଅନ୍ୟକୁ ଆନନ୍ଦ ଦେଇ ଯେଉଁଥିପାଇଁ ଆଜି ନରସିଂହ ନନ୍ଦ ପ୍ରାତଃ ସ୍ମରଣୀୟ ହୋଇ ରହିଛନ୍ତି, ରହିବେ ମଧ୍ୟ ଚିରକାଳ। ମୋର ଶତକୋଟି ପ୍ରଣାମ ଏଇ ଭାଷା ଓ ସଂସ୍କୃତି ପ୍ରେମୀଙ୍କ ପଦାରବିନ୍ଦରେ।



ମାଲକାନଗିର(ଭାସ୍କର ନ୍ୟୁଜ): ମାଲକାନାଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର ଯୋଡାଆମ୍ବ ପ୍ଲୋଲିସ ଓ ମାଲକାନଗିରି ଅବକାରୀ ବିଭାଗ ତରଫରୁ ମିଳିତ ଭାବେ ଯୋଡା ଆମ୍ବ ଥାନା ଅନ୍ତର୍ଗତ ଯୋଡାଆମ୍ବ ପଞ୍ଚାୟତର ପଲାସପଦର ଗ୍ରାମ ପାର୍ଶ୍ୱ ଜଙ୍ଗଲରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ୧୫ ଏକର ଜମିରେ ଚାଷ ହୋଇଥିବା ୨୨,୫୦୦ ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି ଯାହାର ଆନୁମାନିକ ମୂଲ୍ୟ ଦୁଇକୋଟି ପଚିଶ ଲକ୍ଷ ଟଙ୍କା। ଏନେଇ ଅବକାରୀ ବିଭାଗ ତରଫରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ଗଞ୍ଜେଇ ଚାଷ ହୋଇଥିବା ଜମିର ଯାଞ୍ଚ କରାଯାଇ ରିପୋର୍ଟ ଦେବାକୁ ରାଜସ୍ୱ ବିଭାଗ କୁ ଅନୁରୋଧ କରାଯାଇଛି। ରିପୋର୍ଟ ମିଳିବା ପରେ ଅବକାରୀ ଓ ପୁଲିସ ବିଭାଗ ତରଫରୁ ଚାଷୀକୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଚଢ଼ଉ ସମୟରେ ଅବକାରୀ ବିଭାଗ ତରଫରୁ ଅବକାରୀ ଉପ ଅଧିକ୍ଷକ ଟଙ୍କଧର ଭୋଇ, ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ବଳ, ସବ୍ ଇନ୍ସପେକ୍ଟର ଅଶେଷ କୁମାର ନାୟକ, ଅମିୟ କୁମାର ଖଞ୍ଜା, ଦୀପକ କୁମାର ସାମଲ, ରମେଶ ଚନ୍ଦ୍ର ସାହୁକାର ଏଏସଆଇ ରାମଚନ୍ଦ୍ର ହନ୍ତାଳ, ଜେମେସ ମାଲଖମ୍ ସାହୁ ଉପସ୍ଥିତ ଥିଲେ। ପୋଲିସ ବିଭାଗ ତରଫରୁ ଯୋଡା ଆମ୍ବ ଥାନାଅଧିକାରୀ ସଞ୍ଜୟ କୁମାର ପଦସେଠୀ ଏବଂ ଅନ୍ୟାନ୍ୟ ପୁଲିସ କର୍ମଚାରୀ, ଡିଭିଏଫ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍ ସମ୍ମୁଖରେ ସିଏସ୍ଏସ୍ ମହିଳା କର୍ମଚାରୀଙ୍କ ଧାରଣା



ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟରତ ସିଏସଏସ ମହିଳା କର୍ମଚାରୀମାନେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ସିଏସଏସ କାର୍ଯ୍ୟରତ ମହିଳା ଯଥା ୧୮ ଜଣ ଏମବିକେ, ୭ଜଣ ବ୍ୟାଙ୍କ ମିତ୍ର, ୩୬ ଜଣ ସିଆରପି ଓ ସିଏମ, ୩୧ ଜଣ କୃଷିମିତ୍ର, ୧୮ ଜଣ ପ୍ରାଣୀମିତ୍ର କର୍ମଚାରୀ ୨୦୨୩ ମସିହା ଏପ୍ରିଲ ମାସରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ଆଠ ମାସ ହେଲା ପାରିଶ୍ରମିକ ପାଇ ନାହାନ୍ତି । ସେହିପରି ସିଆରପି ସିଏମଙ୍କ ବିଗତ ବର୍ଷର ବର୍ଦ୍ଧିତ ଦରମା ମଧ୍ୟ ପାଇନାହାନ୍ତି । ଫଳରେ ଦୀର୍ଘଦିନ ଧରି ଦୈନିନ୍ଦିନ ଜୀବନରେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି କ୍ଷୋଭର ସହ କହିଛନ୍ତି କର୍ମଚାରୀ ସ୍ନେହଲତା ଧଳ, ବିଜୟିନୀ ମହାନ୍ତ, ସୁବର୍ଣ୍ଣ ମହାନ୍ତ, ନମିତା ରାଜ, ଜ୍ୟୋତ୍ସ୍ନା ବେହେରା, ନିବେଦିତା ମହାନ୍ତ, କଳାବତୀ ସିଂ, ଆରତୀ ମହାନ୍ତ, ଜ୍ୟୋସ୍ନାମଣି ପାତ୍ର ଏବଂ ଅନ୍ୟମାନେ । ତେବେ ଏ ବାବଦରେ ଚଳିତ ମାସ ୨୦ ତାରିଖରେ ଲିଖିତ ଭାବେ ମୋରଡା ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ଏବଂ ଆଗାମୀ ସାତଦିନ ମଧ୍ୟରେ ଯଦି ପାରିଶ୍ରମିକ ପ୍ରଦାନ କରାନଯାଏ ତେବେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା । ମାତ୍ର ସାତଦିନ ମଧ୍ୟରେ ପାରିଶ୍ରମିକ ନମିଳିବାରୁ ଆଜି ସମସ୍ତ ସିଏସଏସ କର୍ମଚାରୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି । ଅନ୍ୟପଟେ ମହିଳାଙ୍କୁ ସଶକ୍ତ କରିବା ପାଇଁ ଏହି ମହିଳା କର୍ମଚାରୀମାନେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ସଚେତନ କରି ଏହାର ସୁବିଧା ସୁଯୋଗ ଉପଲବ୍ଧ କରାଇବା ପାଇଁ ଅକ୍ଲାନ୍ତ ପରିଶ୍ରମ କରି ଶେଷରେ ନିଜେ ପାରିଶ୍ରମିକ ନ ପାଇ ହାହୁତାଶା ମଧ୍ୟରେ ପରିବାର ବୋଝ ଉଠାଉଛନ୍ତି । ଏଭଳି ସ୍ଥିତିରେ ରାଜ୍ୟ ସରକାର ଏମାନଙ୍କର ସମସ୍ୟା ହୃଦବୋଧ କରି ସମାଧାନ କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ନଚେତ ଆଗକୁ ଆନ୍ଦୋଳନ ଅଧିକ ତୀବ୍ର ହେବ ବୋଲି ମତ ରଖିଛନ୍ତି ।

# କୋଣାର୍କ ମହୋତ୍ସବ ପାଇଁ ନିମାପଡ଼ାରେ ଉପ-ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ନିମାପଡ଼ା'ନିମାପଡ଼ା କୋଣାର୍କ ମହୋତ୍ସବକୁ ନେଇ ପର୍ଯ୍ୟଟନ ମନ୍ତ୍ରୀ ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ନିମାପଡ଼ା ପୂର୍ତ୍ତ ବଙ୍ଗଳା ଠାରେ ଏକ ସମୀକ୍ଷା ବୈଠକ ଡ଼କାଇଥିବା ବେଳେ ଏହି ବୈଠକରେ ନିମାପଡ଼ା ପୋଲିସ ଉପଖଣ୍ଡ ଅଞ୍ଚଳରେ ଥିବା ସମସ୍ତ ଥାନାର ଅଧିକାରୀମାନେ ଯୋଗ ଦେଇଥିଲେ । କିପରି ଶାନ୍ତିଶୃଙ୍ଖଳା ସହ ଏହି ପ୍ରସିଦ୍ଧ ମହୋତ୍ସବଟି ପାଳନ କରାଯିବ ସେ ସଂପର୍କରେ ଉପ-ମୁଖ୍ୟମନ୍ତ୍ରୀ ପୋଲିସ ବିଭାଗକୁ ପରାମର୍ଶ ଦେଇଥିଲେ । ମିଳିଥିବା ସୂଚନା ଅନୁଯାୟୀ, ୩ ଦିନ କୋଣାର୍କ ମହୋତ୍ସବ ବାକି ଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୂର୍ତ୍ତ ବିଭାଗ ଡ଼ାକ ବଙ୍ଗଳାରେ ଏକ ସମୀକ୍ଷା ବୈଠକ ଡ଼କାଇଥିଲେ । ବୈଠକରେ ନିମାପଡ଼ା ପୋଲିସ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ, ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ, ଚାରିଛକ ଥାନାଧିକାରୀ ମମତାରାଣୀ ବିଶ୍ୱାଳ, କାକଟପୁର ପ୍ରମୋଦ ସେଠୀ, ଅସ୍ତରଙ୍ଗ ମେରାଇନ୍ ଥାନା, କୋଣାର୍କ, ଗୋପ ଚନ୍ଦ୍ରଭାଗା ଆଦି ସମସ୍ତ ଥାନାର ଅଧିକାରୀମାନେ ଯୋଗ ଦେଇଥିଲେ । କିପରି ଶାନ୍ତିଶୃଙ୍ଖଳା ସହ ବିଶ୍ୱ ପର୍ଯ୍ୟଟନ ମହୋତ୍ସବ ପାଳନ କରାଯିବ ସେ ସଂପର୍କରେ ଆଲୋଚନା କରାଯାଇଥିଲା ।

## ଆନ୍ଧ୍ରପ୍ରଦେଶରେ ଭାପୁର ଯୁବକଙ୍କ ମୃତ୍ୟୁ

ଭାପୁର(ଭାସ୍କର ନ୍ୟୁଜ): ଗାଡ଼ି ଚାଳକ ମାନେ ପେଟପାଟଣା ପାଇଁ ନିଜ ଜୀବନକୁ ବାଜି ଲଗେଇ ଗାଡ଼ି ମାଲିକଙ୍କୁ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେଉଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁବରଣ ହେଲେ ଚାଳକଙ୍କ ପରିବାର ଛାରଖାର ହୋଇଯାଏ । ଏହିଭଳି ଏକ ଦୁଃଖଦ ଖବର ଘଟିଛି ଭାପୁର ବ୍ଲକ କଇଁଫୁଲିଆ ଗ୍ରାମର ଆପର୍ତ୍ତି ଜେନାଙ୍କ ପରିବାରରେ । ଘଟଣାରୁ ପ୍ରକାଶ, ଅପର୍ତ୍ତୀ ଜେନାଙ୍କ ପୁଅ ସୁରେଶ ଜେନା(୩୮) ଡ୍ରାଇଭର ରୂପେ କାର୍ଯ୍ୟ କରୁଥିବା ବେଳେ ସୋମବାର ରାତିରେ କଟକ ଟ୍ରାନ୍ସପୋର୍ଟରୁ ଟ୍ରକ୍‌ରେ ମାଲ୍ ଲୋଡ କରି ବାଙ୍ଗାଲୋର ଅଭିମୁଖେ ବାହାରିଥିଲେ । କିନ୍ତୁ ବାଟରେ ଯମ ଛକି ରହିଛି ବୋଲି ତାଙ୍କୁ ଜଣାନାହିଁ । ମଙ୍ଗଳବାର ଭୋର୍ ୩ଟା ସମୟରେ ତାଙ୍କ ଟ୍ରକ୍ ଆନ୍ଧ୍ରପ୍ରଦେଶର କାକିନାଡ଼ା ଜିଲ୍ଲା ଆନ୍ନାବରମ୍ ଥାନା ଅନ୍ତର୍ଗତ କାଠୀପୁଦି ଆରଟିଓ କାର୍ଯ୍ୟାଳୟ ନିକଟରେ ଦୁର୍ଘଟଣା ଘଟି ମୃତ୍ୟୁବରଣ କରିଛନ୍ତି । ଘଟଣାରୁ ଜଣାପଡିଛି, ତାଙ୍କ ଟ୍ରକ୍ ସାମନାରେ ଏକ ଟ୍ରଲର ଯାଉଥିଲା ଏବଂ ପଛପଟୁ ଅନ୍ୟ ଏକ ଟ୍ରକ ସୁରେଶଙ୍କ ଟ୍ରକ୍‌କୁ ପାସ୍ କରୁଥିବା ବେଳେ ସୁରେଶ ବାମପଟ କୁ ସାଇଡ୍ ମାରିବାରୁ ତାଙ୍କ ସାମନାରେ ଯାଉଥିବା ଟ୍ରଲର ବ୍ରେକ ଦେଇଥିଲା ଏବଂ ସୁରେଶଙ୍କ ଟ୍ରକ୍ ଟ୍ରଲର ପଛପଟେ ଧକ୍କା ହୋଇଥିଲା । ଫଳରେ ସୁରେଶ ଚାପି ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ । ଖବରପାଇ ସୁରେଶଙ୍କ ପରିବାର, ଭାପୁର ବ୍ଲକ ଡ୍ରାଇଭର ମହସଂଘର ସଭାପତି ସନ୍ତୋଷ କୁମାର ଜେନା ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଉଲ୍ଲେଖଯୋଗ୍ୟ, ସୁରେଶଙ୍କ ଘରେ ବିଧବା ପତ୍ନୀ, ୧୩ ଓ ୭ବର୍ଷର ଦୁଇ ଝିଅ ଅଛନ୍ତି । ନିହାତି ଗରିବ ଘରର ହୋଇଥିବାରୁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପାଇଁ ଭାପୁର ଅଞ୍ଚଳର ବୁଦ୍ଧିଜୀବି ମାନେ ଦାବି କରିଛନ୍ତି ।

## ଉଚ୍ଛେଦ ପରେ ପୁଣି ଜବରଦଖଲ: କୁମ୍ଭକର୍ଣ୍ଣ ନିଦ୍ରାରେ ପ୍ରଶାସନ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ରାସ୍ତା ପ୍ରଶସ୍ତିକରଣ ଓ ସହରକୁ ସନ୍ଦୌର୍ଯ୍ୟକରଣ ନିମନ୍ତେ ଜବରଦଖଲ ଉଚ୍ଛେଦ ହୋଇଥିବା ବେଳେ ଚାରିଟିକିଆ ରାସ୍ତା କାମ ନ ସରୁଣୁ ଜବରଦଖଲକାରୀ ପୁଣି ରାସ୍ତା କଡ଼ରେ ଥିବା ସରକାରୀ ଜାଗାକୁ ଜବରଦଖଲ କରି ପଲିଥିନି ଜରି ଆଜେବେଷ୍ଟସ୍ ପକାଇ ସହରର ସୌନ୍ଦର୍ଯ୍ୟ ନଷ୍ଟ କରୁଛନ୍ତି । ଏ ସଂପର୍କରେ ନିମାପଡ଼ା ତହସିଲଦାର ଓ ନିମାପଡ଼ା ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବଗତ ଥିଲେ ମଧ୍ୟ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି । ମିଳିଥିବା ସୂଚନା ଅନୁଯାୟୀ, ଦୋଳବେଦୀ ଛକଠାରୁ ତଳଅଣ୍ଡିଆ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଜବରଦଖଲ ଉଚ୍ଛେଦ ପରେ ଚାରିଟିକିଆ ରାସ୍ତା ଓ ସହରର ସନ୍ଦୌର୍ଯ୍ୟକରଣ ପାଇଁ ଏହି ପଦକ୍ଷେପ ପ୍ରଶାସନ ନେଇଥିଲା । ମାତ୍ର କେତେକ ବ୍ୟକ୍ତି ପୁଣି ଜବରଦଖଲ କରିଛନ୍ତି । ବିଶେଷକରି ପୁରୁଣା ମାଛ ମାର୍କେଟ୍ ଦୋଳବେଦୀ ଛକରେ ଜବରଦଖଲ ବଢ଼ି ଚାଲିଛି । ଅନେକ ବ୍ୟକ୍ତି ସେଠାରେ ଘର ନିର୍ମାଣ କରି ଜବରଦଖଲ କରି ଚାଲିଛନ୍ତି । ଯାହାଦ୍ୱାରା ସହରର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି । ଏ ସଂପର୍କରେ ପ୍ରଶାସନ ଅବଗତ ଥାଇ ମଧ୍ୟ କ'ଣ ପାଇଁ ପଦକ୍ଷେପ ନେଉ ନାହିଁ ତାହା ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକଟ କରିଛି । ସେହିପରି କୁଶଭଦ୍ରା ନଦୀବନ୍ଧରେ କେତେକ ବ୍ୟବସାୟୀ ଜବରଦଖଲ କରି ସେଠାରେ ବ୍ୟବସାୟ ଚଳାଇଥିଲେ । ନଦୀବନ୍ଧ ରାସ୍ତା ସଂକୁଚିତ ହେଉଥିବା ବେଳେ ଦୁର୍ଘଟଣା ବୃଦ୍ଧି ପାଉଛି । ଏଠାରେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ମଦ୍ୟପ ଓ ଧଳାଜହର ସେବନ କରୁଥିବା ବ୍ୟକ୍ତିମାନଙ୍କ ବିକଟାଳ ଶବ୍ଦରେ ନିମାପଡ଼ା କମ୍ପି ଉଠୁଛି । ନଦୀବନ୍ଧକୁ ଜବରଦଖଲକାରୀ ମଧ୍ୟ ଛାଡୁନାହାନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି ।

## ଦୁଷ୍କର୍ମକାରୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ମଙ୍ଗଳବାର ଏକ ଦୁଷ୍କର୍ମ ମାମଲାର ବିଚାର କରି ଯୋଶିପୁର ଥାନା ଅନ୍ତର୍ଗତ ବଡପଣ୍ଡାଗଣ୍ଡି ଗ୍ରାମର ଅଭିଯୁକ୍ତ ଲିଟୁନ ରଣାଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ପାଟଣା ଥାନା ଅଞ୍ଚଳର ନବମ ଶ୍ରେଣୀ ଛାତ୍ରୀଙ୍କୁ ୨୦୨୧ମସିହା ସେପ୍ଟେମ୍ବର ୧୨ତାରିଖରେ ଅପହରଣ ନେଇଯାଇଥିଲା । ୨୦ତାରିଖ ସନ୍ଧ୍ୟାରେ ପୀଡିତାଙ୍କୁ ଅଭିଯୁକ୍ତ ଗାଁ ମୁଣ୍ଡରେ ଛାଡି ପଳାଇଯାଉଥିବା ସମୟରେ ତାଙ୍କୁ ଗାଁ ଲୋକେ କାବୁ କରିଥିଲେ । ଏହି ଘଟଣା ବିଷୟରେ ପୀଡିତାଙ୍କୁ ପଚାରିବାରୁ ସେ ବିବାହ ପ୍ରଲୋଭନ ଦେଖାଇ ଭୁବନେଶ୍ୱର ଭଉଣୀ ଘରେ ରଖି ଅନିଚ୍ଛା ସତ୍ତ୍ୱେ ବହୁବାର ଦୁଷ୍କର୍ମ କରିଥିଲା । ଏହି ଘଟଣାକୁ ନେଇ ପୀଡିତାର ବାପା ପାଟଣା ଥାନାରେ ଲିଖିତ ଅଭିଯୋଗ କରିବା ସହ ଅଭିଯୁକ୍ତ ଲିଟୁନକୁ ଥାନାରେ ଜିମା ଦେଇଥିଲେ । ଏହାକୁ ଭିତ୍ତିକରି ପାଟଣା ଥାନା ପୁଲିସ ଏକ ୧୫୪/୨୧ ଦଫା ୩୬୩/୩୬୬/୩୭୬(୨)ଏନ୍ ଓ ୬ ପୋକ୍‌ସୋ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା । ମଙ୍ଗଳବାର ୧୨ଜଣ ସାକ୍ଷୀଙ୍କ ଜମାନବଳୀକୁ ଭିତ୍ତିକରି ଅଭିଯୁକ୍ତ ଲିଟୁନ ରଣାକୁ ଧାରା ୩୬୬ ଓ ୩୭୬(୨)ଏନ ରେ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକ ଦଫାରେ ୧୦ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡାଦେଶ ସହ ପ୍ରତ୍ୟେକ ଦଫାରେ ୧୦ହଜାର ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ସହ ପୀଡିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ସୁପାରିସ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରିଥିଲେ ।

## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ଦିବସ ପାଳିତ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ମଙ୍ଗଳବାର ଦିନ ୭୫ତମ ସମ୍ବିଧାନ ଦିବସ ବନ୍ଦର ପ୍ରଶାସନିକ ଭବନ ସଭାଗୃହ ପରିସରରେ ପାଳିତ ହୋଇଯାଇଛି । ସମ୍ବିଧାନ ପ୍ରଣେତା ଭାରତରତ୍ନ ଡଃ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନଙ୍କ ଉପସ୍ଥିତି ରେ ସମ୍ବିଧାନ ର ମୁଖବନ୍ଧ ପାଠ କରାଇଥିଲେ । ସୂଚନାଥାଉକି, ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ୧୯ ନଭେମ୍ବର ୨୦୧୫ ମସିହାରେ ନାଗରିକଙ୍କ ମଧ୍ୟରେ ସମ୍ବିଧାନ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ୨୬ ନଭେମ୍ବରକୁ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ଭାରତ ସରକାରଙ୍କ ନିଷ୍ପତ୍ତି ଗ୍ରହଣ କରିଥିଲେ । ସେହି ଦିନଠାରୁ ପ୍ରତ୍ୟକ ବର୍ଷ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଦିବସ ପାଳିତ ହୋଇଆସୁଛି ।

## ନାବାଳକଙ୍କୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତଙ୍କୁ ୭ବର୍ଷ କାରାଦଣ୍ଡ

ଯାଜପୁର ତା୨୬.୧୧: ମଙ୍ଗଳବାର ଦିନ ଯାଜପୁର ମାନ୍ୟବର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ସହାୟକ ଦୌରାଜଜ୍ ସର୍ବେଶ୍ୱର ଦାସ, ବରୀ ରାମଚନ୍ଦ୍ରପୁର ଥାନା କେସ ନମ୍ବର ୮୯/୨୦୧୫ଓ ସି, ଟି ୪୩/୨୦୧୬ କୁ ବିଚାର କରି ତିନିଜଣ ଆସାମୀଙ୍କୁ ସାତବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାରୁ ପ୍ରକାଶ ଯେ ଉପରୋକ୍ତ ଥାନା ଅନ୍ତର୍ଗତ ରଜାପୁର ଗ୍ରାମର ନଳିନୀକାନ୍ତ ମହାନ୍ତି ତାଙ୍କ ବାଉଁଶ ବାଡ଼ିରୁ ଗ୍ରାମଦେବତୀଙ୍କ ଘର ନିର୍ମାଣ ପାଇଁ ଦାନ କରିବା ଉଦ୍ଦେଶ୍ୟରେ ବାଉଁଶ କାଟି ରଖିଥିଲେ । ପରଦିନ ତା ୨୩.୦୫.୧୫ ରିଖ ରେ ଗ୍ରାମ ଲୋକ ଯେତେବେଳେ ବାଉଁଶ ଉଠାଇବା ପାଇଁ ଯାଇଛନ୍ତି, ସେହି ସମୟରେ ମୁଦାଲା ଧ୍ରୁବଚରଣ ଜେନା (୭୫), ନୃସିଂହ ଚରଣ ଜେନା (୬୮), ଉଭୟଙ୍କ ପିତା ଗଣିନାଥ ଜେନା ଓ ସୁବାଷ ଜେନା (୪୨), ପିତା ଧ୍ରୁବଚରଣ ଜେନା ଗ୍ରାମ ଲୋକଙ୍କୁ ଫେରାଇ ଦେଇ ମାଲିକଙ୍କୁ ଡାକିବାକୁ କହିଲେ ଏବଂ ମାଲିକ ନ ଆସିଲେ ବାଉଁଶ ଦେବେନାହିଁ ବୋଲି କହିଲେ । ବାଧ ହୋଇ ଗାଁ ଲୋକ ନଳିନୀ ମହାନ୍ତିଙ୍କ ଘରକୁ ଯାଇ ଡାକିଲେ, ସେ ନଥିବାରୁ ତାଙ୍କର ଦୁଇ ନାବାଳକ ପୁତ୍ର ଶୁଭେନ୍ଦୁ ମହାନ୍ତି (୧୪ବର୍ଷ) ଓ ସୁଜିତ୍ କୁମାର ମହାନ୍ତି (୧୨ବର୍ଷ) ଘଟଣା ସ୍ଥଳକୁ ଗାଁ ଲୋକଙ୍କ ସହ ଆସି ପହଞ୍ଚିବା କ୍ଷଣି ଉପର ଲିଖିତ ଆସାମୀମାନେ ପୂର୍ବ ଯୋଜନା ମୁତାବକ ଦୁଇ ନାବାଳକଙ୍କୁ ଠେଙ୍ଗା ଓ କଟୁରୀରେ ଆକ୍ରମଣ କରି ରକ୍ତାକ୍ତ କଲେ । ତାପରେ ସଂପୃକ୍ତ ଗ୍ରାମ ଲୋକଙ୍କ ଦ୍ୱାରା ରାମଚନ୍ଦ୍ରପୁର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତରିତ ହୋଇ ଚିକିତ୍ସା ହୋଇଥିଲେ । ସ୍ଥାନୀୟ ସରପଞ୍ଚ ଘଟଣାର ସମାଧାନ ପାଇଁ ଅଟକାଇବା ପରେ ସମାଧାନ ନ ହେବାରୁ ଦୁଇଦିନ ବିଳମ୍ବରେ ପିଲାଙ୍କ ବାପା ବରି ଥାନାରେ ଏତଲା ଦାଏର କରିଥିଲେ । ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩,୩୪୧,୨୯୪,୫୦୬,୩୦୮ ଓ ୩୪ରେ ଅଭିଯୋଗ ଫର୍ଦ୍ଦ ବରି ପୋଲିସ ଦ୍ୱାରା ଦାଖଲ କରାଯାଇଥିଲା । ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀ ଦାସ ଉକ୍ତ କେସର ଏତଲାକାରୀଙ୍କ ତରଫରୁ ୯ ଜଣ ଓ ଆସାମୀଙ୍କ ପକ୍ଷରୁ ୨ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ୩ଜଣ ଆସାମୀଙ୍କୁ ଧାରା ୩୨୩ରେ ଏକ ବର୍ଷ ଓ ୩୦୮ରେ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ମୋକଦ୍ଦମାକୁ ସରକାରଙ୍କ ତରଫରୁ ସରକାରୀ ଓକିଲ ବିରଜା ପ୍ରସାଦ ପରିଡ଼ା ପରିଚାଳନା କରୁଥିଲେ ।

## ବାଜି ରାଉତ ସ୍ମୃତି ମହାବିଦ୍ୟାଳୟରେ ଏଡ୍ସ ସଚେତନତା ଶିବିର



ଭୁବନ (ଭାସ୍କର ନ୍ୟୁଜ): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ରେଡ ରିବନ୍ କ୍ଲବ ଓ ୟୁଥ୍ ରେଡକ୍ରସ ୟୁନିଟ ତରଫରୁ ଏଡସ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଅଧକ୍ଷ ଅଜିତ କୁମାର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅଧାପକ ପ୍ରଭାତ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ଏଡସ ସଚେତନତା ନିମନ୍ତେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅଧାପକ ପ୍ରଫୁଲ୍ଲ କୁମାର ଭୂୟାଁ, ପାର୍ଥ ସ୍ୱାଇଁ, ସଞ୍ଜୟ ସାହୁ, ସୁବାସ ଚନ୍ଦ୍ର ପତି, ତପନ ସାହୁ, ଦୁର୍ଯ୍ୟୋଧନ ଜେନା, ଦୀପକ ପ୍ରଧାନ, ଅଧାପିକା ସଂଘମିତ୍ରା ମିଶ୍ର, ଅନ୍ନପୂର୍ଣ୍ଣା ବେହେରା, ଦୀପାରାଣୀ ସାମଲ ପ୍ରମୁଖ ଯୋଗଦେଇ ମହାମାରୀ ଏଡସ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରାଙ୍କ ସମେତ ସୌମ୍ୟ ରଞ୍ଜନ ଧୀର, ପ୍ରଣବ ପରିଡ଼ା, ଶୁଭେନ୍ଦୁ ମହାପାତ୍ର ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

## ଦୁର୍ଘଟଣାରେ ନୃତ୍ୟଗୁରୁ ଗୁରୁତର

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଦୁର୍ଘଟଣାରେ ନୃତ୍ୟଗୁରୁ ଗୁରୁତର ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଧଳେଶ୍ୱର ପଞ୍ଚାୟତ ଅରିଲୋ ଗ୍ରାମର ନୃତ୍ୟଗୁରୁ କୃଷ୍ଣଚନ୍ଦ୍ର ମଲ୍ଲିକ ଏକ ସ୍କୁଟି ଯୋଗେ ମଙ୍ଗଳବାର ମଧ୍ୟାହ୍ନ ସମୟରେ ନିମାପଡ଼ା ଆସୁଥିବା ବେଳେ ନିମାପଡ଼ା-ପିପିଲି ରାସ୍ତା ଦହିଜଙ୍ଗ ଛକ ନିକଟରେ ହଠାତ୍ ମୁଣ୍ଡ ବୁଲାଇ ଦେବାରୁ ରାସ୍ତା ଉପରେ ପଡ଼ି ଯାଇଥିଲେ । ସ୍ଥାନୀୟ କେତେକ ବ୍ୟକ୍ତି ଗୁରୁତର ଆହତ ନୃତ୍ୟଗୁରୁଙ୍କୁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ଆହତଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ମଧ୍ୟ ଚେତା ନ ଫେରିବାରୁ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି । ନିମାପଡ଼ାରେ ନୃତ୍ୟଗୁରୁ ଭାବେ ପରିଚିତ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ଅବସ୍ଥା ଗୁରୁତର ରହିଛି । କିପରି ନୃତ୍ୟଗୁରୁ ଆରୋଗ୍ୟ ଲାଭ କରିବେ ସେ ନେଇ ଛାତ୍ରଛାତ୍ରୀ ଠାକୁରଙ୍କ ନିକଟରେ ଦୀପ ଦାନ କରିଛନ୍ତି । ପ୍ରକାଶ ଥାଉକି, ନୃତ୍ୟଗୁରୁଙ୍କ ଗୋଡ଼ ଭାଙ୍ଗି ଥିବା ବେଳେ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି ।

### କରଞ୍ଜିଆ ନୂତନ ବସ୍‌ଷ୍ଟାଣ୍ଡ ପାଚେରି ଭଙ୍ଗା ଘଟଣା

## ଉପଜିଲ୍ଲାପାଳଙ୍କ ବୈଠକ ବିଫଳ: କିଏ କହୁଛି ମିଛ ?



କରଞ୍ଜିଆ(ଭାସ୍କର ନ୍ୟୁଜ): କରଂଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ସଂଲଗ୍ନ ସ୍ଥାନରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟ ବରାଦ ଅଟକଳରେ ଏକ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି । ତେବେ ଏହି ସ୍ଥାନରେ ନିର୍ମାଣ ହେଇଥିବା ପାଚେରିକୁ ତହସିଲଦାରଙ୍କ ନିର୍ଦ୍ଦେଶରେ ଭଙ୍ଗା ଯାଇଥିବା ଜାଣିବାକୁ ପାଇ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଗତକାଲି ଏକ ଜରୁରିକାଳୀନ ବୈଠକ କରି ତହସିଲଦାରଙ୍କ ବିରୋଧରେ ଏତଲା ଦେଇଥିଲେ । ତେବେ ଏହାର ସମାଧାନ ନିମନ୍ତେ ପାଞ୍ଚପିଡ଼ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ବୈଠକ ଆହ୍ୱାନ କରିଥିଲେ । ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା । ଏଥିରେ କରଞ୍ଜିଆ ଏନଏସି ଅଧ୍ୟକ୍ଷା ପପି ପୃଷ୍ଟି, ଉପାଧ୍ୟକ୍ଷ ସ୍ୱରୂପ କୁମାର୍ ପରିଜା, କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ କୁମାର୍ ନାଏକ, ତହସିଲଦାର ବିଦ୍ୟାଧର ପତି, ଉପଖଣ୍ଡ ପୋଲିସ୍ ଅଧିକାରୀ ସୁବ୍ରତ କୁମାର, ସମସ୍ତ ଓ୍ୱାର୍ଡ କାଉନସିଲର, ସମ୍ପୃକ୍ତ ଠିକାଦାର ଆଲୋଚନା କରିଥିଲେ । ବୈଠକରେ ଠିକାଦାର କାମ ବନ୍ଦ ରଖିବା, ନୂତନ ବସ ଷ୍ଟାଣ୍ଡ ନିମନ୍ତେ ଉପଯୁକ୍ତ ଜାଗା ଦେବାକୁ ନିଷ୍ପତ୍ତି ନିଆଗଲା । ତେବେ ନିର୍ମାଣଧିନ୍ ପାଚେରୀ ଭାଙ୍ଗିବା ବେନିୟମ ବୋଲି ଉପଜିଲ୍ଲାପାଳ ସ୍ୱୀକାର କରିଥିଲେ । ସରକାରି ଟଙ୍କାକୁ କାହା ସ୍ୱାର୍ଥରେ ଜଳାଞ୍ଜଳି ଦିଆଗଲା ତାହା ତଦନ୍ତ ସାପେକ୍ଷ । କରଞ୍ଜିଆ ଘରଇ ବସ ମାଲିକ ସଂଘର ଅରୁଣ ଅଗ୍ରୱାଲ, ବାବି ପୃଷ୍ଟି, ବିବେକାନନ୍ଦ ଦାସ, ଓଏସଆରଟିସିର କର୍ମକର୍ତ୍ତା, ଠିକାଦାର ଉପସ୍ଥିତ ଥିଲେ । ତେବେ ଏହି ଘଟଣାରେ ସତ କହୁଛି କିଏ ଓ ମିଛ କହୁଛି କିଏ ? ଯାହାକି କରଞ୍ଜିଆ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । କାରଣ କଣ୍ଟ୍ରାକ୍ଟର କରୁଣା ସାଗର ଖଟୁଆଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଜାଗା ମାପ କରି ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ମୁଁ ୨୦ଫୁଟରୁ ଉର୍ଦ୍ଧ୍ୱ ପାଚେରୀ ଭାଙ୍ଗିଛି କହୁଥିବା ବେଳେ ଏହାକୁ ତହସିଲଦାର ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି । ତେବେ ଏଠାରେ ପ୍ରଶ୍ନ ଆସେ ଯେ କେହି ତ ଜଣେ ମିଛ କହୁଛନ୍ତି, ଯାହାକି ତଦନ୍ତ ସାପେକ୍ଷ । ନହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବି ଅବମାନନର କରି ଯିଏବି ପାଚେରୀ ଭାଙ୍ଗିଛନ୍ତି ତାଙ୍କୁ ନିହାତି ଦଣ୍ଡ ମିଳିବା ଉଚିତ୍ ।

## ମୋନିଦା କୂଳରେ ଖୋଲିଲା ଚୋରା ବାଲିଘାଟ, ଗ୍ରାମବାସୀ ଅସନ୍ତୁଷ୍ଟ

କଣ୍ଢାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ତହସିଲ ଅଧିନସ୍ତ ଝାରପଡା ପଞ୍ଚାୟତ ମୋନିଦା କୂଳରେ ସୋମବାର ଦିନ ଚୋରା ବାଲିଘାଟ ଖୋଲାଯାଇଛି । ସ୍ଥାନୀୟ ଅଞ୍ଚଳର ଜଣେ ଗାଡି ବ୍ୟବସାୟୀ ମାଲିକ ଏହାର ନେତୃତ୍ୱ ନେଇ କିଛି ଯୁବକଙ୍କୁ ହାତରେ ରଖି ମୋନିଦା କୂଳ କନ୍ଦଳ ନଦୀରୁ ଶହେରୁ ଉର୍ଦ୍ଧ ଟ୍ରିପ ବାଲି ବିକ୍ରି କରିଥିବା ଅଭିଯୋଗ ହୋଇଛି । ଏହି ବ୍ୟକ୍ତି ଜଣକ ସ୍ଥାନୀୟ ପ୍ରଶାସନ ଓ ପୋଲିସଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ଚୋରା ବାଲି ଘାଟ ଖୋଲିଛି । ଅଞ୍ଚଳରେ ସବୁ ବାଲିଘାଟ ବନ୍ଦ ଥିବା ବେଳେ ଏଭଳି ଚୋରା ବାଲିଘାଟ ଖୋଲି ଲକ୍ଷାଧିକ ଟଙ୍କା କମାଉଛି । ଯାହା ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି ହେଉଛି । କଣ୍ଟାପଡା ତହସିଲଦାର, ଗୋବିନ୍ଦପୁର ପୋଲିସ ଓ ମାଇନ୍ସ ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ଭୟଙ୍କର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ଘରୋଇ ଜାଗାରେ ସରକାରୀ ରାସ୍ତା



କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଗୋପାଳ ପୂର ମୌଜାରେ ଥିବା ଏକ ଘରୋଇ ଜାଗାରେ ଚଞ୍ଚକତା କରି ଜୋରଜବରଦସ୍ତ ସରକାରୀ ଅର୍ଥରେ ଢ଼ଳେଇ ରାସ୍ତା ନିର୍ମାଣ କରାଯାଇଛି । ଯାହାକୁ ନେଇ ସ୍ଥିତିବାନ ଜାଗା ଥିବା ପରିବାର ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ମିଳିଥିବା ତଥ୍ୟ ଅନୁଯାୟୀ ଉକ୍ତ ଗ୍ରାମର ପ୍ରତାପ ସ୍ୱାଇଁଙ୍କ ବ୍ୟକ୍ତିଗତ ବିଭିନ୍ନ କିସମ ଜାଗାରେ ସରକାରୀ ଅର୍ଥରେ ସିମେଣ୍ଟ କଂକ୍ରିଟ ରାସ୍ତା କରାଯାଇଛି । ଶ୍ରୀ ସ୍ୱାଇଁ ଅଭିଯୋଗ ଆଣିଛନ୍ତି ତାଙ୍କ ଘରେ କେହି ନଥିବା ବେଳେ ଏହାର ସୁଯୋଗ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ, ପଞ୍ଚାୟତ ଦାଇତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଓ ସ୍ଥାନୀୟ ନେତାଙ୍କ ଉପସ୍ଥିତିରେ ମିଳିତ ଭାବେ ଜୋରଜବରଦସ୍ତ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରି ଉକ୍ତ ଘରୋଇ ଜାଗା ଉପରେ ରାସ୍ତା ନିର୍ମାଣ କରାଯାଇଛି । ଏହି ରାସ୍ତା କାମରେ ବିଲ୍ ହୋଇଯାଇଥିବା କଥା ପଂଚାୟତ ନିର୍ବାହୀ ଅଧିକାରୀ କହୁଥିବା ବେଳେ କନିଷ୍ଠ ଯନ୍ତ୍ରୀଙ୍କ ଉତ୍ତର ବିଲ୍ କରାଯାଇ ନାହିଁ । ଏ ନେଇ କଣ୍ଟାପଡା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ମୁହଁ ଖୋଲୁନଥିବା ବେଳେ ଏତେ ବଡ଼ର ଘୋଟଲାକୁ ଉଚ୍ଚସ୍ତରୀୟ ତଦନ୍ତ କରିବା ନିମନ୍ତେ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବିଡ଼ିଓଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି । ଦରକାର ପଡିଲେ ଓଡିଶାର ଉଚ୍ଚତମ ନ୍ୟାୟାଳୟରେ ମାମଲା ରୁଜୁ କରିବେ ବୋଲି ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି ।

## ଦାବି ହାସଲ ଲାଗି ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ କଲେ ମହିଳା କଣ୍ଡକ୍ଟର



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ହେଉଛି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଜ ଜିଲ୍ଲା ହେଲେ ଗତକାଲି ଠାରୁ ଏହି ଜିଲ୍ଲାର ପାଟଣା ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ବସ୍ ସେବା ପୁରା ଠପ୍ ହୋଇଯାଇଛି । ପାଟଣା ବ୍ଲକ ଅଞ୍ଚଳରେ ମୋଟ ୫ଟି ମୁଖ୍ୟମନ୍ତ୍ରୀ ବସ୍ ଚାଲିଛି । ଏଥିରେ ୧୨ ଜଣ ମହିଳା କଣ୍ଡକ୍ଟର ନିଯୁକ୍ତି ପାଇ ସେବା ଦେଇ ଆସୁଥିଲେ । ହେଲେ ସେମାନେ ନିଜର ୩ଟି ଦାବି ୩ ମାସର ଦରମା ପ୍ରଦାନ, ସେବାରେ ଯୋଗ ଦେଇଥିବାରୁ ଜଏନିଂ ଲେଟର ଓ ସେମାନଙ୍କୁ ପରିଚୟ ପତ୍ର ଆଇ କାର୍ଡ ଯୋଗାଇ ଦେବା ଦାବିରେ ବାଧ ହୋଇ ପ୍ରଶାସନ କିଛି ନଶୁଣିବାରୁ ପାଟଣା ବସଷ୍ଟାଣ୍ଡ ମୁଖ୍ୟ ଫାଟକରେ ଚାବି ପକାଇ ବାହାରେ ବସି ରହି ଧାରଣା ଦେଇଛନ୍ତି । ସେମାନଙ୍କୁ ଚାକିରୀରୁ ବାହାର କରିବାକୁ ଦଲାଲଙ୍କ ଧମକ ଲାଗି ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏହିପରି ଅବ୍ୟବସ୍ଥା ଲାଗି ଯାତ୍ରୀ ନାହିଁନଥିବା ଅସୁବିଧାର ଶିକାର ହେଉଥିବା ବେଳେ ତତ୍କାଳ ଏହାର ସମାଧାନ ଦାବି କରିଛନ୍ତି ।

# ମହୋତ୍ସବରେ ଜନଗହଳି ପାଇଁ ଭଙ୍ଗାଗଲା ଷ୍ଟଲ୍



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଆସନ୍ତା ଡିସେମ୍ବର ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ମାଲକାନଗିରି ସଦର ମହକୁମା ଡିଏନ୍‌କେ ଖେଳପଡିଆରେ ଅନୁଷ୍ଠିତ ହେବ । ଚଳିତବର୍ଷ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ପଡିଆର ଆୟତନ ବୃଦ୍ଧି କରିବା ପାଇଁ ପଡିଆର ଚତୁଃପାର୍ଶ୍ୱରେ ଥିବା ସରକାରୀ ଏବଂ ବେସରକାରୀ ଗୃହ ଏବଂ ଷ୍ଟଲଗୁଡିକୁ ଭାଙ୍ଗିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଗତ ସପ୍ତାହରେ ଟାଗୋର ସୋସାଇଟିର କାର୍ଯ୍ୟାଳୟକୁ ଭଙ୍ଗା ଯାଇଥିବା ବେଳେ ସୋମବାର ଅର୍ଥାତ ଗତକାଲି ଡିଏନ୍‌କେ ଖେଳପଡିଆର ମୁଖ୍ୟ ଫାଟକକୁ ଲାଗି ରହିଥିବା ୪ଟି ଷ୍ଟଲକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି । ଆଗାମୀ ଦିନରେ ଆହୁରି ଅନେକ ଷ୍ଟଲ ଏବଂ ଗୃହ ଭଙ୍ଗାଯିବ ବୋଲି ପ୍ରଶାସନ ତରଫରୁ ସୂଚନା ରହିଥିବା ଜଣାପଡ଼ିଛି । ପ୍ରକାଶ ଥାଉକି, ୨୦୨୨ରେ ମାଲ୍ୟବନ୍ତ ମହୋତ୍ସବରେ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ କାର୍ଯ୍ୟକ୍ରମରେ ଲକ୍ଷାଧିକ ଲୋକଙ୍କ ଜନସମାଗମ ହୋଇଥିବା ବେଳେ ଦଳାଚକଟାରେ ବହୁ ଲୋକ ଆହତ ହୋଇଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ୍ ତଥା ଛତିଶଗଡ ସୁକୁମା, ଦାନ୍ତେୱାଡା ଅଞ୍ଚଳରୁ କାର୍ଯ୍ୟକ୍ରମ ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ଶତାଧିକ ଯାନବାହନକୁ ଜିଲ୍ଲା ପୋଲିସ ପ୍ରଶାସନ ରାସ୍ତାରେ ଅଟକାଇ ଦେଇଥିଲେ । ଫଳରେ ସେମାନେ ନିରାଶ ହୋଇ ଫେରିଯାଇଥିଲେ । ଗତବର୍ଷ ସେଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହେବା ପାଇଁ ଷ୍ଟାଡ଼ିୟମ ପରିସରରେ ମାଲ୍ୟବନ୍ତ ମହୋତ୍ସବ ପାଳନ କରାଯାଇଥିଲା । ଦର୍ଶକଙ୍କ ସୁବିଧା ନିମିତ୍ତ ଚଳିତବର୍ଷ ପୁଣି ଡିଏନ୍‌କେ ପଡ଼ିଆରେ ସୁରୁଖୁରୁରେ ମହୋତ୍ସବ ପାଳନ ପାଇଁ ପଡିଆର ଚତୁଃପାର୍ଶ୍ୱରେ ଥିବା ଘର ଏବଂ ଷ୍ଟଲଗୁଡିକୁ ଭଙ୍ଗାଯାଇ ପଡିଆକୁ ପ୍ରଶସ୍ତ କରାଯାଉଥିବା ଜଣାପଡ଼ିଛି ।

## ରେଢୁଆ ପଞ୍ଚାୟତ କାର୍ଯ୍ୟାଳୟର ନଳକୂପ ଚୋରି

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ନଳକୂପଟିକୁ ରାତିରେ କୌଣସି ଏକ ଦୁର୍ବୃତ୍ତ ଚୋରି କରି ନେଇଯାଇଛି । ରେଢୁଆରେ ଦିନକୁ ଦିନ ଅହେତୁକ ଭାବେ ଚୋରା ନିଶା କାରବାର ବୃଦ୍ଧି ପାଉଥିବାରୁ ଏହି ନଳକୂପଟିକୁ ନିଶାଖୋର ବ୍ୟକ୍ତି ମାନେ ଅର୍ଥ ଅଭାବରୁ ଚୋରିକରି ନେଇଥିବା ଆଲୋଚନା ହେଉଛି । ତେବେ ଏମାନଙ୍କ ପାଇଁ ଏହି ଅଞ୍ଚଳରେ ଘନଘନ ଚୋରି ବୃଦ୍ଧିପାଉଛି । ଗତ କିଛି ମାସ ପୂର୍ବେ ଏହି ଅଞ୍ଚଳରେ ଗୋଟିଏ ରାତିରେ ବିଭିନ୍ନ ସ୍ଥାନରେ ଚୋରି ହୋଇ ରଘୁନାଥପୁର ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା । ବର୍ତ୍ତମାନ ଏହି ଚୋର ଦଳ ସକ୍ରିୟ ହୋଇଥିବାରୁ ରେଢୁଆସୀ ନିଜ ଧନ ଜୀବନକୁ ସୁରକ୍ଷିତ ମଣୁ ନାହାନ୍ତି । ଏଥିପ୍ରତି ରଘୁନାଥପୁର ପୋଲିସ ଓ ଅବକାରି ବିଭାଗ ଦୃଷ୍ଟି ଦେବା ପାଇଁ ଦାବି ହେଉଛି ।

# ୨୬ ଦଫା ଦାବି ନେଇ ଏଡିଏମ୍ ଅଫିସ ଘେରାଉ




ବ୍ୟାସନଗର(ଭାସ୍କର ନ୍ୟୁଜ): ମିଳିତ କେନ୍ଦ୍ରୀୟ ଟ୍ରେଡ୍‌ୟୁନିୟନ ଓ ସଂଯୁକ୍ତ କିଷାନ୍ ମୋର୍ଚ୍ଚା ଆହ୍ୱାନରେ ମଙ୍ଗଳବାର ଦେଶବ୍ୟାପୀ ପ୍ରତିବାଦ ଦିବସ ପରିପ୍ରେକ୍ଷୀରେ ସିଆଇଟିୟୁ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ୨୬ ଦଫା ଦାବି ନେଇ ଏକ ଶୋଭାଯାତ୍ରା ଗୋପବନ୍ଧୁ ଛକ ଠାରୁ ବାହାରି କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏଡିଏମଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଶୋଭାଯାତ୍ରା ପୂର୍ବରୁ ସିଆଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା । ସଭାରେ ସିପିଏମ ଜିଲ୍ଲା ସମ୍ପାଦକ ନିର୍ମଳ ରଥ, ସିଆଇଟିୟୁ ନେତା ସୁରେଶ ସାହୁ, ତ୍ରିଲୋଚନ ରାଉତ, ପାନି କିସ୍କୁ, ସନ୍ତୋଷ ବରାଳ, ପ୍ରମୋଦ ସାହୁ, ମାଳତୀ ହାଁସଦା ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବକ୍ତାମାନେ ମୁଖ୍ୟତଃ କେନ୍ଦ୍ରରେ ନରେନ୍ଦ୍ର ମୋଦୀ ସରକାର ତୃତୀୟ ଥର କ୍ଷମତାସୀନ ହେବା ପରେ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଲଗାମ ହୀନ ଦରବୃଦ୍ଧି ବନ୍ଦ କରିବା, ଖାଦ୍ୟ, ଔଷଧ କୃଷିଜାତ ଦ୍ରବ୍ୟ ଉପରୁ ଜିଏସଟି ପ୍ରତ୍ୟାହାର, କଳିଙ୍ଗନଗର ଶିଳ୍ପାଞ୍ଚଳରେ ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି, ଖାଦ୍ୟ ନିରାପତ୍ତା ଓ ସାର୍ବଜନୀନ ଗଣ ବଣ୍ଟନ ବ୍ୟବସ୍ଥାର ଗ୍ୟାରେଣ୍ଟି କରିବା, ଜାତୀୟ ସର୍ବନିମ୍ନ ମଜୁରୀ ୨୬ହଜାର ଟଙ୍କା କରିବା, ରାଷ୍ଟ୍ରାୟତ ସଂସ୍ଥା ଓ ସରକାରୀ ବିଭାଗର ଘରୋଇକରଣ ବନ୍ଦ କରିବା, ଜାତୀୟ ମୁଦ୍ରିକରଣ ପାଇପ୍ ଲାଇନ୍ ଏନ୍ଏମ୍‌ପି ବାତିଲ କରିବା, କାମ କରିବାର ଅଧିକାରକୁ ମୌଳିକ ଅଧିକାର ଭାବେ ସ୍ୱୀକାର କରିବା ସହିତ ମନରେଗାରେ ଶ୍ରମିକମାନଙ୍କୁ ଦିନକୁ ୬୦୦ଟଙ୍କା ମଜୁରୀ ଓ ବର୍ଷକୁ ୨୦୦ ଦିନର କାମର ଗ୍ୟାରେଣ୍ଟି ଦିଆଯାଉ, ୪ଟି ଶ୍ରମ କୋଡ଼କୁ ପ୍ରତ୍ୟାହାର କରାଯାଉ, ନୂତନ ପେନସନ ସ୍କିମ ଏବଂ ପୁରୁଣା ପେନସନ ସ୍କିମ ଲାଗୁ କରିବା ଓ ସମ୍ବିଧାନର ମୌଳିକ ମୂଲ୍ୟବୋଧ ଉପରେ ଆକ୍ରମଣ ବନ୍ଦ କରିବା, ମାସିକ ଭତ୍ତା ୩୫୦୦ ଟଙ୍କା କରିବା ପ୍ରଭୃତି ଦାବି ଉପସ୍ଥାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରିନା ନାୟକ, କୁନି ସୋରେନ୍, ଗୁରୁବାରୀ ଲାଗୁରୀ, ଡଲି ନାୟକ, ସୁରେଶ ସେଠୀ ପ୍ରମୁଖ ସାମିଲ ହୋଇଥିଲେ ।



ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସରଗି ଫୁଲ କାର୍ଯ୍ୟକ୍ରମରେ ଝୁମିଲା ଗଞ୍ଜାମ ଜିଲ୍ଲା କନିସି ସ୍ଥିତ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ । ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଛାତ୍ରଛାତ୍ରୀମାନେ ଡିବେଟ୍, କୁଇଜ, ସଙ୍ଗ, ଡ୍ୟାନ୍ସ ଓ ପେଣ୍ଟିଂ ପ୍ରତିଯୋଗିତାରେ ଭାଗ ନେଇ ନିଜ ନିଜର ଜଲୱା ଦେଖାଇଥିଲେ । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ଡିଡବ୍ଲୁଓ ସୁରେଶ ଚନ୍ଦ୍ର ଜିତବାବୁ, ଦକ୍ଷିଣାଞ୍ଚଳ ଜୋନର ଉପନିର୍ଦ୍ଦେଶକ ଅଶୋକ କୁମାର ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ । ଗଞ୍ଜାମ ଜିଲ୍ଲାର କୋଣ ଅନୁକୋଣରୁ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ପାଠ ପଢ଼ି ଭଲ ମଣିଷ ହେବାକୁ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ପରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ଛାତ୍ରଛାତ୍ରୀଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରିନ୍ସିପାଲ୍ ଦୟାନିଧି ଦାଶ ପରିଚାଳନା କରିଥିଲେ । ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ । ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ୨୦୧୮ ମସିହାରୁ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟରେ ଶିକ୍ଷାଦାନ ଚାଲିଥିବାବେଳେ ମୋଡେଲ ସ୍କୁଲ ଭାବେ ଏହା ରାଜ୍ୟରେ ବେଶ ପରିଚିତ ।

## ସ୍ୱଚ୍ଛ ଭାରତ ମିଶନ ବାଟବଣା

# କେବେ କାର୍ଯ୍ୟକ୍ଷମ ହେବ ଆବର୍ଜନା ପୃଥକୀକରଣ କେନ୍ଦ୍ର

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଆବର୍ଜନା ପୃଥକୀକରଣ କେନ୍ଦ୍ର ମାନ ନିର୍ମାଣ କରାଯାଇଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠା କୌଣସି କାମରେ ଆସୁନି । ଏହି କୋଠା ଭିତରେ ଆବର୍ଜନା ପୃଥକୀକରଣ ହେବା ପରିବର୍ତ୍ତେ କୋଠା ପରିସର ଓ ବାହାରେ ପ୍ଲାଷ୍ଟିକ୍ ବୋତଲ, ପ୍ଲାଷ୍ଟିକ ଜରି ଏଣେତେଣେ ପଡିଛି ଏବଂ କିଛି କୋଠା ପରିସରରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇରହିଛି । ଫଳରେ ନବନିର୍ମିତ ଏହି କୋଠା ପରିତ୍ୟକ୍ତ ହୋଇପଡ଼ିଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ । ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଏଠାରେ ବାଟବଣା ହୋଇଛି । ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଏହି କେନ୍ଦ୍ର ନିର୍ମାଣ କରାଯାଇଛି, ତାହା ସାଧିତ ହୋଇପାରୁ ନାହିଁ । ପଞ୍ଚାୟତର ବିଭିନ୍ନ ସ୍ଥାନ ଓ ରାସ୍ତାକଡ଼ରେ ଅଳିଆ ଆବର୍ଜନା ପଡ଼ିରହିଛି । ସଫେଇ କରାଯାଉ ନଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବଢିବାରେ ଲାଗିଛି । ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ତରଫରୁ କୋରୁକୋଣ୍ଡା ବ୍ଲକର ୧୨ଗୋଟି ପଞ୍ଚାୟତରେ ଏହି କେନ୍ଦ୍ର ୨୦୨୨-୨୩ ଆର୍ଥିକ ବର୍ଷରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ଆବର୍ଜନା ପୃଥକୀକରଣ କେନ୍ଦ୍ର ମାନ ନିର୍ମାଣ କରାଯାଇଛି । ଗାଁ ଗହଳିରୁ ଅଳିଆ ଆବର୍ଜନ ସଂଗ୍ରହ କରି କେନ୍ଦ୍ରରେ ତାକୁ ପୃଥକୀକରଣ କରାଯିବା କଥା, ତାହା କରାଯାଉନି । ଯାହା ଫଳରେ ଗୃହ ଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି, ଆଉ କେଉଁଠି ଉକ୍ତ ଗୃହ ପଞ୍ଚାୟତର ଗୋଦାମ ଗୃହ ସାଜିଛି ତ ଆଉ କେଉଁଠି ବ୍ୟବହାର ପୂର୍ବରୁ ଛପର ଉଡ଼ିଗଲାଣି । କୋରୁକୋଣ୍ଡା ବ୍ଲକ୍‌ର ୧୨ଗୋଟି ପଞ୍ଚାୟତ ମଧ୍ୟରୁ ସୋମନାଥପୁର, କାମୱାଡା, ନାକାମାମୁଡ଼ି, ନୀଳାକାମ୍ବେରୁ, ଚିତାପାରି -୩, ଡୁଡାମେଟା, ପୁରୁଣା ଚିମଟାପାଲ୍ଲୀ, ତାର୍ଲାକୋଟା, ତୁମ୍ବାପାଲ୍ଲୀ ପଞ୍ଚାୟତର ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ କୌଣସି ଗୋଟିଏ ମଧ୍ୟ ପଞ୍ଚାୟତରେ ବ୍ୟବହାର ଉପଯୋଗୀ ହୋଇପାରି ନାହିଁ, ଏଥି ସହ ସୋମନାଥପୁର ପଞ୍ଚାୟତରେ ଥିବା ଏହି ଗୃହଟିର ବ୍ୟବହାର ପୂର୍ବରୁ ଉଡ଼ିଲା ଛପର । ଡୁଡ଼ାମେଟା ପଞ୍ଚାୟତରେ ଥିବା ଉକ୍ତ ଗୃହଟି ଗ୍ରାମବାସୀଙ୍କ ଗୋଦାମ ଘର ସାଜିଥିବା ସୂଚନା ମିଳିଛି । ପୋଟ୍ରେଲ ଏବଂ ମାରିୱାଡ଼ା ପଞ୍ଚାୟତରେ ଦୀର୍ଘଦିନ ହେବ ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଧା ଶେଷ ହୋଇନାହିଁ। ବିଭିନ୍ନ କାରଣ ଯୋଗୁଁ କୋରୁକୋଣ୍ଡା ପଞ୍ଚାୟତର ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇ ନାହିଁ । ସ୍ୱଚ୍ଛ ଭାରତ ନାଁରେ ସରକାରୀ ଅର୍ଥ ଏଭଳି ଶ୍ରାଦ୍ଧ କରାଯାଉଛି, ଅଥଚ କୌଣସି କାମରେ ଆସୁନି । ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ସରକାରୀ ଅର୍ଥ ଏଭଳି ବରବାଦ କରାଯାଇଛି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଲାଗି ଦାବି ହୋଇଛି । ଏନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ୍ ମିଶ୍ରଙ୍କୁ ପଚରିବାରୁ ସେ ଉକ୍ତ କମ୍ପୋଷ୍ଟ ଘରକୁ ରାସ୍ତା ନଥିବାରୁ ଏହାର ପରିଚାଳନା କାର୍ଯ୍ୟ ଆରମ୍ଭ ହୋଇ ନାହିଁ ବୋଲି ସ୍ୱୀକାର କରିଛନ୍ତି । ମନରେଗା ଯୋଜନା ମାଧ୍ୟମରେ କେନ୍ଦ୍ରକୁ ରାସ୍ତା ନିର୍ମାଣ କରାଯାଇ ୨ମାସ ଭିତରେ ଏହି ଆବର୍ଜନା ପୃଥକୀକରଣ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି । ଏହି ଆବର୍ଜନା ପୃଥକୀକରଣ କେନ୍ଦ୍ର ନିମନ୍ତେ କୋରୁକୋଣ୍ଡା ବ୍ଲକ୍‌ର ୧୨ଗୋଟି ପଞ୍ଚାୟତକୁ ୨ଟି ଲେଖାଏଁ ଆବର୍ଜନା ସଂଗ୍ରହ ଯାନ ବ୍ଲକ୍ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ଲକ୍ଷାଧିକ ଟଙ୍କାରେ କିଣା ଯାଇଥିଲା, କିନ୍ତୁ ତାହା ବ୍ୟବହାର ହେଉନଥିବାରୁ ସେଗୁଡିକୁ ମଧ୍ୟ ନଷ୍ଟ ହେବାରେ ବସିଲାଣି ।



## ଅରଡ଼ିଆପଦା-ଅନନ୍ତପୁର ରାସ୍ତା ଅଧାପନ୍ତରିଆ



ଫୁଲନଖରା, (ଭାସ୍କର ନ୍ୟୁଜ): କଟକ ନୂଆବଜାର ଗ୍ରାମ୍ୟ ଉନ୍ନୟନ ବିଭାଜନ ଅଧିନସ୍ଥ ଅରଡ଼ିଆପଦା-ଅନନ୍ତପୁର ରାସ୍ତାର ଏକ ପାର୍ଟ ରାସ୍ତା ଆମଣପଡ଼ା-କାଶୀବଜାର ଭାୟା ଚାମରପଡ଼ା ରହିଛି । ଏହି ମୂଳ ରାସ୍ତାଟି ଅରଡ଼ିଆପଦା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟରୁ ଆରମ୍ଭ ହୋଇ ଡିହସାହି ଦେଇ ଅନନ୍ତପୁର ସହିତ ସଂଯୋଗ ହୋଇଛି । ଦୀର୍ଘ ୪ ବର୍ଷ ହେଲା ଏହି ରାସ୍ତାର ରକ୍ଷଣାବେକ୍ଷଣ ନହେବା ଫଳରେ ରାସ୍ତା ଶତକଡ଼ା ୯୦ ଭାଗ ଭାଙ୍ଗିରୁଜି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଭାଗ ପକ୍ଷରୁ ପାଖାପାଖି ୧ କୋଟି ଟଙ୍କା ବ୍ୟୟରେ ଏହାର ଉନ୍ନତିକରଣ ପାଇଁ ଟେଣ୍ଡର ହୋଇଥିଲା । ଜନୈକ ଠିକାଦାର ଶତକଡ଼ା ୧୫ ପ୍ରତିଶତ କମ୍ ମୂଲ୍ୟରେ ଟେଣ୍ଡର ହାତେଇ ନେଇଥିଲେ । ଗତ ଫେବୃଆରୀ ମାସରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା । ରାସ୍ତାରୁ ପୁରୁଣା ପିଚୁ ଉଠାଇ କଳା ମେଟାଲ ଓ ଡଷ୍ଟ ପକାଇ ରୋଲିଙ୍ଗ କରିଥିଲେ । ମାତ୍ର କାର୍ଯ୍ୟ ସେତିକିରେ ସୀମିତ ରହିଛି । ଗତ ୧୦ ମାସ ହେବ ଉକ୍ତ କାର୍ଯ୍ୟ ବନ୍ଦ ରହିଥିବା ଦେଖାଯାଇଛି । ଫଳରେ ରାସ୍ତାରେ ପଡ଼ିଥିବା ଡଷ୍ଟ ଯାନବାହନ ଯାତାୟାତ ଜନିତ କାରଣରୁ ସେଗୁଡ଼ିକ ଉଡ଼ି ଘରଦ୍ୱାର ପ୍ରଦୂଷଣ ହେବା ସହିତ ଯାତ୍ରୀମାନେ ମଧ୍ୟ ହଇରାଣ ହେଉଛନ୍ତି । ଏ ସଂକ୍ରାନ୍ତରେ ଅଞ୍ଚଳବାସୀ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇଲା ପରେ ସେ ସମ୍ପୃକ୍ତ ଠିକାଦାରଙ୍କୁ କାମ ଆରମ୍ଭ ପାଇଁ ତାଗିଦ କରିଥିଲେ ମଧ୍ୟ ଠିକାଦାର କାମ ଆରମ୍ଭ କରୁନଥିବା କହି ନିଜର ନୈରାଶଭାବ ପ୍ରକାଶ କରିଥିଲେ । ଏଠାରେ ପ୍ରଶ୍ନ ଉଠେ କି ଠିକାଦାରମାନେ ଲୋଭର ବଶବର୍ତ୍ତୀ ହୋଇ କମ୍ ମୂଲ୍ୟରେ ଟେଣ୍ଡର କାର୍ଯ୍ୟ ହାତେଇ ଦୀର୍ଘଦିନ ଧରି କାମ ପକାଇ ରଖିବା ପାଇଁ ଦାୟୀ କିଏ? ଏ କ୍ଷେତ୍ରରେ ବିଭାଗୀୟ ଉଚ୍ଚ ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରି ବନ୍ଦ ପଡ଼ିଥିବା କାର୍ଯ୍ୟକୁ ଯଥାଶୀଘ୍ର ଆରମ୍ଭ କରିବାକୁ ପଦକ୍ଷେପ ଗ୍ରହଣ କରିବା ସହିତ ଆବଶ୍ୟକସ୍ଥଳେ ଠିକାଦାରଙ୍କ କାର୍ଯ୍ୟାଦେଶ ବାତିଲ କରି ନୂତନ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି ।

## ହିଂସା ବିରୁଦ୍ଧରେ ସଚେତନତା ଅଭିଯାନ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,(ଭାସ୍କର ନ୍ୟୁଜ): ଷୋହଳ ଦିନିଆ ଲିଙ୍ଗଭିତ୍ତିକ ହିଂସା ବିରୁଦ୍ଧରେ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି । ଆସନ୍ତା ୧୦ ଡ଼ିସେମ୍ବର ପର୍ଯ୍ୟନ୍ତ ମହିଳା ଓ ବାଳିକାଙ୍କ ପ୍ରତି ହେଉଥିବା ହିଂସା ବିରୁଦ୍ଧରେ ମିଶନ ଶକ୍ତି ଗୃହ ଝାରସୁଗୁଡାଠାରେ ଷୋହଳ ଦିନିଆ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ମଙ୍ଗଳବାର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଝାରସୁଗୁଡା (ସମାଜ ମଙ୍ଗଳ ବିଭାଗ) ପକ୍ଷରୁ ଷୋହଳ ଦିନ ବ୍ୟାପି ୨୫ ନଭେମ୍ବରରୁ ୧୦ ଡ଼ିସେମ୍ବର ପର୍ଯ୍ୟନ୍ତ ଲିଙ୍ଗଗତ ହିଂସା ବିରୁଦ୍ଧରେ ଜିଲ୍ଲାରେ ବିଭିନ୍ନ ଅଂଶୀଦାରଙ୍କ ସହିତ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବ । ଶୁଭାରମ୍ଭ କାର୍ଯ୍ୟକ୍ରମରେ ମହିଳା ସୁରକ୍ଷା ପ୍ରଦାନ ଅଧିକାରୀ, ଉପଖଣ୍ଡ କାର୍ଯ୍ୟକ୍ରମ ଅଧିକାରୀ,ଜିଲ୍ଲା ସଂଯୋଜକ, ବାଲ୍ୟ ବିବାହ ନିଷେଧ, ସେହଡା ଅନୁଷ୍ଠାନର ନିର୍ଦ୍ଦେଶିକା ପ୍ରମୁଖ ଉପସ୍ଥିତ ଥିଲେ । ଶୁଭାରମ୍ଭ କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିଭାଗର ପରିଦର୍ଶିକା, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ଅଦ୍ୱିକାର ବାଳକ ବାଳିକା, ଶକ୍ତିସଦନ ଓ ସଖିକେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସମାଜ ମଙ୍ଗଳ ବିଭାଗ ଓ ସେହଡା ଅନୁଷ୍ଠାନ ମିଳିତ ଭାବରେ ଆୟୋଜନ କରିଥିଲେ ।

## କୁହ୍ନେଇପଡ଼ାରେ ବିଶ୍ୱ ଶୌଚାଳୟ ଦିବସ




ଫୁଲନଖରା, (ଭାସ୍କର ନ୍ୟୁଜ): ବାରଙ୍ଗ-କୁହ୍ନେଇପଡ଼ା ପଞ୍ଚାୟତରେ ସରପଞ୍ଚ ରିତାଞ୍ଜଳୀ ସାମଲଙ୍କ ସଭାପତିତ୍ୱରେ ବିଶ୍ୱ ଶୌଚାଳୟ ଦିବସ ପାଳନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାରଙ୍ଗ ବିଡିଓ ଧର୍ମରଞ୍ଜନ ପଣ୍ଡା ଯୋଗଦାନ କରି ଉତ୍ସବ ପାଳନର ତାତ୍ପର୍ଯ୍ୟ ବୁଝାଇଥିଲେ । କୌଣସି ଗରିବ ଯୋଗ୍ୟ ବ୍ୟକ୍ତି ଯେପରି ଶୌଚାଳୟରୁ ବାଦ୍ ନପଡିବେ ସେଥିଲାଗି ଗୁରୁତ୍ୱ ଆରୋପ କରିଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର ନିୟମିତ ଶୌଚାଳୟ ବ୍ୟବହାର ସହ କଠିନ ଓ ତରଳ ବର୍ଜ୍ୟବସ୍ତୁ ସଠିକ ପରିଚାଳନା ପାଇଁ ଜନସାଧାରଣଙ୍କୁ ବୁଝାଇଥିଲେ । ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରଜ୍ଞା ପ୍ରଗତିକା ନନ୍ଦ ଯୋଗଦାନ କରି ନିୟମିତ କଠିନ ବ୍ୟବବସ୍ତୁ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ବୁଦ୍ଧଦେବ ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଯୁକ୍ତା ବେଉରା, ଅଙ୍ଗନୱାଡି, ଆଶା, ପଞ୍ଚାୟତ ପ୍ରତିନିଧି ଓ ସ୍ୱୟଂ ସହାୟିକା ଗୋଷ୍ଠୀ ଯୋଗଦାନ କରିଥିଲେ । ବାଦ୍ ପଡିଥିବା ପରିବାରକୁ ଶୌଚାଳୟ ନିର୍ମାଣ ପାଇଁ ବିଡିଓ ଅନୁମତି ପତ୍ର ପ୍ରଦାନ କରିଥିଲେ । ସ୍ୱଚ୍ଛ ଭାରତ ବ୍ଲକ ସଂଯୋଜକ ମହେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗୋଟିଏ କ୍ଲାସ୍ ରୁମ୍‌ରେ ୫ ଶ୍ରେଣୀର ପିଲା



ନିଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସୁଧୁରି ପାରୁନି ଶିକ୍ଷା ବ୍ୟବସ୍ଥା । କେଉଁଠି ଶିକ୍ଷକ ଅଭାବ ତ କେଉଁଠି ଶ୍ରେଣୀ ଗୃହର ଅଭାବ । ସେହିଭଳି ଦୃଶ୍ୟ ଦେଖିବାକୁ ମିଳିଛି କଟକ ଜିଲ୍ଲା ନିଆଳି ବ୍ଲକ ଅଧୀନ ବାହାରଣା ପଞ୍ଚାୟତରେ । ଉକ୍ତ ପଞ୍ଚାୟତରେ ଥିବା ଏହି ବିଦ୍ୟାଳୟ ବହୁ ପୁରାତନ । ୧୯୦୨ ମସିହାରେ ସ୍ଥାପିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାହାରଣା । ଏହି ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ୨୯ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ୪ଟି ଶ୍ରେଣୀ ଗୃହ ଥିବା ସତ୍ତ୍ୱେ ଗୋଟିଏ କ୍ଲାସ ରୁମ୍‌ରେ ୫ଟି ଶ୍ରେଣୀର ପାଠ ପଢ଼ା ଯାଉଥିବା ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟରେ ୨ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଥିବା ସତ୍ତ୍ୱେ ଜଣେ ସରକାରୀ କାର୍ଯ୍ୟ ବା ଛୁଟିରେ ଗଲେ ୫ଟି କ୍ଲାସ୍‌କୁ ଜଣେ ଶିକ୍ଷକ ପାଠ ପଢ଼ାଇବା ସମ୍ଭବପର ହୋଇପାରୁ ନାହିଁ । ଏଠାରେ ଥିବା ପ୍ରଧାନଶିକ୍ଷୟିତ୍ରୀ ସଂଗୀତା ସାହୁ ଗୋଟିଏ ଶ୍ରେଣୀରେ ୫ଟି ଶ୍ରେଣୀର ପିଲାଙ୍କୁ ବସାଇ ମଧ୍ୟାହ୍ନ ଭୋଜନ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି । ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିବା ନିମନ୍ତେ ରୋଷେଇ ଗୃହ ଥିଲେ ମଧ୍ୟ ଅପରିଷ୍କାର ପରିବେଶ ତଥା ଶୌଚାଳୟ ପାଖରେ ରୋଷେଇ କରିବାକୁ ଦେଖିବାକୁ ମିଳିଥିଲା । ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ମଧ୍ୟାହ୍ନଭୋଜନର ବ୍ୟବସ୍ଥା ପ୍ରତି ଏଭଳି ଅବହେଳା ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । ଶିକ୍ଷକ ଅଭାବରୁ ଗୋଟିଏ ଗୃହରେ ୫ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବସାଇଛୁ ବୋଲି ପ୍ରଧାନଶିକ୍ଷୟିତ୍ରୀ ସଂଗୀତା ସାହୁ କହିଛନ୍ତି । ଏ ନେଇ ନିଆଳି ବ୍ଲକ ଏବିଓ ଅନନ୍ତ ନାରାୟଣ ସିଂଙ୍କୁ ପଚାରିବାରୁ ମୁଁ ଉକ୍ତ ବିଦ୍ୟାଳୟକୁ ଯାଇ ତଦାରଖ କରିବି ବୋଲି କହିଛନ୍ତି ।

# ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): ମଙ୍ଗଳବାର ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସରରେ ଯୁକ୍ତଦୁଇ ଓ ଯୁକ୍ତତିନି ବିଭାଗ ତରଫରୁ ୭୫ତମ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଲକ୍ଷ୍ମୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୁରେଶ୍ୱର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବିଧାନ ଦିବସର ତାତ୍ପର୍ଯ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଏହା ବ୍ୟତୀତ ଯୁକ୍ତ ଦୁଇ ଅଧ୍ୟକ୍ଷ ଗିରିଜା କୁମାର ଚୌଧୁରୀ, ଯୁକ୍ତ ତିନି ଅଧ୍ୟକ୍ଷ ବିଜୁ ମୁଦୁଲି ଏବଂ ଯୁକ୍ତ ତିନି ରାଜନୀତି ବିଜ୍ଞାନ ଅଧ୍ୟାପିକା ମହିମା ରାଣୀ ରାଜୁ ମଧ୍ୟ ସେମାନଙ୍କ ଭାଷଣରେ ସମ୍ବିଧାନ ସମ୍ବନ୍ଧିତ ବିଷୟରେ ନିଜ ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ସମ୍ବିଧାନ ଦିବସ ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଦୁର୍ଯ୍ୟୋଧନ ସାହୁ, ଶୀତଳ ପ୍ରସାଦ ଦାସ, କାହ୍ନୁଚରଣ ବିଶୋୟୀ, ଲକ୍ଷ୍ମୀକାନ୍ତ ଟାକ୍ରୀ ଏବଂ ଅଧ୍ୟାପିକା ଜୟଶ୍ରୀ ପଟ୍ଟନାୟକ, ଯାଜ୍ଞସେନୀ କନ୍ଧପାନ, ମଧୁସ୍ମିତା ବିଶ୍ୱାଳ, ହେଲେନା ପ୍ରିୟଦର୍ଶିନୀ ସିଂ, ସନ୍ତୋଷିନୀ ଦାସ ଓ ସୁଶ୍ରୀ ତିଳୋତ୍ତମା ପଟ୍ଟନାୟକଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଜଗନ୍ନାଥ ରଥ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ଯଶୋବନ୍ତ ଗରଡା ଧନ୍ୟବାଦ ଅର୍ପଣ କରିଥିଲେ।

# ୨୯ରେ ମାଓବାଦୀ ସଂଗଠନ ପକ୍ଷରୁ ବନ୍ଦ ଡାକରା

ମାଲକାନଗିରି, (ଭାସ୍କର ନ୍ୟୁଜ): ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ୧୦ଜଣ ମାଓବାଦୀଙ୍କ ମୃତ୍ୟୁକୁ ନେଇ ମାଓବାଦୀ ସଂଗଠନ ତରଫରୁ ବନ୍ଦ ଡାକରା ଦିଆଯାଇଛି । ୨୯ତାରିଖରେ ବନ୍ଦ ପାଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଗତ ୨୨ ନଭେମ୍ବରରେ ଛତିଶଗଡର ସୁକମା ଜିଲ୍ଲାର ଭେଜି ଥାନା ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୦ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା । ଏହି ଏନକାଉଣ୍ଟରର ବିରୋଧରେ ମାଓ ସଂଗଠନର ଦକ୍ଷିଣ ବସ୍ତର ଡିଭିଜନାଲ କମିଟିର ସଚିବ ଗଙ୍ଗା ଏକ ପ୍ରେସନୋଟ ଜାରି କରିଛନ୍ତି । ଏହି ପ୍ରେସ ନୋଟ୍‌ରେ ସୁକମା ଜିଲ୍ଲାର ଭେଜି ଥାନା ଅନ୍ତର୍ଗତ ଭଣ୍ଡାରପଦର ଗାଁ ନିକଟରେ ହୋଇଥିବା ଏନ୍‌କାଉଣ୍ଟର ବିରୋଧରେ ୨୯ ନଭେମ୍ବର ଦିନ ବନ୍ଦ ଡାକରା ଦେବା ସହ ସୁରକ୍ଷାକର୍ମୀମାନେ ୧୦ ଜଣ ମାଓବାଦୀଙ୍କୁ ଏହି ଏନ୍‌କାଉଣ୍ଟରରେ ମାରି ଦେଇଥିଲେ । କିନ୍ତୁ ମାଓ ସଙ୍ଗଠନ ପକ୍ଷରୁ ଏହି ପ୍ରେସ୍‌ନୋଟ୍‌ରେ କୁହାଯାଇଛି କି ସୁରକ୍ଷାକର୍ମୀ ଯେଉଁ ୧୦ ଜଣ ମାଓବାଦୀଙ୍କୁ ମାରିଛନ୍ତି ସେମାନଙ୍କ ମଧ୍ୟରୁ କେବଳ ୪ଜଣଙ୍କ ପାଖରେ ବନ୍ଧୁକ ଥିଲା ବାକି ୬ଜଣଙ୍କ ପାଖରେ କୌଣସି ବନ୍ଧୁକ ନଥିଲା ତା ପରେ ବି ସେମାନଙ୍କୁ ଧରି ସୁରକ୍ଷାକର୍ମୀମାନେ ହତ୍ୟା କରିଥିଲା । ଏହାର ବିରୋଧରେ ମାଓବାଦୀ ସଂଗଠନ ଆସନ୍ତା ୨୯କୁ ବନ୍ଦ ଡାକରା ଦେବା ସହ ମାନବାଧିକାର ସଂଗଠନକୁ ଏହି ଏନ୍‌କାଉଣ୍ଟର ସମ୍ବନ୍ଧରେ ଏକ ଉଚ୍ଚସ୍ତରୀୟ ଯାଞ୍ଚ କରି ଏନ୍‌କାଉଣ୍ଟରର ସତ୍ୟତା ଦୁନିଆ ସାମ୍ନାକୁ ଆଣିବା ପାଇଁ ଏହି ପ୍ରେସ ନୋଟ୍ ଜରିଆରେ ଜଣାଇଛନ୍ତି । ହିନ୍ଦୁ ଧର୍ମ, ବ୍ରାହ୍ମଣବାଦୀ, ଛତିଶଗଡ଼ ସରକାର ଏବଂ କେନ୍ଦ୍ର ସରକାରଙ୍କୁ ବିରୋଧ କରିବା ସହ ଛତିଶଗଡ଼ରେ ହେଉଥିବା ମାଓ ଦମନ ଅଭିଯାନକୁ ଏହି ପ୍ରେସ୍ ନୋଟ୍ ଜରିଆରେ ମଧ୍ୟ ବିରୋଧ କରାଯାଇଛି ।

# ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା,(ଭାସ୍କର ନ୍ୟୁଜ): ଲଖନପୁର ବ୍ଲକ ଅନ୍ତର୍ଗତ ଭିକମପାଲିସ୍ଥିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସମ୍ବଳ କେନ୍ଦ୍ରଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ,ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ପଟେଲ, ସହକାରୀ ଜିଲ୍ଲାପାଳ ଉମାକାନ୍ତ ପ୍ରଧାନ ଓ ସରପଞ୍ଚ ପଦ୍ମିନୀ ସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଶିବିରରେ ମୋଟ ୬୫ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୩୩ଟି ସାମୁହିକ ଓ ୩୨ଟି ବ୍ୟକ୍ତିଗତ । ଶିବିରରେ ବାପୁନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, କନକତୋରାଠାରେ ଯୁକ୍ତ ତିନି ମହାବିଦ୍ୟାଳୟ ଖୋଲିବା ଓ କନକତୋରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ କରାଯିବା, ପଦମପୁର ଡଙ୍ଗା ଘାଟ କାର୍ଯ୍ୟକ୍ଷମ କରିବା, ପିଥିଣ୍ଡା ଉଚ୍ଚ ବିଦ୍ୟାଳୟରେ ହୋଇଥିବା ଦୁର୍ନୀତିର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ, ହୀରାକୁଦ ବିସ୍ଥାପିତ ଛୁଇଁପାଲି ଗ୍ରାମବାସୀଙ୍କୁ ପଟ୍ଟା ପ୍ରଦାନ, ରମ୍ପାଲୁଗା ବୁଡ଼ି ଗ୍ରାମର ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ କରିବା, କାଞ୍ଜିଝରଣ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନଧିକୃତ ଭାବେ ହେଉଥିବା ଘର ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ବିଦ୍ୟାଳୟ ଜାଗା ଚିହ୍ନଟ, ସେମିଲିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିଯୁକ୍ତି ତଥା ଶ୍ରେଣୀ ଗୃହ ନିର୍ମାଣ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା, ବେହେରାମାଲରେ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ସକାଶେ ନୂତନ ଗୃହ ନିର୍ମାଣ, ଅତାବିରା ପଞ୍ଚାୟତ କୁମର ଗ୍ରାମରେ ଅସମ୍ପୂର୍ଣ୍ଣ କମ୍ୟୁନିଟି ଗୃହ ପୂର୍ଣ୍ଣାଙ୍ଗ କରାଯିବା ସମ୍ପର୍କରେ ଅଭିଯୋଗ ଶୁଣାଣି କରାଯାଇଥିଲା । ସେହିପରି ଭିକମପାଲିସ୍ଥିତ ଉଦ୍ୟାନ ବିଭାଗ ନର୍ସରି ରକ୍ଷଣାବେକ୍ଷଣ, ୱାର୍ଡ଼ ନମ୍ବର ୧୩ରେ ପାଇଖାନା ନିର୍ମାଣ ବାବଦକୁ ଅର୍ଥ ରାଶି ମଞ୍ଜୁର କରାଯିବା ଓ ଗଣ୍ଡପଡ଼ାରେ କଂକ୍ରିଟ ରାସ୍ତା ଓ ଡ୍ରେନ ନିର୍ମାଣ, ମହାସିଂହସ୍ଥିତ ଚିଲିଂପ୍ଲାଣ୍ଟର ଉନ୍ନତିକରଣ, ଝାରଗାଁ ଓ କୁହାକୁଣ୍ଡା ଗ୍ରାମରେ ବାରହା ଜନିତ କ୍ଷୟକ୍ଷତି ପାଇଁ ସୋଲାର ତାରବାଡ଼ ବ୍ୟବସ୍ଥା, ଚିଖିଲିପାଲିସ୍ଥିତ ସମଲେଶ୍ୱରୀ ମନ୍ଦିର ସଂଲଗ୍ନ ଜାଗା ମନ୍ଦିର ନାମରେ ପଟ୍ଟା ପ୍ରଦାନ, ଭୁନ୍ଦୁପାଲି ଗ୍ରାମର ସିଦାର ପଡ଼ାରେ ଗୋଷ୍ଠୀଗୃହ ସମ୍ପୂର୍ଣ୍ଣକରଣ, କଦମଘାଟ ସ୍ଥିତ ମା' ଘଣ୍ଟେଶ୍ୱରୀ ମନ୍ଦିରକୁ ବିଦ୍ୟୁତ ସଂଯୋଗ, ଖରିଫ ଧାନଚାଷର କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ସୁନାରି ପଞ୍ଚାୟତକୁ ମରୁଡ଼ି ଘୋଷଣା, କପିଳାପୁରରେ ଗଭୀର ନଳକୂପ ଖନନ ଓ ବିଦ୍ୟୁତ ସଂଯୋଗ ବ୍ୟବସ୍ଥା, ଡୁମେରଢିପାରେ ଅସମ୍ପୂର୍ଣ୍ଣ କମ୍ୟୁନିଟି ସେଣ୍ଟର ପାଇଁ ଅନୁଦାନ, ଛୁଇଁପାଲି କ୍ୱାର୍ଟଜାଇଟ ଖଣି ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଗ୍ରହଣ କରାନଯିବା, ନୂଆଡିହି ଜମ୍ମୁନାଳାରେ ଚାଷୀଙ୍କ ଜମିରେ ଖନନ କରାଯାଇଥିବା କେନାଲ ସକାଶେ କ୍ଷତିପୂରଣ , ବନ୍ଧବାହାଲ ମୁଖ୍ୟ ରାସ୍ତାରୁ ସରଣ୍ଡାମାଲ ପର୍ଯ୍ୟନ୍ତ ରାସ୍ତା ଅବରୋଧ ମୁକ୍ତ କରାଯାଇ ସର୍ବସାଧାରଣଙ୍କ ଯାତାୟାତ ପାଇଁ ବ୍ୟବସ୍ଥା କରାଯିବା, ଅତାବିରା ଓ କୁମର ମୌଜାର ହୀରାକୁଦ ବାସଚ୍ୟୁତ ପରିବାରଙ୍କୁ ଦଖଲରେ ଥିବା ଜମିର ପଟ୍ଟା ପ୍ରଦାନ କରାଯିବା ଓ ତିଲିଗି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀ କୋଠରୀ ନିର୍ମାଣ ସମ୍ପର୍କିତ ସାମୁହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା ।

# ରଙ୍ଗତୂଳୀ କଳାକାର ଆସୋସିଏସନ୍‌ର ପକ୍ଷରୁ ଦାବିପତ୍ର



କେନ୍ଦୁଝର, (ଭାସ୍କର ନ୍ୟୁଜ): ଅଲ୍ ଓଡ଼ିଶା ପେଣ୍ଟିଙ୍ଗ୍ ଆର୍ଟିଷ୍ଟ ୱାର୍କର୍ସ୍ ଆସୋସିଏସନ୍ କେନ୍ଦୁଝର ଜିଲ୍ଲା କମିଟି ପକ୍ଷରୁ ସୋମବାର ୧୨ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ରଙ୍ଗତୂଳୀ ଦ୍ୱାରା ପାରମ୍ପରିକ ପଦ୍ଧତିରେ ବିବାହ, ବ୍ରତଘର ଆଦି ମାଙ୍ଗଳିକ କାର୍ଯ୍ୟର ଚିତ୍ର ଆଙ୍କିବା ଠାରୁ ଆରମ୍ଭ କରି ସାଇନ ବୋର୍ଡ, କପଡା ବ୍ୟାନର, ପ୍ରାଚୀରଲିଖନ, ଚିତ୍ର ମାଧ୍ୟମରେ ସହର ସୌନ୍ଦର୍ଯ୍ୟକରଣ, ମାଟି ମୂର୍ତ୍ତୀ, ଆଦି ବିଭିନ୍ନ କାର୍ଯ୍ୟକରି ନିଜେ ବଞ୍ଚିବା ସହିତ ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି । ତେବେ ଦୁଃଖ ଓ ପରିତାପର ବିଷୟ ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ଅଦ୍ୟାବଧି ଏମାନଙ୍କ ପାଇଁ କୌଣସି ଆଇନକାନୁନ, ମଜୁରୀ ବ୍ୟବସ୍ଥା, ସଠିକ ସାମାଜିକ ସୁରକ୍ଷା ଆଦି କିଛି ହୋଇ ନାହିଁ । ସରକାରଙ୍କ କଳା ଓ ସଂସ୍କୃତି ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, କିନ୍ତୁ ପ୍ରଶାସନର ସଠିକ ନୀତି ଅଭାବରୁ ଏହାର ସୁଫଳ ରଙ୍ଗତୂଳୀ କଳାକାରମାନେ ପାଇପାରୁନଥିବା ଅଭିଯୋଗ କରିଛନ୍ତି । ଅନ୍ୟପଟେ ବଜାରରେ ନୂଆ ନୂଆ ଟେକ୍ନୋଲୋଜି ତଥା ଡିଜିଟାଲ ପ୍ରିଣ୍ଟିଙ୍ଗ୍ ମେସିନ୍ ପ୍ରବେଶ ଦ୍ୱାରା ଅଳ୍ପକିଛି ଲୋକ ଲାଭବାନ ହେବା ସହ ବ୍ୟାପକ ଲୋକ ବେକାରୀ ଓ ବେରୋଜଗାର ଆଡକୁ ଅଗ୍ରସର ହେଉଛନ୍ତି । ପ୍ରଥମେ ଫ୍ଲେକ୍ସ ଓ ପରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ପ୍ରଚଳନ ଦ୍ୱାରା ବହୁ ରଙ୍ଗତୂଳୀ କଳାକାରଙ୍କ ରୋଜଗାର ଚାଲିଯାଇଛି । ସରକାରଙ୍କ ପକ୍ଷରୁ ବିକଳ୍ପ ରୋଜଗାର ପାଇଁ କୌଣସି ସହାୟତା କିମ୍ବା ବ୍ୟବସ୍ଥା କରାଗଲା ନାହିଁ, ଫ୍ଲେକ୍ସର ବ୍ୟବହାର ପରିବେଶ ପାଇଁ ବହୁ କ୍ଷତିକାରକ ଯାହାକୁ ପଡୋଶୀ ଦେଶ ଓ ରାଜ୍ୟରେ ନିଷିଦ୍ଧ ଘୋଷଣା କରାଯାଇଛି । ତେବେ ସରକାର ଓ ପ୍ରଶାସନ ଏହା ଜାଣି ମଧ୍ୟ ଚୁପ୍ ହୋଇ ବସିଛନ୍ତି । ରାଜ୍ୟରେ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ବିଜ୍ଞାପନରେ ଏହାର ବହୁଳ ବ୍ୟବହାର ହେଉଛି । ଆସୋସିଏସନ୍ ପକ୍ଷରୁ ୨୦୧୫ ମସିହାରୁ ରାଜ୍ୟର ରଙ୍ଗତୂଳୀ କଳାକାରମାନେ ସେମାନଙ୍କ ଦାବିକୁ ସରକାରଙ୍କୁ ଜଣାଇଥିଲେ ବି ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ । କେବଳ କିଛି ଯୋଜନାରେ ରଙ୍ଗତୂଳୀ କଳାକାରଙ୍କୁ କର୍ମନିଯୁକ୍ତି ଦିଆଯାଇଛି । ହେଲେ ସଠିକ ବ୍ୟବସ୍ଥା ନଥିବାରୁ ଲାଭଖୋର ଠିକାଦାରମାନେ ଅଳ୍ପ ମଜୁରୀ ଦେଇ ଅଧିକରୁ ଅଧିକ ଲାଭବାନ ହୋଇଛନ୍ତି । ଅନ୍ୟ ପନ୍ଥା ନଥିବାରୁ ରଙ୍ଗତୂଳୀ କଳାକାରମାନେ ଏହି କାମ କରିବାକୁ ବାଧ୍ୟ ହେଉଛନ୍ତି । ଯେତେ ନୂଆ ଟେକ୍ନୋଲୋଜି ଆସିଲେ ମଧ୍ୟ ରଙ୍ଗତୂଳୀ କଳାକାରର ସମାଜରେ ଆବଶ୍ୟକତା ରହିଛି । ଏଣୁ ରାଜ୍ୟର ଏହି ରଙ୍ଗତୂଳୀ କଳାକାରଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ସରକାର ସଂଘର ନିମ୍ନଲିଖିତ ଦାବିଗୁଡିକୁ କାର୍ଯ୍ୟକାରୀ କରିବାକୁ ସଂଗଠନେ ପକ୍ଷରୁ ଦାବି ହୋଇଛି । ସତନ୍ତ୍ର ରଙ୍ଗତୂଳୀ କଳାକାର କଲ୍ୟାଣ ବୋର୍ଡ ଗଠନ, ବୋର୍ଡ ମାଧ୍ୟମରେ କାମ ଓ ସାମାଜିକ ସୁରକ୍ଷା ଠିକାଦାର ପ୍ରଥା ସମ୍ପୂର୍ଣ୍ଣ ବାତିଲ, ୬୦ ବର୍ଷରୁ ଊର୍ଦ୍ଧ୍ୱ ରଙ୍ଗତୂଳୀ କଳାକାରଙ୍କୁ ପେନ୍‌ସନ୍ ସହାୟତା, ରଙ୍ଗତୂଳୀ କଳାକାରଙ୍କୁ ବିଶ୍ୱକର୍ମା ଯୋଜନାରେ ସାମିଲ କରି ଆର୍ଥିକ ସହାୟତା ଯୋଗାଇଦେବା, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ପ୍ରଚଳନ ଦ୍ୱାରା ରୋଜଗାର ହରାଇଥିବା ନମ୍ବର ପ୍ଲେଟ ଆର୍ଟିଷ୍ଟଙ୍କୁ ଆର୍ଥିକ ସହାୟତା ଓ ଜନସାଧାରଣଙ୍କ ସୁବିଧା ପାଇଁ ପୁରୁଣା ନମ୍ବର ପ୍ଲେଟ୍ କାମକୁ ନିଜ ନିଜ ଅଞ୍ଚଳରେ ଥିବା ନମ୍ବର ପ୍ଲେଟ ଦୋକାନରେ କରାଇବା । ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୨୦ଲକ୍ଷ ଟଙ୍କା ଓ ସ୍ୱଭାବିକ ମୃତ୍ୟୁ ପାଇଁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ପରିବାରକୁ ପ୍ରଦାନ କରିବା । ବର୍ତ୍ତମାନ ସରକାରୀ ସ୍ତରରେ ହେଉଥିବା ସାଇନବୋର୍ଡ, ବ୍ୟାନର, ଅଙ୍ଗନାୱାଡି ଓ ବିଦ୍ୟାଳୟ, ସ୍ୱଚ୍ଛ ଭାରତ ମିଶନ ଆଦି ସମସ୍ତ ବିଭାଗର ପେଣ୍ଟିଙ୍ଗ୍ କାମକୁ ସଂଘର ଆଞ୍ଚଳିକ କମିଟି ମାଧ୍ୟମରେ କରାଇବା, ବିଜ୍ଞାପନରେ ପରିବେଶ ଓ ଜୀବିକା ବିନାଶକାରୀ ଫ୍ଲେକ୍ସ ବ୍ୟବହାର ସମ୍ପୂର୍ଣ୍ଣ ବ୍ୟାନ କରିବା, ସମସ୍ତ ଆର୍ଥିକ ଦୁର୍ବଳ ବର୍ଗର ରଙ୍ଗତୂଳୀ କଳାକାରଙ୍କ ପରିବାରକୁ ମାଗଣା ଓ ଗୁଣାତ୍ମକ ଶିକ୍ଷା ଏବଂ ସାସ୍ଥ୍ୟସେବା ଯୋଗାଇ ଦେବା, ରାଜ୍ୟର ପ୍ରତି ବ୍ଲକରେ ରଙ୍ଗତୂଳୀ କଳାକାରଙ୍କ ପାଇଁ ଗୋଷ୍ଠୀ କର୍ମଶାଳା ଗୃହ ଯୋଗାଇଦେବା, ରଙ୍ଗ ତୂଳୀ କଳାକାରଙ୍କ କର୍ମନିଯୁକ୍ତି ପାଇଁ ବିଧାନସଭାରେ ସତନ୍ତ୍ର ବଜେଟ ପ୍ରସ୍ତୁତ କରିବା ଆଦି ଅଲ୍ ଓଡ଼ିଶା ପେଣ୍ଟିଙ୍ଗ୍ ଆର୍ଟିଷ୍ଟ୍ ୱାର୍କର୍ସ୍ ଆସୋସିଏସନ୍ କେନ୍ଦୁଝର ଜିଲ୍ଲା କମିଟି ଦାବି କରିଛି ।

ଓଡ଼ିଶା ଭାସ୍କର ODISHA BHASKAR
ରାଜ୍ୟ ଖବର



ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ଦାନଗଦୀ ବ୍ଲକ ଟୋଲକାନୀ ସ୍ଥିତ ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅଧକ୍ଷ ଡ଼ ଅକ୍ଷୟ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରଞ୍ଜନ କୁମାର ସାହୁ, ଯୁବ ରେଡ଼କ୍ରସର କାଉନସେଲର ଅଧ୍ୟାପକ ଗୋବର୍ଦ୍ଧନ ସାହୁ, ଅଧ୍ୟାପକ ଡ଼ କ୍ଷୀରୋଦ ଚନ୍ଦ୍ର ବେହେରା, ଅଧ୍ୟାପକ ଖଗେଶ କୁମାର ଜେନା, ବାଇଧର ସାହୁ, ଅଧ୍ୟାପିକା ମୀରାମ୍ବିକା ସାହୁ, ପାରିଜାତ ମହାନ୍ତି ପ୍ରମୁଖ ଯୋଗ ଦେଇ ସମ୍ବିଧାନ ତିଆରିର ଇତିହାସ, ସମ୍ବିଧାନର ପ୍ରସ୍ତାବନା, ଏହାର ମୌଳିକ ବୈଶିଷ୍ଟ୍ୟ ଓ ସମ୍ବିଧାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ଅଧକ୍ଷ ଡ଼ ପଣ୍ଡା ଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ମିଳିତ ହୋଇ ଦେଶର ଏକତା, ସାର୍ବଭୌମତ୍ୱ, ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଶପଥପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରଞ୍ଜନ କୁମାର ଖଣ୍ଡା, ଶ୍ରୀମନ୍ତ ନାୟକ, ପାର୍ଥ ସାରଥୀ ବଳ, ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ, ସିଲନପ୍ରଭା ନାୟକ ପ୍ରମୁଖ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶେଷରେ ଅଧ୍ୟାପିକା ମୀରାମ୍ବିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



### ଆକ୍ସନ ମୁଡ୍‌ରେ ଭିଜିଲାନ୍ସ ସହ ବନ ବିଭାଗ

# ୩ଟି ସ୍ଥାନରେ ଅଚାନକ ଚଢ଼ାଉ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲାରେ ବେଆଇନ ଭାବେ କରତ କଳ ଚାଲୁଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଓ ନୂତନ ଭାବେ ଯୋଗ ଦେଇଥିବା ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ଟିମ୍ ସହ ଏକ ସ୍ୱତନ୍ତ୍ର

## ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ ମୂଲ୍ୟବାନ କାଠ ଜବତ

ଟିମ୍ ମଙ୍ଗଳବାର ପୂର୍ବାହ୍ନରୁ ଅସ୍ତରଙ୍ଗ ବନାଞ୍ଚଳ ଅଧିନ ଅସ୍ତରଙ୍ଗ କୁହୁଡ଼ି ଛକରେ ଥିବା ତ୍ରିଭୁଜାକୃତି ୩ଟି ବେଆଇନ କରତ କଳରେ ଅତର୍କିତ ଚଢାଉ କରିଥିଲେ । ମଙ୍ଗଳବାର ସକାଳ ୬ ଘଟିକାରୁ ୩ଟି ବେଆଇନ କରତ କଳ ଉପରେ ଚଢାଉ ହୋଇଥିବା ବେଳେ ସେଠାରୁ ମୂଲ୍ୟବାନ ଚାଖୁଣ୍ଡା ଓ ଆକାଶିଆ କାଠ ଜବତ ହେବା ସହ ବିଭିନ୍ନ ଯନ୍ତ୍ରାଂଶକୁ ଗ୍ୟାସ କଟର ମାଧ୍ୟମରେ କଟାଯାଇଥିଲା । ପୋକଲୀନ ସାହାଯ୍ୟରେ ଏହି ମିଲର ମେସିନକୁ ଉଠାଇ ନିଆଯାଇଥିବା ବେଳେ ବହୁ ପରିମାଣର କାଠ ଲଗ୍ ଗୁଡିକ ସିଜ୍ ହୋଇଥିଲା । ଏହା ପରେ ଭିଜିଲାନ୍ସ ଟିମ୍, ବନବିଭାଗ ଟିମ୍, ପୋଲିସ ମିଳିତ ଭାବେ କୁହୁଡିରେ ଚାଲୁଥିବା ବେଆଇନ କରତ କଳରେ ଚଢାଉ କରିଥିଲେ । ସିଜ୍ ହୋଇଥିବା ଯନ୍ତ୍ରାଂଶ ମଧ୍ୟରେ ପମ୍ପ, ମଟର, ଡାଇନାମା, କଟର, କରତ, ବହୁତ ସରଞ୍ଜାମ ରହିଛି । ସମସ୍ତ ଯନ୍ତ୍ରାଂଶ ଅସ୍ତରଙ୍ଗ ବନାଞ୍ଚଳ ଅଧିନ ପାଣିଛତ୍ର କାର୍ଯ୍ୟାଳୟରେ ରଖାଯିବ ବୋଲି ସୂଚନା ମିଳିଛି । ଅଚାନକ ବେଆଇନ କରତ କଳ ଉପରେ ଅତର୍କିତ ଚଢାଉରେ ଭୁବନେଶ୍ୱର ଭିଜିଲାନ୍ସ ଏସିଏଫ ସାଧନା ସ୍ୱାଇଁ, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର, ବନପାଳ ବବୁଲ ମଲ୍ଲିକ, ମାନସ ବେହେରା, ଭିଜିଲାନ୍ସ ଟିମ୍‌ର ପ୍ରଦୀପ୍ତ ସେଠି, ଅଭିଜିତ ମହାନ୍ତିଙ୍କ ସହ ୧୫ଜଣ ଭିଜିଲାନ୍ସ ଫୋର୍ସ, ବନ ବିଭାଗ ସ୍କ୍ୱାର୍ଡ଼, ଅସ୍ତରଙ୍ଗ ପୁଲିସ, ବିଦ୍ୟୁତ ବିଭାଗ ସହ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଆଗାମୀ ଦିନରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ଅଧିକାରିଣୀଙ୍କ ତରଫରୁ ଏ ଦିଗରେ ତୀକ୍ଷ୍ଣ ନଜର ଦିଆଯିବ ବୋଲି ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି । କିନ୍ତୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ପୁରୀ ଜିଲ୍ଲାରେ ଏକ ସରକାରୀ କରତକଳ ସ୍ଥାପନ ହେଉ ।

# ଧାନ ଓ ଚିନାବାଦାମ ବିହନ ପାଇଁ ବାରଦୁଆର ସୁଣ୍ଠିପିଣ୍ଡା ହେଉଛନ୍ତି ଚାଷୀ

କଣାସ, (ଭାସ୍କର ନ୍ୟୁଜ୍) : କୃଷକମାନଙ୍କ ପ୍ରଗତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରି କୃଷକମାନଙ୍କୁ ସୁବିଧା ଯୋଗାଇ ଦେଉଥିବା ଗଣମାଧ୍ୟମରେ ଢେଙ୍ଗୁରା ପିଟୁଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ଚାଷୀମାନେ ଖରିଫ ଧାନ ବିହନ ଓ ଚିନାବାଦମ ବିହନ ପାଇଁ ନାହିଁନଥିବା ହିନସ୍ତା ଭୋଗ କରୁଥିବା ଦେଖିବାକୁ ମିଳୁଛି । କଣାସ ବ୍ଲକର କଣାସ ଠାରେ କୃଷି କାର୍ଯ୍ୟାଳୟ ଥିଲେ ମଧ୍ୟ ସେଥିରେ କୃଷି ଅଧିକାରୀ ପଦବୀ ଓ ୧୦ଟି ଭିଏଲଡବ୍ଲ୍ୟୁ ପୋଷ୍ଟ ଦୀର୍ଘଦିନ ହେଲା ଖାଲିପଡିଛି । ଜଣେ ମାତ୍ର ଅତିରିକ୍ତ କୃଷି ଅଧିକାରିଣୀ କାର୍ଯ୍ୟାଳୟରେ ଅଛନ୍ତି । କଣାସ ଅଞ୍ଚଳର ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ପ୍ରତିବର୍ଷ ବନ୍ୟା ଓ ମରୁଡି ଯୋଗୁଁ ଚାଷୀମାନେ ଶାରଦ ଧାନଫସଲ ହରାଇ ଖରାଟିଆ ଓ ଚିନାବାଦମ ଚାଷ ଉପରେ ନିର୍ଭର କରିଥାଆନ୍ତି । ଖରାଟିଆ ଧାନ ବିହନ କୃଷି କାର୍ଯ୍ୟାଳୟରେ ମିଳୁନଥିବା ବେଳେ ସରକାରୀ ସୀକୃତିପ୍ରାପ୍ତ ମଞ୍ଜି ବିକ୍ରେତାମାନେ ଧାନ ବିହନ ଚିନାବାଦମ ବିକ୍ରି କରିବା ପାଇଁ ନିର୍ଦ୍ଦେଶ ଥିବାବେଳେ ମଞ୍ଜି ବିକ୍ରେତାମାନଙ୍କ ପାଖରେ ଧାନ ବିହନ ଓ ଚିନାବାଦମ ମଞ୍ଜି ମିଳୁ ନଥିବାରୁ ଚାଷୀମାନେ ଚିନାବାଦମ ବିହନ ପାଇଁ ଢେଙ୍କାନାଳ, ଅନୁଗୁଳ, ରାଜଆଠଗଡ ପ୍ରଭୃତି ଅଞ୍ଚଳକୁ ଯାଇ ଅଧିକ ଦରରେ ମଞ୍ଜି ସଂଗ୍ରହ କରି ଘରକୁ ଫେରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବିଶେଷ କରି ଗଡସାନପୁଟ, ଅଁଳାଯୋଡି, ଗଡବଡପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର, ଚାଷୀମାନେ ଚିନାବାଦମ ଚାଷ ଉପରେ ନିର୍ଭର କରୁଛନ୍ତି । ସେହିପରି ଖରାଟିଆ ଧାନ ଚାଷ ପାଇଁ ଅମଳ ହେଉଥିବା ଧାନବିହନ ବିଣା ମିଳୁ ନଥିବାରୁ କଣାସ ବ୍ଲକର ଚାଷୀମାନେ ଅନ୍ୟ ବ୍ଲକକୁ ବିହନ ପାଇଁ ଦୌଡୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । କଣାସ ଠାରେ ଥିବା ସୀକୃତିପ୍ରାପ୍ତ ମଞ୍ଜି ବିକ୍ରେତା ପଞ୍ଚୁପଦ୍ମ ମହିଳା ସମିତିକୁ ଧାନ ବିହନ ସଂପର୍କରେ ପଚାରିବାରୁ ସେ କୁହନ୍ତି ଦୀର୍ଘ ଏକ ମାସ ହେଲା ଧନବିହନ ପାଇଁ ସରକାରଙ୍କ ମଞ୍ଜି ନିଗମରେ ଟଙ୍କା ଜମାକରି ଥିଲେ ମଧ୍ୟ ମଞ୍ଜି ଦେଇ ନାହାନ୍ତି । କଣାସ କୃଷି କାର୍ଯ୍ୟାଳୟରେ ଅବସ୍ଥାପତି ଅତିରିକ୍ତ କୃଷି ଅଧିକାରିଣୀ ପ୍ରତିମା ଖଣ୍ଡାୟତରାୟଙ୍କୁ ପଚାରିବା ସେ କୁହନ୍ତି ସରକାରଙ୍କ ମଞ୍ଜି ନିଗମରେ ଧାନ ମଞ୍ଜି ନଥିବାରୁ ଆସିବାରେ ବିଳମ୍ବ ହେଉଛି । ଚିନାବାଦମ ମଞ୍ଜି ପାଇଁ ଲେଖିଛୁ ମଞ୍ଜି ଆସିଯିବ । ଚିନାବାଦମ ମଞ୍ଜି ଆସିବା ବେଳକୁ ଜମିରୁ ପାଗ ଛାଡି ଯାଇଥିବ । ତେଣୁ ବିଭାଗୀୟ ଉଚ୍ଚ ପଦସ୍ତ କୃଷି ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

କୋରାପୁଟ, (ଭାସ୍କର ନ୍ୟୁଜ୍) : ଲମତାପୁଟ ବ୍ଲକ କାର୍ଯ୍ୟାଳୟ ପରିସରରେ କୋରାପୁଟ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଭି କୀର୍ତିଭାସନ ଯୋଗଦେଇ ୪୩ଟି ଅଭିଯୋଗର ଶୁଣାଣି କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗରେ ଆସିଥିବା ଅଭିଯୋଗ ଉପରେ ଆଲୋଚନା କରିଥିଲେ । ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଉପରେ ଲୋକେ ଅଭିଯୋଗ କରିଥିଲେ । ସମସ୍ତ ଅଭିଯୋଗ ଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଥିଲା । ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିବା ବେଳେ କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବର, ସିଡିଓ ଦେବାଶିଷ ପଟ୍ଟନାୟକ, ଡ. ଆର ଏନ ମିଶ୍ର, ନନ୍ଦପୁର ଏସଡିପିଓ ସମ୍ବିତ କୁମାର ମାଝି, ଲମତାପୁଟ ବିଡିଓ ଜୟନ୍ତ କୁମାର ମେହେର, ମାଛକୁଣ୍ଡ ତହସିଲଦାର ଦିବାକର ବାଗ, ପଞ୍ଚାୟତ ସମିତି ଅଧକ୍ଷ ତାପସ କୁମାର ଚାଲାଣ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଶେଷରେ ଜିଲ୍ଲାପାଳ ଭିନ୍ନକ୍ଷମମାନଙ୍କୁ ଭତ୍ତା ଓ ସାଇକେଲ ବଣ୍ଟନ କରିଥିଲେ ।

## ଆମ୍ବେଦକର ଲୋହିଆ ବିଚାର ମଞ୍ଚ ପକ୍ଷରୁ 'ସମ୍ବିଧାନ ଦିବସ' ପାଳିତ



ରାଜନଗର, (ଭାସ୍କର ନ୍ୟୁଜ୍) : ନଭେମ୍ବର ୨୬ତାରିଖକୁ ସାରା ଦେଶରେ ସମ୍ବିଧାନ ଦିବସ ରୂପେ ପାଳନ କରାଯାଉଛି । ଆଜି ଏହି ଦିବସରେ ରାଜ୍ୟରେ ଥିବା ୨୨୫୦ ଅମୃତ ସରୋବର ବା ଜଳାଶୟ କୂଳରେ ସମ୍ବିଧାନର ମୁଖବନ୍ଧ ପଢିବାକୁ ମୋହନ ସରକାର ନିର୍ଦ୍ଦେଶ ଦେଇଛନ୍ତି । ହେଲେ କେନ୍ଦ୍ରାପଡା ଜିଲ୍ଲା ରାଜନଗର ସଦର ମହକୁମାରେ ଆମ୍ବେଦକର ଲୋହିଆ ବିଚାର ମଞ୍ଚ ପକ୍ଷରୁ ଆଜି ଜିଲ୍ଲା ବିଚାର ମଞ୍ଚର ମହିଳା ସଭାନେତ୍ରୀ ପ୍ରମିଳା ସେଠି ଓ ବ୍ଲକର ଆମ୍ବେଦକର ମହିଳା ବିକାଶ ଟ୍ରଷ୍ଟର ସଭାନେତ୍ରୀ ସୀତା ସେଠୀଙ୍କ ମିଳିତ ସଂଯୋଜନାରେ ଆଜି ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ହେଲେ ସରକାରଙ୍କ ଯୋଜନା ଅନୁଯାୟୀ ସମ୍ବିଧାନର ମୁଖବନ୍ଧ ପଠନ ହୋଇନଥିଲେ ମଧ୍ୟ ବ୍ଲକ ଓ ତହସିଲ ହତା ମଧ୍ୟରେ ଥିବା ଡ. ଆମ୍ବେଦକର ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥି ଓ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ପ୍ରତିଭା ପାତ୍ର, ସମ୍ମାନୀତ ଅତିଥି ତଥା ମୁଖ୍ୟ ବକ୍ତା ଭାବେ ତହସିଲଦାର ଅଜୟ କୁମାର ମହାନ୍ତି, ସଂଘର ଆଇନଜୀବୀ ପ୍ରଦୀପ କୁମାର ଦାସ, ବ୍ଲକ ସମ୍ପାଦକ ବାବନ ଜେନା, ସରପଞ୍ଚ ଅଶୋକ କୁମାର ମହାନ୍ତି, ବିଜୟ କୁମାର ନାୟକ, କେନ୍ଦ୍ରାପଡା ବସ୍ତି ବାସିନ୍ଦା ଏକତା ମଞ୍ଚର ସଭାପତି ପ୍ରଭାକର ନାୟକ ଓ ସମ୍ପାଦକ ପପୁ ନାୟକ, ରାଜନଗର ପଞ୍ଚାୟତର ନାଏବ ସରପଞ୍ଚ ବାଇଧର ମହାସେଠି ଯୋଗ ଦେଇ ସମ୍ବିଧାନ ଉପରେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ସୀତା ସେଠି ଓ ପ୍ରମିଳା ସେଠି ପରିଚାଳନା କରିଥିଲେ ।

## ପିକଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ; ଜଣେ ମୃତ, ୨୫ ଆହତ

କୋରାପୁଟ, (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତ ନେରିଡିବାଲସା ନିକଟ ବ୍ରିଟିଶ ଘାଟିରେ ଏକ ପିକଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡିବାରୁ ୨୫ଜଣ ଆହତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି । ସୂଚନାଯୋଗ୍ୟ, ନନ୍ଦପୁର ବ୍ଲକ ଖିନବର ପଞ୍ଚାୟତର କନାଗ୍ରାମର ୨୫ମହିଳା ଏବଂ ପୁରୁଷ ଶ୍ରମିକ ପିକଅପ୍ ଭ୍ୟାନ ପଡୋଶୀ ରାଜ୍ୟ ଆନ୍ଧ୍ର ବିଜୟୱାଡା ଅଞ୍ଚଳକୁ ନେରିଡିବାଲସା ଦେଇ ଯାଉଥିଲେ । ଭ୍ୟାନ ନିକଟସ୍ଥ ବ୍ରିଟିଶ ଘାଟି ରାସ୍ତାରେ ବ୍ରେକ ଫେଲ୍ ହୋଇଯିବାରୁ ଭାରସାମ୍ୟ ହରାଇ ପାର୍ଶ୍ୱରେ ଥିବା ଏକ ପାହାଡରେ ଧକ୍କା ହୋଇ ରାସ୍ତା ଉପରେ ଓଲଟି ପଡିଥିଲା । ଫଳରେ ଭ୍ୟାନରେ ଥିବା ସବିତା ଖିଲ, କୁମାରୀ ଖିଲଙ୍କ ସହ ଅନ୍ୟମାନେ ଗୁରୁତର ହୋଇଥିଲେ । ଖବର ପାଇ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ପହଞ୍ଚି ଆହାତଙ୍କୁ ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ନେଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ନାବାଳିକା ସବିତାଙ୍କ ମୃତ୍ୟୁ ହୋଇଥିଲା । ପିକଅପ୍ ଭ୍ୟାନ ଦୁର୍ଘଟଣା ହୋଇ ଶ୍ରମିକ ଆହାତ ହୋଇଥିବା ଖବର ପାଇବା ପରେ ପଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଆହାତଙ୍କୁ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଥିଲା । ଆହତଙ୍କ ମଧ୍ୟରୁ କୁମାରୀ ଖିଲ, ହରି ପାଙ୍ଗି ଓ ଗୋପାଳ ଖରା ପ୍ରମୁଖ ୩ଜଣ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଜିଲ୍ଲା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ପଟାଙ୍ଗି ଥାନାଧିକାରୀ ଚତୁର୍ଭୁଜ ନାୟକ ଏବଂ ଏଏସ୍ଆଇ ନରସିଂହ ଦୋରା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଭ୍ୟାନରେ କେତେକ ନାବାଳିକା ଥିବା ସୂଚନା ରହିଛି । ଆହାତ ଧନପାଙ୍ଗିଙ୍କ କହିବା ଅନୁସାରେ ଦୁର୍ଘଟଣାସ୍ଥଳରେ ୧୦୮ କଣ୍ଟ୍ରୋଲ ରୁମ୍‌କୁ କଲ୍ କରାଯାଇଥିଲେ ମଧ୍ୟ କୌଣସି ଆମ୍ବୁଲାନ୍ସ ନାହିଁ ବୋଲି କହି ଫୋନ୍ କଲ୍ କାଟି ଦେଇଥିଲେ ଆହତ ଧନ ପାଙ୍ଗି ଅଭିଯୋଗ କରିଛନ୍ତି ।

## କଣିହାଁ ବ୍ଲକରେ ପ୍ରତିଷ୍ଠା ହେବ ଗ୍ରାମ୍ୟ ନ୍ୟାୟାଳୟ

କଣିହାଁ, (ଭାସ୍କର ନ୍ୟୁଜ) : କଣିହାଁ ବ୍ଲକରେ ଖୁବଶୀଘ୍ର ଖୋଲିବ ଗ୍ରାମ୍ୟ ନ୍ୟାୟାଳୟ । ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଏଥିନେଇ ନିଷ୍ପତ୍ତି ହୋଇଛି । ବିଧାୟକ ଅଶୋକ ମହାନ୍ତିଙ୍କ ପ୍ରସ୍ତାବ କ୍ରମେ ଏହା ପ୍ରତିଷ୍ଠା ହେବାକୁ ବସିଥିବା ବେଳେ ଏହାକୁ ସ୍ୱାଗତ କରିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଧନ୍ୟବାଦ ଜଣାଇଛନ୍ତି ବିଧାୟକ । ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା ଦ୍ୱାରା କଣିହାଁ ବ୍ଲକର ଜନସାଧାରଣ ଖର୍ଚ୍ଚ କମ୍ ହେବ ବୋଲି ଜଣାଯାଏ ।

### ପଞ୍ଚୁପାଣ୍ଡବ ଛକରେ ଚୋରା ମଦର ବନ୍ୟା

## ମଦ ବେପାରୀଙ୍କ ବୋତଲ ମାଡ଼ରେ ମୁଣ୍ଡ ଫାଟିଲା

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁପାଣ୍ଡବ ଛକରେ ଆଜି ଜଣେ ଚୋରା ମଦ ବେପାରୀଙ୍କ ମଦ ବୋତଲ ମାଡ଼ରେ ଜଣେ ବ୍ୟକ୍ତିଙ୍କର ମୁଣ୍ଡ ଫାଟିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ହେଲେ ଏହି ଘଟଣାଟିକୁ ଆହୁରି ରହସ୍ୟମୟ କରିଛି ଯେ ଚୋରା ମଦ ବେପାରୀଙ୍କ ମାଡ଼ରେ ମୁଣ୍ଡ ଫାଟିଥିବା ବ୍ୟକ୍ତି ଓ ତାଙ୍କ ସହିତ ଆସିଥିବା ଅନ୍ୟଜଣେ ବ୍ୟକ୍ତି ସମ୍ପୃକ୍ତ ମଦ ବେପାରୀଙ୍କୁ ଧରିନେଇଥିବା ବେଳେ ତାଙ୍କ ଦୋକାନରେ ଥିବା ସମସ୍ତ ଚୋରା ମଦକୁ ମଧ୍ୟ ଜବତ କରିଥିବା ଜଣାଯାଇଛି । ହେଲେ ମଦବେପାରୀଙ୍କ ମାଡ଼ରେ ମୁଣ୍ଡ ଫାଟିଥିବା ବ୍ୟକ୍ତି ଜଣକ ଥାନାରେ ଏତଲା ଦେଇନାହାଁନ୍ତି । ପ୍ରତ୍ୟେକ୍ଷ ଦର୍ଶୀଙ୍କ ସୂଚନା ଅନୁଯାୟୀ ଆଜି ଦୁଇ ଜଣ ବ୍ୟକ୍ତି ପଞ୍ଚୁପାଣ୍ଡବରେ ଛକ ନିକଟରେ ଏକ ଦୋକାନରେ ପହଞ୍ଚି ଦୋକାନୀଙ୍କୁ ମଦ ମାଗିଥିଲେ । ମଦ ବେପାରୀ ଜଣକ ସମ୍ପୃକ୍ତ ଯୁବକଙ୍କୁ ମଦ ଦେବା ବେଳେ ହଠାତ ଯୁବକ ଜଣକ ମଦବେପାରୀଙ୍କ ହାତକୁ ଧରି ପକାଇଥିଲେ । ଏଥିରେ ମଦବେପାରୀ ଜଣକ ଉତ୍‌କ୍ଷିପ୍ତ ହୋଇ ସମ୍ପୃକ୍ତ ଯୁବକଙ୍କ ମୁଣ୍ଡରେ ମଦ ବୋତଲରେ ଏକ ଶକ୍ତ ପାହାର ଦେଇଥିଲେ । ଫଳରେ ସମ୍ପୃକ୍ତ ଯୁବକ ଜଣଙ୍କର ମୁଣ୍ଡଫାଟି ଧାର ଧାର ରକ୍ତ ବୋହିଥିଲା । ତେବେ ସଙ୍ଗେ ସଙ୍ଗେ ଉକ୍ତ ଯୁବକ ଦୁଇଜଣ ମଦ ବେପାରୀଙ୍କୁ ଧରିବା ସହିତ ତାଙ୍କ ଦୋକାନରେ ଥିବା ସମସ୍ତ ମଦକୁ ଜବତ କରି ଏକ ଗାଡ଼ିରେ ନେଇ ଯାଇଥିଲେ । ତେବେ ମଦ ଦୋକାନୀଙ୍କ ଉପରେ କେଉଁ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଏହି ଘଟଣା ମଧ୍ୟାହ୍ନ ସମୟରୁ ଘଟିଥିଲେ ମଧ୍ୟ ଏ ସମ୍ପର୍କରେ ନା ରିପୋର୍ଟ ଡେରାବିଶ ଥାନାରେ ଅଛି ନା ଅବକାରୀ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ କରାଯାଇ ନାହିଁ । ତେବେ ଦେଖିବାକୁ ବାକି ରହିଛି ଚୋରା ମଦର ବନ୍ୟା ଛୁଟିଥିବା ପଞ୍ଚୁପାଣ୍ଡବ ଅଞ୍ଚଳରେ ଚୋରାମଦ ବିକ୍ରି ରୋକିବା ପାଇଁ ଅବକାରୀ ବିଭାଗ କ'ଣ ପଦକ୍ଷେପ ନେଉଛି ।

## ପଞ୍ଚାୟତସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ



ଶୁଳିଆପଦା, (ଭାସ୍କର ନ୍ୟୁଜ୍) : ଶୁଳିଆପାଦ ବ୍ଲକ ଅନ୍ତର୍ଗତ ଦେଉଳି ଗ୍ରାମପଞ୍ଚାୟତରେ ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଉପଲକ୍ଷେ ପଞ୍ଚାୟତ ସ୍ତରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ନେଇ ଦେଉଳି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା । ସାଧନାର ପ୍ରୋଜେକ୍ଟ କର୍ଡିନେଟର ସ୍ୱର୍ଣ୍ଣଜିତ ମହାପାତ୍ର, ଟ୍ରେନିଂ ଲାଇଜନିଙ୍ଗ କର୍ଡିନେଟର ଚିନ୍ମୟ ଦାସ, କମ୍ୟୁନିଟି ଫେସିଲିଟିର ଅନନ୍ୟା ସି ଏବଂ କମ୍ୟୁନିଟି ଇନକ୍ଲୁସିବ ଫେସିଲିଟିର ଅଭିଜିତ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶୁଳିଆପଦା ବ୍ଲକ ସ୍ତରୀୟ ଭିନ୍ନକ୍ଷମ ସଂଘର ସଭାପତି ମାଧବ ଚନ୍ଦ୍ର ଧୀର, ଗ୍ରାମ ସ୍ତରୀୟ ଭିନ୍ନକ୍ଷମ ସଂଘର ବିଶ୍ୱଜିତ ଧଳ, ନରଉମ ସି ଓ ରସାନନ୍ଦ ଧଳ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ସରପଞ୍ଚ ସୋନାଲି ସୋରେନ, ମହାସଂଘର ସଭାପତି ମନୀଷା ଦେଓ, ସ୍ୱର୍ଣ୍ଣଜିତ ମହାପାତ୍ର ଏବଂ ସମାଜସେବୀ ଅଜୟର ପୁଷ୍ଟି ଉପସ୍ଥିତ ଥିଲେ । ଭିନ୍ନକ୍ଷମମାନଙ୍କୁ ଉତ୍ସାହ ଦେବା ସହିତ ଉକ୍ତ ଦିନର ମୁଖ୍ୟ ଉଦ୍ଦେଶ୍ୟ ଜଣେଇ ଥିଲେ । ଏହା ସହିତ ଭିନ୍ନକ୍ଷମ ବ୍ୟକ୍ତି ତଥା ପିଲାଙ୍କ ଦକ୍ଷତାକୁ ବିକଶିତ କରିବା ପାଇଁ ହାଣ୍ଡି ଫଟା, ବଲ ପାସିଂ, ମ୍ୟୁଜିକ ଚେୟାର ଓ ଗୀତ ପ୍ରତିଯୋଗିତା କରାଯାଇଥିଲା । ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଭିନ୍ନକ୍ଷମ ବ୍ୟକ୍ତି ତଥା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ଛତ୍ରପୁର, (ଭାସ୍କର ନ୍ୟୁଜ) : ଛତ୍ରପୁର ସ୍ଥିତ କ୍ରୀଡାଙ୍ଗନ ଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହାକୁ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ତ୍ରିନାଥ ବ୍ରହ୍ମା ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିବା ସହ ସମସ୍ତ ଖେଳାଳୀଙ୍କୁ ଜଣେ ଶୃଙ୍ଖଳିତ ଜୀବନ ଯାପନ ତଥା ନିଜ ଜୀବନରେ ଗୋଟିଏ ଆଦର୍ଶ ଖେଳାଳୀ ହେବା ନିମନ୍ତେ ଉତ୍ସାହିତ କରିଥିଲେ । ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ପଦ୍ମଚରଣ ସାହୁ, ଉପସଭାପତି ଗୀତା ପାଢ଼ି, ସମ୍ପାଦକ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଟି ସୁରେଶ କୁମାର ଆଚାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କ୍ରୀଡାରେ ମୋଟ ୮୦୦ ଜଣ ବିଭିନ୍ନ ଖେଳରେ ଭାଗ ନେଇଥିଲେ ।

## କ୍ଷତାକ୍ତ ଗୋରୁର ଚିକିତ୍ସା କରାଇଲା ମା'କୁମ୍ଭେଶ୍ୱରୀ ଯୁବକ ସଂଘ




କଣିହାଁ, (ଭାସ୍କର ନ୍ୟୁଜ୍) : ଗଭୀର କ୍ଷତ ଥାଇ କଷ୍ଟ ପାଉଥିବା ଏକ ଗୋରୁର ଚିକିତ୍ସା କରାଇଛନ୍ତି ଗଦାଶିଳା ମା' କୁମ୍ଭେଶ୍ୱରୀ ଯୁବକ ସଙ୍ଘର ସଦସ୍ୟ । ଯୁବକସଂଘର ଦିବ୍ୟଜ୍ୟୋତି ପ୍ରଧାନ, ହିମାଂଶୁ ସାହୁ, ଚିନ୍ମୟ ସାହୁ, ଜିତେନ ସାହୁ, ମାନସ ପ୍ରଧାନ ପ୍ରମୁଖ ବିଯିଗୋଳ ପ୍ରାଣୀ ଚିକିତ୍ସାଳୟ ଏଲ ଆଇ ପବିତ୍ର ବେହେରାଙ୍କ ଦ୍ୱାରା ଗୋରୁଟିର ଚିକିତ୍ସା କରାଇଥିଲେ । ପରେ ଗୋରୁକୁ ତା'ର ମାଲିକକୁ ହସ୍ତାନ୍ତର କରିଥଲେ ।

## ଜିଲ୍ଲାପାଳଙ୍କ ଅଫିସ ଆଗରେ କୃଷକ ଓ ଶ୍ରମିକଙ୍କ ବିକ୍ଷୋଭ




ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ସଂଯୁକ୍ତ କିଶାନ୍ ମୋର୍ଚ୍ଚା ଏବଂ ସର୍ବଭାରତୀୟ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧ ନୀତିର ପ୍ରତିବାଦରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିରେ କୃଷକ, ଶ୍ରମିକ ଓ ଆଦିବାସୀମାନେ ସାମିଲ ହୋଇଥିଲେ, ଦାବି ଗୁଡିକ ମଧ୍ୟରେ ଅତ୍ୟାବଶ୍ୟକ ଜିନିଷପତ୍ରର ଦରବୃଦ୍ଧି ବନ୍ଦ କରିବା, ଖାଦ୍ୟପଦାର୍ଥ, ଔଷଧ, କୃଷିଜାତ ଦ୍ରବ୍ୟ ଉପରୁ ଜିଏସ୍‌ଟି ପ୍ରତ୍ୟାହାର, ପେଟ୍ରୋଲ, ଡିଜେଲ ପରି ପେଟ୍ରୋଲିୟମ୍ ଜାତ ପଦାର୍ଥ ଉପରେ ଲାଗୁ ହେଉଥିବା ଉତ୍ପାଦନ ଟିକସର ପରିମାଣକୁ ହ୍ରାସ କରିବା, ମାସିକ ସର୍ବନିମ୍ନ ମଜୁରୀ ୨୬୦୦୦ ଟଙ୍କାକୁ ବୃଦ୍ଧି, ସମସ୍ତଙ୍କ ପାଇଁ ବାସଗୃହ, ସମସ୍ତଙ୍କୁ ମାଗଣାରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପିଇବା ପାଣି, ଜନବିରୋଧ ନୂଆ ଶିକ୍ଷାନୀତିକୁ ବାତିଲ, ସରକାରୀ ମାଲିକାନା (ରାଷ୍ଟ୍ରୀୟତ)ରେ ଥିବା ଶିଳ୍ପ, ସଂସ୍ଥା ଓ ସେବାର ଘରୋଇକରଣ ବନ୍ଦ କରିବା, ବେକାରମାନଙ୍କ ପାଇଁ ନୂଆଁ ନିଯୁକ୍ତି ସୃଷ୍ଟି କରିବା, ଚାଷୀଙ୍କ ଋଣଛାଡ଼, ବିହନ, ସାର ଓ ବିଦ୍ୟୁତ୍ ଉପରେ ସବ୍‌ସିଡିକୁ ବୃଦ୍ଧି, ଆଦିବାସୀ ଓ ପାରମ୍ପରିକ ବନଜୀବୀଙ୍କୁ ଜଙ୍ଗଲ ଅଧିକାର ଆଇନ - ୨୦୦୬ ମୁତାବକ ଶିରୋନାମା ପ୍ରଦାନ, ମନରେଗାରେ ଶ୍ରମିକଙ୍କ ଦୈନିକ ମଜୁରୀକୁ ୬୦୦ଟଙ୍କା ଓ ବାର୍ଷିକ କାର୍ଯ୍ୟ ଦିବସ ସଂଖ୍ୟାକୁ ୨୦୦ ଦିନକୁ ବୃଦ୍ଧି, ଭାଗଚାଷୀଙ୍କୁ ଚାଷୀର ମାନ୍ୟତା, ୨୦୨୨ ବିଦ୍ୟୁତ୍ (ସଂଶୋଧନ) ଆଇନ୍ ପ୍ରତ୍ୟାହାର ୪ଟି ଶ୍ରମ କୋକର ପ୍ରତ୍ୟାହାର ଆଦି ରହିଛି, ଏଆଇକେଏମଏସ ରାଜ୍ୟ ସମ୍ପାଦକ ପ୍ରତାପ କୁମାର ନାୟକ, ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକ, ସଂଗ୍ରାମ ନାୟକ, କାଳିଚରଣ ନାୟକ, ଲଡୁ କିଶୋର ଡାକୁଆ, ରାଧା ମଳିକ, ଲକ୍ଷ୍ମୀ ନୃସିଂହ ରଥ, ବସନ୍ତ ନାୟକ, ସୁରେନ୍ଦ୍ର ନାଥ ନାୟକ, ବସନ୍ତ ନାୟକ, ଆଇଏଫଆରୟୁର ପ୍ରଶାନ୍ତ ପରିଚ୍ଛା, ମହେଶ୍ୱର ନାୟକ, ଆଇଏଫଟିୟୁର ଉତ୍ତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଶିଫଳ

ବୁଧବାର, ୨୭ ନଭେମ୍ବର ୨୦୨୪



**ମେଷ:** ଆଜି ଏହି ରାଶିର ଲୋକମାନେ ସର୍ବସାଧାରଣ କ୍ଷେତ୍ରରେ ପ୍ରଶଂସା ପାଇବେ । ଆଜି ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହେବେ । ପାରିବାରିକ ଏବଂ ଦାମ୍ପତ୍ୟ ଜୀବନରେ ସୁଖ ଏବଂ ତୃପ୍ତି ରହିବ । ବ୍ୟବସାୟୀଙ୍କ ବ୍ୟବସାୟ ଏବଂ ଆୟ ବୃଦ୍ଧି ପାଇବ ।



**ବୃଷ:** ଆଜି ଅସୁସ୍ଥ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟରେ ଉନ୍ନତି କରିବେ । ସ୍ଥାନାନ୍ତରଣରେ ବ୍ୟାଘାତ ହେବାର ସମ୍ଭାବନା ଅଛି, ଯଦି ସମ୍ଭବ, ସ୍ଥାନାନ୍ତର କରନ୍ତୁ ନାହିଁ । ଯଦି କାର୍ଯ୍ୟ ଠିକ୍ ସମୟରେ ସମାପ୍ତ ନ ହୁଏ ତେବେ ଆପଣ ବିରକ୍ତ ଅନୁଭବ କରିବେ ।



**ମିଥୁନ:** ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆଜି ଏକ ଅନୁକୂଳ ଦିନ ନୁହେଁ । ଆଜି ତୁମର ସତେଜତା ଏବଂ ଶକ୍ତିର ଅଭାବ ହେବ । ଏହା ସହିତ କ୍ରୋଧର ଅତ୍ୟଧିକ ହେବ । ଏହାର ଫଳ ସ୍ୱରୂପ, ଆପଣଙ୍କର କାର୍ଯ୍ୟ ଖରାପ ହେବାର ସମ୍ଭାବନା ଅଛି ।



**କର୍କଟ:** ଆଜି ଆପଣଙ୍କ ଭିତରେ ଆନନ୍ଦ ଏବଂ ଉତ୍ସାହର ଅଭାବ ଦେଖାଯିବ । ମନରେ ଦୁଃଖ ରହିବ । ଛାତି ଯନ୍ତ୍ରଣା କିମ୍ବା ଅନ୍ୟ କୌଣସି କାରଣରୁ ଆପଣ ଅସନ୍ତୋଷ କିମ୍ବା ଅନିଦ୍ରା ଭୋଗନ୍ତି । ଶ୍ରମିକ ଶ୍ରେଣୀ ଏବଂ ମାତୃ ପାର୍ଶ୍ୱରୁ ଲାଭ ମିଳିବ । ସ୍ୱାସ୍ଥ୍ୟ ଭଲ ରହିବ ।



**ସିଂହ:** ଆଜି ଏକ ସ୍ୱଳ୍ପ ଯାତ୍ରା ହେବ କିମ୍ବା ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କ ସହିତ ରହିବେ । ପ୍ରିୟଜନ ଏବଂ ପ୍ରିୟ ଲୋକଙ୍କ ସହିତ ଏକ ଆଲୋଚନା ହେବ । ଆପଣ ପିଲାମାନଙ୍କୁ ନେଇ ଭଲ ଖବର ପାଇବେ । ତୁମେ ଆର୍ଥିକ ଲାଭ ପାଇବ ।



**କନ୍ୟା:** ଆଜି ତୁମର ଦିନ ବହୁତ ବ୍ୟସ୍ତ ହେବାକୁ ଯାଉଛି । ମନ ସହିତ କରାଯାଇଥିବା କାର୍ଯ୍ୟ ଲାଭଦାୟକ ହେବ । ପୁରୁଣା ଟେନ୍‌ସନ୍ କମିଯିବ । ଆଜି ତୁମର ମଧୁର ସ୍ୱରର ଯାଦୁ ଅନ୍ୟ ଲୋକଙ୍କୁ ପ୍ରଭାବିତ କରିବ । ଯାତ୍ରା ସମ୍ଭାବନା ରହିଛି ।



**ତୁଳା:** ଆଜି ଅପରାହ୍ନ ସୁଦ୍ଧା, ଆପଣ ଫୋନ୍ ମାଧ୍ୟମରେ ଭଲ ଖବର ପାଇପାରିବେ । ଅଫିସ୍ ସାଥୀମାନେ ମଧ୍ୟ ଦଳଗତ କାର୍ଯ୍ୟରେ ଖୁସି ହେବେ । କାରବାର ଏବଂ ବ୍ୟବସାୟରେ ସାବଧାନ ରୁହନ୍ତୁ । ସୃଜନଶୀଳ କାର୍ଯ୍ୟ କରିବେ । କାର୍ଯ୍ୟ ସଫଳ ହେବ ।



**ବିଛା:** ଆଜି ଅପରାହ୍ନ ପର୍ଯ୍ୟନ୍ତ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡିବ । ସନ୍ଧ୍ୟା ସୁଦ୍ଧା ଲାଭ ପାଇଁ ଅନେକ ସୁଯୋଗ ମିଳିବ । ଆପଣ ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ । ଆଜି, ଆପଣ ମନୋରଞ୍ଜନ ପାଇଁ ଟଙ୍କା ଖର୍ଚ୍ଚ କରିବେ । ମାନସିକ ଚିନ୍ତା ଏବଂ ଶାରୀରିକ ସମସ୍ୟା ଦ୍ୱାରା ତୁମେ ଅସୁବିଧାରେ ପଡ଼ିବ ।



**ଧନୁ :** ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ସଫଳତା ଏବଂ ଆର୍ଥିକ ଲାଭ ପାଇବା ସମ୍ଭାବନା ରହିଛି । ଶୁଭ କାର୍ଯ୍ୟକ୍ରମରେ ପରିବାର ଉପସ୍ଥିତ ରହିବେ । ତୁମେ ପ୍ରେମର ଖୁସିର ମୁହୂର୍ତ୍ତକୁ ଉପଭୋଗ କରିବାକୁ ସମର୍ଥ ହେବ । ଆୟ ଉତ୍ସ ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀ ଏବଂ ବରିଷ୍ଠମାନଙ୍କ ଅନୁଗ୍ରହ ରହିବ । ସାଙ୍ଗମାନଙ୍କ ସୁନ୍ଦର ଭ୍ରମଣର ଆୟୋଜନ କରାଯିବ ।



**ମକର:** ଆଜି ବ୍ୟବସାୟ କ୍ଷେତ୍ରରେ ଅର୍ଥ, ସମ୍ମାନ ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ । ଅଧିକ ପରିଶ୍ରମ ସହିତ କମ୍ ସଫଳତା ପାଇବା ହତାଶାର କାରଣ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଦାମ୍ପତ୍ୟ ଜୀବନରେ ଅସୁବିଧା ହେବ । ଯଦି ଉଚ୍ଚ ପଦାଧିକାରୀମାନେ ଖୁସି ହୁଅନ୍ତି, ପଦୋନ୍ନତିର ସମ୍ଭାବନା ଆସିବ ।



**କୁମ୍ଭ:** ଆଜି ଆପଣ ପତ୍ନୀ ଓ ପୁଅଙ୍କଠାରୁ ସୁଖ ଏବଂ ତୃପ୍ତି ଅନୁଭବ କରିବେ । ସ୍ଥାନାନ୍ତରଣ, ପର୍ଯ୍ୟଟନ ଏବଂ ବିବାହ ସମନ୍ୱୟ ସୃଷ୍ଟି ହେବ । ଚାକିରିରେ ଆପଣଙ୍କୁ ଉଚ୍ଚ ପଦାଧିକାରୀଙ୍କ ସହିତ ସତର୍କ ରହିବାକୁ ପଡିବ । ଭ୍ରମଣ ପଛରେ ଟଙ୍କା ଖର୍ଚ୍ଚ ହେବ । ପିଲାଙ୍କ ବିଷୟରେ ଚିନ୍ତା ହେବ ।



**ମୀନ:** ଆଜି ବହୁତ ଧୀର ଦିନ ହେବ । ହଠାତ୍ ଲାଭର ଏକ ରାଶି ଅଛି । ଚେଷ୍ଟା କଲେ ସ୍ଥଗିତ କାର୍ଯ୍ୟ ଆଗକୁ ନେଇଯିବ । ସତର୍କ ରୁହ ଏବଂ ତୁମର କାର୍ଯ୍ୟରେ ଜଡିତ ହୁଅ, ବୋଧହୁଏ ଏହା ସଂଗ୍ରାମର ଶେଷ ରାଉଣ୍ଡ ହେବ । ଥଣ୍ଡା, ନିଶ୍ୱାସ ପ୍ରଶ୍ୱାସ, କାଶ ଏବଂ ପେଟ ଯନ୍ତ୍ରଣା ଧରିବ । ଖର୍ଚ୍ଚ ବୃଦ୍ଧି ପାଇବ । ଉତ୍ତରାଧିକାର ଲାଭ ହେବ ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଗୋରୀବାନ୍ଧା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଯତିନ୍ଦ୍ର କୁମାର ପଣ୍ଡା, ଗଜପତି, ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ଗୋରୀବନ୍ଧା ଗ୍ରାମ ପଞ୍ଚାୟତ ସମେତ ଶିଆଳି, କିଡିଗାଁ ଓ ବୁଦୁରା ପଞ୍ଚାୟତର ସମୁଦାୟ ମୋଟ-୫୩ ଗୋଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୩୪ ଗୋଟି,ଗ୍ରାମଭିତ୍ତିକ ସମସ୍ୟା- ୧୯ ଆସିଥିଲା । ଏହି ସବୁ ସମସ୍ତ ଅଭିଯୋଗଗୁଡିକ ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାପରିଷଦ ଅଧକ୍ଷ ଶ୍ରୀ ଜି.ତିରୁପତି ରାଓ,କାଶୀନଗର ପଞ୍ଚାୟତ ସମିତି ଅଧକ୍ଷା ବାଲା ସାୟାମା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବରୁଧର ମଲ୍ଲିକ,ତହସିଲଦାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ଅଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସନ୍ତୋଷ ନାୟକ ସ୍ଥାନୀୟ ସରପଞ୍ଚ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ।

# ସ୍ୱାମୀ ଆରପାରିରେ, ୪ ସନ୍ତାନଙ୍କ ସହ ଅସହାୟ ରାଧା



ମାଲକାନାଗିରି (ଭାସ୍କର ନ୍ୟୁଜ୍): ସ୍ୱାମୀଙ୍କ ମୃତ୍ୟୁପରେ ଅସହାୟ ମହିଳା ତିନି ଝିଅ ଓ ଗୋଟିଏ ପୁଅକୁ ଧରି ଭୋକ ଉପାସରେ ଜୀବନ କାଟୁଛନ୍ତି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନାଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ପାପରମେଟଲା ପଞ୍ଚାୟତର ଲୁଚାପାଣି ଗ୍ରାମରେ । ଏହି ଗ୍ରାମର ରାଧା ହନ୍ତାଳଙ୍କ ସ୍ୱାମୀଙ୍କ ଗତ ରବିବାର ଦିନ ମୃତ୍ୟୁ ହୋଇଯାଇଥିଲା । ଫଳରେ ନିଜର ଏହି ଚାରି ଜଣ ଛୋଟ ଛୋଟ ପିଲାଙ୍କୁ ଧରି ସେ ସମ୍ପୂର୍ଣ୍ଣ ରୂପେ ଅସହାୟ ହୋଇପଡ଼ିଛନ୍ତି । ଆଧାର ଲିଙ୍କ ଓ ବ୍ୟାଙ୍କ ପାସବୁକ୍ ନଥିବାରୁ ବର୍ଷେ ହେଲା ଚାଉଳ ମିଳୁନାହିଁ। ସ୍ୱାମୀ ବଞ୍ଚିଥିବା ବେଳେ ଦୁଃଖ ସୁଖରେ ସଂସାର ଚଳିଯାଉଥିଲା। ହେଲେ ସ୍ୱାମୀଙ୍କ ମୃତ୍ୟୁ ପରେ ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ଅଲଗା ହୋଇଯାଇଛି। ଗୋଟିଏ ମାତ୍ର ପୁଅ ଛୋଟ ହୋଇଥିବା ବେଳେ ତିନି ଝିଅର ବୟସ ୮ରୁ ୫ ବର୍ଷ ମଧ୍ୟରେ ରହିଛି । ତେବେ ପରିବାର ଚଳିବା ପାଇଁ ତିନି ଝିଅ ଅନ୍ୟ ଘରେ ମୂଲ ଲାଗି ସେଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳିଥାଏ। ଛୋଟ ପୁଅକୁ ଧରି ଏକୁଟିଆ ଅସହାୟ ଭାବେ ନିଜ ଘରେ ପଡ଼ି ରହିଛନ୍ତି ରାଧା । ଜମି ବାଡ଼ି ବୋଲି କିଛି ନାହିଁ , ତେଣୁ ଗାଁ ଲୋକେ ବି କିଛି ସହାୟତା କରୁଛନ୍ତି । କାଗଜପତ୍ର ଠିକ ନଥିବାରୁ କୌଣସି ସରକାରୀ ସହାୟତା ମିଳି ପାରୁନାହିଁ। ତୁରନ୍ତ ମାଲକାନଗିରି ପ୍ରଶାସନ ଘଟଣାକୁ ଗୁରୁତର ସହ ନେଇ ରାଧା ହନ୍ତାଳଙ୍କ ପରିବାରକୁ ସହାୟତା କରିବାକୁ ଗ୍ରାମବାସୀ ଅନୁରୋଧ କରିଥିବା ଜଣା ପଡ଼ିଛି।

# ଉପଯୋଗିତା ଗୃହ ଉଦ୍‌ଘାଟିତ

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଚାନ୍ଦନୀମାଲ ପଂଚାୟତ ଅନ୍ତର୍ଗତ ବରପାଲି ଗ୍ରାମରେ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଉପଯୋଗିତା ଗୃହ ଉଦ୍‌ଘାଟିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ



କନକବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି, ରାଜସ୍ୱ ଓ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର ନାୟକ, ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରିୟଙ୍କା ସାହୁ, କନିଷ୍ଠ ଯନ୍ତ୍ରୀ ଫଗୁ ମୁର୍ମୁ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ହେମନ୍ତ ବଗାର ଅଧକ୍ଷତା କରିଥିଲେ। ସ୍ୱାଗତ ଭାଷଣ ନିର୍ମଳ ସିଂଦେଓ ଓ ମଞ୍ଚ ପରିଚାଳନା ହେମନ୍ତ ଧୁରୁଆ କରିଥିଲେ। ବ୍ଲକ ଅଧକ୍ଷା ଚିତ୍ରାଣୀ ପଟେଲ, ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ବିଜେପି ନେତା ମଙ୍ଗଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଥାନା ଅଧିକାରୀଙ୍କ ବଦଳିକୁ ନେଇ ଜନଅସନ୍ତୋଷ

ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ ଧରୁଆଙ୍କ ଖଡ଼ିଆଳରୁ ଖରିଆର ରୋଡ ଜୋଙ୍କ ଥାନା ବଦଳି ହୋଇଥିବା ନେଇ ସହରବାସୀଙ୍କ ମଧ୍ୟରେ ଜନଅସନ୍ତୋଷ ପ୍ରକାଶ ପାଇଛି । ସୂଚନାରୁ ଜଣାପଡ଼ିଛି ଯେ ୨୬/୮/ ୨୦୨୩ ଶ୍ରୀ ଧରୁଆ ଖଡ଼ିଆଳ ଥାନାରେ ଯୋଗ ଦେଇଥିଲେ । ଖଡ଼ିଆଳ ଥାନାରେ ଯୋଗଦେବାର ୧୪ ମାସ ପରେ ତାଙ୍କର ବଦଳି ନେଇ ଖଡ଼ିଆଳ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବର୍ତ୍ତମାନ ଖଡ଼ିଆଳ ଏସଡି ପିଓଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିବା ବେଳେ ଖଡ଼ିଆଳ ଥାନା ଅଧିକାରୀଙ୍କ ବଦଳି ହେଲେ ଖଡ଼ିଆଳ ଅଞ୍ଚଳ ପାଇଁ ଠିକ ସୂଚନା ନୁହେଁ । କାରଣ ଜିଲ୍ଲାର ଖଡ଼ିଆଳ ଥାନା ଗୋଟିଏ ଗୁରୁତ୍ୱ ବହନ କରୁଥିବା ଥାନା ଏଠାରେ ଯେଉଁ ଯେକୌଣସି କାର୍ଯ୍ୟକ୍ରମ ହେଉଥିବାବେଳେ ବିଶାଳ ଓ ରାଜ୍ୟସ୍ତରୀୟ ହୋଇଥାଏ। ଶ୍ରୀ ଧରୁଆଙ୍କ ଖଡ଼ିଆଳ ଅଂଚଳରେ ଲୋକଙ୍କ ସହ ବହୁତ ଭଲ ସମ୍ପର୍କ ଥିବା ବେଳେ ସାଧାରଣ ଲୋକଙ୍କୁ ଉଚିତ ନ୍ୟାୟ ପ୍ରଦାନ କରୁଥିବାରୁ ତାଙ୍କ ବଦଳିକୁ ନେଇ ଦୁଃଖ ପ୍ରକାଶ କରିବା ସହ ବାତିଲ କରିବାକୁ ଦାବୀ ହେଉଛି। ସେହି ଦୃଷ୍ଟିରୁ ତୁରନ୍ତ ଖଡ଼ିଆଳ ଖଡ଼ିଆଳ ଥାନା ଅଧିକାରୀଙ୍କ ବଦଳି ବାତିଲ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଏଥିପ୍ରତି ନୂଆପଡା ଜିଲ୍ଲା ପୋଲିସ ଅଧିକାରୀ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ମଧ୍ୟରେ ଦାବି ହେଉଛି । ଏନେଇ ନୂଆପଡ଼ା ଜିଲ୍ଲା ଅତିରିକ୍ତ ଏ ଏସପି ଇନ୍ଦ୍ରଜିତ ବେହେରାଙ୍କୁ ପଚାରିବାରୁ ଶ୍ରୀ ଧରୁଆଙ୍କ ବଦଳି ନେଇ ବିଚାର କରିବା ବୋଲି ପ୍ରକାଶ କରିଥିଲେ ।

# ଯନ୍ତ୍ରୀଙ୍କ ବଦଳି ପରେ ଖୋଲୁଛି ଗୁମର

ବିଷମକଟକ ( ଭାସ୍କର ନ୍ୟୁଜ ) ରାୟଗଡା ଜିଲ୍ଲା ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟର ଯନ୍ତ୍ରୀ ଦୀପକ କୁମାର ନାୟକଙ୍କ କାର୍ଯ୍ୟକାଳ ସମୟରେ ଘଟିଥିବା ଅନିୟମିତତାର ସୂତ୍ର ତାଙ୍କ ବଦଳି ପରେ ଖୋଲୁଥିବାର ଖବର ମାଧ୍ୟମରେ ସାମ୍ନାକୁ ଆସୁଛି । ମନରେଗା ପ୍ରକଳ୍ପରେ ହୋଇଥିବା ଏହି ଦୁର୍ନୀତି ଏବେ ବିଭାଗୀୟ ଅଧିକାରୀଙ୍କ ପାଇଁ ଚିନ୍ତାର କାରଣ ହୋଇପଡ଼ିଛି । ଏଭଳି ଅଭିଯୋଗ ଅଛି ଯେ ଚାଟିକଣା ପଞ୍ଚାୟତ ଅଞ୍ଚଳରେ ନୂତନ ରେଳ ଲାଇନ କାମକୁ ମନରେଗା ଠାରୁ ଦର୍ଶାଇ ଟଙ୍କା ଆତ୍ମସାତ କରାଯାଇଥିଲା । ଏହି ଅଞ୍ଚଳର ଆଉ ଅନେକ ପ୍ରକଳ୍ପରେ କାମ ନ ହୋଇ ମାତ୍ର ଟଙ୍କା ହେରଫେର କରାଯାଇଥିବା ତଥ୍ୟ ସାମ୍ନାକୁ ଆସିଛି। ବିଶେଷ ଭାବରେ ବିଭିନ୍ନ ଓ୍ୱାର୍କ କୋଡ୍‌ରେ ଥିବା ଦୁର୍ନୀତିର ତଥ୍ୟ ଭଲ ଭାବେ ପ୍ରମାଣ ମିଳିଛି । ମଧରାତି ସୁଖିଲା ପ୍ରକଳ୍ପ ଠାରୁ ଲେବର ଏବଂ ମେଟେରିଆଲ ଟଙ୍କାର ଜାଲି ଚିନ୍ତା ଆଣିଛି । ଯନ୍ତ୍ରୀଙ୍କ ବଦଳି ପରେ ମଧ ଏହି ଅଭିଯୋଗ ସଫଳ ହେବ ତାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି। ଖୋଦ ବିଷମକଟକ ବିଧାୟକ ମଧ ଯନ୍ତ୍ରୀଙ୍କ କାର୍ଯ୍ୟଶୈଳୀ ନେଇ ଉଦବେଗ ପ୍ରକାଶ କରିଥିଲେ । ବିଡିଓ ସଦାଶିବ ନାୟକ କହିଛନ୍ତି ଯେ ତଦନ୍ତ ପରେ ସମସ୍ତ ସତ୍ୟ ସାମ୍ନାକୁ ଆସିବ ଓ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯିବ । ବୁଦ୍ଧିଜୀବୀ ମହଲର ଦାବି ହେଉଛି ଯେ ଯନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଏବଂ ଅଭିଲେଖ ରେ ଘଟିଥିବା ଅନିୟମିତତା ମୂଲ୍ୟାଙ୍କନ କରାଯାଇବା ଉଚିତ। ବିଷମକଟକ ପଞ୍ଚାୟତ ସମିତିର ଏହି ଘଟଣା ଦୁର୍ନୀତି ବିରୋଧୀ ମୁହିମାକୁ ଏକ ନୂଆ ମୋଡ୍ ଦେଇଛି ।

# ଆର୍‌ଏସ୍‌ଏସ୍‌ର ପୂର୍ବତନ କନ୍ଧମାଳ ଜିଲ୍ଲା ସଂଘ ଚାଳକଙ୍କ ଦେହାନ୍ତ



କନ୍ଧମାଳ(ଭାସ୍କର ନ୍ୟୁଜ୍): ଆର୍‌ଏସ୍‌ଏସ୍‌ର ପୂର୍ବତନ କନ୍ଧମାଳ ଜିଲ୍ଲା ସଂଘ ଚାଳକ ଶ୍ରୀ ରମେଶ ଚନ୍ଦ୍ର ସାହୁଙ୍କ ଦେହାନ୍ତ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ ପୂର୍ବରୁ ଜିଲ୍ଲାରେ ସଂଘର କନ୍ଧମାଳ ଜିଲ୍ଲା କାର୍ଯ୍ୟବାହ, ଜିଲ୍ଲା ସଂଘ ଚାଳକ, ବଲାଙ୍ଗୀର ବିଭାଗ ସଂଘ ଚାଳକ ଆହୁରି ଅନେକ ଦାୟିତ୍ୱ ନିର୍ବାହ କରିଥିଲେ। ଏହା ଫଳରେ ଝୁରୁଛି ଆରଏସ୍‌ଏସ୍ । ତତ୍କାଳୀନ କଂଗ୍ରେସ ସରକାରଙ୍କ ଜରୁରୀ କାଳୀନ ପରିସ୍ଥିତିରେ ତାଙ୍କୁ ଅଢେଇ ବର୍ଷ କାଳ କାରାଗାରବରଣ କରିବାକୁ ପଡିଥିଲା। ମାନ୍ୟବର ବିଧାୟକ ଉମାଚରଣ ମଲିକ ନିଜେ ତାଙ୍କ ଫୁଲବାଣୀ ସ୍ଥିତ ବସ ଭବନକୁ ଯାଇ ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବା ସହିତ ଶ୍ରଦ୍ଧାସୁମନ ଅର୍ପଣ କାରିଥିଲେ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ

ଗୁଣୁପୁର(ଭାସ୍କର ନ୍ୟୁଜ୍): ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଜାତୀୟ ସଂବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ଡ. ଏଭିଏନଏଲ ଶର୍ମା ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଶପଥ ପାଠ କରିବା ସହ ସମ୍ବିଧାନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ।ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ବାଣୀ ପ୍ରସାଦ ନାୟକ, ସିଦ୍ଧାନ୍ତ କୁମାର ସାହୁ, ତପନ କୁମାର, ଭବାନୀ ଶଙ୍କର ପଣ୍ଡା, ବି.ଅନିଲ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ଜଳିଗଲା ଅଢେଇ ଏକର ଧାନଗଦା



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୁହୁରାକୋଟ ଗ୍ରାମରେ ଗୋଟିଏ ପରିବାରର ଦୁଇଜଣ କ୍ଷୁଦ୍ରଚାଷୀଙ୍କ ଅଢେଇ ଏକର ଜମିର ଧାନ ଗଦାରେ ନିଆଁ ଲାଗି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ତେବେ ନିଆଁ ଲାଗିବାର କାରଣ ଜଣାପଡିନାହିଁ। ସୂଚନା ପ୍ରକାରେ କୁହୁରାକୋଟ ଗ୍ରାମର ଶିବ ଗଣ୍ଡ ଏବଂ ଚନ୍ଦ୍ରଶେଣ ମାଝୀ ଉଭୟ ଅଢେଇ ଏକର ଜମିରେ ଧାନ ଚାଷ କରିଥିଲେ। ଗତ କିଛି ଦିନ ତଳେ ଧାନ ଜମିରୁ ଧାନ କାଟି ଘର ନିକଟସ୍ଥ ଖଳାରେ ଭରା ବାନ୍ଧି ରଖିଥିଲେ। ତେବେ ଆଜି ପ୍ରାୟ ୨ ଘଣ୍ଟା ସମୟରେ କୌଣସି କାରଣରୁ ଧାନ ଗଦାରେ ନିଆଁ ଲାଗିଯାଇଥିଲା। ନିଆଁ ଲାଗିବା ଜଣାପଡିବା ପରେ ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ କିନ୍ତୁ ସଫଳ ହୋଇନଥିଲେ। ଶେଷରେ ଝରିଗାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଝରିଗାଁ ଅଗ୍ନିଶମ ବିଭାଗ ପକ୍ଷରୁ କର୍ମଚାରୀ ଭୋଳାନାଥ ମାଝୀ,ପ୍ରକାଶ ପାଣ୍ଡେ,ଧନଞ୍ଜୟ ରାଉତ,ସୁରଥ ଜାନୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ତେବେ ପ୍ରାୟ ୩୦ ରୁ ୪୦ ପ୍ରତିଶତ ଧାନ ଜଳି ନଷ୍ଟ ହୋଇଥିବା ସୂଚନା ମିଳିଛି। ଧାର ଉଧାର କରି ଚାଷ କରିଥିବା ଗରିବ କ୍ଷୁଦ୍ର ଚାଷୀଙ୍କ ପରିବାର ଋଣ କିଭଳି ସୁଝିବେ ସେନେଇ ଚିନ୍ତାରେ ପଡିଛନ୍ତି।ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ସାମ୍ବାଦିକ ସମ୍ମିଳନୀ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ପାରଳା ସହରରରେ ଥିବା ଉତ୍କଳ ସାହିତ୍ୟ ସଭା ଗୃହ ଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅଧକ୍ଷତା ରେ ସଭାପତି ଅଶ୍ୱିନୀ ପାଢ଼ି, ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା, ଓ ଉପ ସଭାପତି ଆଶାଲତା ପାଣିଗ୍ରାହି ପ୍ରମୁଖ ଉପସ୍ଥିତ ରହି ଥିଲେ । ସେମାନଙ୍କ କହିବା ହେଲା ଯେ ପାରଳାଖେମୁଣ୍ଡି ରେ ଏକର ପିଛା ସରକାରଙ୍କ ଧାର୍ଯ୍ୟ ଜମି ମୂଲ୍ୟାୟନ ଏକର ପିଛା ଏବେ ୬୧ କୋଟି ହୋଇଛି । ଫଳରେ ଭୁବନେଶ୍ୱର , ସମ୍ବଲପୁର ,ବ୍ରହ୍ମପୁର, କଟକ , ରାଉଲକେଲା ଓ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦ ଠାରୁ ମଧ ପାରଳାଖେମୁଣ୍ଡି ରେ ଏକର ଜମିର ମୂଲ୍ୟ ୪ ରୁ ୧୦ ଗୁଣା ଅଧିକ ବୃଦ୍ଧି ପାଇଛି। ଗରିବ ଓ ମଦ୍ୟ ବର୍ଗ ପରିବାରମାନେ ଜମି କିଣିପାରବେ ନାହିଁ । ଏହାକୁ ସଂଘ ଦୃଢ ବିରୋଧ କରୁଛି । ପ୍ରକାଶିତ ତଥ୍ୟ ଅନୁସାରେ ଓଡିଶାରେ ଜମି କିଣାବିକା ପାଇଁ ଷ୍ଟାମ୍ପ ଡ୍ୟୁଟି ଆଦାୟ ନିମନ୍ତେ କରାଯାଇଥିବା ବେଞ୍ଚମାକ୍ ଭେଲ୍ୟୁଏସନ ଓଡ଼ିଶାର ସମସ୍ତ ସହର ଓ ନଗର କୁ ଲାଗୁ କରାଯାଇଛି । କିନ୍ତୁ ପାରଳାଖେମୁଣ୍ଡି ନିର୍ଦ୍ଧାରୀତ ମୂଲ୍ୟ ତୁଳନାରେ ସର୍ବାଧିକ ଅଟେ । ଉଦାହରଣ ସ୍ୱରୂପ ଭୁବନେଶ୍ୱର ସହରର ସତ୍ୟନଗର ଧାର୍ଯ୍ୟ କରାଯାଇଥିବା ଏକର ପିଛା ୧୭ କୋଟି ୬୦ ଲକ୍ଷ୍ୟ ଏହା କେବଳ ଭୁବନେଶ୍ୱର ଠାରୁ ବହୁଗୁଣରେ ଅଧିକ ନୁହେଁ, ଓଡ଼ିଶା ବାହାରେ ହାଇଦ୍ରାବାଦ ଠାରୁ ୪ ଗୁଣା ଅଧିକ।




ଗଜପତି ଜିଲ୍ଲା ରେ ୨୦୨୪-୨୦୨୬ ବର୍ଷ ପାଇଁ ସହରରେ ବେଞ୍ଚମାକ୍ ମୂଲ୍ୟାୟନ ଅତ୍ୟଧିକ ବଢେଇ ଦିଆଯାଇଛି । ଏହିଭଳି ଭିତ୍ତିହିନୀ ଓ ଅଦୂରଦର୍ଶୀ ନିଷ୍ପତ୍ତି ଫଳରେ କି ପାରଳାରେ ସହଜରେ ଭୂମି କିଣିବା ଏବଂ ବିକିବା ଏକ ପ୍ରକାର ଅସମ୍ଭବ ହୋଇ ପଡ଼ିଲାଣି । ଗଣତାନ୍ତ୍ରିକ ପଦ୍ଧତିରେ ମୂଲ୍ୟାୟନ କମିଟିରେ ସ୍ଥାନୀୟ ପ୍ରତିନିଧିତ୍ୱ ରହିବା ସାମ୍ବିଧାନିକ ଦାୟିତ୍ୱ ।କିନ୍ତୁ ଉକ୍ତ ପ୍ରତିନିଧିଙ୍କର ଶାରୀରିକ ଅକ୍ଷମତା,ଅନୁପସ୍ଥିତର ଫାଇଦା ଉଠାଇ ଅଫିସର ରାଜ୍ ଚଳାଇଛନ୍ତି। ସରକାରଙ୍କ ନିର୍ଦ୍ଦେଶନାମା ଓ ନିୟମାବଳୀ ଏଥିପାଇଁ ଦାୟୀ ନା ସମ୍ପୃକ୍ତ ସରକାରୀ ଅଧିକାରୀମାନଙ୍କ ଏଥିପାଇଁ ଦାୟୀ ତାର ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ କରିବାରେ ଆବଶ୍ୟକତା ରହିଛି ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି । ତୁଳନାତ୍ମକ ଭାବେ ଦେଖିଲେ ପାରଳାଖେମୁଣ୍ଡି ସହର ଓଡ଼ିଶାର ଅନ୍ୟାନ୍ୟ ପୌର ପରିଷଦ ସହର ଠାରୁ ବିକାଶ ଦୃଷ୍ଟିରେ ଢେର୍ ପଛରେ ପଡିଥିବା ବେଳେ ଏହାର ବେଞ୍ଚମାକ୍ ଭାଲ୍ୟୁଏସନ୍ ଭୁବନେଶ୍ୱର ଓ କଟକ ପରି ଦୃଢ ନୀତି କରାଯିବା ସରକାର ତଥା ପ୍ରଶାସନର ଅଦୂରଦର୍ଶୀତାକୁ ସୂଚାଉଛି ବୋଲି ଅବସରପ୍ରାପ୍ତ କର୍ମଚାରୀ ସଂଘ ଅଭିଯୋଗ କରିଛନ୍ତି ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଏନ୍‌ସିସି ଦିବସ ପାଳିତ



ଜୟପୁର (ଭାସ୍କର ନ୍ୟୁଜ୍): ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ଏନସିସି ଦିବସ ପାଳିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ବିଦ୍ୟାଳୟର କୁଳ ସଚିବ ରଞ୍ଜନ କୁମାର ପ୍ରଧାନ ଉପସ୍ଥିତ ରହି କ୍ୟାଡେଟମାନଙ୍କୁ ଦେଶ ପାଇ ଗର୍ବ ଓ ଗୌରବର କଥା ବୋଲି କହିଛନ୍ତି । କ୍ୟାପଟନ ଲକ୍ଷ୍ମଣ ପାତ୍ରଙ୍କ ତତ୍ୱବାଧାନରେ ସଭା କାଯ୍ୟ ପରିଚାଳନା ହୋଇଥିଲା । ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର କ୍ୟାଡେଟ, ସେଣ୍ଟ ଜାଭିଆର ସ୍କୁଲର କ୍ୟାଡେଟ, ପ୍ରକାଶ ବିଦ୍ୟାଳୟର କ୍ୟାଡେଟମାନେ ଖୁବ ସୁନ୍ଦର ପ୍ୟାରେଟ୍ କରିଥିଲେ । ଏହା ପରେ କ୍ୟାଡେଟମାନଙ୍କ ଦ୍ୱାରା ଖୁବ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଗତ ଦୁଇଦିନ ଧରି ବିଭିନ୍ନ ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା କ୍ୟାଡେଟମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ କ୍ୟାଡେଟ ଭାବେ ବିଶ୍ୱ ବିଦ୍ୟାଳୟର ସିନିୟର ଅଣ୍ଡର ଅଫିସର ଦେବସ୍ମିତା ବେନିଆ, ସିନିୟର ଅଣ୍ଡର ଅଫିସର ଉଇଲସନ ରାଜ ଖରା, ପ୍ରକାଶ ବିଦ୍ୟାଳୟର କ୍ୟାଡେଟ ପ୍ରତ୍ୟୁଷ ପାଢୀ, ସେଣ୍ଟ ଜାଭିୟର ସ୍କୁଲ କ୍ୟାଡେଟ ସାଇ ପ୍ରିୟମ ପାଢୀ ଉପସ୍ଥିତ ଥିଲେ । କ୍ୟାଡେଟ ଶିତଳ ନନ୍ଦା ସ୍ଥଳ ସେନା କ୍ୟାମ୍ପ ପାଇଥିବାରୁ ୧ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ସିଟିଓ ସନ୍ତୋଷିନି ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଏସ ଭାସ୍କର ଭାନୁ, ବି ବି ନନ୍ଦ, ଦୁର୍ଗା ପ୍ରସାତ, ନିଶାନ ପଟ୍ଟନାୟକ ସୁବେଦାର ପ୍ରବୀଣ କୁମାର, ସାରିପ ମହମ୍ମଦଙ୍କ ସହ ବିଶ୍ୱ ବିଦ୍ୟାଳୟର ଅଧାପକ ଓ ଅଧାପିକ ଉପସ୍ଥିତ ଥିଲେ ।

# ମିଳୁନି ମଧ୍ୟାହ୍ନଭୋଜନ ରନ୍ଧା ଖର୍ଚ୍ଚ, ଶିକ୍ଷକଙ୍କ ମୁଣ୍ଡରେ ଚଡ଼କ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ୨୦ ଗୋଟି ପଞ୍ଚାୟତରେ ଥିବା ୨୨୪ ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ଏବେ ହରଡ଼ଘଣାରେ । ଗତ ୩ ମାସରୁ ଉର୍ଦ୍ଧ୍ୱ ହେବ ମଧ୍ୟାହ୍ନ ଭୋଜନ ରନ୍ଧା ଖର୍ଚ୍ଚ ମିଳିନାହିଁ। ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଯେଉଁ ଦୋକାନରୁ ସାମଗ୍ରୀ ବାକିରେ ଆଣିଥିଲେ ସେମାନେ ଆଉ ବାକି ଦେବାକୁ ମନା କରୁଥିବାରୁ ଏବେ କିପରି ମଧ୍ୟାହ୍ନ ଭୋଜନ କାର୍ଯ୍ୟ ଚାଲିବ ସେନେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଲାଣି । ସରକାର କେବଳ ଚାଉଳ ପ୍ରଦାନ କରନ୍ତି କିନ୍ତୁ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ଅର୍ଥ ଏସଏମଏସି ବ୍ୟାଙ୍କ ଖାତାକୁ ପ୍ରଦାନ କରନ୍ତି ଓ ତେବେ ଗତ ସେପଟ୍ଟେମ୍ବର ମାସରୁ ମଧ୍ୟାହ୍ନଭୋଜନ ପାଇଁ ରନ୍ଧା ଖର୍ଚ୍ଚ ଜମା ହୋଇନାହିଁ ଓ କିନ୍ତୁ ଯେଉଁଠି ୧୦୦/୨୦୦ ବା ତଦୁର୍ଦ୍ଧ ବିଦ୍ୟାର୍ଥୀ ଅଧ୍ୟୟନରତ ସେଠି ମାସକୁ ୧୫ରୁ ୩୦ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏହି ଟଙ୍କା ଛୋଟ ଛୋଟ ଦୋକାନୀ ୩ ମାସ ଧରି ବାକି ରଖି ଚଳାଇବା କିମ୍ବା ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ଶିକ୍ଷକ ବହନ କରିବା କଷ୍ଟକର। ଏନେଇ ମାଥିଲି ବ୍ଲକ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଛନ୍ତି କି , ଏହିପରି କୌଣସି ଅଭିଯୋଗ ଆମ ନିକଟରେ ନାହିଁ । ତେବେ ଏହାର ତଦନ୍ତ କରାଯିବ, ଜିଲ୍ଲାସ୍ତରରୁ ଶିକ୍ଷକମାନଙ୍କୁ ମଧ୍ୟାହ୍ନଭୋଜନ ପାଇଁ ଅର୍ଥ ମିଳିବାର ନିୟମ ରହିଛି । ତଦନ୍ତ ପରେ ସତ୍ୟତା ଜଣାପଡିବ। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ସେ ଫୋନ ନଉଠାଇ ଥିବାରୁ ତାଙ୍କର ମତାମତ ମିଳିପାରିନାହିଁ ।

# ସମ୍ବିଧାନ ଦିବସ ପାଳିତ




ବଲାଙ୍ଗିର (ଭାସ୍କର ନ୍ୟୁଜ୍): ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ୭୫ତମ ସମ୍ବିଧାନ ଦିବସ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ସଞ୍ଜିବ କୁମାର ପ୍ରଧାନଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ସହକାରୀ ପ୍ରଧ୍ୟାପକ ମନିନ୍ଦର ସିଂ ହଂସପାଲ ସଭା ସଂଯୋଜନା ଓ ପରିଚାଳନା କରିଥିଲେ । ମହାବିଦ୍ୟାଳୟ ପରିଚାଳନା କମିଟୀର ସଭାପତି ତଥା ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର କୁମାର ମିଶ୍ର ଭାରତୀୟ ସମ୍ବିଧାନର ବିଭିନ୍ନ ଦିଗ ଉପରେ ସମ୍ୟକ୍ ଆଲୋକପାତ କରିଥିଲେ । ପ୍ରତୀକ ମିଶ୍ର ସହକାରୀ ପ୍ରଧ୍ୟାପକ କିଟ୍ ବିଶ୍ୱବିଦ୍ୟାଳୟ ଆଇନ୍ ବିଭାଗ ସମ୍ବିଧାନକୁ ବିଶେଷ ଭାବରେ ତର୍ଜମା କରିଥିଲେ । ଫେମିଲି ଜଜ ବିକ୍ରମ କେଶରୀ ପଟ୍ଟନାୟକ କବିତା ମାଧ୍ୟମରେ ସମ୍ବିଧାନ ବିଷୟରେ ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ। ଭିଜିଲେନ୍ସ ଜଜ୍ ମଳୟ ରଞ୍ଜନ ଦାଶ ସମ୍ବିଧାନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ବିଶ୍ଳେଷଣାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲା ଦୌରା ଜଜ୍ ପବିତ୍ର ମୋହନ ସାମଲ ସମ୍ବିଧାନର ଏକ ସୁନ୍ଦର ରୂପରେଖ ଉପସ୍ଥାପନ କରିଥିଲେ । ସହକାରୀ ପ୍ରଧ୍ୟାପକ ଚଣ୍ଡୀ ପ୍ରସାଦ ଖମାରୀ ସମ୍ବିଧାନର ନିୟମାବଳୀକୁ ଶପଥ ପାଠ କରିଥିଲେ । ମହାବିଦ୍ୟାଳୟର ପ୍ରଥମ ବର୍ଷ, ଦ୍ୱିତୀୟ ବର୍ଷ ଓ ତୃତୀୟ ବର୍ଷର ସମସ୍ତ ଛାତ୍ର ଛାତ୍ରୀ, ଅନ୍ୟ ଅନୁଷ୍ଠାନର ଛାତ୍ର ଛାତ୍ରୀଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ଆଇନ ପ୍ରାଧିକରଣ ସମ୍ପାଦକ ଜଜ୍ ପବିତ୍ରାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍): ସୋମବାର ଦିନ ନବରଙ୍ଗପୁର ଜିଲ୍ଲାପାଳଙ୍କ ଉପସ୍ଥିତିରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୋଷାଗୁମୁଡା ବ୍ଲକର ମିନି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଡ୍. ଶୁଭଙ୍କର ମହାପାତ୍ର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରି ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। କୋଷାଗୁମୁଡା ବ୍ଲକ ହେଉଛି ଉପାନ୍ତ ବ୍ଲକ ସେଥିପାଇଁ ଏଠାରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ଏଠାକାର ଲୋକେ। ଆଜି ମୋଟ ୪୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ଗୋଷ୍ଠୀଗତ ୧୬ ଗୋଟି,ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୮ଗୋଟି, ଅଭିଯୋଗର ଶୁଣାଣି କରାଯାଇଥିଲା। କୋଷାଗୁମୁଡା ପଞ୍ଚାୟତ ଘାସିଆଗୁଡା ଠାରେ ବିଦ୍ୟୁତ ସଂଯୋଗ, କୋଷାଗୁମୁଡାରେ କଲଭର୍ଟ ନିର୍ମାଣ, ସାମ୍ବାଦିକ ସଂଘର ଗୃହ ନିର୍ମାଣ ନିମନ୍ତେ ଜମି ଚିହ୍ନଟ ଆଦି ଅଭିଯୋଗ କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ମିହୀର କୁମାର ପଣ୍ଡା, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରଓ୍ୱାନ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସନ୍ତୋଷ କୁମାର ପଣ୍ଡା, ଜିଲ୍ଲା ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାଜେଶ କୁମାର ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ପି. ଭି ରମନ ରାଓ, ଭାରପ୍ରାପ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଚକ୍ରଧର ମିଶ୍ର, ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତୀକ କୁମାର ରାଉତ, ଅତିରିକ୍ତ ଜିଲାମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦିଲ୍ଲୀପ କୁମାର କବିରାଜ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ,ବ୍ଲକ ଚେୟାରମ୍ୟାନ-ସର୍ବେଶ୍ୱରୀ ମାଝୀ, କୋଷାଗୁମୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ,ତହସିଲଦାର ସୁବ୍ରତ ବେହେରା,ରେଞ୍ଜର ପୂର୍ଣ୍ଣ ଚନ୍ଦ୍ର ନନ୍ଦ, ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ, ଆରଡବ୍ଲୁଏସ୍‌ଏସ ଏଇ ଅମରେଶ ନାୟକ, ବ୍ଲକ ଏଇ ଅଶ୍ୱିନୀ ପଟ୍ଟନାୟକ, ସିଡିପିଓ-ଯମୁନା ଭତ୍ରା, ଆରଡ଼ି ଜେଇ-ଭବାନୀ ଶଙ୍କର ଭୋଇ, ଆଇଟିଡି ଏ ଜେଇ-ତପନ ସିଂ,ପିଡବ୍ଲୁ ଜେଇ-ରଶ୍ମିରଞ୍ଜନ ସେଠୀ,ବିଇଓ- ସୁପ୍ରିୟା ନାୟକ,ଏବିଇଓ ଦିଗାମ୍ବର ହରିଜନ, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଆଦିତ୍ୟ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ନବଜାତ ଶିଶୁକନ୍ୟା ବିକ୍ରି ଘଟଣା

# ପରିବାରବର୍ଗଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ



ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ କରୁଆଁଝର୍ ପଞ୍ଚାୟତ ସାନଗୁର୍ଜିଭଟା ଗ୍ରାମରେ ନବଜାତ ଶିଶୁ କନ୍ୟାଙ୍କୁ ବିକ୍ରି କରାଯାଇଥିବା ଚର୍ଚ୍ଚା ହୋଇଥିଲା । ଉକ୍ତ ଘଟଣା ବିଷୟରେ ବିଭିନ୍ନ ଗଣମାଧ୍ୟମ ଖବର ପ୍ରକାଶ ପରେ ପ୍ରଶାସନ ତରଫରୁ ତଦନ୍ତ ଆରମ୍ଭ ହୋଇଥିଲା । ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପରିବାର ବର୍ଗଙ୍କୁ ଭେଟି ପଚାରି ବୁଝିଥିଲେ। ଏହା ସହ ନିରପେକ୍ଷ ତଦନ୍ତ ପାଇଁ ଆଦେଶ ଦେଇଥିଲେ । ଏହା ପରେ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଉକ୍ତ ନବଜାତ ଶିଶୁ କନ୍ୟାଙ୍କୁ କାହିଁକି ଅନ୍ୟ ହାତରେ ଟେକି ଦେଇଥିବା ବିଷୟରେ ବୁଝିବା ପାଇଁ ବିଜେଡି ର ପ୍ରତିନିଧି ଦଳ ଆସି ଶିଶୁ କନ୍ୟାର ପରିବାର ବର୍ଗଙ୍କୁ ପଚାରି ବୁଝିଥିଲେ। ଉକ୍ତ ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନି ଛୁରିଆ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ , ପୂର୍ବତନ ମନ୍ତ୍ରୀ ରିତା ସାହୁ , ପୂର୍ବତନ ବିଧାୟକ ସରୋଜ କୁମାର ମେହେର , ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ , ଜିଲ୍ଲା ପରିଷଦ ଉପାଧକ୍ଷ ମିଥିଳା ମାଝୀ , ବ୍ଲକ ଅଧକ୍ଷା ନିରୁପମା ପଟେଲ ପରିବାର ବର୍ଗଙ୍କୁ ଭେଟି ଘଟଣା ବିଷୟରେ ପଚାରି ବୁଝିଥିଲେ। ପ୍ରତିନିଧି ଦଳ ପରିବାର ସଦସ୍ୟଙ୍କୁ ପଚାରି ବୁଝିବା ପରେ ଅଭାବୀ କାରଣରୁ ଶିଶୁ କନ୍ୟାଙ୍କୁ ବିକ୍ରି କରିଦେଇଥିଲେ ବୋଲି ଅଭିଯୋଗ କରିଥିଲେ । ଏହା ସହ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଉକ୍ତ ଘଟଣା ବିଷୟରେ ଜଣାଇ ଶିଶୁ କନ୍ୟା ବିକ୍ରି କରିଥିବ ପରିବାର ବର୍ଗଙ୍କୁ ଆବଶ୍ୟକ ସହାୟତା ଦେବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବିଜେଡି କର୍ମକର୍ତ୍ତମାନେ ଉପସ୍ଥିତ ରହିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର




କଟକ(ଭାସ୍କର ନ୍ୟୁଜ୍): ଦେଉଳସାହି ସ୍ଥିତ ରଘୁନାଥଜୀଉ ସ୍ୱାତକ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଡକ୍ଟର ଦିଲ୍ଲୀପ କୁମାର କର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସଭାପତି ଡକ୍ଟର ଦିଲ୍ଲୀପ କୁମାର କର ନିଜ ଅଭିଭାଷଣରେ ସମ୍ବିଧାନ ଦିବସର ଉଦ୍ଦେଶ୍ୟ ବିଷୟରେ ମତ ପ୍ରଦାନ କରିଥିଲେ ଓ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ନିଜ ଭାଷଣରେ ସମ୍ବିଧାନର ଆଭିମୁଖ୍ୟ ବିଷୟରେ କହିଥିଲେ। ପ୍ରଶାସନିକ ଅଧିକାରୀ ଡକ୍ଟର ସରୋଜ କୁମାର ଦାଶ ସମ୍ବିଧାନର ତାତ୍ପର୍ଯ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କ ଅବଗତ କରାଇଥିଲେ। ଶୈକ୍ଷିକ ଅଧିକାରୀ ତଥା ରାଜନୀତି ବିଜ୍ଞାନର ମୁଖ୍ୟ ଡକ୍ଟର ଅକ୍ଷୟ କୁମାର ନାୟକ ସମ୍ବିଧାନର ଇତିହାସ, ମୁଖବନ୍ଧ ବିଷୟରେ କହିଥିଲେ। ଏହି ଅବସରରେ ସମ୍ବିଧାନର ମୁଖବନ୍ଧ ପାଠ କରାଯାଇଥିଲା। ଏଥିରେ ସନ୍ଦର୍ଭ ପାଠ ଓ କୁଇଜ୍ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ଦ୍ୱାରା ହୋଇଥିଲା ଓ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ସୁଶ୍ରୀ କାନ୍ତିରେଖା ବିଶ୍ୱାଳ କାର୍ଯ୍ୟକ୍ରମର ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



# ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ପାଇଁ ସଙ୍କଳ୍ପବଦ୍ଧ ଉଦ୍ୟମ ଲୋଡ଼ା: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାତ୍ମା ଗାନ୍ଧୀ କହିଥିଲେ 'ଆମ ଦେଶର ଭବିଷ୍ୟତ ଆମ ଉପରେ କିମ୍ବା ପିତାମାତାଙ୍କ ଉପରେ ନୁହେଁ ବରଂ ଆମର ପିଲାମାନଙ୍କ ଉପରେ ନିର୍ଭର କରେ । ଏକ ସୁନ୍ଦର ରାଷ୍ଟ୍ର ନିର୍ମାଣର ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ଆମର ସବୁଠାରୁ ମୂଲ୍ୟବାନ ସଂପଦ, ଆମ ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ଦିଗରେ ଆମେ ସମସ୍ତେ ସମ୍ମିଳିତ ସଙ୍କଳ୍ପବଦ୍ଧ ଉଦ୍ୟମ କରିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହ୍ୱାନ ଦେଇଛନ୍ତି । ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ମହକ ଉଦ୍‌ଘାଟନ କରି ମହିଳା ଓ ଶିଶୁ ବିକାଶ ବିଭାଗର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ ଯେ ପିତୃମାତୃହୀନ ଶିଶୁମାନେ ଭଗବାନଙ୍କ ଆଶୀର୍ବାଦପ୍ରାପ୍ତ । ଏହି ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ଶିଶୁମାନେ ହେଉଛନ୍ତି ନିଷ୍ପାପ, କଳୁଷିତା ସେମାନଙ୍କୁ ସ୍ପର୍ଶ କରି ନ ଥାଏ । ସେଥିପାଇଁ ସେମାନଙ୍କୁ ଦେବତାର ଆଖ୍ୟା ଦିଆଯାଇଥାଏ । କୌଣସି ନା କୌଣସି କାରଣରୁ ଯେଉଁ ଶିଶୁମାନଙ୍କୁ ପିତାମାତାଙ୍କ ସ୍ନେହ ଓ ଶ୍ରଦ୍ଧା ମିଳି ପାରିନି, ସେମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଜରୁରୀ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ ଯେ ବଣମଲ୍ଲି ବଣରେ ଫୁଟି ମଉଳି ନ ଯାଉ । ଯେଉଁ ଶିଶୁମାନେ କମ୍ ବୟସରୁ ସଂଘର୍ଷ ଦେଖୁଛନ୍ତି ଓ ପାରିବାରିକ ସୁରକ୍ଷାରୁ ବଂଚିତ ହୋଇଛନ୍ତି, ସେମାନଙ୍କ ପ୍ରତିଭାର ଉନ୍ମେଷ ଓ ବିକାଶ ହେବା ଜରୁରୀ ।

# ରାଜ୍ୟସଭା ଉପନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଜାରି ଡିସେମ୍ବର ୨୦ରେ ଭୋଟ୍

ନୂଆଦିଲ୍ଲୀ : ଆସନ୍ତା ଡିସେମ୍ବର ୨୦ ତାରିଖରେ ରାଜ୍ୟସଭା ଉପନିର୍ବାଚନ ପାଇଁ ଅନୁଷ୍ଠିତ ହେବ ଭୋଟ୍ ଗ୍ରହଣ। ଏଥିନେଇ ଜାତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିସ୍ତୃତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଓଡ଼ିଶା ସମେତ ୪ ରାଜ୍ୟରେ ଖାଲି ପଡ଼ିଥିବା ୬ଟି ଆସନ ପାଇଁ ଉପନିର୍ବାଚନ ହେବ। ଓଡ଼ିଶାରେ ବିଜେଡିର ପୂର୍ବତନ ସାଂସଦ ସୁଜିତ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେବାପରେ ଗୋଟିଏ ଆସନ ଖାଲି ପଡ଼ିଛି। ସେହିପରି ଆନ୍ଧ୍ରର ତିନୋଟି ଆସନ ପାଇଁ ଉପନିର୍ବାଚନ ହେବାକୁ ଥିବାବେଳେ ପଶ୍ଚିମବଙ୍ଗର ଗୋଟିଏ ଓ ହରିଆଣାର ଗୋଟିଏ ଆସନ ପାଇଁ ଏହି ଉପନିର୍ବାଚନ ହେବ। ଡିସେମ୍ବର ୩ ତାରିଖରେ ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ୧୦ ତାରିଖ ନାମାଙ୍କନର ଶେଷ ତାରିଖ। ୧୧ ତାରିଖରେ ନାମାଙ୍କନପତ୍ର ଯାଞ୍ଚ ଏବଂ ୧୩ ତାରିଖରେ ନାମାଙ୍କନ ପ୍ରତ୍ୟାହାରର ଶେଷ ଦିବସ ରହିଛି। ଓଡ଼ିଶା ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଏହି ଗୋଟିଏ ଆସନ ବିଜେପି ଖାତାକୁ ଯିବ। ତେବେ ରାଜ୍ୟସଭାକୁ କାହାକୁ ପଠାଯିବ ସେ ନେଇ ମଧ୍ୟ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ମମତା ମହାନ୍ତଙ୍କ ପରି ବିଜେପି ସୁଜିତ କୁମାରଙ୍କୁ ପଠାଇବ ନା ଆଉ କାହାକୁ ପ୍ରାର୍ଥୀ କରିବ ସେ ନେ କିଛି ସ୍ପଷ୍ଟ ହୋଇନାହିଁ। ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୬ ତାରିଖରେ ସୁଜିତ କୁମାର ରାଜ୍ୟସଭା ପଦରୁ ଇସ୍ତଫା ଦେବା ସହ ବିଜେଡିରୁ ଇସ୍ତଫା ଦେଇଥିଲେ। ପରେ ସେ ବିଜେପିରେ ସାମିଲ ହୋଇଥିଲେ।

**କାର୍ଯ୍ୟସୂଚୀ**

| | | |
|---|---|---|
| ଡିସେମ୍ବର ୩ | : | ବିଜ୍ଞପ୍ତି |
| ଡିସେମ୍ବର୧୦ | : | ନାମାଙ୍କନର ଶେଷ ତାରିଖ |
| ଡିସେମ୍ବର ୧୧ | : | ପ୍ରାର୍ଥୀପତ୍ର ଯାଞ୍ଚ |
| ଡିସେମ୍ବର ୧୩ | : | ପ୍ରତ୍ୟାହାରର ଶେଷ ଦିବସ |

**AFFIDAVIT**

By virtue of an affidavit sworn before Executive Magistrate,Bhubaneswar, dated 25.11.2024, I Peetambar Parida, Address- At- Marad, Po- Biratung, PS- Gop, Dist- Puri, Pin-752116, Odisha declare that I have changed my name from Peetambara Parida to Peetambar Parida. Henceforth I shall be known at Peetambar Parida for all purposes.

Sd/- Peetambar Parida

## ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ୭୫ତମ ସମ୍ବିଧାନ ଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ୭୫ ତମ ସମ୍ବିଧାନ ଦିବସ ଭୁବନେଶ୍ୱର କଂଗ୍ରେସ ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ସମସ୍ତ ସମଭାବାପନ୍ନ ରାଜନୈତିକ ଦଳକୁ (ଇଣ୍ଡିଆ ମେଂଟ) ନେଇ ନ୍ତସମ୍ବିଧାନ ଓ ଭାରତୀୟ ଗଣତନ୍ତ୍ର ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଶ୍ରୀ କାଡାମ ଉପସ୍ଥିତ ନେତୃବୃନ୍ଦଙ୍କୁ ସର୍ବପ୍ରଥମେ ସମ୍ବିଧାନର ମୁଖବନ୍ଧ ପାଠ କରାଇଥିଲେ। ସ୍ୱାଗତ ଭାଷଣ ଦେଇ କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ସମ୍ବିଧାନ ସୁରକ୍ଷା ଆମ୍ଭମାନଙ୍କର ପ୍ରଥମ ଦାୟିତ୍ୱ ବୋଲି କହିଥିଲେ। ଉଦବୋଧନ ଦେଇ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଶରତ ରାଉତ, ଶ୍ରୀକାନ୍ତ ଜେନା, ରାମଚନ୍ଦ୍ର ଖୁଂଟିଆ, ପଞ୍ଚାନନ କାନୁନଗୋ, ଅନନ୍ତ ପ୍ରସାଦ ସେଠୀ, ସୋଫିଆ ଫିରଦୋସ, ସିପିଆଇ ଏମଏଲର ଯୁଧିଷ୍ଠୀର ମହାପାତ୍ର, ସିପିଆଇର ଆଶିଷ କାନୁନଗୋ, ଆପର ନିଶିକାନ୍ତ ମହାପାତ୍ର, ସିପିଆଇଏମର ସୁରେଶ ପାଣିଗ୍ରାହୀ, ଆରଜେଡିର ହେମନ୍ତ କୁମାର, ଫରୱାର୍ଡ ବ୍ଲକର ଜ୍ୟୋତିରନ ମହାପାତ୍ର ପ୍ରମୁଖ କହିଲେଯେ ଭାରତର ସମ୍ବିଧାନ ପ୍ରତ୍ୟେକ ଭାରତବାସୀଙ୍କର ରକ୍ଷାକବଚ। ସମ୍ବିଧାନ ସୁରକ୍ଷିତ ରହିଲେ ଜନସାଧାରଣ ସୁରକ୍ଷିତ ରହିପାରିବେ। କିନ୍ତୁ ବର୍ତ୍ତମାନ ସମ୍ବିଧାନକୁ ହତ୍ୟା କରିବାପାଇଁ ଯେଉଁ ଷଡଯନ୍ତ୍ର ଚାଲିଛି ତା'ର ନିନ୍ଦା କରହିଥିଲେ। ଏହି ଆଲୋଚନାକୁ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପରିଚାଳନା କରିଥିଲେ ଏବଂ ଶିବାନନ୍ଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୯ ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିବେ ମୋଦୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଆସନ୍ତା ୨୯ ତାରିଖ ଅପରାହ୍ନ ୪ଟା ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ଏ ନେଇ ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଭୁବନେଶ୍ୱରରେ ପହଞ୍ଚିବା ପରେ ମୋଦୀ ଏକ ସାଧାରଣ ସଭାରେ ଯୋଗଦେବେ। ଏହାପରେ ରାଜଭବନ ପର୍ଯ୍ୟନ୍ତ ରୋଡ ଶୋ କରିବେ। ପରେ ପରେ ଦଳୀୟ କାର୍ଯ୍ୟାଳୟକୁ ଯାଇ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ମୋଦୀ ୩୦ ଓ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ରହିବେ ବୋଲି ସୂଚନା ଦିଆଯାଇଛି। ତାଙ୍କ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ଦୋକାନୀକୁ ଢେଲା ମାଡ଼ ଓ ଟଙ୍କା ଲୁଟ୍ ଅଭିଯୋଗରେ ୩ ଗିରଫ

ବାରଙ୍ଗ(ଭାସ୍କର ନ୍ୟୁଜ): ଦୋକାନୀଙ୍କୁ ଢେଲା ମାଡ଼ ମାରି ମୁଣ୍ଡ ଫଟାଇବା ଓ ୩୦ହଜାର ଟଙ୍କା ଲୁଟି ନେବା ଅଭିଯୋଗରେ ବାରଙ୍ଗ ପୋଲିସ ୩ଜଣଙ୍କୁ ଗିରଫ କରି ମଙ୍ଗଳବାର ଦିନ ବିଚାର ବିଭାଗୀୟ ହାଜତକୁ ପଠାଇଛି। ଅଭିଯୁକ୍ତ ହେଲେ ବାରଙ୍ଗ ମୁଣ୍ଡାସାହିର ଲକ୍ଷ୍ମଣ ମାରାଣ୍ଡି (୩୨), ଦେବ ବେଶ୍ରା (୨୨) ଓ ଦୀନବନ୍ଧୁ ମୁର୍ମୁ (୨୧)। ଏହି ୩ ଦୁର୍ବୃତ୍ତମାନେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଯୁବକଙ୍କୁ ଆକ୍ରମଣ କରିବା ପାଇଁ ଗୋଡାଇ ନପାରିବାରୁ ଦୋକାନୀଙ୍କୁ କଲେ ଆକ୍ରମଣ। ଆକ୍ରମଣର ଶିକାର ହୋଇଛନ୍ତି ସ୍ମୃତି ରଞ୍ଜନ ସାହୁ(୧୮) ଓ ପୁତୁରା ଜଗନ୍ନାଥ ସାହୁ(୩୫) ଓ ବ୍ରହ୍ମାନନ୍ଦ ଖୁଣ୍ଟିଆ। ଆକ୍ରମଣରେ ସ୍ମୃତିରଞ୍ଜନଙ୍କ ମୁଣ୍ଡରେ ୧୮ଟି ଷ୍ଟିଜ, ଜଗନ୍ନାଥଙ୍କ ମୁଣ୍ଡରେ ୧୪ଟି ସିଟିଚ୍ ପଡିଥିବା ବେଳେ ବ୍ରହ୍ମାନନ୍ଦ ଖୁଣ୍ଟିଆ ଆହତ ହୋଇଛନ୍ତି । ଖବର ଅନୁଯାୟୀ ବାରଙ୍ଗ ମୁଣ୍ଡାସାହିରେ କାର୍ତ୍ତିକେଶ୍ୱର ମେଢ଼ ଭସାଣି ଉତ୍ସବ ଚାଲିଥିବାବେଳେ ତେଲେଙ୍ଗା ସାହିର ଦୁଇ ଜଣ ଯୁବକ ମେଢ଼ ଦେଖିବା ପାଇଁ ଆସିଥିଲେ। ମୁଣ୍ଡାସାହିର କିଛି ଦୁର୍ବୃତ୍ତ ମାନେ ଦୁଇ ଯୁବକୁ ଉକ୍ତ ଉତ୍ସବରେ ଦେଖିଥିଲେ ।ପରେ ସେମାନଙ୍କୁ ଆକ୍ରମଣ କରିବାକୁ ଗୋଡାଇଥିଲେ।

**ଦ.ପୂ. ରେଳପଥ-ଟେଣ୍ଡର**

ଖୋଲା ଇ-ଟେଣ୍ଡର ନୋଟିସ୍ ନଂ ଆରଏସ୍- ଟାଟା-୦୩-୨୦୨୪-୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଏସ୍)/ଟାଟା, ଏସି ରେଲୱେ ନିମ୍ନଲିଖିତ କାମ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଇ-ଟେଣ୍ଡର କ୍ଷେତ୍ରରେ କୌଣସି ମାନୁଆଲ ଅଫର ଗ୍ରହଣ କରାଯିବ ନାହିଁ। ଯଦି ବି ଆସେ ଏହାକୁ ଅଣଦେଖା କରାଯିବ। କାର୍ଯ୍ୟର ବିବରଣୀ: ଇଏଲଏଫ/ଟାଟାଠାରେ ଦୁଇଟି ଷ୍ଟାର୍ଟିଂ ଷ୍ଟାଣ୍ଡପାଇଁ ପରିବହନ, ଫାବ୍ରିକେଶନ ଏବଂ ଇରେକ୍‌ସନ ସହ ବଗି ଏବଂ ବର୍, ହୋଟେଲ ଲୋଡ୍, ଏଫବି ପ୍ୟାନେଲ, ଏଚ୍‌ବି ଏବଂ ଏସ୍‌ବି ପ୍ୟାନେଲ କ୍ୟୁବିକାଲର କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ଟ.୧୫,୨୬,୫୦୫.୦୩/-, ଅମାନତ ଜମା: ଟ. ୩୦,୫୦୦/-। ଟେଣ୍ଡର ପେପର ମୂଲ୍ୟ: ଶୂନ୍ୟ। ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୧୮.୧୨.୨୦୨୪ ଅପରାହ୍ନ ୩ଟା। ଟେଣ୍ଡର ଖୋଲିବା ତାରିଖ: ୧୮.୧୨.୨୦୨୪ରେ ଟିଆରଏସ/ ଟାଟାଠାରେ। ଟେଣ୍ଡର ସମ୍ପର୍କରେ ୱେବସାଇଟ୍ **www.ireps.gov.in** ରେ ଦେଖିପାରିବେ । ଇ-ଟେଣ୍ଡର ସଂପର୍କିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍‌ରେ ଉପଲବ୍ଧ। ଯଦି ଟେଣ୍ଡର ଖୋଲିବା ତାରିଖରେ କୌଣସି ବନ୍ଦ ରହିଥାଏ କିମ୍ବା ଛୁଟି ଥାଏ, ଏହାର ପରବର୍ତ୍ତୀ ଦିନ ନିର୍ଦ୍ଧାରିତ ସମୟରେ ଟେଣ୍ଡର ଖୋଲାଯିବ।

(PR-833)

## ଭାରତୀୟ ଷ୍ଟେଟ ବ୍ୟାଙ୍କର ଅନୁସୂଚିତ ଜାତି ଓ ଜନଜାତି ସଂଗଠନ ତରଫରୁ ପୁରୀ ଠାରେ ଏକ ଅବକାଶ ଗୃହ ଉଦ୍ଘାଟନ ଉତ୍ସବ ପାଳନ



ପୁରୀ (ଭାସ୍କର ନ୍ୟୁଜ): ତାଳବଣିଆ ବ୍ୟାଙ୍କ କଲୋନୀ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସଂଗଠନ ର ସଭାପତି ଶ୍ରୀଯୁକ୍ତ ସୌରଭ ରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ଉକ୍ତ ଉଦ୍ଘାଟନ ଉତ୍ସବରେ ଷ୍ଟେଟ ବ୍ୟାଙ୍କ ର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୂରଥି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦ୍ଘାଟନ କରିଥିଲେ। ଏହା ସହିତ ଉକ୍ତ ଉଦ୍ଘାଟନ ଉତ୍ସବ ରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ର ଅନୁସୂଚିତ ଜାତି ଏବଂ ଜନଜାତିର ନେସନାଲ ଫେଡେରେସନର ସଭାପତି ପ୍ରମୋଦ ଇନ୍ଦଲ ଓ ସଧାରଣ ସଂପାଦକ କେ.ଏଲ ବ୍ୱିନ୍ ଉପସ୍ଥିତ ଥିଲେ। ଏଥିସହିତ ଅନ୍ୟ ସର୍କଲରୁ ଆସିଥିବା ସଭାପତି ଏବଂ ସଧାରଣ ସଂପାଦକ ମାନେ ଏହି ଉଦ୍ଘାଟନ ସମାରୋହରେ ଉପସ୍ଥିତ ଥିଲେ। ଷ୍ଟେଟ ବ୍ୟାଙ୍କ ମ୍ୟାନେଜମେଣ୍ଟ ତରଫରୁ ମହାପ୍ରବନ୍ଧକ ପୋନାବଲମ୍ ମୁରୁଗାନ, ଅନ୍ୟତମ ମହାପ୍ରବନ୍ଧକ କୌଶଲ କିଶୋର ସିଂ, ଡିଜିଏମ୍ (ସିଡିଓ) ମନୋଜ କୁମାର ସିଂହ, ଡିଜିଏମ୍ ଭୁବନେଶ୍ୱର ପ୍ରଶାନ୍ତ କୁମାର ,ଏଜିଏମ୍(ମାନବସମ୍ବଳ) ପୂର୍ଣ୍ଣେନ୍ଦୁ ମହାପାତ୍ର ଉପସ୍ଥିତ ରହି ପୁରୀ ଠାରେ ଉଦ୍ଘାଟନ ହୋଇଥିବା ଉକ୍ତ ଅବକାଶ ଗୃହ ଉପରେ ଆଲୋକପାତ କରିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫିସର ସଂଗଠନର ସଧାରଣ ସଂପାଦକ ଅରୁଣ କୁମାର ବିଶୋଇ , କର୍ମଚାରୀ ସଂଗଠନର ସଧାରଣ ସଂପାଦକ ଉକ୍ଳ ଚିତ ରଞ୍ଜନ ପଣ୍ଡା ଏବଂ ଅବସର ସଙ୍ଗଠନର ସଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ଦାସ ପୁରୀ ଠାରେ ଉଦ୍ଘାଟନ ହୋଇଥିବା ଏହି ଅବକାଶ ଗୃହ ର ଭୂୟସୀ ପ୍ରଶଂସା କରିଥିଲେ। ସଙ୍ଗଠନର ସଧାରଣ ସମ୍ପାଦକ ତଥା ଫେଡେରେସନ କୋର୍ କମିଟି ମେମ୍ବର ଜିତେନ୍ଦ୍ର ନାଏକ ଉକ୍ତ ଉଦଘାଟନ ଉତ୍ସବରେ ନିଜ ଅଭିଭାଷଣ ରଖିଥିଲେ ଏବଂ ପୁରୀର ଏହି ଅବକାଶ ଗୃହକୁ ମେମ୍ବର ମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥଲେ।

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ମାଲଡୋଭାର ଶିକ୍ଷା ମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ମାଲଡୋଭାର ଶିକ୍ଷା ଏବଂ ଗବେଷଣା ମନ୍ତ୍ରୀ ଡାନ୍ ପର୍ସିୟୁନ୍ ଏବଂ ରାଷ୍ଟ୍ରଦୂତ ଆନା ଟବାନଙ୍କୁ ସାକ୍ଷାତ୍ ଆଲୋଚନା କରିଛନ୍ତି । ଏହି ଆଲୋଚନା କାଳରେ ଉଭୟ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ଶୈକ୍ଷିକ ଏବଂ ଗବେଷଣା ସହଯୋଗକୁ ସୁଗମ କରିବା ଉପରେ ଫଳପ୍ରଦ ଆଲୋଚନା ହୋଇଛି । ବୈଠକ କାଳରେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତି ଉପରେ ଚର୍ଚ୍ଚା କରିବା ସହ ଭାରତର ଶିକ୍ଷାକୁ ଅନ୍ତର୍ଜାତୀୟକରଣ ପାଇଁ ହେଉଥିବା ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ । ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଭାରତ ନୂଆ ଠିକଣା ହୋଇଛି । ମାଲଡୋଭା ଓ ଭାରତର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ଉଦ୍ଭାବକ ଏବଂ କର୍ମଚାରୀଙ୍କ ପାଇଁ ନୂତନ ସୁଯୋଗ ଅନ୍ୱେଷଣ କରିବା ପାଇଁ ସହଯୋଗ ଓ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୂତ୍ କରିବା ଉପରେ ଉଭୟ ମନ୍ତ୍ରୀ ଆଲୋଚନା କରିଥିଲେ ।

B-675

E-mail.eekalahandi@gmail.com
FAX No.06670-230512

GOVERNMENT OF ODISHA
OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA
*E-Procurement Notice*

*Bid Identification No. BC KLD-10/2024-2025*

No. 16459 Dated. 25.11.2024

| | | | |
|---|---|---|---|
| 1 | No. of the work: | : | 01 (One) Civil works & 02(Two) electrical Work |
| 2 | Estimated cost: | : | Rs. 5.00 to 14.00 Lakhs |
| 3. | Period of completion: | : | 02 (Two) calendar Months. |
| 4. | Date and time of availability of bid document in the portal: | : | 11.00 hrs of 29.11.2024 to 17.00 hrs of 06.12.2024 |
| 5 | Last date/Time for receipt of bid in the portal: | : | 17.00hour of 06.12.2024 |
| 6 | Name and address of the Officer Inviting Bid: | : | Superintending Engineer, Kalahandi(R&B)Division, Bhawanipatna |
| 7 | Date & Venue of Opening of the Single Cover Bid and Technical Bid (Cover 1) of Double cover Bid. | : | On 07.12.2024 at 11.00 AM in the Office of the Superintending Engineer, Kalahandi(R&B)Division, Bhawanipatna |

Further details can be seen from the e-procurement portal https://tendersodisha.gov.in

Sd/-(Er. P.K Behera)
Additional Chief Engineer
Kalahandi (R&B) Division

OIPR 34017/11/0012/2425

## ହାତୀମୃତ୍ୟୁକୁ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ ଆକ୍ସନ ପ୍ଲାନ୍ ପ୍ରସ୍ତୁତ ନିର୍ଦ୍ଦେଶ



କଟକ (ଭାସ୍କର ନ୍ୟୁଜ୍): ସମ୍ବଲପୁର ନାକଟିଦେଉଳ ରେଞ୍ଜ ବୁରମାଲ ଜଙ୍ଗଲରେ ୩ ହାତୀ ମୃତ୍ୟୁ ଘଟଣାକୁ ନେଇ ହାଇକୋର୍ଟ ନିଜ ଆଡୁ ରୁଜୁ କରିଥିବା ମାମଲାରେ ରାଜ୍ୟ ସରକାରଙ୍କୁ ତୁରନ୍ତ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଗତ ୩ ବର୍ଷ ମଧ୍ୟରେ ରାଜ୍ୟରେ ୮୫ଟି ହାତୀଙ୍କ ମୃତ୍ୟୁ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠ ଆଧାରରେ ହାଇକୋର୍ଟ ତୁରନ୍ତ ରାଜ୍ୟରେ ହାତୀ ମୃତ୍ୟୁ ରୋକିବାକୁ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିବାକୁ ଆଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ସତ୍ୟପାଠ ଉପରେ ହାଇକୋର୍ଟ ଘୋର ଉଦ୍‌ବେଗ ପ୍ରକାଶ କରିବା ସହ ଆସନ୍ତା ୧୦ ଦିନ ମଧ୍ୟରେ ଯୁଦ୍ଧକାଳୀନ ଭିତିରେ ବିଦ୍ୟୁତ ବିତରଣ କମ୍ପାନୀମାନଙ୍କ ସହ ବୈଠକ କରି ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିବାକୁ ଆଦେଶ ଦେଇଛନ୍ତି । ମଙ୍ଗଳବାର ହାଇକୋର୍ଟ ହାତୀ ମୃତ୍ୟୁ ସମ୍ପର୍କିତ ଏକାଧିକ ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ପ୍ରଦାନ କରିବା ସହ ଆସନ୍ତା ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସ୍ପଷ୍ଟ କରିଛନ୍ତି । ସୂଚନାଥାଉକି ହାତୀ ମୃତ୍ୟୁ ଘଟଣାକୁ ହାଇକୋର୍ଟ ଗୁରୁତର ସହ ଗ୍ରହଣ କରି ନିଜ ଆଡୁ ଏକ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ । ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଥିଲେ। କେଉଁ କାରଣ ପାଇଁ ରାଜ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି ଏବଂ ରାଜ୍ୟ ସରକାର ଏହାକୁ ରୋକିବା ପାଇଁ କଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରବାକୁ କହିଥିଲେ ।

FOREST ENVIRONMENT & CLIMATE CHANGE DEPARTMENT, ODISHA.
OFFICE OF THE DIVISIONAL FOREST OFFICER
KORAPUT DIVISION
Email: - dfo.koraput@odisha.gov.in
INVITATION FOR BIDS THROUGH e-Procurement
Bid Identification No. DFO KPT 02/2024 (IF)

MM-272

e-Procurement Notice

| | | | |
|---|---|---|---|
| 1. | Name of the work | : | Construction of civil work under Koraput Forest Division during the year 2024-25. |
| 2. | Total no of Works | : | 01 Nos. |
| 3. | Estimated cost | : | Rs. 12,64,044/- (Excluding GST & Labour cess) |
| 4. | Class of Contractor | : | As Per DTCN |
| 5. | Period of Completion | : | 03 (Three Calendar Months) |
| 6. | Type of tender | : | Single Cover Tender |
| 7. | Date and Time of availability of Bid documents in the portal | : | From 11.00 A.M. of Dt. 27.11.2024 to 17.00 hrs of dt. 09.12.2024. |
| 8. | Last date/Time for receipt of bids in the portal | : | Dt. 09.12.2024 up to 17.00 hrs |
| 9. | Date of opening of Bid through online | : | Dt.10.12.2024 at 11.00 hrs in the office of the undersigned. |
| 10. | Name & address of the O.I.T (Officer Inviting tender) | : | Divisional Forest Officer. Koraput Division, Koraput. |

Further details can be seen from the e-procurement portal https://tendersodisha.gov.in.
N.B. Subsequent corrigendum/addendum if required in this regard will be made available in the website as indicated above.

Sd/-Divisional Forest Officer
Koraput Forest Division.

OIPR 08067/11/0003/2425

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁଭଦ୍ରା ପାଇଁ...

ଅତିଥି ଅଧ୍ୟାପକଙ୍କ ଦରମା ବାବଦରେ ୨୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱ ବିଦ୍ୟାଳୟ ପାଇଁ ଅନୁଦାନ ବାବଦରେ ୨୭ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବାବେଳେ ଓଡ଼ିଶା ମାଧ୍ୟମିକ ଶିକ୍ଷା କ୍ଷେତ୍ରର ଉନ୍ନତି ପାଇଁ ୧୩ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ତେବେ ଏହି ବଜେଟ୍‌ରେ ମିଶନଶକ୍ତି, ସାଧାରଣ ଅଭିଯୋଗ ଓ ପେନସନ ବିଭାଗ ସମେତ ୭ଟି ବିଭାଗ ପାଇଁ କୌଣସି ବ୍ୟୟ ଅଟକଳ କରାଯାଇନାହିଁ ।

### ସମ୍ବିଧାନ ହେଉଛି...

ଅମୃତ ମହୋତ୍ସବ' ପାଳନ କରିଥିଲେ। ଆସନ୍ତା ବର୍ଷ ଜାନୁଆରୀ ୨୬ରେ ଆମେ ଆମ ସାଧାରଣତନ୍ତ୍ରର ୭୫ତମ ବାର୍ଷିକୀ ପାଳନ କରିବୁ । ଏଭଳି ଉତ୍ସବ ଆମକୁ ବର୍ତ୍ତମାନସୁଦ୍ଧା ଯାତ୍ରାର ସମୀକ୍ଷା କରିବା ଏବଂ ଆଗାମୀ ଯାତ୍ରା ପାଇଁ ଭଲ ଯୋଜନା କରିବାର ସୁଯୋଗ ପ୍ରଦାନ କରିଥାଏ। ଏଭଳି ଉତ୍ସବ ଆମର ଏକତାକୁ ସୁଦୃଢ଼ କରିବା ସହ ଜାତୀୟ ଲକ୍ଷ୍ୟ ହାସଲ ପାଇଁ ଆମେ ସମସ୍ତେ ଏକାଠି ବୋଲି ଦର୍ଶାଉଛି। ରାଷ୍ଟ୍ରପତି କହିଛନ୍ତି ଯେ ଗୋଟିଏ ଦୃଷ୍ଟିରୁ ଭାରତର ସମ୍ବିଧାନ ହେଉଛି ପ୍ରାୟ ତିନି ବର୍ଷର ବିଚାରବିମର୍ଶର ଫଳ। କିନ୍ତୁ ପ୍ରକୃତ ଅର୍ଥରେ ଏହା ଆମର ଦୀର୍ଘ ସ୍ୱାଧୀନତା ସଂଗ୍ରାମର ପରିଣାମ ଥିଲା । ସେହି ଅତୁଳନୀୟ ଜାତୀୟ ଆନ୍ଦୋଳନର ଆଦର୍ଶ ସମ୍ବିଧାନରେ ସ୍ଥାନ ପାଇଥିଲା। ସେହି ଆଦର୍ଶଗୁଡ଼ିକୁ ସମ୍ବିଧାନର ପ୍ରସ୍ତାବନାରେ ସଂକ୍ଷିପ୍ତ ଭାବରେ ଗ୍ରହଣ କରାଯାଇଛି। ସେଗୁଡ଼ିକ ହେଉଛି ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃଭାବ । ଅନେକ ଯୁଗରୁ ଏହି ଆଦର୍ଶ ଭାରତକୁ ଭିନ୍ନ ସଂଜ୍ଞା ଦେଇ ଆସିଛି। ସମ୍ବିଧାନର ପ୍ରସ୍ତାବନାରେ ଦର୍ଶାଯାଇଥିବା ଆଦର୍ଶ ପରସ୍ପରର ପରିପୂରକ। ସେଗୁଡ଼ିକ ମିଳିମିଶି ଏପରି ଏକ ପରିବେଶ ସୃଷ୍ଟି କରନ୍ତି ଯେଉଁଥିରେ ପ୍ରତ୍ୟେକ ନାଗରିକ ଉନ୍ନତି, ସମାଜରେ ଯୋଗଦାନ ଏବଂ ସାଥୀ ନାଗରିକମାନଙ୍କୁ ସାହାଯ୍ୟ କରିବାର ସୁଯୋଗ ପାଆନ୍ତି । ରାଷ୍ଟ୍ରପତି କହିଛନ୍ତି ଯେ, କାର୍ଯ୍ୟପାଳିକା, ବିଧାନପାଳିକା ଏବଂ ନ୍ୟାୟପାଳିକା ତଥା ସମସ୍ତ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣରୁ ଆମର ସାମ୍ବିଧାନିକ ଆଦର୍ଶକୁ ଶକ୍ତି ମିଳିଥାଏ। ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ଆମ ସମ୍ବିଧାନରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି । ଭାରତର ଏକତା ଓ ଅଖଣ୍ଡତା ରକ୍ଷା, ସମାଜରେ ସୌହାର୍ଦ୍ଦ୍ୟ କୁ ପ୍ରୋତ୍ସାହିତ କରିବା, ମହିଳାଙ୍କ ସମ୍ମାନ ସୁନିଶ୍ଚିତ କରିବା, ପରିବେଶ ସୁରକ୍ଷା, ବୈଜ୍ଞାନିକ ମନୋଭାବର ବିକାଶ, ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା ଏବଂ ଦେଶକୁ ଉଚ୍ଚସ୍ତରର ସଫଳତାରେ ପହଞ୍ଚାଇବା ନାଗରିକମାନଙ୍କ ମୌଳିକ କର୍ତ୍ତବ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ । ସମ୍ବିଧାନର ଭାବନା ଅନୁଯାୟୀ ସାଧାରଣ ଲୋକଙ୍କ ଜୀବନକୁ ଉନ୍ନତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା କାର୍ଯ୍ୟପାଳିକା, ବିଧାନପାଳିକା ଓ ନ୍ୟାୟପାଳିକାର ଦାୟିତ୍ୱ ବୋଲି ରାଷ୍ଟ୍ରପତି କହିଛନ୍ତି। ସଂସଦ ଦ୍ୱାରା ପ୍ରଣୟନ କରାଯାଇଥିବା ଅନେକ ଆଇନରେ ଲୋକଙ୍କ ଆକାଂକ୍ଷା ପ୍ରତିଫଳିତ ହୋଇଛି ବୋଲି ସେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଗତ କିଛି ବର୍ଷ ମଧ୍ୟରେ ସରକାର ସମାଜର ସମସ୍ତ ବର୍ଗ, ବିଶେଷ କରି ଦୁର୍ବଳ ବର୍ଗଙ୍କ ବିକାଶ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଏଭଳି ନିଷ୍ପତ୍ତି ଲୋକଙ୍କ ଜୀବନରେ ଉନ୍ନତି ଆଣିଛି ଏବଂ ସେମାନଙ୍କୁ ବିକାଶ ପାଇଁ ନୂତନ ସୁଯୋଗ ପ୍ରଦାନ କରୁଛି। ସୁପ୍ରିମକୋର୍ଟଙ୍କ ପ୍ରୟାସ କ୍ରମେ ଦେଶର ନ୍ୟାୟପାଳିକା ଆମ ନ୍ୟାୟିକ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ପ୍ରୟାସ କରୁଛି ବୋଲି କହି ସେ ଖୁସି ବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି କହିଥିଲେ ଯେ ଆମ ସମ୍ବିଧାନ ଏକ ଜୀବନ୍ତ ଏବଂ ପ୍ରଗତିଶୀଳ ଦସ୍ତାବିଜ । ପରିବର୍ତ୍ତିତ ସମୟର ଆବଶ୍ୟକତା ଅନୁଯାୟୀ ଆମର ଦୂରଦୃଷ୍ଟିସମ୍ପନ୍ନ ସମ୍ବିଧାନ ନିର୍ମାତାମାନେ ନୂତନ ଦୃଷ୍ଟିକୋଣକୁ ଗ୍ରହଣ କରିବାର ବ୍ୟବସ୍ଥା କରିଥିଲେ। ସମ୍ବିଧାନ ମାଧ୍ୟମରେ ଆମେ ସାମାଜିକ ନ୍ୟାୟ ଏବଂ ସମାବେଶୀ ବିକାଶ ସହିତ ଜଡ଼ିତ ଅନେକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ କରିଛୁ । ଏକ ନୂତନ ଆଭିମୁଖ୍ୟ ସହିତ ଆମେ ଦେଶମାନଙ୍କ ତୁଳନାରେ ଭାରତ ପାଇଁ ଏକ ନୂତନ ପରିଚୟ ଅର୍ଜନ କରୁଛୁ । ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଆମ ସମ୍ବିଧାନ ନିର୍ମାତାମାନେ ଭାରତକୁ ଏକ ନିର୍ଦ୍ଦେଶିକା ଦେଇଥିଲେ। ଆଜି ଆମ ଦେଶ ଏକ ଅଗ୍ରଣୀ ଅର୍ଥବ୍ୟବସ୍ଥା ହେବା ସହ 'ବିଶ୍ୱ-ବନ୍ଧୁ' ଭଳି ଭଲ ଭାବେ ଏହି ଭୂମିକା ନିର୍ବାହ କରୁଛି। ରାଷ୍ଟ୍ରପତି କହିଥିଲେ ଯେ ପାଖାପାଖି ତିନି ଚତୁର୍ଥାଂଶ ଶତାବ୍ଦୀର ସାମ୍ବିଧାନିକ ଯାତ୍ରାରେ ଦେଶ ସେହି ଦକ୍ଷତା ପ୍ରଦର୍ଶନ କରିବା ଏବଂ ସେହି ସମ୍ମିଳନୀଗୁଡ଼ିକୁ ବିକଶିତ କରିବାରେ ଅନେକାଂଶରେ ସଫଳ ହୋଇଛି। ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ଆମେ ଶିଖିଥିବା ଶିକ୍ଷାଗୁଡ଼ିକୁ ପରବର୍ତ୍ତୀ ପିଢ଼ିକୁ ଦିଆଯିବା ଉଚିତ। ସେ ଉଲ୍ଲେଖ କରିଥିଲେ ଯେ ୨୦୧୫ ରୁ ପ୍ରତିବର୍ଷ 'ସମ୍ବିଧାନ ଦିବସ' ପାଳନ ଆମର ପ୍ରତିଷ୍ଠାତା ଦସ୍ତାବିଜ ସମ୍ବିଧାନ ବିଷୟରେ ଆମର ଯୁବବର୍ଗଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବାରେ ସହାୟକ ହୋଇଛି । ସବୁ ଦେଶବାସୀ ସେମାନଙ୍କ ଆଚରଣରେ ସାମ୍ବିଧାନିକ ଆଦର୍ଶକୁ ପ୍ରୋତ୍ସାହିତ କରିବାକୁ ରାଷ୍ଟ୍ରପତି ଅନୁରୋଧ କରିଥିଲେ। ମୌଳିକ କର୍ତ୍ତବ୍ୟକୁ ଅନୁସରଣ କରିବା ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନର ଜାତୀୟ ଲକ୍ଷ୍ୟ ପ୍ରତି ନିଷ୍ଠାର ସହ ଆଗକୁ ବଢ଼ିବା ଲାଗି ରାଷ୍ଟ୍ରପତି ଆହ୍ୱାନ ଦେଇଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ମାର୍ଚ୍ଚ ୭ ସୁଭଦ୍ରା ଆବେଦନର ଶେଷ ତାରିଖ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ସୁଭଦ୍ରାକୁ ନେଇ ବଡ଼ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ୨୦୨୫ ମାର୍ଚ୍ଚ ୭ ତାରିଖ ସୁଭଦ୍ରା ଯୋଜନା ପାଇଁ ଆବେଦନର ଶେଷ ତାରିଖ। ଅର୍ଥାତ୍ ୨୦୨୫ ମାର୍ଚ୍ଚ ୭ ସୁଭଦ୍ରା ପ୍ରଥମ କିସ୍ତି ପାଇଁ ଆବେଦନର ଶେଷ ଦିବସ। ମାର୍ଚ୍ଚ ୮ ତାରିଖ ମହିଳା ଦିବସରେ ଦ୍ୱିତୀୟ କିସ୍ତି ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ। ବର୍ତ୍ତମାନ ସୁଦ୍ଧା ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟରେ ମହିଳାମାନଙ୍କ ଏକାଉଣ୍ଟକୁ ସୁଭଦ୍ର ସହାୟତା ରାଶି ପଠାଯାଇଛି। ତିନୋଟି ପର୍ଯ୍ୟାୟରେ ମୋଟ ୮୦ଲକ୍ଷ ୪୬ ହଜାର ହିତାଧିକାରୀ ଏହି ଯୋଜନାରେ ଉପକୃତ ହୋଇଛନ୍ତି। ଡିସେମ୍ବରରେ ୪ର୍ଥ ପର୍ଯ୍ୟାୟରେ ଆଉ ୨୦ଲକ୍ଷ ମହିଳାଙ୍କୁ ସୁଭଦ୍ରା ସହାୟତା ପ୍ରଦାନ କରାଯାଇ ଏହାକୁ ୧ କୋଟିରେ ପହଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଛି। ସେପଟେ ହିତାଧିକାରୀଙ୍କୁ ବ୍ୟାଙ୍କରେ ଅଧିକ ଭିଡ଼ ନ କରିବା ପାଇଁ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଛନ୍ତି। ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ବଣ୍ଡାଘାଟିରେ ଯେଉଁ ସମସ୍ୟା ଦେଖାଦେଇଛି ତାହାର ସମାଧାନ କରିବେ ବିଭାଗୀୟ ଅଧିକାରୀ। ସରକାରୀ ଅଧିକାରୀ ବଣ୍ଡାଘାଟି ଯାଇ ଲୋକଙ୍କ ପାଖରେ ପହଞ୍ଚିବେ ଏବଂ ସମସ୍ୟା ସମାଧାନ ପାଇଁ ପ୍ରୟାସ କରିବେ। ବଣ୍ଡାଘାଟିର ୧୭୧୧ ମହିଳାଙ୍କ ମଧ୍ୟରୁ ୫ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ସହାୟତା ରାଶି ପାଇ ସାରିଛନ୍ତି। ଯେଉଁମାନଙ୍କର ସମସ୍ୟା ରହିଛି ତାହା ଶୀଘ୍ର ଦୂର କରାଯାଇ ସହାୟତା ପ୍ରଦାନ କରାଯିବ ବୋଲି ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି।

ADITYA BIRLA CAPITAL
PROTECTING INVESTING FINANCING ADVISING

**ଆଦିତ୍ୟ ବିର୍ଲା ଫାଇନାନ୍ସ ଲିମିଟେଡ୍**

ରେଜିଷ୍ଟ୍ରର ଅଫିସ: ଇଣ୍ଡିଆନ ରେୟନ କମ୍ପାଉଣ୍ଡ, ଭେରଭାଲ, ଗୁଜରାଟ-୩୬୨୨୬୬
ଶାଖା କାର୍ଯ୍ୟାଳୟ: ୧୨ ମହଲା, ଆରଟେକ୍ ପାର୍କ, ନିର୍ଲନ କଂପ୍ଲେକ୍ସ, ହବ୍ ମଲ୍ ପାଖ, ଗୋରେଗାଓଁ (ଇଷ୍ଟ) ମୁମ୍ବାଇ-୪୦୦୦୬୩, ମହାରାଷ୍ଟ୍ର

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ ଆଣ୍ଡ ରି-କନଷ୍ଟ୍ରକ୍ସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩/୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ ୨୦୦୨ର ରୁଲ୍ ୩ ଅନୁଯାୟୀ।**

ନିମ୍ନ ସ୍ୱାକ୍ଷରକାରୀ ଆଦିତ୍ୟ ବିର୍ଲା ଫାଇନାନ୍ସ ଲିମିଟେଡ୍ (ଏବିଏଫଏଲ)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ ଜାରି କରି କଥିତ ନୋଟିସ ମାଧ୍ୟମରେ ନୋଟିସ ଦର୍ଶିତ ଅର୍ଥରାଶି ସହିତ ସେ ବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ ପ୍ରାପ୍ତି ତାରିଖଠାରୁ ୬୦ ଦିନ ମଧ୍ୟରେ ପୈଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଦେୟ ପୈଠ କରିବାରେ ବିଫଳ ହୋଇଥିବାରୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୨) ସହିତ କଥିତ ରୁଲ୍ସର ରୁଲ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲକୁ ନିଆଯାଇଛି।

ଉପରବର୍ଣ୍ଣିତ ଅନୁଯାୟୀ ଋଣଗ୍ରହୀତା/ଉତ୍ତରାଧିକାରୀ/ଲିଗାଲ ପ୍ରତିନିଧିଙ୍କୁ ନୋଟିସ ମାଧ୍ୟମରେ ଏବିଏଫଏଲ ପକ୍ଷରୁ ଜଣାଇ ଦିଆଯାଉଅଛି ଯେ ନିମ୍ନରେ ଦର୍ଶାଯାଇଥିବା ଋଣ ପରିମାଣ ଯାହାକି ଋଣ ଗ୍ରହୀତାଙ୍କ ନାମରେ ରହିଛି। ଏଥିସହ ପରବର୍ତ୍ତୀ ସୁଧ ସହିତ ସମସ୍ତ ଖର୍ଚ୍ଚ ଋଣ ସର୍ତ୍ତ ତଥା ଅନ୍ୟାନ୍ୟ କାଗଜପତ୍ର ଅନୁଯାୟୀ ପରିଶୋଧ କରିବାକୁ ପଡ଼ିବ। ଯଦି ଏଥିରେ ବିଫଳ ହୁଅନ୍ତି, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ଯାହାକି ବନ୍ଧକ ରହିଛି ତାହା ଏବିଏଫଏଲ ନିଜ ହେପାଜତକୁ ନେବ।

| କ୍ର ନଂ | ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଡିମାଣ୍ଡ ନୋଟିସ ଏବଂ ଏନପିଏ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ୧ | ୧.ମେସର୍ସ ବିଶ୍ୱଭୂଷଣ ପୋଲଟ୍ରି ଫାର୍ମ, ପ୍ରୋପାଇଟର ବିଶ୍ୱଭୂଷଣ ପାଇକରାୟଙ୍କ ମାଧ୍ୟମରେ<br>୨. ବିଶ୍ୱଭୂଷଣ ପାଇକରାୟ (ପିତା ପୂର୍ଣ୍ଣଚନ୍ଦ୍ର ପାଇକରା)<br>୩. ଭାରତୀ ଭୂଷଣ ପାଇକରାୟ (ପିତା- ପୂର୍ଣ୍ଣଚନ୍ଦ୍ର ପାଇକରାୟ)<br>୪. ପୂର୍ଣ୍ଣଚନ୍ଦ୍ର ପାଇକରାୟ (ପିତା- ବଂଶୀଧର ପାଇକରା)<br>୫. ଭାନୁମତୀ ପାଇକରାୟ (ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ପାଇକରାୟ)<br>ଠିକଣା୦ ୧: ଜଗଦଲପୁର, ଡେଲାଙ୍ଗ, ପୁରୀ, ଡେଲାଙ୍ଗ ବ୍ଲକ୍ ନିକଟ, ଓଡ଼ିଶା-୭୫୨୦୧୫<br>E-mail Id: biswabhusan22@yahoo.com/bharati@gmail.com/puma@gmail.com/bhanumati@gmail.com. Mob.No. 9348757008/ 9937483689/ 7008754481.<br>Loan Account No: ABBHUSTS000000636023 | ୧୧.୧୧.୨୦୨୪ ଏବଂ ୦୩.୧୧.୨୦୨୪<br>ମୋଟ ବକେୟା ପରିମାଣ<br>୦୭.୧୧.୨୦୨୪ ସୁଦ୍ଧା ଟ. ୨୨,୧୧,୦୮୨.୭୨ | ଜିଲ୍ଲା-ପୁରୀ, ସବ୍‌ରେଜିଷ୍ଟ୍ରି- ଡେଲାଙ୍ଗ, ତହସିଲ- ଡେଲାଙ୍ଗ ନଂ ୪୯, ପିଏସ୍- ଡେଲାଙ୍ଗ, ନଂ ୪୯, ମୌଜା- ଜଗଦଲପୁର, ଖାତା ନଂ ୩୮୬/୩୭, ପ୍ଲଟ୍ ନଂ ୭୨୨, ଏରିଆ- ଏ.୦୪୦ ଡିସିମିଲ, ପ୍ଲଟ୍ ନଂ ୭୨୯, ଏରିଆ- ଏ.୦.୦୭୦ ଡିସିମିଲ ଏବଂ ପ୍ଲଟ ନଂ ୭୨୧, ଏରିଆ- ଏ.୦୯୦ ଡିସିମିଲ। ଯୋଗାଯୋଗ ଖାତା ନଂ ୧୯୩, ବାଉଣ୍ଡାରୀ- ଉତ୍ତର: ରକ୍ଷିତ ରାସ୍ତା (ରୋଡ), ଦକ୍ଷିଣ- ପୂର୍ଣ୍ଣଚନ୍ଦ୍ର ପାଇକରାୟ, ପୂର୍ବ- ଭାସ୍କର ପଲେଇ ଓ ଅନ୍ୟମାନେ, ପଶ୍ଚିମ- ନକୁଳ ମଙ୍ଗରାଜ ଓ ଅନ୍ୟମାନେ। |

ପରବର୍ତ୍ତୀ ସୁଧ, ଅତିରିକ୍ତ ସୁଧ, ଯାହାକି ଡିମାଣ୍ଡ ନୋଟିସରେ ଉଲ୍ଲେଖ କରାଯାଇଛି ଏବଂ ଉପରେ ଉଲ୍ଲେଖ ରହିଛି। ସେଥିସହ ଇନ୍‌ସିଡେଣ୍ଟାଲ ଖର୍ଚ୍ଚ ଏବଂ ମୂଲ୍ୟ ଏବଂ ଅନ୍ୟାନ୍ୟ ଚାର୍ଜ ସହ ନିର୍ଦ୍ଧାରିତ ମୂଲ୍ୟରେ ଆଦାୟ କରାଯିବ। ଯଦି ଋଣଗ୍ରହୀତା ଏବିଏଫଏଲର ଉପରବର୍ଣ୍ଣିତ ଋଣ ପରିଶୋଧ କରିବାରେ ବିଫଳ ହୁଅନ୍ତି, ଏବିଏଫଏଲ ଆଇନର ଧାରା ୧୩(୪) ଅନୁଯାୟୀ ବନ୍ଧକ ଥିବା ସମ୍ପତ୍ତି/ସ୍ଥାବର ସମ୍ପତ୍ତିକୁ ନିଜ ହେପାଜତକୁ ନେବେ। ଋଣଗ୍ରହୀତା/ଉତ୍ତରାଧିକାରୀ/ଲିଗାଲ ପ୍ରତିନିଧିମାନେ ଏଥିପାଇଁ ଦାୟୀ ରହିବେ। ଋଣଗ୍ରହୀତା/ଉତ୍ତରାଧିକାରୀ/ଲିଗାଲ ପ୍ରତିନିଧିଙ୍କୁ ଏବିଏଫଏଲର ବିନା ଅନୁମତିରେ ବନ୍ଧକ ସମ୍ପତ୍ତି/ସ୍ଥାବର ସମ୍ପତ୍ତି ଟ୍ରାନ୍ସଫର କରିପାରିବେ ନାହିଁ । ସିକ୍ୟୁଟିରାଇଜେସନ ଏବଂ ରିକନଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍ସିଆଲ ଆସଟ୍ସ ଅଫ ସିକ୍ୟୁରିଷ୍ଟ ଇଣ୍ଟରେଷ୍ଟ ଆକ୍ଟ ଧାରା (୨୦୦୨ର ୫୪) ଅନୁଯାୟୀ ଏବିଏଫଏଲ ଏହିସବୁ ସମ୍ପତ୍ତି ଋଣଗ୍ରହୀତାଙ୍କଠାରୁ ସଂପୂର୍ଣ୍ଣଭାବେ ନିଜ ହେପାଜତକୁ ନେବେ ଏବଂ ସେଥିପାଇଁ ଋଣଗ୍ରହୀତା ଦାୟୀ ରହିବା ସହ ସମସ୍ତ ଖର୍ଚ୍ଚ ପ୍ରଦାନ କରିବେ।

ସ୍ଥାନ: ପୁରୀ, ଓଡ଼ିଶା
ତାରିଖ: ୨୭.୧୧.୨୦୨୪,

ସ୍ୱା/-ପ୍ରାଧିକୃତ ଅଧିକାରୀ,
ଆଦିତ୍ୟ ବିର୍ଲା ଫାଇନାନ୍ସ ଲିମିଟେଡ୍



ନୂଆଦିଲ୍ଲୀ : ଦିଲ୍ଲୀର ଗ୍ରେଟର ନୋଏଡାର ଏକ ସୋଫା କାରଖାନାରେ ଭୟାବହ ଅଗ୍ନିକାଣ୍ଡ ଘଟି ତିନି ଜଣ ଶ୍ରମିକ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି।ଶ୍ରମିକମାନେ ଶୋଇଥିବା ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ମୃତକମାନେ ହେଉଛନ୍ତି ୨୩ ବର୍ଷୀୟ ଗୁଲଫାମ (ମଥୁରା ବାସିନ୍ଦା), ୨୯ ବର୍ଷୀୟ ମଜହର ଆଲାମ (ବିହାର ବାସିନ୍ଦା) ଏବଂ ୨୪ ବର୍ଷୀୟ ଦିଲଶାଦ (ବିହାରର ଆରାରିଆ ବାସିନ୍ଦା)। ଅଗ୍ନିକାଣ୍ଡ ବାବଦରେ ଖବର ପାଇ ସ୍ଥାନୀୟ ପୁଲିସ ଏବଂ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। କିଛି ଘଣ୍ଟା ପରେ ନିଆଁକୁ ନିୟନ୍ତ୍ରଣ କରିବା ପରେ ତିନି ଜଣଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେମାନଙ୍କର ମୃତ୍ୟୁ ଘଟି ସାରିଥିଲା। ତେବେ କେଉଁ କାରଣରୁ ସୋଫା ଫ୍ୟାକ୍ଟ୍ରିରେ ନିଆଁ ଲାଗିଲା କାରଣ ଜଣାପଡ଼ିନାହିଁ। କାରଖାନାରେ ଅନ୍ୟ ଶ୍ରମିକ ଥିଲେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ପୁଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତିର ଅନୁଧ୍ୟାନ କରୁଛି।

### ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ

## ଦକ୍ଷତା ବିକାଶ ପ୍ରକଳ୍ପ ପାଇଁ ୧୧୧୫.୬୭ କୋଟି ଟଙ୍କା ମଞ୍ଜୁର



ନୂଆଦିଲ୍ଲୀ : କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ବିଭିନ୍ନ ରାଜ୍ୟ ପାଇଁ ବିପର୍ଯ୍ୟୟ ପ୍ରଶମନ ଏବଂ ଦକ୍ଷତା ବିକାଶ ପ୍ରକଳ୍ପ ପାଇଁ ୧୧୧୫.୬୭ କୋଟି ଟଙ୍କା ମଞ୍ଜୁର କରିଛି। ଅର୍ଥମନ୍ତ୍ରୀ, କୃଷି ମନ୍ତ୍ରୀ ଏବଂ ନୀତି ଆୟୋଗର ଉପାଧ୍ୟକ୍ଷଙ୍କୁ ନେଇ ଗଠିତ ଏହି କମିଟି ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଏମଏଫ)ରୁ ପାଣ୍ଠି ଯୋଗାଣ ପାଇଁ ୧୫ଟି ରାଜ୍ୟରେ ଭୂସ୍ଖଳନ ବିପଦ ହ୍ରାସ କରିବା ଏବଂ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏନଡିଆରଏଫ)ର ମଧ୍ୟରୁ ପ୍ରସ୍ତୁତି ଏବଂ ଦକ୍ଷତା ବୃଦ୍ଧି ଅଧୀନରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ଏବଂ ଦକ୍ଷତା ବୃଦ୍ଧି ପାଇଁ ଅନ୍ୟ ଏକ ପ୍ରସ୍ତାବ ଉପରେ ବିଚାର କରିଥିଲା। ଉଚ୍ଚସ୍ତରୀୟ କମିଟି ମୋଟ ୧୦ କୋଟି ଟଙ୍କା ବ୍ୟୟରେ ୧୫ଟି ରାଜ୍ୟ (ଅରୁଣାଚଳ ପ୍ରଦେଶ, ଆସାମ, ହିମାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ, ତ୍ରିପୁରା, ଉତ୍ତରାଖଣ୍ଡ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ତାମିଲନାଡୁ, ପଶ୍ଚିମବଙ୍ଗ)ରେ ଜାତୀୟ ଭୂସ୍ଖଳନ ବିପଦ ପ୍ରଶମନ ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି କମିଟି ଉତ୍ତରାଖଣ୍ଡ ପାଇଁ ୧୩୯ କୋଟି ଟଙ୍କା, ହିମାଚଳ ପ୍ରଦେଶ ପାଇଁ ୧୩୯ କୋଟି ଟଙ୍କା, ୮ଟି ଉତ୍ତର ପୂର୍ବ ରାଜ୍ୟ ପାଇଁ ୩୭୮ କୋଟି ଟଙ୍କା, ମହାରାଷ୍ଟ୍ର ପାଇଁ ୧୦୦ କୋଟି ଟଙ୍କା, କର୍ଣ୍ଣାଟକ ପାଇଁ ୭୨ କୋଟି ଟଙ୍କା, କେରଳ ପାଇଁ ୭୨ କୋଟି ଟଙ୍କା, ତାମିଲନାଡୁ ପାଇଁ ୫୦ କୋଟି ଟଙ୍କା ଏବଂ ପଶ୍ଚିମବଙ୍ଗ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରିଛି। ସମସ୍ତ ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳରେ ମୋଟ ୧୧୫.୬୭ କୋଟି ଟଙ୍କା ବ୍ୟୟ ଅଟକଳରେ ବେସାମରିକ ପ୍ରତିରକ୍ଷା ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ ପାଇଁ ଅନ୍ୟ ଏକ ପ୍ରକଳ୍ପକୁ ମଧ୍ୟ ଏଚଏଲସି ଅନୁମୋଦନ କରିଛି। ଏହା ପୂର୍ବରୁ କମିଟି ଏନଡିଏମ୍ଏଫ୍ ରୁ ମୋଟ ୧୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ୭ଟି ସହରରେ ସହରାଞ୍ଚଳ ବନ୍ୟା ବିପଦ ପ୍ରଶମନ ପ୍ରକଳ୍ପ ଏବଂ ୪ଟି ରାଜ୍ୟରେ ଜିଏଲଓଏଫ୍ ବିପଦ ପରିଚାଳନାକୁ ଅନୁମୋଦନ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିପର୍ଯ୍ୟୟ ପ୍ରଶମନକ୍ଷମ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଗୃହମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ଗୃହ ମନ୍ତ୍ରଣାଳୟ ଦେଶରେ ବିପର୍ଯ୍ୟୟର ପ୍ରଭାବଶାଳୀ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ଭାରତରେ ବିପର୍ଯ୍ୟୟ ବିପଦ ହ୍ରାସ ବ୍ୟବସ୍ଥାକୁ ସୁଦୃଢ଼ କରି ବିପର୍ଯ୍ୟୟ ସମୟରେ ବ୍ୟାପକ ଧନଜୀବନ ହାନିକୁ ରୋକିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ମାର୍ଗଦର୍ଶନରେ ଚଳିତ ବର୍ଷ ରାଜ୍ୟଗୁଡ଼ିକୁ ୨୧,୪୭୬ କୋଟି ରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ୨୬ଟି ରାଜ୍ୟକୁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (ଏସଡିଆରଏଫ)ରୁ ୧୪,୮୭୮.୪୦ କୋଟି ଟଙ୍କା, ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଆରଏଫ)ରୁ ୧୫ଟି ରାଜ୍ୟକୁ ୪,୬୩୭.୬୬ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସଡିଏମଏଫ)ରୁ ୧୧ଟି ରାଜ୍ୟକୁ ୧,୩୮୫.୪୫ କୋଟି ଟଙ୍କା ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନଡିଏମଏଫ)ରୁ ୦୬ଟି ରାଜ୍ୟକୁ ୫୭୪.୯୩ କୋଟି ଟଙ୍କା ରହିଛି।

## ଶ୍ୟାମଦେବ ରାୟ ଚୌଧୁରୀଙ୍କ ପରଲୋକରେ ମୋଦୀଙ୍କ ଶୋକ

ନୂଆଦିଲ୍ଲୀ : ବରିଷ୍ଠ ନେତା ଶ୍ୟାମଦେବ ରାୟ ଚୌଧୁରୀଙ୍କ ପରଲୋକରେ ମଙ୍ଗଳବାର ଶୋକ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ। ଶ୍ରୀ ଚୌଧୁରୀ ତାଙ୍କ ଜୀବନକୁ ଜନସେବାରେ ଉତ୍ସର୍ଗ କରିଥିଲେ ଏବଂ କାଶୀର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। 'ଜନସେବାରେ ଜୀବନକୁ ସମର୍ପଣ କରିଥିବା ବିଜେପିର ବରିଷ୍ଠ ନେତା ଶ୍ୟାମଦେବ ରାୟ ଚୌଧୁରୀଙ୍କ ପରଲୋକରେ ଅତ୍ୟନ୍ତ ଦୁଃଖିତ। ସ୍ନେହ ଭାବନାରେ ଆମେ ସମସ୍ତେ ତାଙ୍କୁ ଦାଦା ବୋଲି ସମ୍ବୋଧନ କରୁଥିଲୁ। ସେ କେବଳ ଯେ ସଙ୍ଗଠନକୁ ସଜାଡ଼ିବାରେ, ଆଗେଇନେବାରେ ଭୂମିକା ନେଇଥିଲେ ତାହାନୁହେଁ, କାଶୀର ବିକାଶ ଦିଗରେ ମଧ୍ୟରେ ସମ୍ପୂର୍ଣ୍ଣ ସମର୍ପଣ ଭାବନାରେ କାମ କରୁଥିଲେ। ତାଙ୍କ ବିୟୋଗ କାଶୀ ସହ ସମଗ୍ର ରାଜନୈତିକ ଜଗତ ପାଇଁ ଅପୂରଣୀୟ କ୍ଷତି। ଦୁଃଖର ଏହି ସମୟରେ ଭଗବାନ ତାଙ୍କ ପରିଜନ ଓ ସମର୍ଥକଙ୍କୁ ଧୈର୍ଯ୍ୟଶକ୍ତି ଦିଅନ୍ତୁ।

## ଡିସେମ୍ବର ୨୦ରେ ରାଜ୍ୟସଭା ଉପନିର୍ବାଚନ




ନୂଆଦିଲ୍ଲୀ : ଦେଶର ଏକାଧିକ ରାଜ୍ୟରେ ରାଜ୍ୟସଭା ଉପନିର୍ବାଚନ ପାଇଁ ମଙ୍ଗଳବାର ତାରିଖ ଘୋଷଣା ହୋଇଛି। ଏନେଇ ଭାରତର ନିର୍ବାଚନ ଆୟୋଗ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି। ଡିସେମ୍ବର ୨୦ ତାରିଖରେ ରାଜ୍ୟସଭା ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ। ଓଡ଼ିଶା ସମେତ ୪ଟି ରାଜ୍ୟର ମୋଟ୍ ୬ଟି ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ବିଜ୍ଞପ୍ତି ଅନୁସାରେ, ଡିସେମ୍ବର ୩ ତାରିଖରେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ଡିସେମ୍ବର ୧୦ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ହୋଇଥିବାବେଳେ ୧୧ ତାରିଖ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ରହିଛି ଡିସେମ୍ବର ୧୩। ଭୋଟ୍ ଗ୍ରହଣ ଦିନ ଅର୍ଥାତ୍ ଡିସେମ୍ବର ୨୦ରେ ହିଁ ଭୋଟ୍ ଗଣତି ହେବ। ଆନ୍ଧ୍ରପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ହରିୟାଣାରେ ଅନୁଷ୍ଠିତ ହେବ ରାଜ୍ୟସଭା ଉପନିର୍ବାଚନ। ଓଡ଼ିଶାରେ ଖାଲି ପଡ଼ିଥିବା ଗୋଟିଏ ଆସନ ପାଇଁ ଉପନିର୍ବାଚନ ହେବ। ସୁଜିତ କୁମାରଙ୍କ ଇସ୍ତଫା ପରେ ଖାଲି ପଡ଼ିଛି ଗୋଟିଏ ଆସନ। ସେପ୍ଟେମ୍ବର ୬ରେ ଇସ୍ତଫା ଦେଇଥିଲେ ସୁଜିତ କୁମାର।

### ଛତିଶଗଡ଼ ସମାଜ କଲ୍ୟାଣ ମନ୍ତ୍ରୀଙ୍କ ନୂତନ ଗୃହ ପ୍ରବେଶ

## ବଧାଇ ଜଣାଇଲେ ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ସରକାରଙ୍କ ମହିଳା, ଶିଶୁ ବିକାଶ ତଥା ସମାଜ କଲ୍ୟାଣ ମନ୍ତ୍ରୀ ଲକ୍ଷ୍ମୀ ରାଜୱାଡେ ନୂଆ ରାୟପୁରସ୍ଥିତ ନୂତନ ସରକାରୀ ବାସଭବନରେ ଗୃହ ପ୍ରବେଶ କରିଛନ୍ତି। ତାଙ୍କ ସହ ତାଙ୍କ ଆତ୍ମୀୟ ସ୍ୱଜନ ମଧ୍ୟ ସାମିଲ୍ ହୋଇଛନ୍ତି। ପୂଜାର୍ଚ୍ଚନା ପରେ ଗୃହ ପ୍ରବେଶ କାର୍ଯ୍ୟ ଆରମ୍ଭ ହୋଇଥିଲା। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏହି ଅବସରରେ ରାଜୱାଡେଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ କେଦାର କାଶ୍ୟପ, ଅର୍ଥମନ୍ତ୍ରୀ ଓ.ପି.ଚୌଧୁରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲ, ବିଧାୟକ ଅଜୟ ଚନ୍ଦ୍ରାକର, କିରଣ ଦେବ, ଇନ୍ଦ୍ରକୁମାର ସାହୁ, ଧର୍ମଜିତ ସିଂହ, ପୁରନ୍ଦର ମିଶ୍ରା, ଯୋଗେଶ୍ୱର ରାଜୁ ସିହ୍ନାଙ୍କ ସହ ଅନ୍ୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ହସ୍ପିଟାଲରେ ଭର୍ତ୍ତି ହେଲେ ଆରବିଆଇ ଗଭର୍ଣ୍ଣର



ନୂଆଦିଲ୍ଲୀ : ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡିବାରୁ ତାଙ୍କୁ ତୁରନ୍ତ ଚେନ୍ନାଇ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ମିଳିଥିବା ସୂଚନାନୁଯାୟୀ, ତାଙ୍କର ଏସିଡିଟି ସମସ୍ୟା ଥିବା ସହ ସ୍ୱାସ୍ଥ୍ୟ ଅବସ୍ଥା ହଠାତ୍ ଖରାପ ହୋଇଥିଲା। ଏଥିପାଇଁ ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କେନ୍ଦ୍ରୀୟ ବ୍ୟାଙ୍କର ପ୍ରବକ୍ତା ମଧ୍ୟ ଏହି ଖବର ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଶକ୍ତିକାନ୍ତ ଦାସଙ୍କ ଏସିଡିଟି ସମସ୍ୟା ପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏସିଡିଟି ସମସ୍ୟା ଅତ୍ୟଧିକ ବଢି ଯିବାରୁ ଅବସ୍ଥା ଗୁରୁତର ହୋଇଥିଲା। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ପରିବର୍ତ୍ତନ ଆସିଛି। ୩ ରୁ ୪ ଘଣ୍ଟା ପରେ ତାଙ୍କୁ ଡିସଚାର୍ଜ କରାଯିବ ବୋଲି କୁହାଯାଉଛି। ତେବେ ଏନେଇ ହସ୍ପିଟାଲ ପକ୍ଷରୁ କୌଣସି ସୂଚନା ମିଳିନାହିଁ।

## ରୁଷିଆ ଏୟାରବେସ୍ ଉପରେ କ୍ଷେପଣାସ୍ତ୍ର ମାଡ଼ କଲା ୟୁକ୍ରେନ

କିଭ୍: ଆମେରିକାର ଆର୍ମି ଟ୍ୟାକ୍ଟିକାଲ୍ ମିସାଇଲ୍ (ଆଟାକମସ) ଦ୍ୱାରା କ୍ରେନ ପ୍ରଥମ ଥର ପାଇଁ ରୁଷିଆର ଏୟାରବେସ୍ ଉପରେ ଆକ୍ରମଣ କରିଛି। ଏହି ଏୟାରବେସ୍ ୟୁକ୍ରେନ-ରୁଷିଆ ସୀମାଠାରୁ ୬୦ମାଇଲ ଦୂରରେ ଥିବା ଖାଲିନୋରେ ଅଛି। ଆସିଥିବା ଚିତ୍ରଗୁଡ଼ିକରେ, ଏୟାରବେସ୍‌ରେ ଆଟାକମସ କ୍ଲଷ୍ଟର ଭାରିଆଣ୍ଟ ସବମୁନିସନର ବିସ୍ଫୋରଣ ଘଟିଥିବାର ଦେଖାଯାଉଛି। ତେବେ ଉପଗ୍ରହ ଚିତ୍ରଗୁଡ଼ିକ ଏୟାରବେସ୍‌ରେ କୌଣସି ବଡ଼ କ୍ଷୟକ୍ଷତିର ସୂଚନା ଦେଇନାହିଁ। ଏୟାରବେସ୍‌ରେ ବିମାନର ଉପସ୍ଥିତି ମଧ୍ୟ କମ୍ ଥିଲା କାରଣ ବେସ୍ କିଛି ସମୟ ପାଇଁ ପ୍ରାଥମିକ ଅପରେଟିଂ ସ୍ଥାନ ଭାବରେ ବ୍ୟବହୃତ ହୋଇ ନ ଥିଲା। ଏହି ଆକ୍ରମଣ ରୁଷିଆର ଏସ୍-୪୦୦ ପ୍ରତିରକ୍ଷା ପ୍ରଣାଳୀର ଉପଯୋଗୀତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି। ଦି ୱାରଜୋନ ରିପୋର୍ଟ କରିଛି ଯେ ୟୁକ୍ରେନ ପ୍ରଥମ ଥର ପାଇଁ ରୁଷିଆର ବାୟୁସେନା ବିରୁଦ୍ଧରେ ଆଟାକମସ ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବ୍ୟବହାର କରିଛି। ଅଗଷ୍ଟ ଆକ୍ରମଣ ସମୟରେ ୟୁକ୍ରେନ ନିଜ ଦ୍ୱାରା ଦଖଲ ହୋଇଥିବା ଅଞ୍ଚଳକୁ ବଜାୟ ରଖିବା ପାଇଁ ସଂଘର୍ଷ କରୁଥିବା ବେଳେ ଏହି ଆକ୍ରମଣ କରିଛି। ଏହି କ୍ଷେପଣାସ୍ତ୍ରଗୁଡ଼ିକ ମଧ୍ୟରୁ ଅଧିକାଂଶକୁ ରୁଷିଆ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ଗୁଳିକରି ଖସାଇ ଦିଆଯାଇଥିଲା। ଗୋଟିଏ କ୍ଷେପଣାସ୍ତ୍ର ଦ୍ୱାରା ଖଲିନୋ ଏୟାରବେସ୍‌ରେ ଦୁଇ ଜଣ ସୈନିକ ଆହତ ହୋଇଥିଲେ। ଏହି ଆକ୍ରମଣରେ ଏକ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ବୋଲି ଆଷ୍ଟ୍ରା ନ୍ୟୁଜ୍ ଦାବି କରିଛି। ରୁଷିଆର ଜେଲେଜନୋଗୋରସ୍କ ଏବଂ ଡିମିଟ୍ରିଭସ୍କି ଅଞ୍ଚଳରେ ଡ୍ରୋନ୍‌ରୁ ଗୁଳି ଚଳାଯାଇଥିଲା।

# ବାଣିଜ୍ୟ



ରାଉରକେଲା(ଭାସ୍କର ନ୍ୟୁଜ): ରାଉରକେଲା ଇସ୍ପାତ କାରଖାନା ଅବଶିଷ୍ଟ ଦେଶବାସୀଙ୍କ ସହ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଦିବସ ପାଳନରେ ସାମିଲ ହୋଇଥିଲା। ଏହି ଦିବସ ପାଳନ ଅବସରରେ ଇସ୍ପାତ କାରଖାନାର ମହତ୍ତ୍ୱପୂର୍ଣ୍ଣ ଅଫିସ ଗୁଡିକ ସମେତ ବିଭିନ୍ନ ୟୁନିଟରେ ସମ୍ବିଧାନ ମୁଖବନ୍ଧ ପାଠ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ନିର୍ବାହୀ ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କମାନେ ସାମ୍ବିଧାନିକ ସଂକଳ୍ପ ଗ୍ରହଣ କରିଥିଲେ। ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ, ଅପରେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ ନିଜ ନିଜ କାର୍ଯ୍ୟାଳୟରେ ସଂକଳ୍ପ ପାଠରେ ନେତୃତ୍ୱ ନେଇଥିଲେ। ସମ୍ବିଧାନର ମୁଖବନ୍ଧ ଥିଲା, ଆମେ ଭାରତର ଜନସାଧାରଣ ଦୃଢ ସଂକଳ୍ପ କରୁଛୁ ଯେ, ଭାରତକୁ ଏକ ସାର୍ବଭୌମତ୍ୱ ସମାଜବାଦୀ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ଗଠନ କରିବୁ ଏବଂ ସମସ୍ତ ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ ଓ ଉପାସନାର ସ୍ୱାଧୀନତା, ସ୍ଥିତି ଓ ସୁଯୋଗର ସମାନତା ଦେଇ ବ୍ୟକ୍ତିର ମର୍ଯ୍ୟାଦା ତଥା ଜାତୀୟ ଐକ୍ୟ ଓ ସଂହତି ପ୍ରତିଷ୍ଠା କରି ଭାତୃଭାବ ଉଦ୍ରେକ କରିବୁ।

## ଟିପିଡବ୍ଲ୍ୟୁଓଡିଏଲ୍‌ର 'କପ ଆଣ୍ଡ ଉଇନ୍' ବିଜେତାଙ୍କ ନାମ ଘୋଷଣା



ବୁର୍ଲା(ଭାସ୍କର ନ୍ୟୁଜ): ମଙ୍ଗଳବାର ଟିପି ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ଗତ ଅକ୍ଟୋବର ମାସ ପାଇଁ 'କପ ଆଣ୍ଡ ଉଇନ୍ ସ୍କିମ୍' ମାଧ୍ୟମରେ ବିଜେତାମାନଙ୍କର ଚୟନ ଅନଲାଇନ୍ ମାଧ୍ୟମରେ କରାଯାଇଛି। ଏହି ସମ୍ମିଳନୀ ସମ୍ବଲପୁର ସ୍ଥିତ ଟିପିଡବ୍ଲୁଓଡିଏଲ କମର୍ସିଆଲ୍ ବିଭାଗର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କରାଯାଇଥିଲା। ଏହି ଅବସରରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କମାର ବର୍ମାଙ୍କ ବ୍ୟତୀତ ଅନ୍ୟାନ୍ୟ ବିଭାଗର ମୁଖ୍ୟମାନେ ମଧ୍ୟ ଉପସ୍ଥିତ ରହିଥିଲେ। ପଶ୍ଚିମ ଓଡିଶାର ବିଦ୍ୟୁତ୍ ସେବାରେ ଉନ୍ନତିକରଣ ପାଇଁ ମାସିକ ବିଦ୍ୟୁତ୍ ବିଲ୍ ପୈଠ କରିବା ଉପଭୋକ୍ତାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଲକ୍ଷ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ମାସିକ ବିଲ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତ୍ୟେକ ମାସରେ ପ୍ରଦାନ କରିଥାନ୍ତି। କମ୍ପାନୀ ତରଫରୁ ପୁରସ୍କାର ସ୍ୱରୂପ ଏକ ଛୋଟ ଉପହାରେ ପ୍ରଦାନ କରାଯିବା ସହିତ ଅନ୍ୟ ଉପଭୋକ୍ତାଙ୍କ ମାସିକ ବିଦ୍ୟୁତ୍ ବିଲ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଦାନ କରିବା ଉତ୍ସାହିତ କରାଯାଇଥାଏ। ଟିପିଡବ୍ଲ୍ୟୁଓଡିଏଲ ଦ୍ୱାରା ଏହି ଯୋଜନାର ପ୍ରଚଳନ ଗତ ଅଗଷ୍ଟ ମାସରେ ଆରମ୍ଭ କରାଯାଇଛି। ପ୍ରକାଶଥାଉ କି, ଏହି ସ୍କିମ୍‌ର ନିୟମ ଅନୁସାରେ ଟିପିଡବ୍ଲ୍ୟୁଓଡିଏଲ ଯୋଗୁ ଗ୍ରାହକଙ୍କ ମଧ୍ୟରେ ସ୍ୱୟଂଚାଳିତ କମ୍ପ୍ୟୁଟର ଦ୍ୱାରା ପ୍ରତ୍ୟେକ ଉପଖଣ୍ଡ ପାଇଁ ୩ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଚୟନ କରାଯାଇଥାଏ ଏବଂ ସେହି ଉପଭୋକ୍ତାଙ୍କୁ ପ୍ରଥମ ପୁରସ୍କାର ଭାବେ ଏକ ସ୍ମାର୍ଟଫୋନ୍ ଓ ଦ୍ୱିତୀୟ ପୁରସ୍କାର ଭାବେ ଏକ ସାରେଗାମା କାରମା ଏବଂ ତୃତୀୟ ପୁରସ୍କାର ଭାବେ ଏକ ସୋଲାର ଲ୍ୟାମ୍ପ ଉପହାର ଦିଆଯାଇଥାଏ।

## ଆମାଜନ.ଇନ୍‌ରେ ୪୫% ପର୍ଯ୍ୟନ୍ତ ରିହାତି

ନୂଆଦିଲ୍ଲୀ: ଆମାଜନ.ଇନ ଡାବର ଦ୍ୱାରା ପ୍ରାୟୋଜିତ ୱିଣ୍ଟର ୱେଲନେସ୍ ଷ୍ଟୋର ପ୍ରସ୍ତୁତ କରିଛି, ଯାହା ଗ୍ରାହକଙ୍କୁ ଆଗାମୀ ଶୀତଋତୁ ପାଇଁ ପ୍ରସ୍ତୁତି ନିମନ୍ତେ ଏକ ସୁବିଧାଜନକ ଉପାୟ ପ୍ରଦାନ କରିଛି। ଗ୍ରାହକମାନେ ଆମାଜନର ଦ୍ରୁତ ଏବଂ ବିଶ୍ୱସନୀୟ ଡେଲିଭରୀ ସହ କମ୍ ମୂଲ୍ୟରେ ଶୀତକାଳୀନ ଯତ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଏକ ବିସ୍ତୃତ ଚୟନ ଉପଲବ୍ଧ କରିପାରିବେ। ୱିଣ୍ଟର ୱେଲନେସ୍ ଷ୍ଟୋରରେ ଉଭୟ ଅନ୍ତର୍ଜାତୀୟ ଏବଂ ଭାରତୀୟ ବ୍ରାଣ୍ଡର ଗ୍ରୋସରୀ, ବେବି ଆଇଟମ୍, ଗୃହପାଳିତ ପଶୁ ଯତ୍ନ, ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ଯତ୍ନ ଉତ୍ପାଦ ଭଳି ବର୍ଗକୁ ଅନ୍ତର୍ଭୁକ୍ତ କରି ଏକ ବିସ୍ତୃତ ପ୍ରଡକ୍ଟରେ ରହିଛି। ପ୍ରାୟୋଜକ ଡାବର ସହିତ ଗ୍ରାହକମାନେ କପିଭା, କୋଫୋଲ, କ୍ୱିକ, ବୈଦ୍ୟନାଥ ଅସଲି ଆୟୁର୍ବେଦ, ହର୍ଲିକ୍ସ ଏବଂ କେରଳ ଆୟୁର୍ବେଦ ଭଳି ଶୀର୍ଷ ବ୍ରାଣ୍ଡରୁ ଶୀତକାଳୀନ ଯତ୍ନ ଅଫର ପାଇପାରିବେ, ଯେଉଁଥିରେ କିଛି ଶୀତକାଳୀନ ସ୍ୱାସ୍ଥ୍ୟ ସେବା ଏବଂ ଗ୍ରୋସରୀ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ୪୫% ପର୍ଯ୍ୟନ୍ତ ରିହାତି ମିଳିବ। ଏହି ଶୀତଦିନେ ଗୁଡ଼ ଓ ୪୦+ ଆୟୁର୍ବେଦିକ ଔଷଧରେ ଭରପୂର ଡାବର ଚ୍ୟବନପ୍ରାଶ, ବୈଦ୍ୟନାଥ ଚ୍ୟବନପ୍ରାଶ ସ୍ପେଶାଲ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଓ ଶକ୍ତି ବୃଦ୍ଧି କରନ୍ତୁ। ବୟସ୍କଙ୍କ ପାଇଁ ଏକ ସ୍ୱତନ୍ତ୍ର ସପ୍ଲିମେଣ୍ଟ ହର୍ଲିକ୍ସ ଷ୍ଟ୍ରେଙ୍ଗଥ ପ୍ଲସ୍, ସହଜରେ ହଜମ ହେଉଥିବା ପ୍ରୋଟିନ୍, ମାଂସପେଶୀ ଶକ୍ତି ପାଇଁ ଲିଉସିନ୍ ଏବଂ ହାଡ଼ର ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍ ଡି ସହିତ କ୍ୟାଲସିୟମ୍ ପ୍ରଦାନ କରିଥାଏ। ଗରମ ରଖିବା ପାଇଁ ଶୀତକାଳୀନ ସ୍ୱତନ୍ତ୍ର ପାନୀୟ ବର୍ଗରେ ରହିଛି ହର୍ସିସ କୋକୋଆ ପାଉଡର, ନେସ୍କାଫେ ରୋଷ୍ଟେରି, ଟାଟା ଟି ଗୋଲ୍ଡ ପ୍ରିମିୟମ ଆସାମ ଟି, କେଲଜାଇ ନ୍ୟାଚୁରାଲ୍ ରିଜୁଭିନେଟର ଭୋଲକାନିକ୍ ମିନେରାଲ୍ ରିଚ୍ ଷ୍ଟିଲ୍ ୱାଟର, ହାପିଲୋ ୧୦୦% ନ୍ୟାଚୁରାଲ୍ ପ୍ରିମିୟମ କାଲିଫର୍ଣ୍ଣିଆ ଡ୍ରାଏଡ ଆଲମଣ୍ଡ, କିଣ୍ଡର ଜୋଏ ମିଲ୍କ ଚକୋଲେଟ୍, ଫେରେରୋ ରୋଚର ଏବଂ ବେଟି କ୍ରୋକର ଚୋକୋ ଫଜ ଇନଷ୍ଟାଣ୍ଟ କେକ୍ ମିକ୍ସ ପାଉଡର ଭଳି ଆହୁରି ଅନେକ ସାମଗ୍ରୀ।

## କିର୍ଥୀ ରିଫାଇଣ୍ଡ ସନ୍‌ଫ୍ଲାୱାର ତେଲର ବ୍ରାଣ୍ଡ୍ ଆମ୍ବାସାଡ଼ାର



ମୁମ୍ବାଇ: ବୁନଜେ ଇଣ୍ଡିଆ ପ୍ରାଇଭେଟ ଲିଃ. ଖାଦ୍ୟ ତୈଳ ବଜାରର ଏକ ପ୍ରମୁଖ ଖେଳାଳୀ ଭାବରେ ଅତି ଉତ୍କଣ୍ଠାର ସହିତ ଲୋକପ୍ରିୟ ଅଭିନେତ୍ରୀ କିର୍ଥୀ ସୁରେଶଙ୍କୁ ଫିଓନା ରିଫାଇଣ୍ଡ ସନଫ୍ଲାୱାର ତେଲର ବ୍ରାଣ୍ଡ ଆମ୍ବାସାଡ଼ାର ଘୋଷଣା କରିଛି। ନକ୍ଷତ୍ରା ସମ୍ବନ୍ଧୀତ ଚମତ୍କାରିତା ତଥା ଦର୍ଶକଙ୍କ ପାଖରେ ଅତି ଦୃଢ଼ଭାବରେ ସଂଯୋଗ ପାଇଁ କିର୍ଥୀ ଦକ୍ଷିଣ ଭାରତର ଜଣେ ଅତି ଜଣାଶୁଣା ଅଭିନେତ୍ରୀ ଭାବରେ ଫିଓନା ଅଭିଯାନର ପ୍ରତିନିଧିତ୍ୱ କରି ଭାରତୀୟ ପରିବାର ମଧ୍ୟରେ ଏକ ଭରସାଯୋଗ୍ୟ ଖାଇବା ତେଲ ଯାହାକି ମିଶ୍ରିତ ଭାବରେ ଏହାର ମାନକ, ପୌଷ୍ଟିକତା ତଥା ସ୍ୱାଦକୁ ନେଇ ରୋଷେଇ ପାଇଁ ପସନ୍ଦ ଯୋଗ୍ୟ ହୋଇପାରିଛି। ଫିଓନା ରିଫାଇଣ୍ଡ ସନଫ୍ଲାୱାର ତେଲ ଏହାର ଆଧୁନିକ ଭାଇଟୋ ପ୍ରୋଟେକ୍ସ ଫର୍ମୁଲାକୁ ନେଇ ୫୦ ପ୍ରତିଶତରୁ ଅଧିକ ଭିଟାମିନକୁ ନେଇ ସାଧାରଣ ସନଫ୍ଲାୱାର ତେଲ ତୁଳନାର ଅଧିକ ଖାଦ୍ୟ ଉପଯୋଗୀ ପ୍ରଦାନ କରିଅଛି। ବ୍ୟବହାରିକ ଏହି ମୌଳିକ ଉପାଦାନ ଗୁଡ଼ିକ ଅତି ଚମତ୍କାର ଭାବରେ ବିକଶିତ ହୋଇ ଖାଦ୍ୟ ଥାଳିରେ ଏହାର ମୋଟାମୋଟି ପୌଷ୍ଟିକତା ମୂଲ୍ୟକୁ ବୃଦ୍ଧିକରିବା ସହିତ, ଦୈନନ୍ଦିନ ଖାଦ୍ୟ ଥାଳୀକୁ ଏହା କେବଳ ସ୍ୱାଦଯୁକ୍ତ ନୁହେଁ ସ୍ୱାସ୍ଥ୍ୟକର ମଧ୍ୟ କରିପାରିଛି। ଫିଓନା ପରିବାର ସହିତ ଯୋଗଦାନକୁ ନିଜର ଗର୍ବଭାବରେ ଅଭିହିତ କରି ଅଭିନେତ୍ରୀ କିର୍ଥୀ ସୁରେଶ କହିଛନ୍ତି, ନ୍ତଫିଓନା ରିଫାଇଣ୍ଡ ସନଫ୍ଲାୱାର ତେଲର ମୁଖପତ୍ର ଭାବରେ ମୁଁ ଅତ୍ୟନ୍ତ ଉନ୍ମାଦିତ, ଏହା ଏପରି ଏକ ବ୍ରାଣ୍ଡ ଯାହାକି ଉନ୍ନତ ଜୀବନଶୈଳୀ ପସନ୍ଦ କରିବା ଉପରେ ବିଶ୍ୱାସ କରିଥାଏ। ଫିଓନାରେ ରହିଥିବା ଭାଇଟୋପ୍ରୋଟେକ୍ସ ଫର୍ମୁଲା ଉଭୟ ପୌଷ୍ଟିକତା ଏବଂ ସ୍ୱାଦକୁ ସୁନିଶ୍ଚିତ କରିବା ସହିତ, ଏହାକୁ ଦୈନନ୍ଦିନ ପ୍ରସ୍ତୁତ ରୋଷେଇରେ ସବୁଠାରୁ ଭଲ ପସନ୍ଦ ଭାବରେ ପ୍ରସ୍ତୁତ କରିପାରିଛି। ଫିଓନା ସହିତ ଏହି ଜୟଯାତ୍ରାକୁ ଆରମ୍ଭ କରିବା ପାଇଁ ମୁଁ ଉତ୍ସାହିତ ଅଛି। ବିନୟ ଶ୍ରୀବାସ୍ତବ, ଉପସଭାପତି ଏବଂ ବ୍ୟବସାୟୀକ ମୁଖ୍ୟ, ବି୨ସି, ବୁନଜେ ଇଣ୍ଡିଆ, ଏହି ସହଭାଗୀତା ଉପରେ ନିଜର ଉତ୍ସାହ ପ୍ରଦତାକୁ ବ୍ୟକ୍ତ କରି କହିଛନ୍ତି, ଲୋକପ୍ରିୟ ଅଭିନେତ୍ରୀ କିର୍ଥୀ ସୁରେଶଙ୍କୁ ଫିଓନା ରିଫାଇଣ୍ଡ ସନଫ୍ଲାୱାର ତେଲର ବ୍ରାଣ୍ଡ ଆମ୍ବାସାଡ଼ାର ଭାବରେ ସ୍ୱାଗତ କରିବାକୁ ଆମେ ଉତ୍ସାହିତ ଅଛୁ। କିର୍ଥୀଙ୍କ ମୂଲ୍ୟବୋଧ ଏବଂ ସୁସ୍ଥ ଜୀବନଯାପନ ପାଇଁ ଉତ୍ସର୍ଗୀକୃତ ନୀରବଚ୍ଛିନ୍ନ ଭାବ ଫିଓନା ଅଭିଯାନ ସହିତ ଏକାଠି ହୋଇ ଭାରତୀୟ ପରିବାର ପାଇଁ ପୁଷ୍ଟିକର ଖାଦ୍ୟ ଏବଂ ଗୁଣାତ୍ମକ ରନ୍ଧନ ସମାଧାନର ଉପାୟ ପ୍ରଦାନ କରିପାରିବ। ସମଗ୍ର ଭାରତରେ ଦର୍ଶକଙ୍କ ସହିତ ତାଙ୍କର ସଂଯୋଗ, ଯେଉଁମାନେ କି ରୋଷେଇରେ ସ୍ୱାସ୍ଥ୍ୟ ଏବଂ ଗୁଣାବତାକୁ ଗୁରୁତ୍ୱ ଦିଅନ୍ତି ସେମାନଙ୍କ ପାଇଁ ଫିଓନାକୁ ସର୍ବୋ ? ? ?ମ ପସନ୍ଦ କରିବାର ଲକ୍ଷ୍ୟକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିବ।

## ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ କ୍ଷେତ୍ରରେ ଅଗ୍ରଣୀ ସ୍ଥାନ ସୁଦୃଢ଼ କଲା ରିଲାଏନ୍ସ ଜିଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ ଜିଓର ଲୋକପ୍ରିୟ ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ସେବା ଜିଓ ଏୟାରଫାଇବରର ବଢୁଥିବା ଚାହିଦା ସହିତ ୱାୟାରଲାଇନ କ୍ଷେତ୍ରରେ ନିଜର ଅଗ୍ରଣୀ ସ୍ଥିତିକୁ ସୁଦୃଢ କରିଛି ରିଲାଏନ୍ସ ଜିଓ। ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ ପକ୍ଷରୁ ନିକଟରେ ପ୍ରକାଶିତ ହୋଇଥିବା ସଦ୍ୟତମ ଦୂରସଂଚାର ଗ୍ରାହକ ତଥ୍ୟ ଅନୁଯାୟୀ ୨୦୨୪ ସେପ୍ଟେମ୍ବର ମାସରେ ଜିଓ ରାଜ୍ୟରେ ସର୍ବାଧିକ ୧୫୮୦୦ ରୁ ଅଧିକ ଜିଓ ଫାଇବର ଓ ଜିଓ ଏୟାରଫାଇବର ଗ୍ରାହକ ଯୋଡିବା ସହିତ ରାଜ୍ୟରେ ମୋଟ ଜିଓ ଫାଇବର ଓ ଜିଓ ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୩.୫୬ ଲକ୍ଷରେ ପହଞ୍ଚିଛି। ଏଥିସହିତ ଜିଓ ରାଜ୍ୟର ପ୍ରଥମ ଅପରେଟର ଭାବରେ ୩.୫ ଲକ୍ଷରୁ ଅଧିକ ୱାୟାରଲାଇନ ଗ୍ରାହକ ହାସଲ କରିଛି। ବିବିଧ ପୃଷ୍ଠଭୂମିର ତଥା ବିଭିନ୍ନ ବୟସବର୍ଗର ଏବଂ ବିବିଧ ଭୌଗଳିକ ଅଞ୍ଚଳର ଗ୍ରାହକମାନେ ଡିଜିଟାଲ୍ କ୍ରାନ୍ତିର ପ୍ରକୃତ ଲାଭ ପାଇବାକୁ ସକ୍ଷମ ହୋଇଛନ୍ତି, କାରଣ ସେମାନେ ଏବେ ଜିଓ ଏୟାରଫାଇବର ବଳରେ ନିରବଚ୍ଛିନ୍ନ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ, ଅସୀମିତ ୱାଇଫାଇ ଏବଂ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ ଗୃହ ମନୋରନର ଆନନ୍ଦ ନେଇପାରୁଛନ୍ତି। ରାଜ୍ୟର ସମସ୍ତ ଛୋଟ ବଡ ସହର ଓ ନଗର ସହିତ ହଜାର ହଜାର ଗ୍ରାମଗୁଡିକରେ ଭରସାଯୋଗ୍ୟ ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ସେବା ଜରିଆରେ ଡିଜିଟାଲ ଲାଇଫଲାଇନ ପାଲଟିଛି ଜିଓ ଏୟାରଫାଇବର। ଜିଓ ଏହାର ଲୋକପ୍ରିୟ ଜିଓ ଏୟାରଫାଇବର ସେବା ମାଧ୍ୟମରେ ଶହ ଶହ ଦୁର୍ଗମ ଗାଁରେ ନିର୍ଭରଯୋଗ୍ୟ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ଉପଲବ୍ଧ କରାଇଛି। ସାରା ଓଡ଼ିଶାରେ ଏବେ ୩.୫୬ ଲକ୍ଷରୁ ଅଧିକ ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଉପଭୋକ୍ତା ରହିଛନ୍ତି। ସୂଚନାଯୋଗ୍ୟ ଯେ, ଜିଓ ଦୀର୍ଘ ବର୍ଷ ଧରି କ୍ରମାଗତ ଭାବେ ରାଜ୍ୟରେ ଏକ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ରହିଆସିଛି। ଓଡିଶା ଟେଲିକମ କ୍ଷେତ୍ରରେ ୪୫ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ଏବଂ ୫୨ ପ୍ରତିଶତ ରାଜସ୍ୱ ବଜାର ଅଂଶ ସହିତ ଏକ ନମ୍ବର ସ୍ଥାନରେ ରହିଥିବା ଜିଓର ରାଜ୍ୟରେ ସର୍ବବୃହତ ୪ଜି ଓ ୫ଜି ନେଟୱାର୍କ ରହିଛି। ଡିଜିଟାଲ୍ ଅନ୍ତର୍ଭୂକ୍ତିକରଣକୁ ତ୍ୱରାନ୍ୱିତ କରିବା ପାଇଁ ଏହାର ନିରନ୍ତର ଉଦ୍ୟମର ଅଂଶସ୍ୱରୂପ ରିଲାଏନ୍ସ ଜିଓ ଏହାର ୪ଜି / ୫ଜି ନେଟୱାର୍କ ସହିତ ଓଡିଶାର ହଜାର ହଜାର ଦୁର୍ଗମ ଗ୍ରାମଗୁଡିକୁ ଡିଜିଟାଲ ସେବା ସହିତ ସଂଯୁକ୍ତ କରିଛି। ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ରହିଥିବା ଡିଜିଟାଲ ବୈଷମ୍ୟକୁ ଦୂର କରିବା ପାଇଁ ଏହାର ନିରନ୍ତର ପ୍ରୟାସ ମାଧ୍ୟମରେ ଜିଓ ଓଡ଼ିଶାର ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳରେ ଏହାର ହାଇ ସ୍ପିଡ୍ ଡାଟା ନେଟୱାର୍କ ସ୍ଥାପନ କାର୍ଯ୍ୟ ଜାରି ରଖିଛି। ଜିଓର ନିର୍ଭରଯୋଗ୍ୟ ଡାଟା ନେଟୱାର୍କ ଅନେକ ଦୁର୍ଗମ ଅଞ୍ଚଳର ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହିତ ସେମାନଙ୍କର ତ୍ୱରିତ ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ପଥ ପରିଷ୍କାର କରିଛି।

## ବିଶ୍ୱ ଅର୍ଥନୀତି ଓ ବଜାର ଉପରେ ଟ୍ରମ୍ପଙ୍କ ନୀତିଗୁଡିକର ପ୍ରଭାବ



ନୂଆଦିଲ୍ଲୀ: ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଟ୍ରମ୍ପଙ୍କ ନୀତିଗୁଡିକର ବିଶ୍ୱର ଅର୍ଥନୀତି ଓ ବଜାର ଉପରେ କ'ଣ ପ୍ରଭାବ ରହିପାରେ, ପ୍ରସ୍ତାବିତ ହୋଇଥିବା ନୀତି ଏବଂ ଆମେରିକୀୟ ଆର୍ଥିକ ନିଅଣ୍ଟ ଉପରେ ତାହାର ପ୍ରଭାବଗୁଡିକ କେତେ ଯେ ସରଳ ହେବ ଏବଂ ଏହି ନୀତି ନିରାଶାଜନକ ହୋଇପାରେ କି ଏଭଳି ଅନେକ ପ୍ରଶ୍ନ ଏବେ ମୁଣ୍ଡ ଟେକିଛି। ଏହି ପ୍ରସଙ୍ଗଗୁଡ଼ିକ ଉପରେ ବିସ୍ତୃତ ରୂପେ ଆଲୋକପାତ କରିଛନ୍ତି ବନ୍ଧନ ଏଏମ୍‌ସିର ଫିକ୍ସଡ୍ ଇନକମ୍ ବିଭାଗର ଉପାଧ୍ୟକ୍ଷ ଓ ଅର୍ଥନୈତିଜ୍ଞ ଶ୍ରୀଜିଥ୍ ବାଲାସୁବ୍ରମଣ୍ୟନ। ସଂଘୀୟ ସରକାରଙ୍କ ଆର୍ଥିକ ନିଅଣ୍ଟ ଜିଡିପିର ୬.୪%ରେ ଅତ୍ୟଧିକ ଉଚ୍ଚ ସ୍ତରରେ ରହିଛି ଏବଂ ୧୦ ବର୍ଷ ପରେ ମଧ୍ୟ ଏହା ୭% ରହିବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ଟ୍ରମ୍ପଙ୍କ ପ୍ରସ୍ତାବିତ ଯୋଜନାଗୁଡିକ ଆସନ୍ତା ୧୦ ବର୍ଷରେ ଆର୍ଥିକ ନିଅଂଟକୁ ୭.୮ ଟ୍ରିଲିୟନ ଡଲାରକୁ ବୃଦ୍ଧି କରିବ ବୋଲି ଆକଳନ କରାଯାଉଛି (କମିଟି ଫର୍ ରେସ୍‌ପନ୍ସିବୁଲ ଫେଡେରାଲ ବଜେଟ ଅନୁଯାୟୀ), ଉଦାହରଣ ସ୍ୱରୂପ ୭% ପରିବର୍ତ୍ତେ ୧୦%। ସେହିପରି କିଛି ଆଂଶିକ ଭାବେ ନିରାଶାଜନକ ପଦକ୍ଷେପ ମଧ୍ୟ ରହିଛି ଯାହାକୁ ସଂଚୟ ବୃଦ୍ଧି କରିବା ପାଇଁ ଚିହ୍ନଟ କରାଯାଇଛି ଏବଂ ସରକାରୀ ଖର୍ଚ୍ଚକୁ ହ୍ରାସ କରାଯିବାର ସମ୍ଭାବନା ମଧ୍ୟ ରହିଛି ବୋଲି ସେ କହିଛନ୍ତି। ଭାରତରେ ସେପ୍ଟେମ୍ବର ତ୍ରୈମାସିକର କର୍ପୋରେଟ୍ ଆୟ ଅଭିବୃଦ୍ଧି ସାଧାରଣ ଥିଲା ଏବଂ ତେଣୁ କର୍ପୋରେଟ ଟିକସ ସଂଗ୍ରହ ଅଭିବୃଦ୍ଧି, ବ୍ୟାଙ୍କ କ୍ରେଡିଟ୍ ଅଭିବୃଦ୍ଧି ସହଜ ହୋଇଥିଲା। ଶେଷ ଥର ଟ୍ରମ୍ପ ରାଷ୍ଟ୍ରପତି ଥିବା ସମୟରେ ଭାରତ ଉପରେ ପ୍ରତ୍ୟକ୍ଷ ପ୍ରଭାବ ଖୁବ୍ ସାଧାରଣ ଥିଲା। ଏହା ମୁଖ୍ୟତଃ ଭାରତକୁ ଷ୍ଟିଲ ଓ ଆଲୁମିନିୟମ ଆମଦାନୀ ଉପରେ ଉଚ୍ଚ ଶୁଳ୍କରୁ ବଞ୍ଚିତ ରଖିବା ଏବଂ ଜେନେରାଲାଇଜ୍‌ଡ ସିଷ୍ଟମ ଅଫ୍ ପ୍ରିଫରେନ୍ସେସ୍‌ରୁ ଭାରତକୁ ପ୍ରତ୍ୟାହାର କରିବା ପାଇଁ ମନା କରିବା ସମ୍ପର୍କିତ ଥିଲା। ଚଳିତ ଥର ଯଦି ଆମେରିକା ତୈଳ ଉତ୍ପାଦନ ବୃଦ୍ଧି କରେ ତେବେ ଏହା ତୈଳ ଦର ପାଇଁ ଉତ୍ତମ ହୋଇପାରେ ଏବଂ ଚାଇନ୍+୧ କାହାଣୀ ସକାରାତ୍ମକ ପ୍ରଭାବ ଆଣିପାରେ କିନ୍ତୁ ଏହା ମଧ୍ୟ ଆମର ନୀତି ଓ କ୍ଷମତାଗୁଡିକ ଉପରେ ନିର୍ଭର କରିବ। ଆମକୁ ଅନିଶ୍ଚିତତାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ରହିବାକୁ ହେବ କିନ୍ତୁ ଆନ୍ତର୍ଜାତୀୟ ମାକ୍ରୋଇକୋନୋମିକ ଡାଟା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ବାଲାସୁବ୍ରମଣ୍ୟନ ଶେଷରେ ଉଲ୍ଲେଖ କରିଛନ୍ତି।

## ଏନ୍‌ପିସିଆଇ ପକ୍ଷରୁ ସ୍ମଲ୍ ଫାଇନାନ୍ସ ଓ ପେମେଣ୍ଟ ବ୍ୟାଙ୍କ ସହଯୋଗିତା




ନୂଆଦିଲ୍ଲୀ: ନ୍ୟାସନାଲ ପେମେଣ୍ଟ୍ କର୍ପୋରେସନ ଅଫ୍ ଇଣ୍ଡିଆ ପକ୍ଷରୁ ଏନପିସିଆଇ ସିନର୍ଜି ଅଭିଯାନର ଅଂଶସ୍ୱରୂପ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଥିରେ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଓ ପେମେଣ୍ଟ୍ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ନବସୃଜନ, ସହଯୋଗିତା ଓ ସହବନ୍ଧନ ଜରିଆରେ ଭାରତର ଡିଜିଟାଲ୍ ଭବିଷ୍ୟତକୁ ଗଢ଼ି ତୋଳିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏନପିସିଆଇର ଏମଡି ଏବଂ ସିଇଓ ଦିଲ୍ଲୀପ ଆସ୍‌ବେ କହିଛନ୍ତି ଯେ, ଭାରତର ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ପ୍ରକୃତ ସମ୍ଭାବନାକୁ ଖୋଲିବା ପାଇଁ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏସଏଫବି ଏବଂ ପେମେଣ୍ଟ ବ୍ୟାଙ୍କର ନେତୃବୃନ୍ଦ ଏକାଠି ହୋଇ ଭାରତରେ ଡିଜିଟାଲ ପେମେଣ୍ଟର ପ୍ରମୁଖ ଦିଗ ଉପରେ ଆଲୋଚନା କରିଥିଲେ। ଏନପିସିଆଇର ମୁଖ୍ୟ ସମ୍ପର୍କ ପରିଚାଳନା ରଜିତ ପିଲ୍ଲାଇ କହିଛନ୍ତି ଯେ, ଏସଏଫବି ଏବଂ ପେମେଣ୍ଟ ବ୍ୟାଙ୍କ ଏକାଠି ହେଲେ ହେଉଥିବା ଅଭିବୃଦ୍ଧି ଏବଂ ଅଭିନବତାର ସମ୍ଭାବନାକୁ ଏହି ଉତ୍କୃଷ୍ଟ ବାର୍ତ୍ତାଳାପ ଏବଂ ଆଲୋଚନା ଦର୍ଶାଉଛି। ସହଯୋଗ ପ୍ରୟାସକୁ ସଂଗଠିତ କରିବା ଏବଂ ଏକ ନିରବଚ୍ଛିନ୍ନ, ଉପଭୋକ୍ତା-ଅନୁକୂଳ ଏବଂ ବ୍ୟାପକ ଦେୟ ସମାଧାନ ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ଉଚିତ୍। ଏହି ସହଯୋଗିତାକୁ ସୁଗମ କରିବାରେ ଏନପିସିଆଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଭାରତର ଡିଜିଟାଲ ପେମେଣ୍ଟ୍ ଯାତ୍ରାକୁ ଆଗକୁ ବଢ଼ାଇବା ପାଇଁ ଆମେ ଶିଳ୍ପ ଲିଡରମାନଙ୍କ ସହ କାମ କରିବାକୁ ଉତ୍ସାହିତ।




ଜେଦ୍ଦାହ (ସାଉଦି ଆରବ): ଶେଷ ହୋଇଛି ଆଇପିଏଲ୍ ୨୦୨୫ ମେଗା ଅକ୍ସନ । ୧୮୨ ଜଣ ଖେଳାଳିଙ୍କ ଉପରେ ୬୩୯.୧୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ୧୦ ଆଇପିଏଲ୍ ଫ୍ରାଞ୍ଚାଇଜ । ଦୁଇ ଦିନିଆ ନିଲାମୀ ବୋଲିରେ ୧୮୨ ଜଣ ଖେଳାଳିଙ୍କ ଉପରେ ଟଙ୍କା ବର୍ଷା ହୋଇଥିବା ବେଳେ ୩୯୫ ଜଣ ଖେଳାଳିଙ୍କୁ କେହି କିଣି ନାହାଁନ୍ତି । ଆଇପିଏଲ୍ ଫ୍ରାଞ୍ଚାଇଜ ଡ୍ରିମ୍ ଟିମ୍ ପାଇଁ ନିଲାମୀରେ କଡା ମୁକାବିଲା କରିଥିଲେ । ପ୍ରଥମ ଦିନରେ ବ୍ଲକବ୍ଲାଷ୍ଟର ଅକ୍ସନରେ ବ୍ୟାଟରଙ୍କ ଧୁମ କ୍ରେଜ ଥିବା ବେଳେ ଦ୍ୱିତୀୟ ଦିନରେ ପେସ ବୋଲରଙ୍କ ଦବଦବା ଥିଲା । ଆଇପିଏଲ୍ ମେଗା ଅକ୍ସନର ଷ୍ଟାର ଖେଳାଳି ହେଲେ ରିଷଭ ପନ୍ତ । ଆଇପିଏଲ ଇତିହାସର ସବୁଠୁ ମହଙ୍ଗା ଖେଳାଳି ଭାବେ ୱିକେଟ କିପର ଷ୍ଟାର ବ୍ୟାଟର ପନ୍ତଙ୍କୁ ୨୭ କୋଟିରେ କିଣିଛି ଲକ୍ଷ୍ନୌ ସୁପର ଜାଏଣ୍ଟ ଟିମ୍ । ପନ୍ତଙ୍କ ପଛକୁ ଅଛନ୍ତି ଶ୍ରେୟସ ଆୟର। ପଞ୍ଜାବ କିଙ୍ଗ୍ସ ୨୬.୭୫ କୋଟିରେ ଆୟରଙ୍କୁ କିଣିଛି । ଏହା ପଛକୁ ବିଦେଶ ଖେଳାଳି ଭାବେ ସର୍ବାଧିକ ଟଙ୍କାରେ ବିକ୍ରି ହୋଇଛନ୍ତି ଜସ୍ ବଟଲର । ଗୁଜୁରାଟ ଟାଇଟନ୍ସ ୧୫.୭୫ କୋଟିରେ ବଟଲରଙ୍କୁ କିଣିଛି ଯିଏ ତୃତୀୟ ସର୍ବାଧିକ ଟପ୍ ବାଏର । ଏପଟେ ଅକ୍ସନରେ ଡେଭିଡ ୱାର୍ଣ୍ଣର, ଜନି ବେୟାରଷ୍ଟୋ ଏବଂ ମୁସ୍ତାଫିଜୁର ରେହମାନ କିନ୍ତୁ ଅନସୋଲ୍ଡ ହୋଇଛନ୍ତି । ଆଇପିଏଲର ଏହି ଦିଗଜ ଖେଳାଳିଙ୍କୁ କୌଣସି ଟିମ୍ କିଣି ନାହାଁନ୍ତି ।

# ଆଇପିଏଲ୍ ନିଲାମ: ଦ୍ୱିତୀୟ ଦିନରେ ଚର୍ଚ୍ଚାରେ ଭୁବନେଶ୍ୱର କୁମାର




ଜେଦା: ଭେଟେରାନଦ୍ରୁତ ବୋଲର ଭୁବନେଶ୍ୱର କୁମାର ଆଇପିଏଲ୍ ନିଲାମର ଦ୍ୱିତୀୟ ଦିନରେ ସବୁଠୁ ଚର୍ଚ୍ଚିତ ଖେଳାଳି ହୋଇଯାଇଛନ୍ତି । ତାଙ୍କ ମୂଲ୍ୟରେ ୧୫୬ ପ୍ରତିଶତ ବୃଦ୍ଧି ହେବା ସହ ୧୦.୭୫ କୋଟି ଟଙ୍କାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ସହିତ ସେ ଯୋଡ଼ି ହୋଇଛନ୍ତି । ଆଇପିଏଲ୍‌ରେ ସବୁଠୁ ଅଧିକ ସମୟ ସନରାଇଜର୍ସ ହାଇଦ୍ରାବାଦ୍ ପକ୍ଷରୁ ଖେଳିଥିଲା ବେଳେ ୨୦୨୨ ନିଲାମରେ ତାଙ୍କୁ ଏହି ଦଳ ୪.୨ କୋଟି ଟଙ୍କାରେ କିଣିଥିଲା । ହେଲେ ଏଥର ତାଙ୍କୁ ନେବା ପାଇଁ ବଡ଼ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବା ସହ ଦ୍ୱିତୀୟ ଦିନର ସବୁଠୁ ଦାମୀ ଖେଳାଳି ଭାବେ ସେ ବିକ୍ରି ହୋଇଛନ୍ତି । ଏହାବ୍ୟତୀତ ଅନେକ ରୋମାଞ୍ଚିତ ଘଟଣା ମଧ୍ୟ ଏହି ଦିନ ଦେଖିବାକୁ ମିଳିଥିଲା । ଅନେକ ପୁରୁଖା ଖେଳାଳି ଦଳ ବଦଳାଇଥିଲା ବେଳେ ନବାଗତଙ୍କୁ ନେବା ପାଇଁ ଫ୍ରାଞ୍ଚାଇଜଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା । ପ୍ରଥମ ଦିନରେ ନିଲାମର ସବୁ ରେକର୍ଡ ଭାଙ୍ଗିବା ପରେ ଦ୍ୱିତୀୟ ଦିନ ମଧ୍ୟ ରୋମାଞ୍ଚଭରା ହୋଇଥିଲା । ନିଲାମ ଆରମ୍ଭରୁ ଦୁଇ ନ୍ୟୁଜିଲାଣ୍ଡ ଭେଟେରାନ୍ କେନ୍ ୱିଲିୟମସନ୍ ଓ ଗ୍ଲେନ୍ ଫିଲିପ୍ସଙ୍କୁ କେହି କିଣିବାକୁ ଆଗ୍ରହ ନଦେଖାଇବାରୁ 'ଅନ୍‌ସୋଲ୍ଡ' ରହିଯାଇଥିଲେ । କିନ୍ତୁ ଆରସିବି ତାହାର ଅଧିନାୟକ ଫାଫ୍ ଡୁପ୍ଲେସିସ୍‌ଙ୍କୁ ଆରମ୍ଭରୁ ଛାଡ଼ି ଦେଇଥିଲା । ଫାଫ୍‌ଙ୍କୁ ମୂଳ ଦର ୨ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ ନେଇଥିଲା ବେଳେ ଆରସିବି ତାହାର ଆରଟିଏମ୍ କାର୍ଡ ଖେଳି ନଥିଲା । ପରେ ଭାରତୀୟ ଖେଳାଳି ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ସ', ଶାର୍ଦ୍ଦୁଳ ଠାକୁର ମଧ୍ୟ 'ଅନ୍‌ସୋଲ୍ଡ' ହୋଇଯାଇଥିଲେ । ୨୦୨୩ ନିଲାମର ସବୁଠୁ ଦାମୀ (୧୮.୫ କୋଟି) ଖେଳାଳି ସାମ୍ କରନ୍ କିନ୍ତୁ ଏଥର ସବୁଠୁ କମ୍ ୨.୪୦ କୋଟି ଟଙ୍କାରେ ସିଏସ୍‌କେ ଦଳକୁ ଫେରିଛନ୍ତି । ସେହିପରି କେକେଆର ଅଧିନାୟକ ନୀତୀଶ ରାଣା (୪.୨୦ କୋଟି) ଏଥର ରାଜସ୍ଥାନ ରୟାଲ୍ସ ପଟରୁ ଖେଳିବାକୁ ଯାଉଛନ୍ତି । ସିଏସ୍‌କେ ଓ ଧୋନିଙ୍କ ନିର୍ଭରଯୋଗ୍ୟ ବୋଲର ତୁଷାର ଦେଶପାଣ୍ଡେଙ୍କୁ ନେବା ପାଇଁ ରାଜସ୍ଥାନ ସହିତ ୬.୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଲଢ଼େଇ କରିଥିଲା । କିନ୍ତୁ ଶେଷରେ ସିଏସ୍‌କେ ହାର ମାନିବା ସହ ଆରଟିଏମ୍ ମଧ୍ୟ ବ୍ୟବହାର କରି ନଥିଲା । ସନରାଇଜର୍ସ ହାଇଦ୍ରାବାଦ୍‌ର ଭେଟେରାନ୍ ବୋଲର ଭୁବନେଶ୍ୱର କୁମାରଙ୍କ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଓ ଏଲ୍‌ଏସ୍‌ଜି ଲଢ଼ିଥିଲେ । ଏଲ୍‌ଏସ୍‌ଜି ୧୦.୨୫ କୋଟିରେ ତାଙ୍କୁ ଦଳରେ ସାମିଲ କରିବାକୁ ଯାଉଥିବା ବେଳେ ଶେଷ ମୁହୂର୍ତ୍ତରେ ହଠାତ୍ ଆରସିବି ୧୦.୭୫ କୋଟି ଟଙ୍କା ନିଲାମ ଡାକିବାରୁ ଗୋଏଙ୍କାଙ୍କ ଦମ୍ ସେତିକିରେ ଶେଷ ହୋଇଥିଲା । ଠିକ୍ ସେମିତି ସିଏସ୍‌କେର ଅନ୍ୟତମ ପ୍ରମୁଖ ବୋଲର ଦୀପକ ଚହରଙ୍କୁ ନେବା ପାଇଁ ମୁମ୍ବାଇ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ୨ କୋଟି ମୂଳ ଦରରୁ ତାଙ୍କ ମୂଲ୍ୟ ୭.୭୫ କୋଟି ପହଞ୍ଚିବା ପରେ ପଞ୍ଜାବ ହଟିଯାଇଥିଲା ଓ ସିଏସ୍‌କେ ୮ କୋଟିରେ ପ୍ରବେଶ କରିଥିଲା । ତଥାପି ମୁମ୍ବାଇ ୯.୨୫ କୋଟି ଟଙ୍କାରେ ଦୀପକଙ୍କୁ ଦଳରେ ନେବାରେ ସଫଳ ହୋଇଥିଲା । ସବୁଠୁ ବଡ଼ ରୋମାଞ୍ଚକ ଘଟଣା ଘଟିଥିଲା ଆଫଗାନିସ୍ତାନର ରହସ୍ୟମୟୀ ସ୍ପିନର ଆଲ୍ଲା ଜନଫରଙ୍କ କ୍ଷେତ୍ରରେ । ୭୫ ଲକ୍ଷ ମୂଳ ଦର ଥିବା ବେଳେ କେକେଆର ପ୍ରଥମ ନିଲାମ ଡାକିଥିଲା । ପରେ ଆରସିବି ଓ ମୁମ୍ବାଇ ଦୌଡ଼ରେ ସାମିଲ ହୋଇଥିଲେ । ତିନି ଫ୍ରାଞ୍ଚାଇଜଙ୍କ ମଧ୍ୟରେ ଟକ୍କର ହେବା ପରେ ଶେଷରେ ମୁମ୍ବାଇ ୪.୮୦ କୋଟି ଟଙ୍କାରେ ତାଙ୍କୁ ପାଇଥିଲା । ଜନଫର ଗତବର୍ଷ କେକେଆରରେ ଥିଲେ ମଧ୍ୟ ଗୋଟିଏ ବି ମ୍ୟାଚ୍ ଖେଳି ନଥିଲେ । ଅନ୍ୟତମ ସଫଳ ଭାରତୀୟ ବୋଲର ଈଶାନ୍ତ ଶର୍ମା ତାଙ୍କ ମୂଳ ଦର ୭୫ ଲକ୍ଷ ଟଙ୍କାରେ ଗୁଜରାଟ ଟାଇଟନ୍ସକୁ ଯାଇଛନ୍ତି । ୨୩ ବର୍ଷୀୟ ପ୍ରିୟାଂଶ ଆର୍ଯ୍ୟଙ୍କୁ ୩୦ ଲକ୍ଷ ଟଙ୍କା ମୂଳ ଦର ବଦଳରେ ପଞ୍ଜାବ ୩.୪୦ କୋଟି ଟଙ୍କାରେ କିଣିଛି । ଚଳିତ ରଣଜୀ ଋତୁରେ ଗୋଟିଏ ପାଳିରେ 'ପରଫେକ୍ଟ ୧୦' ୱିକେଟ୍‌ର ନେଇଥିବା ଅଂଶୁଲ କାମ୍ବୋଜଙ୍କୁ ନେବା ପାଇଁ ସିଏସ୍‌କେ, ଦିଲ୍ଲୀ, ମୁମ୍ବାଇ ମଧ୍ୟରେ ଟକ୍କର ହୋଇଥିଲେ ମଧ୍ୟ ୩.୪୦ କୋଟି ଟଙ୍କାରେ ଚେନ୍ନାଇ ବାଜି ମାରି ନେଇଥିଲା ।

# ୧୮ ବର୍ଷୀୟ ନେଟ୍ ବୋଲରଙ୍କ ଉପରେ କୋଟି କୋଟି ଟଙ୍କା ବର୍ଷା

ନୂଆଦିଲ୍ଲୀ: ଆଇପିଏଲ ୨୦୨୫ ମେଗା ନିଲାମରେ ମୁମ୍ବାଇ ଇଣ୍ଡିଆନ୍ସ ଏକ ବଡ ନିଷ୍ପତ୍ତି ନେଇଛି । ମୁମ୍ବାଇ ଆଫଗାନିସ୍ତାନର ଆଲ୍ଲା ଗଜାନଫର କିଣିଛି । ତାଙ୍କୁ ମାତ୍ର ୧୮ ବର୍ଷ ବୟସ । ଗଜାନଫରକୁ ମୁମ୍ବାଇ ୪.୮୦ କୋଟିରେ କିଣିଛି । ତାଙ୍କର ମୂଳ ମୂଲ୍ୟ ୭୫ ଲକ୍ଷ ଟଙ୍କା ଥିଲା । ଗଜାନଫରଙ୍କ ଘରୋଇ ରେକର୍ଡ ଭଲ ରହିଛି । ଏହାପୂର୍ବରୁ ସେ ମୁମ୍ବାଇ ଇଣ୍ଡିଆନ୍ସର ଜଣେ ନେଟ ବୋଲର ମଧ୍ୟ ଥିଲେ । ଗଜାନଫର ଉପରେ ପ୍ରଥମ ବିଡ କୋଲକାତା ନାଇଟ ରାଇଡର୍ସ କରିଥିଲା । ଏହା ପରେ ଆରସିବି ମଧ୍ୟ ଏହି ରେସରେ ଯୋଗ ଦେଇଥିଲା । କିନ୍ତୁ ଆରସିବି ଶେଷ ବିଡ୍? ୨ କୋଟି ଟଙ୍କା ପର୍ଯ୍ୟନ୍ତ କରିଥିଲା । କେକେଆ? ୪.୬୦ କୋଟିରେ ଶେଷ ବିଡ କରିଥିଲା । କିନ୍ତୁ ଶେଷରେ ମୁମ୍ବାଇ ତାଙ୍କୁ ୪.୮୦ କୋଟିରେ କିଣିଛି । ଆଲ୍ଲା ଗଜାନଫରଙ୍କ ରେକର୍ଡ ଏପର୍ଯ୍ୟନ୍ତ ଭଲ ରହିଛି । ସେ ମୁମ୍ବାଇ ଇଣ୍ଡିଆନ୍ସର ଜଣେ ନେଟ ବୋଲର । କିନ୍ତୁ ଭିସା ଅଭାବରୁ ଭାରତ ଆସିପାରି ନ ଥିଲେ । କିନ୍ତୁ ସେ ବର୍ତ୍ତମାନ ମୁମ୍ବାଇର ମୁଖ୍ୟ ଦଳର ଏକ ଅଂଶ ହେବେ । ସେ ଏପର୍ଯ୍ୟନ୍ତ ଆଫଗାନିସ୍ତାନ ପାଇଁ ୮ଟି ଦିନିକିଆ ମ୍ୟାଚ ଖେଳିଛନ୍ତି । ଏହି ଅବଧି ମଧ୍ୟରେ ୧୨ଟି ଉଇକେଟ ନିଆଯାଇଛି । ସେ ୧୨ ତାଲିକା ଏ ମ୍ୟାଚରେ ୧୬ଟି ଉଇକେଟ ନେଇଛନ୍ତି । ଏଥି ସହିତ ୧୬ ଟି-୨୦ ମ୍ୟାଚରେ ୨୯ ଉଇକେଟ ନେଇଛନ୍ତି । ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ଦୀପକ ଚହରଙ୍କ ପାଇଁ ଟଙ୍କା ଖର୍ଚ୍ଚ କରିଥିଲେ । ମୁମ୍ବାଇ ତାଙ୍କୁ ୯.୨୫ କୋଟିରେ କିଣିଛି । ଚହରଙ୍କ ମୂଳ ମୂଲ୍ୟ ୨ କୋଟି ଟଙ୍କା ଥିଲା । ଏହି ଟିମ ରିଆନ ରିକଲେଟନଙ୍କୁ ୧ କୋଟି ଟଙ୍କାରେ କିଣିଛି । ମୁମ୍ବାଇ କର୍ଣ୍ଣ ଶର୍ମାଙ୍କୁ ୫୦ ଲକ୍ଷ ଟଙ୍କାରେ ଏବଂ ରବିନ ମିଞ୍ଜଙ୍କୁ ୬୫ ଲକ୍ଷ ଟଙ୍କାରେ କିଣିଛି । ଦଳ ନମନ ଧୀରଙ୍କ ପାଇଁ ଆରଟିଏମ ବ୍ୟବହାର କରିଥିଲା । ତାଙ୍କୁ ବେତନ ହିସାବରେ ୫.୨୫ କୋଟି ଟଙ୍କା ମିଳିବ । ମୁମ୍ବାଇ ସୂର୍ଯ୍ୟକୁମାର ଯାଦବ, ରୋହିତ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଜସପ୍ରୀତ ବୁମ୍?ରା ଏବଂ ତିଲକ ବର୍ମାଙ୍କୁ ବଜାୟ ରଖିଥିଲା । ରଖାଯାଇଥିବା ଖେଳାଳି ତାଲିକାରେ ବୁମରାଙ୍କ ଦରମା ସର୍ବାଧିକ । ତାଙ୍କୁ ୧୮ କୋଟି ଟଙ୍କା ମିଳିବ । ସୂର୍ଯ୍ୟ ଏବଂ ହାର୍ଦ୍ଦିକଙ୍କୁ ସମାନ ଦରମା ମିଳିବ । ତାଙ୍କର ଦରମା ୧୬.୩୫ କୋଟି ଟଙ୍କା ।

## ପର୍ଜନପୁର ଜିପି ନକଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଜଗନ୍ନାଥପୁର ଏଫ୍‌ସିକୁ ୮୦ ହଜାର ଟଙ୍କା ପୁରସ୍କାର



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତ କଲଣ୍ଡ୍ରା ଖେଳପଡିଆରେ ଚତୁର୍ଥ ବାର୍ଷିକ ପର୍ଜନପୁର ଜିପି ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଫାଇନାଲ ମ୍ୟାଚ୍ ପ୍ୱିତ୍ର ଜଗନ୍ନାଥପୁର ଏଫସି ଏବଂ ବରଦାପାଳ ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉଭୟ ଦଳ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କେହି କାହାରିକୁ ଗୋଲ ଦେବାକୁ ସକ୍ଷମ ହୋଇନଥିଲେ କ୍ଷ ପେନାଲଟି ସୁଟଆଉଟରେ ଜଗନ୍ନାଥପୁର ଏଫସି ବିଜୟୀ ହୋଇ ଚଳିତ ବର୍ଷ ପାଇଁ ଚମ୍ପିଆନ ହେବାର ଗୌରବ ଅର୍ଜନ କରିଥିଲା ।ରେଫରୀ କୃଷ୍ଣଚନ୍ଦ୍ର ମହାନ୍ତ ଜତିନ କୁମାର ମହାନ୍ତ,ଗଜାନନ ପାତ୍ର ଖେଳ ପରିଚାଳନା କରିଥିଲେ । ଭାଷ୍ୟକାର ପ୍ରେମ ମହାନ୍ତ ଓ ରଜତ ତିରିଆ ଓଡିଆ,ହିନ୍ଦୀ,ଆଦିବାସୀ ଭାଷାରେ ଧାରାବିବରଣୀ ପ୍ରଦାନ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ । ଖେଳ ଶେଷରେ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ସମ୍ମାନୀତ ଅତିଥି ଭାବେ ବିଜେପି ଜିଲ୍ଲା ଉପସଭାପତି ଗୋପିନାଥ ରାମ, ଯୁବମୋର୍ଚ୍ଚା ଉପସଭାପତି ଆନିଦ୍ୟ ବେହେରା,ସମାଜସେବୀ ବବିତା ରାମ, ପଳାଶପଙ୍ଗା ମଣ୍ଡଳ ସଭାପତି ଲମ୍ବୋଦର ମହାନ୍ତ, ରାଧାକାନ୍ତ ମହାନ୍ତ, ଅଞ୍ଜନ କୁମାର ବେଜ,ଶିଶିର ମହାନ୍ତ ପ୍ରମୁଖ ଯୋଗଦେଇ ଜଗନ୍ନାଥପୁର ଏଫସି ଚମ୍ପିଆନ ଦଳକୁ ୮୦ହଜାର ଟଙ୍କା ସହିତ ଟ୍ରଫି ଓ ବରଦାପାଳ ଏଫସି ରନର୍ସ ଦଳକୁ ୬୦ହଜାର ସହ ଟ୍ରଫି ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚ୍ ରେ ବହୁ ସଂଖ୍ୟକ ଫୁଟବଲ ଖେଳପ୍ରେମୀ ଯୋଗଦେଇ ଖେଳାଳୀ ଙ୍କୁ ଉତ୍ସାହିତ କରିଥିଲେ ।ଉଦଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଶିବ ଚରଣ ବାଘ ସମ୍ମାନୀତ ଅତିଥି ଭାବେ ଲାଇଫସେଭର୍ସ ଗ୍ରୁପ ର ଆଡଭାଇଜର ମନୋଜ କୁମାର ମାଝୀ,ରଞ୍ଜିତା ସୋରେନ,ବିଜୟ ଖୁଣ୍ଟିଆ,ସତ୍ୟ ମହାନ୍ତ ପ୍ରମୁଖ ସଦସ୍ୟ ମାନଙ୍କ ଉପସ୍ଥିତିରେ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।ଯୁଧିଷ୍ଠିର ମହାନ୍ତ,ବିଦ୍ୟାଧର ମହାନ୍ତ,ବିକାଶ ମହାକୁଡ,ଡମ୍ବରୁଧର ମାଝୀ,ଅରୁଣ ମହାନ୍ତ,ଅଜୟ ଗିରି,ନଳିନୀ ଦେଓ,ଶ୍ରୀକାନ୍ତ ସରକାର,ବିନୋଦ ମହାନ୍ତ,ସୁବ୍ରତ ପ୍ରଧାନ, ଦୀନବନ୍ଧୁ ମହାନ୍ତ ପ୍ରମୁଖ ୧୭୦ଜଣ ସଦସ୍ୟ ସହଯୋଗ କରିଥିଲେ ।

**GOVERNMENT OF JHARKHAND**
**WATER RESOURCES DEPARTMENT**

**LOCAL/ NATIONAL TURNKEY COMPETITIVE BIDDING**
**(Complete Job with Ten Years OM&M)**
NIT NO:-WRD/KCD BANASO /TURNKEY-**01/24-25** DATE:- 26.11.2024

| | |
|---|---|
| Name of Work | (Part-A) Construction of Residual work, Reconstruction work, Repair and Maintenance works, Structural work in Head works, Main Canal & Right Branch Canal and its Distributaries/ Sub Distributaries/Minors through Open Channel/ UGPL under Konar Irrigation Project on Turnkey basis with 10 (Ten) years Operation, Maintenance and Management (OMM) (complete job). |
| Estimated Cost. (Rs.) | **Rs. 563,98,56,300.00** (Five hundred sixty three Crore Ninty Eight Lakh Fifty Six Thousand Three Hundred only) |
| Time of Completion | 30 Months (Thirty Months) |
| Earnest Money (Through Online Mode) | **Rs. 5,64,00,000.00** (Five Crore sixty Four Lakh only) |
| Tender Fee (Through Online Mode) | **Rs. 10,000.00** (Ten Thousand Only) (Non-Refundable) |
| Period of availability of Bidding document on website. | From 28.11.2024 at 12.00 AM to 08.01.2025 up to 5.00 PM |
| Time and Date of Pre-Bid Conference. (Physical as well as On-line) | 16.12.2024 at 02.00 PM at 1st Floor, Conference Hall, Nepal House, Doranda, Ranchi. |
| Period of online submission of Bids | From 28.11.2024 at 12.00 AM to 08.01.2025 up to 5.00 PM |
| Date and Time of opening Pre-Qualification Bid | 10.01.2025 at 3.00 PM |
| Date and Time of opening of Technical Bid | To be announced after Pre-Qualification Bid |
| Date and Time of opening of Financial Bid | To be announced after Technical Bid |
| Place of opening of Bids | E-Procurement Cell O/o Chief Engineer, WRD, Hazaribagh. |
| Officer Inviting Bids and his Mobile No. and E-mail id | Executive Engineer, Konar Canal Division, Banaso Mob. No.- +91 9431108950 E-Mail ID- kcdivision2015@gmail.com |
| Help line Number of e-Procurement | 06546-267462, 9431108950 |

Note- (1) Only e-Tenders will be accepted. Further details can be seen on website- https://jharkhandtenders.gov.in.
(2) Estimated cost liable to change.

**EXECUTIVE ENGINEER**
**KONAR CANAL DIVISION, BANASO**

PR 340351 (Water Resource) 24-25 (D)

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking)**
**JUIDCO BHAWAN, KUTCHERY ROAD, RANCHI, JHARKHAND**
**Ph. No.: +91-651-2225878, e-mail Id** juidcolimited@gmail.com
**CIN: U45200JH2013SGC001752,**

**e-Procurement Notice**, Tender Notice
NIT No:. JUIDCO/NIT/Chhattarpur & Hariharganj Integrated/UWSS/638
Date: 25/11/2024

| | | |
|---|---|---|
| 1. | Name of the work | Chhatarpur & Hariharganj Integrated Urban Water Supply Scheme with 5years of Operation and Maintenance |
| 2. | Mode of Bid Submission | e-tendering –http://jharkhandtenders.gov.in |
| 3. | Estimated Cost | Rs. 201,27,04,895.00 (Two Hundred One Crore Twenty Seven Lakh Four Thousand Eight Hundred Ninety Five Only/-) |
| 4. | Tender Fee and Bid Security | Tender Document Fee – Rs 25000/- Bid Security – Rs 2,01,27,100/- |
| 5. | Date & Time of Publication ofTender on Website | 26/11/2024; 17:00 hours |
| 6. | Last Date & Time of submission of pre-bid queries | 03/12/2024; 17:00 hours |
| 7. | Date & Time of pre-bid meeting | 03/12/2024; 15:00 hours |
| 8. | Last Date & Time ofBid Submission | 26/12/2024; 17:00 hours |
| 9. | Date & Time of Bid Opening | 27/12/2024; 17:30 hours |
| 10. | Bid Submission Address | Jharkhand Urban Infrastructure Development Company Limited, JUIDCO Bhawan, Kutchery Chowk, Ranchi, Pin –834001. |
| 11. | Helpline No. of e-ProcurementCell | +91 651 2225878/ 9973768183 |

**Note Only e-tenders will be accepted.**
Further details are available on Jharkhand Government e-procurement website *http//:jharkhandtenders.gov.in*

**Sd/-**
**Project Director (Technical)**
**JUIDCO Ltd., Ranchi**

**PR 340383 Urban Development and Housing(24-25)#D**

**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning,**
**Road Construction Department,**
**Nirupan Bhawan, 4th floor,**
**56-Set Chowk, Doranda, Ranchi-834002**
**e-mail--- eercdapfsdran-jhr@nic.in**

**e-Procurement Very Short Notice 3rd Call**
e-Tender Reference No .-RCD/FSD /AP/ RAN/**38**/24-25 Dated **25.11.2024**

| | | |
|---|---|---|
| 1- | Name of Work | Consultancy services for exploration of Feasibility report cum preparation of Detailed project report for construction of Elevated Corridor/at Grade on the Bank of Harmu River at Harmu Muktidham to Radisson Blue Hotel including replacement of culverts and bridges, proposal for new culverts and bridges, complete Land Acquisition Proposal including ownership details all complete as per latest guidelines, Resettlement and Rehabilitation Proposal , Forest Diversion Proposal with clearance of all stagesetc as required, at Ranchi in the state of Jharkhand from Consultants empanelled in Category-II with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Work completion time | 45 Days |
| 3- | Tentative Length | 2.400 km |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs- 1,00,000/- (Rupees One Lac) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 27.11.2024, 05.00 PM |
| 6- | Last date and Time of submission of Tender (With Tender Fee and EMD) | 05.12.2024, 12.30 PM |
| 7- | Date and Timing of Bid opening | 06.12.2024, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |
| 10- | Pr No | 337074 Road(24-25) |

For further information please go through the website http://jharkhandtenders.gov.in

**Executive Engineer**
**Field Survey Division,A.P**
**Road Construction Department,Ranchi .**

PR 340359 (Road)24-25*D

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, जमशेदपुर**

**अति अल्पकालीन ई0-निविदा आमंत्रण सूचना**

अति अल्पकालीन ई0–निविदा सूचना संख्या– **E-RDSD/JSR/11/2024-25**

1. कार्य की विस्तृत विवरणी :

| क्र0 सं0 | कार्य का नाम | प्राक्कलित राशि (रू0) | अग्रधन की राशि (रू0) | परिमाण विपत्र का मूल्य (रू0) | कार्य पूर्ण करने की अवधि |
|---|---|---|---|---|---|
| 1 | पूर्वी सिंहभूम जिला के पोटका प्रखण्ड अंतर्गत आसनबनी पंचायत के तिल्ला मोड़ा मौजा में सुवर्णरेखा नदी कुलियाना घाट में पुलिया निर्माण कार्य। | 96215800.00 | 1924500.00 | 10,000.00 | 24 माह |

2. वेबसाइट में निविदा प्रकाशन की तिथि – 02.12.2024
3. ई–निविदा प्राप्ति की तिथि एवं समय – दिनांक 02.12.2024 से दिनांक 09.12.2024 को अपराह्न 05:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।
5. ई–निविदा खोलने की तिथि एवं समय – 11.12.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
7. ई–निविदा प्रकोष्ठ का दूरभाष सं0 – 09431990319
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, जमशेदपुर

PR 340429 Rural Development (24-25)_D

**e-Procurement Cell**
**Executive Engineer, National Rural Employment Programme, Ranchi**
**JHARKHAND, RANCHI**

**Very Short Term e-Procurement Notice**
**Tender Reference No.41/2024-25**

| Sl. No | Name of Scheme | Estimated Amount (Cr) | Earnest Money (Lakhs) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | मायापुर पंचायत के ग्राम केदल में जोराकाठ कालीकारण पथ से लिंडा बस्ती होते हुए सहेदा कालीकरण रोड तक 5000 फीट पी0सी0सी0 पथ एवं दो आर0सी0सी0 पुलिया का निर्माण | 171.817 | 3.44 | 10000.00 | 9 Month | कार्य के अनुरूप |

| | | |
|---|---|---|
| 3 | Date of Publication of Tender on Website | 27.11.2024 at 11:00 AM |
| 4 | Start Date of Submission of Bids | 27.11.2024 at 1:00 PM |
| 5 | Last Date/Time of Submission of Bids | 04.12.2024 at 11:00 AM |
| 6 | Date/Time of opening of Bid | 05.12.2024 at 2:00 PM |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. |
| 8 | Helpline Number of e-procurement Cell | 94727-45569 |

**Any change can be seen on Website http:// Jharkhandtenders.gov.in.**
**Any other information can be seen on http:// Jharkhandtenders.gov.in.**

**Nodal Officer**
**e-Procurement Cell**
**Executive Engineer, National Rural Employment Programme, Ranchi**

PR 340420 NREP(24-25).D

**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, जामताड़ा**
**Email Id:rdsdjmt@gmail.com**

अल्पकालीन ई0–पुर्ननिविदा आमंत्रण संख्या–**RDD/SD/JMT/RE/03/2024-25**

1. कार्य की विस्तृत विवरणी :–

| क्र0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | जामताड़ा जिला के जामताड़ा प्रखण्ड में पंचायत चालना में ग्राम–चालना से पालकारा के बीच बराकर नदी पर पुल निर्माण। | 14,65,17,700.00 | 29,31,000.00 | 10,000.00 | 24 माह |

2. वेबसाईट में निविदा प्रकाशन की तिथि :–दिनांक–27.11.2024
3. ई0–निविदा प्राप्ति की तिथि एवं समय :–दिनांक–.27.11.2024 से दिनांक–03.12.2024 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थान:–e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय:–दिनांक–05.12.2024 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता:–कार्यपालक अभियंता, ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या:–9973957543
10. अधोहस्ताक्षरी / सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।

ह0 /–
कार्यपालक अभियंता
ग्रामीण विकास विशेष प्रमण्डल, जामताड़ा।

PR.NO.340314 Rural Development(24-25):D

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, गोड्डा**

**ई–निविदा आमंत्रण सूचना**

ई– निविदा सूचना संख्या – RWD/SD/GODDA/24/2024-25

1. कार्य की विस्तृत विवरणी :

| क्रम / ग्रुप सं० | प्रखंड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 1 | मेहरमा | गोड्डा जिला के प्रखण्ड मेहरमा में दरियाचक से छित दरियाचक जाने वाले रास्ते पर पुल निर्माण। | 3,26,22,400.00 | 6,52,500.00 | 10,000.00 | 18 माह |
| 2 | महागामा | गोड्डा जिला अंतर्गत महागामा प्रखंड के पंचायत गम्हरिया के ग्राम बड़ा कैथिया में राजडांड पर पुल निर्माण। | 2,90,70,700.00 | 5,81,500.00 | 10,000.00 | 18 माह |

2. वेबसाइट में निविदा प्रकाशन की तिथि – 29.11.2024
3. ई–निविदा प्राप्ति की तिथि एवं समय – दिनांक 29.11.2024 से दिनांक 09.12.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, गोड्डा।
5. ई–निविदा खोलने की तिथि एवं समय – 11.12.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गोड्डा।
7. ई–निविदा प्रकोष्ठ का दूरभाष सं० – 8340110173
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, गोड्डा

PR 340346 Rural Development(24-25)#D

**e-Procurement Cell**
**Executive Engineer, National Rural Employment Programme, Ranchi**
**JHARKHAND, RANCHI**

**Very Short Term e-Procurement Notice**
**Tender Reference No.40/2024-25**

| Sl. No | Name of Scheme | Estimated Amount (Cr) | Earnest Money (Lac) | BoQ Cost | Scheme Completion Date | Tools & Plant |
|---|---|---|---|---|---|---|
| 1 | एनेम कुजूर के घर महतो टोली तक 5250 फीट पी0सी0सी0 पथ के साथ तीन आर0सी0सी0 पुलिया का निर्माण | 108.189 | 216.40 | 10000.00 | 9 Month | कार्य के अनुरूप |

| | | |
|---|---|---|
| 3 | Date of Publication of Tender on Website | 27.11.2024 at 11:00 AM |
| 4 | Start Date of Submission of Bids | 15.10.2024 at 1:00 PM |
| 5 | Last Date/Time of Submission of Bids | 04.12.2024 at 11:00 AM |
| 6 | Date/Time of opening of Bid | 05.12.2024 at 2:00 PM |
| 7 | Name & Address of office Inviting tender e-Procurement Cell, | National Rural Employment Programme, Ranchi. |
| 8 | Helpline Number of e-procurement Cell | 94727-45569 |

**Any change can be seen on Website *http:// Jharkhandtenders.gov.in.***
***Any other information can be seen on http:// Jharkhandtenders.gov.in.***

**Nodal Officer**
**e-Procurement Cell**
**Executive Engineer, National Rural Employment Programme, Ranchi**

PR 340422 NREP (24-25)_D



ଆପଣ ଜାଣିଛନ୍ତି କି ଭୋଜନ ପରେ କାହିଁକି କୁହାଯାଏ। ଯଦି ଜାଣିଛନ୍ତି ଜାଣିନିଅନ୍ତୁ...। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଖାଦ୍ୟର ଆରମ୍ଭ ସର୍ବଦା ରାଗ କିମ୍ବା ଲୁଣିରୁ ହୋଇଥାଏ ଓ ଭୋଜନର ଶେଷ ମିଠାରେ ହୋଇଥାଏ।ସେଥିପାଇଁ ଶ୍ରୀମନ୍ଦିରରେ ମଧ୍ୟ ଜଗନ୍ନାଥ ମହାପ୍ରଭୁଙ୍କୁ ମଧ୍ୟ ଭୋଜନ ପରେ ପୋଡ଼ପିଠା ଅର୍ପଣ କରନ୍ତି ମହାଲକ୍ଷ୍ମୀ। ବୈଜ୍ଞାନିକ ଦୃଷ୍ଟି କୋଣରୁ ମଧ୍ୟ ସାଧାରଣତଃ ଭୋଜନ ପରେ ଖାଦ୍ୟ ନଳୀ ଶୁଷ୍କ ହୋଇଯିବାରୁ ଆମକୁ ଶୋଷ ଲାଗିଥାଏ ତେଣୁ ଆମେ ପାଣି ପିଇବାକୁ ଇଚ୍ଛା କରୁ। ମାତ୍ର ଡାକ୍ତରଙ୍କ କହିବାନୁସାରେ, ଖାଇବାର ଅଧଘଣ୍ଟା ପର୍ଯ୍ୟନ୍ତ ପାଣି ପିଇବା ଅନୁଚିତ। ଏହା ଆମ ପାଚନକ୍ରିୟା ଉପରେ ଖରାପ ପ୍ରଭାବ ପକାଇଥାଏ। ଖାଇବା ପରେ କିଛି ମିଠା ଖାଇବା ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ ଓ ପାଣିର ଆବଶ୍ୟକତା ମଧ୍ୟ ଏତେଟା ପଡିନଥାଏ। ରାଗ ଖାଦ୍ୟ ଖାଇବା ଯୋଗୁଁ ଆମ ପେଟ ଭିତରେ ଥିବା ପାଚନତନ୍ତ୍ର ଠିକ୍ ଭାବରେ ସଞ୍ଚାଳିତ ହୋଇପାରିନଥାଏ। ତେଣୁ ଭୋଜନ ଶେଷରେ ଶେଷରେ ମିଠା ଖାଇବା ଦ୍ୱାରା ଖାଦ୍ୟରେ ଥିବା ଅମ୍ଳର ତୀବ୍ରତା କମ୍ ହୋଇଥାଏ। ଫଳରେ ଏସିଡ଼ିଟି ବା ଜ୍ୱଳନ ହୋଇନଥାଏ ଓ ଖାଦ୍ୟ ଠିକ ଭାବେ ହଜମ ହୋଇଥାଏ। ଏହି କାରଣରୁ ଆମକୁ ଖାଇବା ପରେ ମିଠା ଦିଆଯାଏ ।



## ନିୟମିତ ଖାଲି ପାଦରେ ଘାସ ଉପରେ ଚାଲନ୍ତୁ ମିଳିବ ଅନେକ ଫାଇଦା

*ଚାଲିବା ସ୍ୱାସ୍ଥ୍ୟ ପକ୍ଷେ ହିତକର । କିନ୍ତୁ ଜାଣନ୍ତି କି ଘାସରେ ଚାଲିବା ଦୁଇଗୁଣା ଲାଭଦାୟକ । ବିଶେଷକରି ସକାଳେ ଖାଲି ପାଦରେ ଘାସ ଉପରେ ଚାଲିବା ଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇଥାଏ । ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ସହ ଶାରିରୀକ ଚଳପ୍ରଚଳ ମଧ୍ୟ ନିହାତି ଦରକାର । ବ୍ୟସ୍ତ ଜୀବନଶୈଳୀ ଯୋଗୁ ପ୍ରାୟ ଲୋକ ୱାର୍କଆଉଟ୍ ଓ ବ୍ୟାୟାମ କରିବାକୁ ସମୟ ବାହାର କରିପାରି ନଥାନ୍ତି । ଏହି ପରିସ୍ଥିତିରେ ନିଜକୁ ସୁସ୍ଥ ରଖିବା ପାଇଁ ଚାଲିବା ହିଁ ଏକମାତ୍ର ସହଜ ଉପାୟ । ଖାଲି ପାଦରେ ଘାସ ଉପରେ ଚାଲିବା ଦ୍ୱାରା ବହୁ ପ୍ରକାରର ଫାଇଦା ମିଳିଥାଏ ।*

### ରକ୍ତଚାପ ଓ ପାଚନ ତନ୍ତ୍ର ସୁସ୍ଥ

ଏକ ଗବେଷଣା ଅନୁସାରେ ଧରିତ୍ରୀ ସହ ପାଦର ସିଧାସଳଖ ସମ୍ପର୍କ ଦ୍ୱାରା ଶରୀରରେ ଥିବା ସ୍ନାୟବିକ ବ୍ୟବସ୍ଥା ଓ ସର୍କଡିଆନ୍ ରିଦିମ୍ ନିୟମିତ ହୋଇଥାଏ । ଫଳରେ ଶରୀରର ତାପମାତ୍ରା, ହରମୋନ୍ କ୍ଷରଣ, ପାଚନତନ୍ତ୍ର ଓ ରକ୍ତଚାପ ଆଦି ନିୟନ୍ତ୍ରିତ ରହିଥାଏ ।



### ପ୍ରଦାହ କମାଏ :

ଖାଲି ପାଦରେ ୨ ଘଣ୍ଟା ଘାସରେ ଚାଲିବା ଦ୍ୱାରା ପ୍ରଦାହ କମ୍ ହୋଇଥାଏ, ଯାହା ହୃଦୟ ରୋଗ, ଟାଇପ-୨ ମଧୁମେହ ଏବଂ କେତେକ ପ୍ରକାରର କର୍କଟର ରିସ୍କକୁ କମ୍ କରିଥାଏ ।

### ଚିନ୍ତା ଦୂରାଏ :

ଘାସରେ ଚାଲିବା ଦ୍ୱାରା ମନ ଶାନ୍ତ ହୋଇଥାଏ, ଯାହାଦ୍ୱାରା ଚିନ୍ତା କମ୍ ରହିଥାଏ । ପ୍ରକୃତି ଓ ଧରିତ୍ରୀ ସହ ଶରୀରର ସମ୍ପର୍କ ଦ୍ୱାରା ଚିନ୍ତାର ସ୍ତର କମ୍ ରହିଥାଏ । ଫଳରେ ମାନସିକ ସ୍ୱାସ୍ଥ୍ୟ ସୁଧାର ହେବାରେ ସାହାଯ୍ୟ କରିଥାଏ ।

### ମୁଡ୍‌ରେ ସୁଧାର ଆଣେ

ଖାଲି ପାଦରେ ଘାସରେ ଚାଲିବା ଦ୍ୱାରା ମନକୁ ଖୁସି ଓ ଆରାମ ମିଳିଥାଏ । ଘାସରେ ଚାଲିବା ଦ୍ୱାରା ଶରୀରରୁ ଏଣ୍ଡୋର୍ଫିନ୍ କ୍ଷରଣରେ ହୋଇଥାଏ । ।

### ଯନ୍ତ୍ରଣାରୁ ମୁକ୍ତି ଦିଏ

ଯଦି ଆପଣଙ୍କ ଶରୀରରେ କୌଣସି ପ୍ରକାରର ପୁରୁଣା ଯନ୍ତ୍ରଣା ରହିଥାଏ । ତେବେ ନିୟମିତ ଖାଲି ପାଦରେ ଘାସରେ ଚାଲିବା ଦ୍ୱାରା ଫାଇଦା ମିଳିଥାଏ ।




## କଫି ମଗ୍‌ରେ 'ଚୋର' ଲେଖାଥିବାରୁ ରାଗିଲେ ତମନ୍ନା

ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନୟ ଦକ୍ଷତା ସହିତ ବଲିଉଡରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ଅଭିନେତ୍ରୀ ତମନ୍ନା ଭାଟିଆ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ଏଥିରେ ସେ ରାଗିଥିବାର ଦେଖାଯାଇଛି। ଇନଷ୍ଟାଗ୍ରାମରେ ଏହି ଭିଡିଓ ଶେୟାର କରିବାବେଳେ ଅଭିନେତ୍ରୀ କ୍ୟାପସନରେ ଲେଖିଛନ୍ତି, 'ଜସୱିନ୍ଦର, ମୋ କଫି ସହିତ କଦାପି ଖେଳନ୍ତୁ ନାହିଁ।' ଆସନ୍ତୁ ଆପଣଙ୍କୁ କହିବା ଯେ ଜସୱିନ୍ଦର ହେଉଛି ତମନ୍ନାଙ୍କ ହାଉସ ହେଲ୍ପର ନାମ, ଯିଏ ତାଙ୍କ ପାଇଁ କଫି ଆଣିଥାଏ, ଯେଉଁଥିରେ 'ଚୋର' ଶବ୍ଦ ଲେଖାଯାଇଥିଲା। ଅଭିନେତ୍ରୀ ହ୍ୟାସଟ୍ୟାଗ ସହିତ ଲେଖିଛନ୍ତି, ସିକନ୍ଦର କା ମୁକାଦଦର ନେଟଫ୍ଲିକ୍ସରେ ପହଞ୍ଚିବାକୁ ମାତ୍ର ୪ଦିନ ବାକି ଅଛି।

ଭିଡିଓ ଆରମ୍ଭରେ, ଅଭିନେତ୍ରୀ ସୂର୍ଯ୍ୟୋଦୟକୁ ଉପଭୋଗ କରି ବହୁତ ଖୁସି ଥିବା ଦେଖାଯାଏ ଏବଂ ଏହି ସମୟରେ ତାଙ୍କ ଘରରର ଦେଖାରଖା କରୁଥିବା ବ୍ୟକ୍ତି କଫି ଆଣିଲେ, ଯାହାକୁ ଦେଖି ଅଭିନେତ୍ରୀ ହସି ପକାଇଛନ୍ତି। ପରବର୍ତ୍ତୀ ମୁହୂର୍ତ୍ତରେ ସେ କଫି ମଗରେ ଲେଖାଯାଇଥିବା 'ଚୋର' ଶବ୍ଦ ଦେଖିବା ପରେ ରାଗି ଯାଇଥିଲେ। ତମନ୍ନା କୁହନ୍ତି, ଜସୱିନ୍ଦର ଅନ୍ତତଃ ପକ୍ଷେ ମୋତେ ଶାନ୍ତିରେ କଫି ପିଇବାକୁ ଦେବେ କି ? ଏହି ଶବ୍ଦଟି 'ଚୋର' କିଏ ଲେଖିଛି ? ବନ୍ଧୁ, ମୁଁ ଏଠାରେ ନାହିଁ। ବାଲକୋନୀରେ ଠିଆ ହୋଇଥିବା ଅଭିନେତ୍ରୀଙ୍କ ଭିଡିଓରେ ସେ ଦର୍ଶକଙ୍କୁ ସୂର୍ଯ୍ୟ ଅସ୍ତ ହେବାର ଏକ ସୁନ୍ଦର ଦୃଶ୍ୟ ଦେଖାଉଥିବା ଦେଖିବାକୁ ମିଳିଛି। ଏହାପୂର୍ବରୁ ଅଭିନେତ୍ରୀ ଗର୍ଲ ଗ୍ୟାଙ୍ଗଙ୍କ ସହିତ ମଜାଦାର ଫଟୋ ଶେୟାର କରିଥିଲେ।





## ମହିଳାଙ୍କ ପେଟରୁ ବାହାରିଲା ୨ କେ.ଜି.ର ଚୁଟି

ଉତ୍ତରପ୍ରଦେଶର ବରେଲି ଜିଲା କରଗୈନା ଅଞ୍ଚଳରେ ରହୁଥିବା ଜଣେ ୩୧ ବର୍ଷିୟା ମହିଳା ଲମ୍ବା ସମୟ ଧରି ପେଟ ଯନ୍ତ୍ରଣାରେ ପୀଡ଼ିତ ଥିଲେ। ସେ ତାଙ୍କର ଚିକିତ୍ସା କରାଇବା ପାଇଁ ବରେଲିର ମହାରାଣା ପ୍ରତାପ ଜିଲା ଚିକିତ୍ସାଳୟରେ ପହଞ୍ଚିଥିଲେ। ପେଟର ବିଭିନ୍ନ ପରୀକ୍ଷା ନିରୀକ୍ଷା କରିବା ପରେ ଡାକ୍ତର ମହିଳାଙ୍କ ଅପରେଶନ କରିବା ନେଇ ନିଷ୍ପତ୍ତି ନେଇଥିଲେ। ଅପରେଶନ କରିବା ପରେ ତାଙ୍କ ପେଟରୁ ୨ କେ.ଜି. ଓଜନର କେଶ ବାହାରିଥିଲା। ସେ ବିରଳ ଟ୍ରାଇକୋଲୋଟୋମାନିଆ ରୋଗରେ ପୀଡ଼ିତ ଥିବା ନେଇ ଡାକ୍ତର କହିଛନ୍ତି। ଏହା ଏକ ବିରଳ ମାନସିକ ବିକୃତି, ଯେଉଁଥିରେ ପୀଡ଼ିତ ରୋଗୀଙ୍କୁ କେଶ ଖାଇବାକୁ ଇଚ୍ଛା ହୋଇଥାଏ।



## ଏକସଙ୍ଗେ ୧୩ ଫ୍ଲପ୍ ଫିଲ୍ମ ଦେଇଥିଲେ ଅର୍ଜୁନ

ଅଭିନେତା ଅର୍ଜୁନ ରାମପାଲ ୨୩ ବର୍ଷ ଧରି ବଲିଉଡ୍ ଇଣ୍ଡଷ୍ଟ୍ରିରେ ସକ୍ରିୟ ରହିଛନ୍ତି। ନିଜ କ୍ୟାରିୟର ଯାତ୍ରାରେ ତାଙ୍କୁ ଅନେକ ସଂଘର୍ଷ ଦେଖିବାକୁ ପଡ଼ିଛି। ସୋମବାର ଏକ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି, ତାଙ୍କୁ ସର୍ବ ପ୍ରଥମେ ନିର୍ଦ୍ଦେଶକ ରାଜୀବ ରାୟ ଫିଲ୍ମ ଜଗତକୁ ଆସିବା ପାଇଁ ଅଫର ଦେଇଥିଲେ। ସେ ପ୍ରଥମେ ଏକ ମ୍ୟୁଜିକ୍ ଭିଡିଓ ପାଇଁ ଅର୍ଜୁନଙ୍କୁ ଅଫର ଦେଇଥିଲେ। ପରେ ସେ 'ପ୍ୟାର ଇସ୍କ ଔର ମହବତ' ଚଳଚ୍ଚିତ୍ର ପାଇଁ ଅର୍ଜୁନଙ୍କୁ ଚୟନ କରିଥିଲେ। ତେବେ ଅର୍ଜୁନଙ୍କର ଏହି ଡେବ୍ୟୁ ଫିଲ୍ମ ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା। ତଥାପି ଜଣେ ସଫଳ ମଡେଲ ହୋଇଥିବାରୁ ସେତେବେଳେ ଅର୍ଜୁନଙ୍କୁ 'ମୋକ୍ଷ' ଫିଲ୍ମର ଅଫର ଆସିଥିଲା। ଏହି ଫିଲ୍ମର ଶୁଟିଂ ଶେଷ ହୋଇଥିଲେ ମଧ୍ୟ କୌଣସି କାରଣବଶତଃ ଫିଲ୍ମଟି ୭ ବର୍ଷ ପାଇଁ ରିଲିଜ୍ ହୋଇପାରିଲା ନାହିଁ। ସେତେବେଳେ ସେ ନିଜକୁ ଘୃଣା କରିବା ସହ ମଡେଲିଂ ଜଗତକୁ ଛାଡ଼ିବା ପାଇଁ ଚିନ୍ତା କରିଥିଲେ ବୋଲି ଅର୍ଜୁନ କହିଛନ୍ତି। ସେ ସମୟରେ ଅର୍ଜୁନଙ୍କ ନିକଟରେ ଆୟର କୌଣସି ଉତ୍ସ ନ ଥିଲା। ସେହିପରି ଏକଦା ତାଙ୍କର ଲଗାତାର ୧୩ଟି ଚଳଚ୍ଚିତ୍ର ବକ୍ସ ଅଫିସରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ୨୦୦୬ରେ ଅଭିନେତା ଶାହରୁଖ୍ ଖାନ୍‌ଙ୍କ 'ଡନ୍' ଫିଲ୍ମ ତାଙ୍କ କ୍ୟାରିୟରକୁ ପୁନଃଜୀବିତ କରିଥିଲା ବୋଲି ଅର୍ଜୁନ କହିଛନ୍ତି।



## ରହମାନଙ୍କ ସହ ସମ୍ପର୍କକୁ ନେଇ ମୁହଁ ଖୋଲିଲେ ମୋହିନୀ
## ସେ ମୋ ବାପାଙ୍କ ପରି

ଓସ୍କାର ବିଜେତା ସଂଗୀତ ନିର୍ଦ୍ଦେଶକ ଏ. ଆ.ର ରହମାନ୍ ଓ ତାଙ୍କ ପତ୍ନୀ ସାଇରା ବାନୁଙ୍କ ବିବାହ ବିଚ୍ଛେଦ ଖବର ଏବେ ସର୍ବଜନବିଦିତ। ସେମାନଙ୍କ ବିବାହକୁ ୩୦ ବର୍ଷ ପୂରିବାକୁ ମାତ୍ର ଗୋଟାଏ ବର୍ଷ ବାକି ଥିବା ବେଳେ ଭାଙ୍ଗିଯାଇଛି ଦାମ୍ପତ୍ୟର ପ୍ରାଚୀର। ବଲିଉଡ୍‌ର ଏହି ଚର୍ଚ୍ଚିତ ଯୋଡ଼ିଙ୍କ ଛାଡ଼ପତ୍ରକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଛାଡ଼ପତ୍ର ପାଇଁ ରହମାନଙ୍କ ଗୀଟାରିଷ୍ଟ ମୋହିନୀ ଦେ' ଦାୟୀ ବୋଲି କୁହାଯାଉଛି । କାରଣ ରହମାନଙ୍କ ଛାଡ଼ପତ୍ର ପରେ ପରେ ମୋହିନୀ ନିଜ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ନେଉଥିବା ଘୋଷଣା କରିଥିଲେ । ଏହା ଉପରେ ପ୍ରତିକ୍ରିୟା ଦେଇ ଇନଷ୍ଟାରେ ଏକ ଭିଡିଓ ସେୟାର କରିଛନ୍ତି ମୋହିନୀ। ସେ କହିଛନ୍ତି ଯେ, 'ମୋ ଜୀବନରେ ଅନେକ ପିତୃତୂଲ୍ୟ ବ୍ୟକ୍ତିତ୍ୱ ଓ ଆଦର୍ଶ ଅଛନ୍ତି, ଯେଉଁମାନେ ମୋତେ ବହୁତ କିଛି ଶିଖାଇଛନ୍ତି ଓ ଆଗକୁ ବଢ଼ିବାରେ ସାହାଯ୍ୟ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଏଆର ରହମାନ। ମୁଁ ତାଙ୍କୁ ବହୁତ ସମ୍ମାନ କରେ। ସେ ମୋ ବାପାଙ୍କ ପରି। ସେ ବାସ୍ତବରେ ମୋ ବାପାଙ୍କଠାରୁ ଟିକିଏ ସାନ । ତାଙ୍କ ଝିଅ ଠିକ୍ ମୋ ବୟସର, ମୁଁ ଭାବୁଛି । ଆମମାନଙ୍କର ପରସ୍ପର ପ୍ରତି ଭଲପାଇବା ଓ ସମ୍ମାନ ରହିଛି।'



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ମାଲକାନଗିରି(ଭାସ୍କର ନ୍ୟୁଜ): ଏସଡିପିଓ, ବ୍ୟାଙ୍କ ମ୍ୟାନେଜର ପରିଚୟ ଦେଇ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଭୁବନେଶ୍ୱରରୁ ଦୁଇ ଠକଙ୍କୁ ଗିରଫ କରିଛି ମାଲକାନଗିରି ପୁଲିସ। ଏହି ଠକାମୀର ଶିକାର ହୋଇଛନ୍ତି ଦୁଇ ବରିଷ୍ଠ ଓକିଲ, ସରପଞ୍ଚ ଓ ଜଣେ ପିଇଓ। ଗିରଫ ହୋଇଥିବା ଦୁଇ ଠକ ହେଲେ ନୟାଗଡ ସୋରଡା ଗ୍ରାମର କାର୍ତ୍ତିକ ରାଉତରାୟ (୩୩) ଓ ଏକନ ପାଣି (୩୦)। କାର୍ତ୍ତିକ ଏବେ କଟକ ଜିଲ୍ଲା ବାଙ୍କୀ ଅଞ୍ଚଳରେ ରହୁଥିବା ବେଳେ ଏକନ ଭରତପୁର ଥାନାସ୍ଥ ଘାଟିକିଆରେ ଘର ଭଡା ନେଇ ରହୁଥିଲେ। ପୁଲିସ ସୂଚନା ଅନୁଯାଇ ଯୁବକ ଦୁଇଜଣ ମାଲକାନଗିରି ଜିଲ୍ଲାର ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏସଡିପିଓ କହି ୧୦ ହଜାର, ଜଣେ ସରପଞ୍ଚଙ୍କଠାରୁ ୧୮ ହଜାର, ଓକିଲଙ୍କଠାରୁ ୧୦ ହଜାର ଓ ମାଲକାନଗିରି ସହରର ଜଣେ ବରିଷ୍ଠ ଓକିଲଙ୍କଠାରୁ ୧୦ ହଜାର ଟଙ୍କା ଠକି ନେଇଥିଲେ। ଏହା ବ୍ୟତିତ ଅନ୍ୟାନ ଅଞ୍ଚଳରୁ ମଧ୍ୟ ବିଭିନ୍ନ ଲୋକଙ୍କ ଠାରୁ ନାନା ଉପାୟରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଜଣାପଡିଛି। ଠକାମୀର ଶିକାର ହୋଇଥିବା ବ୍ୟକ୍ତିମାନେ ମାଲକାନଗିରି ଆଦର୍ଶ ଥାନାରେ ଏତଲା ଦେଇଥିଲେ। ସହକାରୀ ଏସପି ତପନ ନାରାୟଣ ରଥ, ଏସଡିପିଓ ସଚୀନ ପଟେଲଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଥାନା ଆଇଆଇସି ରିଗାନ କିଣ୍ଡୋଙ୍କ ତ୍ତ୍ୱାବଧାନରେ ଠକ ଦୁଇଜଣଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ସବଇନ୍ସପେକ୍ଟର ସର୍ବେଶ୍ୱର ଭୋଇଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ କରିଥିଲା। ସେମାନେ ଭୁବନେଶ୍ୱରରେ ଥିବା ଖବର ପାଇ ସେଠାକୁ ଯାଇ ସେମାନଙ୍କୁ ଗିରଫ କରି ମାଲକାନଗିରି ଆଣିଥିଲା। କାର୍ତ୍ତିକ ରାଉତରାୟ (୩୩) ଓ ଏକନ ପାଣି (୩୦)ଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

# ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ



ପୁରୀ (ଭାସ୍କର ନ୍ୟୁଜ) : ଖୁବଶୀଘ୍ର ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଆରମ୍ଭ ହେବ। ଛତିଶାନିଯୋଗ ବୈଠକରେ ଆଜି ଏନେଇ ଆଲୋଚନା ହୋଇଥିଲା । ରତ୍ନଭଣ୍ଡାର ମରାମତି ସମୟରେ ଠାକୁରଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନରେ ଯେଭଳି କୌଣସି ଅସୁବିଧା ନହେବ ତା'କୁ ବିଶେଷ ଗୁରୁତ୍ୱ ଦିଆଯିବ। ତେବେ କେଉଁ ସମୟରେ ରତ୍ନଭଣ୍ଡାର ମରାମତି ହେବ, କେତେ ସମୟ ଧରି ମରାମତି କାର୍ଯ୍ୟ ଚାଲିବ ସେନେଇ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ ହେବ। ଏଥିପାଇଁ ଶ୍ରୀମନ୍ଦିର ନୀତି ପ୍ରଶାସକ ଓ କମାଣ୍ଡରଙ୍କୁ ନେଇ ଦୁଇ ଜଣିଆ କମିଟି ଗଠନ ହୋଇଛି। ଛତିଶା ନିଯୋଗ ବୈଠକ ସରିବା ପରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ତେବେ ରତ୍ନଭଣ୍ଡାରର ଲେଜର ସ୍କାନିଂ ଏବଂ ଜିପିଆର ସର୍ଭେ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଛି। ଯଥାଶୀଘ୍ର ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଏଏସଆଇକୁ ଅନୁରୋଧ କରିଛି ଶ୍ରୀମନ୍ଦିର ପ୍ରଶାସନ। ରତ୍ନଭଣ୍ଡାର ମରାମତିକୁ ନେଇ ଯେଭଳି ମହାପ୍ରଭୁଙ୍କ ନୀତି କାନ୍ତିରେ ଏବଂ ଭକ୍ତଙ୍କ ଦର୍ଶନ ନେଇ କୌଣସି ଅସୁବିଧା ନ ଉପୁଜେ ତା ଉପରେ ଗୁରୁତ୍ୱ ଦେଉଛି ଶ୍ରୀମନ୍ଦିର ପ୍ରଶାସନ। ରତ୍ନଭଣ୍ଡାର ଚଟାଣ ଏବଂ କାନ୍ଥରେ କିଛି ଫାଟ ଥିବା ରିପୋର୍ଟ ଆସିଥିବାରୁ ଏହାକୁ ଦୀର୍ଘ ସ୍ଥାୟୀ ଭାବରେ କିଭଳି ମରାମତି କରାଯାଇପାରିବ ସେ ଦିଗରେ କାର୍ଯ୍ୟ କରିବାକୁ ଏଏସଆଇକୁ ଅନୁରୋଧ କରାଯାଇଛି। ସେପଟେ ରତ୍ନଭଣ୍ଡାର ମରାମତି ପାଇଁ ରାଜ୍ୟ ସରକାର ୫କୋଟି ଟଙ୍କା ବ୍ୟୟବରାଦ କରିଥିବାରୁ ବରିଷ୍ଠ ସେବାୟତ ଏହାକୁ ସ୍ୱାଗତ କରିଛନ୍ତି।

# କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ କୃଷକ ଓ ଶ୍ରମିକ ସଂଗଠନର ବିକ୍ଷୋଭ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଦେଶର କୃଷକ ସଂଗଠନମାନଙ୍କ ସର୍ବଭାରତୀୟ ମଞ୍ଚ, ସଂଯୁକ୍ତ କିଶାନ୍ ମୋର୍ଚ୍ଚା ଓ ସର୍ବଭାରତୀୟ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ମିଳିତ ଭାବେ କେନ୍ଦ୍ରର ମୋଦି ସରକାରର କୃଷକ, ଶ୍ରମିକ ତଥା ଜନବିରୋଧୀ ନୀତି ବିରୁଦ୍ଧରେ ଆସନ୍ତା ଆଜି ସାରା ଦେଶରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭର ଡାକରା ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ପାରଳାଖେମୁଣ୍ଡି ସ୍ଥିତ ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାର କୃଷକ ଓ ଶ୍ରମିକ ସଂଗଠନଗୁଡ଼ିକ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ସାଧାରଣ ଜନତା ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥଲେ । ମଙ୍ଗଳବାର ସ୍ଥାନୀୟ ନୂଆ ବସଷ୍ଟାଣ୍ଡଠାରୁ ପୂର୍ବାହ୍ନ ୧୧ଟାରେ ଏକ ଶୋଭାଯାତ୍ରା ବାହାରି କଲେଜ ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଆୟୋଜିତ ସଭାରେ ଅଖିଳ ଭାରତ କିଶାନ୍ ମଜଦୁର ସଭାର ଜିଲ୍ଲା ସମ୍ପାଦକ, କେଦାର ଶବର, ଓଡିଶା କୃଷକ ସଭାର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଦଣ୍ଡପାଣି ରଇତ, ଭାରତୀୟ କ୍ଷେତ ମଜଦୁର ୟୁନିଅନର ଜିଲ୍ଲା ସମ୍ପାଦକ, ଜେନା ସୁବାଷ ରାଓ, ଆଲ୍ ଇଣ୍ଡିଆ କିଶାନ୍ ସଭାର ଜିଲ୍ଲା ସମ୍ପାଦକ ନରସିଂହ ମଣ୍ଡଳ, ଅଲ୍ ଇଣ୍ଡିଆ ଅଗ୍ରଗାମୀ କିଶାନ୍ ସଭାର ଜିଲ୍ଲା ସମ୍ପାଦକ ପି, ମୁରଲି ଓ ଗଜପତି ଜିଲ୍ଲା ରଇତକୁଲି ରଇତ ସଂଘର ଜିଲ୍ଲା ସମ୍ପାଦକ ରକମ ଲୋକନାଥମ୍ ପ୍ରମୁଖ ନିଜର ବକ୍ତବ୍ୟ ରଖି କେନ୍ଦ୍ର ସରକାର ବଡ ବଡ କର୍ପୋରେଟମାନଙ୍କ ସ୍ୱାର୍ଥରେ କୃଷକ ଓ ଶ୍ରମିକମାନଙ୍କ ପ୍ରତି କିପରି ପ୍ରତାରଣା କରୁଛନ୍ତି ତା'ର ଅବତରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଆଇକେଏମଏସର ଜିଲ୍ଲା କମିଟି ସଭ୍ୟ କାତୁକା ଶବର, ସମୁରା ଶବର ପ୍ରମୁଖ ମଧ୍ୟ ଯୋଗ ଦେଇଥିଲେ । ଶେଷରେ ଭାରତର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କୃଷକ ଓ ଶ୍ରମିକମାନଙ୍କ ସ୍ୱାର୍ଥ ସମ୍ବଳିତ ଏକ ସ୍ମାରକପତ୍ର ସ୍ଥାନୀୟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

## ୫ ମାସ ମଧ୍ୟରେ ଓଡ଼ିଶାରେ ମଲେଣି ୪୦ ହାତୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୫ ମାସ ମଧ୍ୟରେ ଓଡ଼ିଶାରେ ମଲେଣି ୪୦ ହାତୀ । ବିଧାନସଭାରେ ବିଜେଡି ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ ଉତ୍ତର ରଖିଛନ୍ତି । ଏଥିପାଇଁ ୨୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଦୁଇ ଜଣ ଫରେଷ୍ଟ ଗାର୍ଡ ଓ ଜଣେ ଫରେଷ୍ଟରଙ୍କୁ ଗିରଫ କରାଯାଇଛି । ସେହିପରି ୫ଟି କଲରାପତରିଆ ବାଘ ମଧ୍ୟ ମରିଛନ୍ତି । ବାଘ ମାରିବା ପାଇଁ ୧୪ ଜଣଙ୍କୁ ଗିରଫ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

# ନୂତନ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ନିର୍ମିତ ନୂତନ ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି । ମନ୍ତ୍ରୀ ଶ୍ରୀ ଗଣ୍ଡ ଏପରି ଏକ ସଭାଗୃହର ଆବଶ୍ୟକତା ଥିବା କହିବା ସହ ତୋଷାଳି ଭବନରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ କାର୍ଯ୍ୟାଳୟମାନେ ମଧ୍ୟ ଦରକାର ହେଲେ ଏହାର ବ୍ୟବହାର କରିପାରିବେ ବୋଲି ପ୍ରକାଶ କରିଥିଲେ । ଆୟୁକ୍ତ ବ୍ରତତୀ ହରିଚନ୍ଦନ ଏହି ସଭାଗୃହର ଆବଶ୍ୟକତା ଉପରେ ଆଲୋକପାତ କରି କହିଲେ ଯେ ଏଣିକି ଭିନ୍ନକ୍ଷମ ଆୟୁକ୍ତଙ୍କ କୋର୍ଟ କାର୍ଯ୍ୟାଳୟ ତଥା ଭିନ୍ନକ୍ଷମମାନଙ୍କ ପାଇଁ ହେଉଥିବା ବିଭିନ୍ନ ସଭାସମିତି ପାଇଁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ । ପରେ ମନ୍ତ୍ରୀ ଶ୍ରୀ ଗଣ୍ଡ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ ବୁଲି ଦେଖିବା ଅବସରରେ ଆୟୁକ୍ତ ଶ୍ରୀମତୀ ହରିଚନ୍ଦନଙ୍କ ସହ ଭିନ୍ନକ୍ଷମମାନଙ୍କ ଉନ୍ନତି ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ, ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ସଚିବ ଦୀପକ ରାଉତରାୟ, ଉପସଚିବ ସନ୍ନ୍ୟାସୀ କୁମାର ବେହେରା, ଅତିରିକ୍ତ ଅର୍ଥ ପରାମର୍ଶଦାତା ତଥା ଉପସଚିବ ସୁଭଦ୍ରା ଜାନି ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ପଦାଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାତୃହନ୍ତା ସାନଭାଇକୁ ୧୦ ବର୍ଷ ଜେଲ୍

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଓ ଦୌରାଜଜ ମଙ୍ଗଳବାର ଜଣେ ଭାତୃହନ୍ତାକୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥି ସହିତ ହତ୍ୟାର ଶିକାର ପୀଡିତ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି । କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୯/୭/୨୦୨୧ ଦିନ ସଦର ଥାନା ଅନ୍ତର୍ଗତ ବିସ୍ତାପାଳ ଠାରେ ରହୁଥିବା ଭୀମସେନ ନାଏକ ତାଙ୍କ ପତ୍ନୀଙ୍କ ସହିତ ଘର ଆଗରେ ଝଗଡା କରୁଥିଲେ । ଘର ବାହାରେ କାହିଁକି ଝଗଡା କରୁଛ ବୋଲି ଭୀମସେନର ବଡଭାଇ ଦୀନବନ୍ଧୁ ତାଗିଦ କରିଥିଲେ । ଏ କଥାକୁ ନେଇ ଉଭୟ ଭାଇଙ୍କ ମଧ୍ୟରେ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ସାନଭାଇ ଭୀମସେନ ପାଖରେ ଥିବା ଏକ ଖଣ୍ଡିଆ ଇଟାରେ ବଡଭାଇର ମୁଣ୍ଡକୁ ବାଡେଇ ଦେଇଥିଲା । ଫଳରେ ଘଟଣା ସ୍ଥଳରେ ବଡଭାଇ ଦୀନବନ୍ଧୁର ମୃତ୍ୟୁ ହୋଇଥିଲା । ଏ ବାବଦରେ ପ୍ରତ୍ୟକ୍ଷଦର୍ଶୀ ନକ କହିବା ମୁତାବକ ସଦର ପୋଲିସ କେଶ ନମ୍ବର ୫୪/୨୦୨୧ ଅନୁସାରେ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଥିଲା । ଏହି ମାମଲାର ମଙ୍ଗଳବାର ବିଚାର କରି ୧୬ ଜଣଙ୍କର ସାକ୍ଷୀ ଓ ତଦନ୍ତକୁ ଭିତ୍ତିକରୀ ଜିଲ୍ଲା ଓ ଦୌରାଜଜ ଅଶୋକ କୁମାର ପଣ୍ଡା ଅଭିଯୁକ୍ତକୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି ଏବଂ ମୃତକ ପରିବାରକୁ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ପିପି ପ୍ରଦୀପ କୁମାର ଦାଶ ଏହି ମାମଲା ପରିଚାଳନା କରୁଥିଲେ ବୋଲି ଜଣାପଡିଛି ।

## ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ଧାନ ସଂଗ୍ରହରେ ପୂର୍ବାପେକ୍ଷା ସ୍ୱଚ୍ଛତା ଗ୍ରହଣ କରାଯିବା ସହ ଚାଷୀମାନଙ୍କୁ ଅଧିକ ସହାୟତା ପ୍ରଦାନ ପାଇଁ ସରକାର ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି । କୌଣସି ଯୋଗ୍ୟ ଚାଷୀ ଧାନକିଣା ପ୍ରକ୍ରିୟାରୁ ବାଦ ନପଡ଼ନ୍ତି ଏଥିପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ଗତ ୨୦ ତାରିଖରୁ ବରଗଡ଼ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ବରଗଡ଼, ନୂଆପଡା ଓ ସମ୍ବଲପୁର ଜିଲ୍ଲାରେ ସରକାରୀ ସ୍ତରରେ ଧାନ କିଣା ଯାରି ରହିଛି । ଧାନ ସଂଗ୍ରହ ବ୍ୟବସ୍ଥାକୁ ଯାଂଚ କରିବା ପାଇଁ ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀ ମାନଙ୍କୁ ନିଯୁକ୍ତି କରାଯାଇଛି । ସମ୍ପୃକ୍ତ ଜିଲ୍ଲାର ପ୍ୟାକ୍ସ, ଲ୍ୟାମ୍ପସ, ମହିଳା ଏସଏଚଜି ମାନଙ୍କୁ ସାମିଲ କରାଯାଉଛି । ଧାନ ସଂଗ୍ରହରେ କୌଣସି ମଧ୍ୟସ୍ଥିକୁ ପ୍ରଶୟ ନଦେବାକୁ ସରକାରୀ ସ୍ତରରେ କଠୋର ପଦକ୍ଷେପ ଗ୍ରହଣ କରାଯିବ ।

# ଯୋଗ୍ୟ ହିତାଧୀକାରୀ ହେବେ ସାମିଲ୍, ଅଯୋଗ୍ୟ ବାଦ୍ ପଡ଼ିବେ: ପଞ୍ଚାୟତିରାଜ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଯେଉଁ ମାନଙ୍କର ମାସିକ ଆୟ ୧୦ ହଜାର ୫୦୦ ଟଙ୍କାରୁ ଅଧିକ ନଥିବ ସେମାନେ ଯୋଗ୍ୟ ବିବେଚିତ ହେବେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏହା କହିଛନ୍ତି । ସେ କହିଛନ୍ତି ଯେ, ହିତାଧିକାରୀଙ୍କ ଆଧାର କାର୍ଡ ସହ ମୋବାଇଲ୍ ନମ୍ବର ସଂଯୋଗ ଜରୁରୀ । ନିଜେ ଆବେଦନକାରୀ ବିଭାଗର ଆପରେ ଆବେଦନ କରିବେ । ଗରିବ ଲୋକ ଫିଙ୍ଗର ପ୍ରିଂଟ ରହିବ, ଆଧାର ସଂଯୋଗ କରାଯିବ । ବାପା ପୁଅ ଭିନ୍ନ ହୋଇଥିଲେ ବି ଯୋଗ୍ୟ ଥିଲେ ଘର ମିଳିବ । ଦିବ୍ୟାଙ୍ଗ ଓ ବିଧବାଙ୍କୁ ଘର ଦିଆଯିବ । ସେ କହିଛନ୍ତି ଯେ, ଯଦି କୌଣସି ଗାଁ ରେ ୧୫ ରୁ ୨୦ ପରିବାରର ଘର ଡିହ ନଥିବ ସେହିଭଳି ଗାଁକୁ କ୍ଲଷ୍ଟର କରାଯାଇ ଘର ଦିଆଯିବ । ରାସ୍ତା, ବିଜୁଳି ପାଣି ସହ ଖେଳ ପଡିଆ ଭଳି ଆନୁସାଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯିବ, ଆନୁଷଙ୍ଗିକ ବ୍ୟବସ୍ଥା ଦିଆଯିବ । ସେ କହିଛନ୍ତି ଯେ, ପୂର୍ବରୁ ତାଲିକା ପ୍ରସ୍ତୁତ ସମୟରେ ପାତର ଅନ୍ତର ଯୋଗୁଁ ଅନେକ ହିତାଧିକାରୀ ବାଦ ପଡ଼ି ଥାଆନ୍ତି । ବିଗତ ଦିନରେ ଯେଉଁ ମାନେ ଯୋଗ୍ୟ ବଂଚିତ ହୋଇଛନ୍ତି ସେମାନେ ପାଇବେ । ଏଥିପାଇଁ ବିଭାଗର କର୍ମକର୍ତ୍ତା ତାଲିମ ନେବେ ଏବଂ ୨ ମାସ ଭିତରେ ସରିବ ବୋଲି ସେ କହିଛନ୍ତି ।

## ବୀରେନ୍ ମିତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବୀରେନ୍ ମିତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜ ସଂସ୍କାରକ ବୀରେନ୍ ମିତ୍ରଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି । ଲୋକଙ୍କ ସେବା ଓ ଉନ୍ନତି ସହ ରାଜ୍ୟକୁ ପ୍ରଗତିଶୀଳ କରିବାରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ।

## ବୀରେନ୍ ମିତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବୀରେନ୍ ମିତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରେନ୍ ମିତ୍ରଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ସମ୍ବିଧାନ ଦିବସର ଶୁଭକାମନା ଜଣାଇଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସମ୍ବିଧାନ ଦିବସର ଶୁଭକାମନା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏକ୍ସ ହ୍ୟାଣ୍ଡେଲରେ ନବୀନ କହିଛନ୍ତି ଯେ, ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ରର ସମ୍ବିଧାନ ତିଆରି କରିଥିବା ମହାନ ଦୃଷ୍ଟିସାରୀମାନଙ୍କୁ ସମ୍ମାନ। ସମ୍ବିଧାନ ଦିବସରେ, ଆମେ ସମ୍ବିଧାନରେ ସଂକଳିତ ମୂଲ୍ୟବୋଧଗୁଡିକୁ ସାର୍ଥକ କରିବା ଓ ତାହାର ପବିତ୍ରତାକୁ ପାଳନ କରିବା ପାଇଁ ଆମର ପ୍ରତିଜ୍ଞାକୁ ନବୀକରଣ କରିବା।

# ଏସ୍ ଆଣ୍ଡ୍ ଟି କ୍ଲଷ୍ଟର ପକ୍ଷରୁ ଦ୍ୱିତୀୟ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା (ପିଏସ୍ଏ) ପ୍ରଫେସର ଅଜୟ କେ ସୁଦଙ୍କ ଅଧ୍ୟକ୍ଷତାରେ ନଭେମ୍ବର ୨୫-୨୬ ରେ ଭୁବନେଶ୍ୱରରେ ସମସ୍ତ ସର୍ବଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା (ଏସ୍ ଆଣ୍ଡ୍ ଟି) କ୍ଲଷ୍ଟରର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୫ ନଭେମ୍ବର ୨୦୨୪ରେ ପିଏସଏ କାର୍ଯ୍ୟାଳୟ (ଓପିଏସ୍ଏ)ର ୨୫ତମ ବାର୍ଷିକୀ ଅବସରରେ ଭୁବନେଶ୍ୱର ସିଟି ନଲେଜ୍ ଆଣ୍ଡ ଇନୋଭେସନ୍ କ୍ଲଷ୍ଟର ଫାଉଣ୍ଡେସନ (ବିସିକେଆଇସି) ପକ୍ଷରୁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ୨୦୨୦ରେ ଓପିଏସଏ ଦ୍ୱାରା ଆରମ୍ଭ ହୋଇଥିବା ଏସ୍ ଆଣ୍ଡଟି କ୍ଲଷ୍ଟର ଇନିସିଏଟିଭ୍ ସମଗ୍ର ଦେଶରେ ଆଠଟି ସକ୍ରିୟ କ୍ଲଷ୍ଟର ପ୍ରତିଷ୍ଠା କରିଛି- ଆନ୍ଧ୍ରପ୍ରଦେଶ ମେଡଟେକ ଜୋନ୍ (ଏଏମଟିଜେଡ୍) - ଭାଇଜାଗ୍, ବେଙ୍ଗାଲୁରୁ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା (ବିଇଏସଟି), ଭୁବନେଶ୍ୱର ସିଟି ନଲେଜ୍ ଆଣ୍ଡ ଇନୋଭେସନ୍ କ୍ଲଷ୍ଟର୍ ଫାଉଣ୍ଡେସନ୍ (ବିସିକେଆଇସି), ଦିଲ୍ଲୀ ରିସର୍ଚ୍ଚ ଇମ୍ପ୍ଲିମେଂଟେସନ୍ ଆଣ୍ଡ ଇନୋଭେସନ୍ (ଡିଆରଆଇଆଇଭି), ଯୋଧପୁର ସିଟି ନଲେଜ୍ ଆଣ୍ଡ ଇନୋଭେସନ୍ କ୍ଲଷ୍ଟର (ଜେସିକେଆଇସି), ପଞ୍ଜାବ ବିଶ୍ୱବିଦ୍ୟାଳୟ - ଆଇଆଇଟି ରୋପର ଆଂଚଳିକ ଉଦ୍ଭାବନ ପାଇଁ ଆକ୍ସେଲେରେଟର (ପିଆଇ-ରାହି), ପୁଣେ ନଲେଜ କ୍ଲଷ୍ଟର ଫାଉଣ୍ଡେସନ (ପିକେସିଏଫ) ଏବଂ ହାଇଦ୍ରାବାଦ୍ର ରିସର୍ଚ୍ଚ ଆଣ୍ଡ ଇନୋଭେସନ ସର୍କଲ (ରିଚ)। ଅଭିନବ ଏସ୍ ଆଣ୍ଡ ଟି ହସ୍ତକ୍ଷେପ ମାଧ୍ୟମରେ ଆଂଚଳିକ ଆହ୍ୱାନର ମିଳିତ ଭାବେ ମୁକାବିଲା କରିବା ପାଇଁ ଏହି କ୍ଲଷ୍ଟରଗୁଡ଼ିକ ଶିକ୍ଷା, ଶିଳ୍ପ ଜଗତ, ସ୍ଥାନୀୟ ସରକାର ଏବଂ ଷ୍ଟାର୍ଟଅପଗୁଡ଼ିକୁ ଏକାଠି କରନ୍ତି । ବୈଠକରେ ସମସ୍ତ ୮ଟି କ୍ଲଷ୍ଟର ସେମାନଙ୍କର ସଫଳତା ଓ ବର୍ତ୍ତମାନ ଜାରି ରହିଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବା ସହ ସହଯୋଗୀ ପ୍ରୟାସର ସୁଫଳକୁ ଦର୍ଶାଇଥିଲେ। ଓପିଏସଏର ବୈଜ୍ଞାନିକ ସଚିବ ଡ. ପରବିନ୍ଦର ମାଇନି ଭାରତର ଏସଟିଆଇ ଇକୋସିଷ୍ଟମର କ୍ରମାଗତ ଅଭିବୃଦ୍ଧି ମଧ୍ୟରେ ସମସାମୟିକ ଆହ୍ୱାନର ମୁକାବିଲା କରିବାରେ ଟ୍ରାନ୍ସଲେସନଲ ଗବେଷଣାର ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଆଞ୍ଚଳିକ ଏବଂ ଜାତୀୟ ବିକାଶ ପାଇଁ ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ସହିତ ସହଯୋଗୀ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରୟାସର ପରିବର୍ତ୍ତନକାରୀ ସମ୍ଭାବନାର ପ୍ରତୀକ ଭାବରେ ଏହି ବୈଠକ କାର୍ଯ୍ୟ କରିଥିଲା ।

# ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଏଥିରେ ଛାତ୍ରୀମାନେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପିକା ଡ଼ଃ ମମତା ପାତ୍ର ଅଧ୍ୟକ୍ଷତା କରି ସମ୍ବିଧାନର ବ୍ୟବସ୍ଥାକୁ ନିଖୁଣ ରୂପେ ଉପସ୍ଥାପନ କରିଥିଲେ । କ୍ୟାପଟେନ ପ୍ରମିଳା କୁମାରୀ ଦାସ ସମ୍ବିଧାନର ନୀତି ଓ ଅଧିକାର, କର୍ତ୍ତବ୍ୟ ବିଷୟରେ ଛାତ୍ରୀମାନଙ୍କୁ ବାର୍ତ୍ତା ଦେଇଥିଲେ । ଅଧ୍ୟାପିକା ନମିତା ଦାସ ସମ୍ବିଧାନ ର ସୁରକ୍ଷା ସମ୍ବନ୍ଧିତ ଆଲୋଚନା କରିଥିଲେ । ଅଧ୍ୟାପକ ପ୍ରଶାନ୍ତ ରାଉତରାୟ ସମ୍ବିଧାନ ପ୍ରଣେତା ଡ଼ଃ ଭିମାରାଓ ଆମ୍ବେଦକର କିପରି ବିଭିନ୍ନ ଦେଶର ସମ୍ବିଧାନକୁ ଅନୁସରଣ କରି ସମ୍ବିଧାନ ରଚନା କରିଥିଲେ ସେ ସମ୍ପର୍କରେ ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ, ଚିତ୍ରାଙ୍କନ, ରଚନା ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ନିରଞ୍ଜନ ନାୟକ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ ।

# ୧୦ଦିନ ଧରି ମାଛଧରା ନିଷେଧ, ଖୁବ୍‌ଶୀଘ୍ର କୂଳକୁ ଫେରିବାକୁ ନିର୍ଦ୍ଦେଶ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ନୌସେନା ଦିବସ ପାଳନ ପରିପ୍ରେକ୍ଷୀରେ ପୁରୀ ଜିଲ୍ଲାରେ ୧୦ଦିନ ପର୍ଯ୍ୟନ୍ତ ସାମୁଦ୍ରିକ ମାଛଧରା ବନ୍ଦ ରହିବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନୂଆଗଡ, ଡ଼ାଲୁଅକଣି, କାଳିଆକଣ ସମେତ ବିଭିନ୍ନ ସ୍ଥାନରେ ମତ୍ସ୍ୟଜୀବି ମାନଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି। ୨୬ରୁ ଡିସେମ୍ବର ୫ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ କୁହାଯାଇଛି। ଏ ନେଇ ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ଡାକବାଜି ଯୋଗେ ପ୍ରଚାର କରାଯିବା ସହ ବିଭିନ୍ନ ମତ୍ସ୍ୟଜୀବୀ ସଂଘକୁ ଅବଗତ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନ ସମୟରେ ଉପନିର୍ଦ୍ଦେଶକ ଗଞ୍ଜାମ ଜୋନ ସୁରେଶ ଚନ୍ଦ୍ର ବେହେରା, ବାଲୁଗାଁ ଏଫ ଟି ଆଇ ପ୍ରିନ୍ସପାଲ ଗଜେନ୍ଦ୍ର ପ୍ରଧାନ, ଅସ୍ତରଙ୍ଗ ସହକାରୀ ମତ୍ସ୍ୟାଧିକାରୀ ସତ୍ୟବ୍ରତ ଦାଶ, ସାଗରମିତ୍ର ଲକ୍ଷ୍ମୀପ୍ରିୟା ପରିଡା, ପବିତ୍ର ପ୍ରଧାନ ବିଭିନ୍ନ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ ସହ ସଚେତନ କରିଥିଲେ। ସୂଚନା ମୁତାବକ ମାଛ ଧରିବା ପାଇଁ ସମୁଦ୍ର ମଧ୍ୟକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ଅବଗତ କରାଯାଇଛି। ଏଥିପାଇଁ ସାଗର ମିତ୍ରଙ୍କ ସହଯୋଗରେ ବିଭିନ୍ନ ସ୍ଥାନରେ ସଚେତନ କରାଯାଇଛି। ସରକାରଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀ ମାନେ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନ ପରିଦର୍ଶନ କରି ମତ୍ସ୍ୟଜୀବୀଙ୍କୁ ୧୦ଦିନ ମାଛଧରା ନିଷେଧ ସଚେତନ କରିଥିଲେ।

## ମଦ ବୋତଲ ଭାଙ୍ଗି ଆକ୍ରମଣ ଅଭିଯୋଗରେ ଜଣେ କୋର୍ଟଚାଲାଣ

ବାରଙ୍ଗ,୨୬।୧୧ :ମଦ ବୋତଲ ଭାଙ୍ଗି ଜୀବନରୁ ମାରିଦେବାକୁ ଆକ୍ରମଣ କରୁଥିବା ଘଟଣାରେ ଗୋଡିସାହି ଫାଣ୍ଡି ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଲା ବାରଙ୍ଗ ଥାନା ରତାଗଡ଼ ଲେଙ୍କା ସାହିର ଜଗନ ରାଉତ। ପୁଲିସ ସୂଚନା ଅନୁଯାୟୀ ତୃପ୍ତି ରଞ୍ଜନ ମହାପାତ୍ର ତାଙ୍କ ସାଙ୍ଗମାନଙ୍କୁ ନେଇ ରବିବାର ଦିନ ବାରଙ୍ଗ ଷଣ୍ଢପୁର ନିକଟସ୍ଥ ଏକ ଚା ଦୋକାନକୁ ଆସିଥିଲେ । କିଛି ବୁଝିବା ପୂର୍ବରୁ ଅଭିଯୁକ୍ତ ଓ ତାଙ୍କ ସହଯୋଗୀ ମଦ ବୋତଲ ଭାଙ୍ଗି ତୃପ୍ତି ଓ ତାଙ୍କ ସାଙ୍ଗ ମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ଓ ଫଳରେ ମୁହଁ ଫାଟି ଯାଇଥିଲା ଓ ପରେ ତାର ନାମ ଜଗନ ବୋଲି ଜଣାପଡ଼ିଥିଲା । ଏନେଇ ତୃପ୍ତି ଗୋଡିସାହି ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ତଦନ୍ତ ସମୟରେ ସମସ୍ତ ସାକ୍ଷୀ ପ୍ରମାଣକୁ ଆଧାର କରି ଜଗନକୁ ଗିରଫ କରି କୋର୍ଟଚାଲାଣ କରାଯିବା ସହ ତାଙ୍କର ଅନ୍ୟ ସହଯୋଗୀମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଛି ।

# ଜାତୀୟ ଦୁଗ୍ଧ ଦିବସ ପାଳନ ଅବସରରେ ପ୍ରତିଯୋଗିତା

ବାରଙ୍ଗ(ଭାସ୍କର ନ୍ୟୁଜ): ଜାତୀୟ ଦୁଗ୍ଧ ଦିବସ ପାଳନ ଅବସରରେ ଅମୁଲ କଟକ ଶାଖା ବାରଙ୍ଗ ରାମଦାସ ପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏକ ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୧୨୦ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସମସ୍ତ ଛାତ୍ର ଓ ଛାତୀଙ୍କୁ ଅମୁଲ କୁଲ୍ ଏବଂ ଚକୋଲେଟ୍ ବଣ୍ଟନ କରାଯାଇଥିଲା । ଏହି ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀ 'ଶ୍ୱେତ ବିପ୍ଳବ' ପ୍ରସଙ୍ଗରେ ଡକ୍ଟର ଭର୍ଗିସ୍ କୁରିଏନ୍ ଙ୍କ ଚିତ୍ରଣ ଏବଂ ବଟର ଗାର୍ଲ ଚିତ୍ରାଙ୍କନ କରିବା ସମୟରେ ଉଚ୍ଚ ସୃଜନଶୀଳତା ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟ ପରିଚାଳକ ଏହି ଇଭେଣ୍ଟକୁ ପ୍ରଶଂସା କରିବା ସହ ଇଭେଣ୍ଟକୁ ସଫଳ କରିବା ପାଇଁ ସମସ୍ତ ସମ୍ଭାବ୍ୟ ସମର୍ଥନ ଜଣାଇଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା ।

## ସମ୍ବିଧାନ ଦିବସର ଶୁଭକାମନା ଜଣାଇଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସମ୍ବିଧାନ ଦିବସର ଶୁଭକାମନା ଜଣାଇଛନ୍ତି ରାଜ୍ୟପାଳ ରଘୁବର ଦାସ । ଏକ୍ସ ହ୍ୟାଣ୍ଡେଲରେ ରାଜ୍ୟପାଳ କହିଛନ୍ତି ଯେ, ବିଶ୍ୱର ସବୁଠୁ ବଡ ଗଣତନ୍ତ୍ର ଭାରତକୁ ଏକତା ସୂତ୍ରରେ ବାନ୍ଧିଥିବା ଗ୍ରନ୍ଥ ଭାରତୀୟ ସମ୍ବିଧାନକୁ ସମର୍ପିତ ସମ୍ବିଧାନ ଦିବସର ସମସ୍ତ ଦେଶବାସୀଙ୍କୁ ଶୁଭକାମନା । ଭାରତୀୟ ସମ୍ବିଧାନ ଆମର ଗଣତନ୍ତ୍ରର ଆତ୍ମା ଅଟେ । ସମ୍ବିଧାନ ନିର୍ମାଣରେ ଜଡିତ ସମସ୍ତ ମହାନ ବିଭୂତିଙ୍କୁ ପ୍ରଣାମ । ସେହିପରି ସମ୍ବିଧାନ ଦିବସର ଶୁଭକାମନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମ୍ବିଧାନ ଦିବସର ଶୁଭକାମନା। ୧୯୪୯ ମସିହା ଆଜିର ଦିନରେ ଭାରତ ସମ୍ବିଧାନକୁ ବିଧିବଦ୍ଧ ଭାବେ ଆପଣାଇ ଥିଲା। ସମ୍ବିଧାନର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ୨୦୧୫ ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିଷ୍ପତ୍ତି କ୍ରମେ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବରେ ପାଳନ କରାଯାଉଛି। ଆସନ୍ତୁ, ଏହି ପବିତ୍ର ଦିନରେ ସମ୍ବିଧାନର ମୂଲ୍ୟବୋଧକୁ ସମ୍ମାନ ଜଣାଇବା ସହିତ ଜନସେବା ଓ ରାଷ୍ଟ୍ର ଗଠନରେ ଅଂଶୀଦାର ହେବା।

## ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

କଟକ(ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଭୁବନେଶ୍ୱର ଆନୁକୂଲ୍ୟରେ ଏବଂ ଶୈଳବାଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟ ସହଯୋଗରେ ସମ୍ବିଧାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଓଡ଼ିଶା ଶାଖାର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଲେ ଭାରତୀୟ ଗଣତନ୍ତ୍ର ବ୍ୟବସ୍ଥାକୁ ବୁଝିବା ଏବଂ ଦେଶର ନାଗରିକ ମାନଙ୍କର ଅଧିକାର ଓ ସ୍ୱାଧୀନତା ପାଇଁ ସମ୍ବିଧାନର ଆବଶ୍ୟକତା ରହିଛି। ଶୈଳବାଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ବିଚିତ୍ରା ପାଣି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ମହିଳା ବିଦ୍ୟାଳୟର ରାଜନୀତି ବିଜ୍ଞାନର ସହକାରୀ ପ୍ରଫେସର ସୁଷମା ନାୟକ ଅନ୍ୟତମ ଅତିଥି ଭାବେରେ ଯୋଗଦେଇ ଭାରତ ଗଣତନ୍ତ୍ରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଡକ୍ଟର ଯୋଗମାୟା ପଣ୍ଡା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଡାକ୍ତର ଗିରିଶ ଚନ୍ଦ୍ର ଦାସ, ମହେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ।

## ପୂର୍ବତନ ବାଚସ୍ପତି ସ୍ୱର୍ଗତ ରବିରାୟଙ୍କ ଜନ୍ମ ଦିବସ ପାଳିତ

କଟକ(ଭାସ୍କର ନ୍ୟୁଜ): ସମାଜସେବୀ ଜନନେତା ତଥା ଲୋକସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ରବି ରାୟଙ୍କ ୯୮ତମ ଜନ୍ମ ଦିବସ ପାଳନ ଅବସରରେ ରବି ରାୟ ଏକାଡେମୀ ଆନୁକୂଲ୍ୟରେ ଏକ ଆଲୋଚନା ସଭା କଟକ ଗାନ୍ଧୀ ଭବନଠାରେ ଆୟୋଜିତ ହୋଇଥିଲା । ଏକ ଗଣତାନ୍ତ୍ରୀକ ରାଷ୍ଟ୍ରର ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସଂଗଠନ ଗଣତାନ୍ତ୍ରୀକ ହେବା ଉଚିତ । ଖର୍ଚ୍ଚ ବିହୀନ ଅବାଧ ନିର୍ବାଚନ ଗଣତନ୍ତ୍ରର ପ୍ରମାଣ । ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ଛାତ୍ର ସଂସଦ ନିର୍ବାଚନ ଏକାନ୍ତ ଜରୁରୀ ବୋଲି ସଭାରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା । ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜନୈତିକ ନେତୃବର୍ଗ, ସମାଜସେବୀ, ଆଇନଜୀବି, ଶିକ୍ଷାବିତ ସର୍ବଶ୍ରୀ ହେମେନ୍ଦ୍ର ନାରାୟଣ ଦାସ, ଶଶିଭୂଷଣ ବେହେରା, ଅକ୍ଷୟ ଦାସ, ସତ୍ୟ ରାୟ, ପ୍ରଶାନ୍ତ ଦାସ, ପ୍ରତାପ ଶତପତି, ବ୍ରଜେନ୍ଦ୍ର ପଟ୍ଟନାୟକ, ଲକ୍ଷ୍ମୀ ଦାସ, ନିରଞ୍ଜନ ବାରିକ, ଖଗେଶ୍ୱର ସେଠୀ, ଯୁଗଳ ନାୟକ, ନିକୁ ଭୂତିଆ, ସୁକାନ୍ତ ନାୟକ, ବିଜୟ ରାଉତରାୟ, ରତିକାନ୍ତ ମହାପାତ୍ର, ଜ୍ଞାନଗୁରୁ ଦାସ, ଲଳାଟେନ୍ଦୁ ପ୍ରଧାନ, ପ୍ରଶାନ୍ତ ପଣ୍ଡା, ଶର୍ମିଷ୍ଠା ନାଥ, ପୁଷ୍ପିତା ମହାନ୍ତି, ଦିଲ୍ଲିପ ମହାନ୍ତି, ଉତ୍କଳ ରାଉତରାୟ, ରମାକାନ୍ତ ମଣ୍ଡଳ, ସ୍ୱାଧୀନ ବେହେରା ପ୍ରମୁଖ ଛାତ୍ର, ଶିକ୍ଷକ, ଅଭିଭାବକ ଓ ଜନନେତା ଛାତ୍ର ସଂସଦ ନିର୍ବାଚନ ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ କରିବାକୁ ଦୃଢ଼ ମତ ପୋଷଣ କରିଥିଲେ। ଶେଷରେ ରବି ରାୟ ଏକାଡେମୀ ଟ୍ରଷ୍ଟି ଇଂ କ୍ଷୀରୋଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ପେନ୍‌ସନ୍ ଅଦାଲତ, ୫୩୫ ମାମଲାର ଶୁଣାଣି



ବାରିପଦା(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଓ ଓଡିଶା ପ୍ରଧାନ ମହାଲେଖାକାର ମିଳିତ ଆନୁକୂଲ୍ୟରେ ଏବଂ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ସହଯୋଗରେ ସ୍ଥାନୀୟ ସହିଦ ସ୍ମୃତି ଭବନ ଠାରେ ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଆଜି ଅନୁଷ୍ଠିତ ହୋଇଯାଇଅଛି। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଞ୍ଜୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପେନସନ ଅଦାଲତରେ ଏଜି କାର୍ଯ୍ୟାଳୟର ଉପ ମହାଲେଖାକାର ସଞ୍ଜୟ କୁମାର, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ସ୍ୱତନ୍ତ୍ର ଶାସନ ସଚିବ, ସତ୍ୟ ରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲାପାଳ, ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ବରିଷ୍ଠ ଲେଖାଧିକାରୀ ସାରଦା ପ୍ରସନ୍ନ ମହାପାତ୍ର, କଲ୍ୟାଣ ପଣ୍ଡା ଯୋଗଦେଇ ପେନସନ ଓ ଭବିଷ୍ୟନିଧି ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରିଥିଲେ। ବରିଷ୍ଠ ଲେଖାଧିକାରୀ ଶ୍ରୀ ମହାପାତ୍ର ପେନସନ ଓ ଜିପିଏଫ ଆବେଦନ ପତ୍ର ପଠାଉଥିବା ବେଳେ ଯେଉଁ ଭୁଲ କରନ୍ତି ତାର ସଂଶୋଧନ କିପରି କରାଯାଇ ପାରିବ ପିପିଟି ମାଧ୍ୟମରେ ବୁଝାଇଥିଲେ। ଏହି ପେନସନ ଅଦାଲତରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଗ୍ରାଚୁଇଟି ମଂଜୁର ହୋଇ ନଥିବା ୫୩୫ଟି ମାମଲାର ଶୁଣାଣି ପାଇଁ ଉପସ୍ଥାପିତ ହୋଇଥିଲା। ତନ୍ମଧ୍ୟରୁ ୬ ଜଣଙ୍କୁ ସେହି ମଞ୍ଚରେ ପେନସନ କାଗଜ ପ୍ରଦାନ କରାଯାଇଥିଲା ଓ ଅନ୍ୟ ସମସ୍ତ ପେନସନ ମାମଲା ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଜିଲ୍ଲାପାଳ ଶ୍ରୀ ସଞ୍ଜୟ କହିଥିଲେ ।ଉପ ମହାଲେଖାକାର ସଞ୍ଜୟ କୁମାର ଉପସ୍ଥିତ ଥିବା ପେନସନ ମଞ୍ଜୁରକର୍ତ୍ତା ଓ ଡିଡିଓ ମାନଙ୍କୁ ଠିକ ସମୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଅବସରକାଳୀନ ଦେୟ କାଗଜପତ୍ର ଓ ଠିକ ସମୟରେ ମହାଲେଖାକାର କାର୍ଯ୍ୟାଳୟକୁ ଏହା ସବୁ ପଠାଇବାକୁ କହିଥିଲେ ଯାହା ଫଳରେ ସେମାନେ ଠିକ ସମୟରେ ସେମାନଙ୍କ ପ୍ରାପ୍ୟ ପାଇପାରିବେ । ଅବସର ପରେ ସେମାନଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡେ। ତେଣୁ ମାନବୀୟ ଦୃଷ୍ଟି କୋଣରୁ ସେମାନଙ୍କର ଦୂରାବସ୍ଥାର ସୁଧାର ଆଣିବା ପାଇଁ ଅବସରର ୨ ମାସ ପୁର୍ବରୁ ଏଜି କାର୍ଯ୍ୟାଳୟକୁ ପଠାଇବା ଉଚିତ ଯାହାଫଳରେ ଅବସର ଦିନ ସେମାନଙ୍କର ଅବସରକାଳୀନ ପ୍ରାପ୍ୟ ପାଇପାରିବେ ଓ ସରକାର ପେନସନ ଆବେଦନ ପତ୍ର ସରଳିକରଣ କରିବାକୁ ଅନୁରୋଧ କରିଥିଲେ ।ସଚିବ ଶ୍ରୀ ସାହୁ ପେନସନ ମଞ୍ଜୁରକର୍ତ୍ତାମାନେ ଅବସର ପୂର୍ବରୁ ଯେପରି ଅବସର କାଗଜପତ୍ର ଯେପରି ମହାଲେଖାକାର କାର୍ଯ୍ୟାଳୟରେ ପହଞ୍ଚେ ସେଥିପାଇଁ ପଦକ୍ଷେପ ନେବାକୁ ସେମାନଙ୍କୁ ଅନୁରୋଧ କରିଥିଲେ। ବିଭିନ୍ନ ବିଭାଗର ପେନସନ ମଞ୍ଜୁର କର୍ତ୍ତାମାନେ ଠିକ ସମୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ପେନସନ କାଗଜ ଠିକ ସମୟରେ ଏଜି କାର୍ଯ୍ୟାଳୟକୁ ପଠାଇବାକୁ, ପେନସନ ମଞ୍ଜୁରୀକୁ ବିଳମ୍ବ ନ କରିବାକୁ ଶ୍ରୀ ସାହୁ କହିଥିଲେ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଜିଲ୍ଲାରେ ପେନସନ ଓ ଗ୍ରାଚୁଇଟି ମଂଜୁର ହୋଇ ନ ଥିବା ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ପେନସନ କାଗଜ ପତ୍ର ତୁରନ୍ତ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲାବେଳେ କର୍ମଚାରୀମାନେ ସେମାନଙ୍କର ପେନସନ, ଭବିଷ୍ୟନିଧି ପ୍ରାପ୍ୟ ଯେପରି ଠିକ ସମୟରେ ପାଇପାରିବେ ତା ଉପରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସମୟ ବଦଳି ଯାଇଛି ଅବସରକାଳୀନ ପ୍ରାପ୍ୟ ପାଇବା ପାଇଁ ଆଉ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁନାହିଁ । ଏଜି କାର୍ଯ୍ୟାଳୟ ଦୁଇ ମାସ ପୂର୍ବରୁ ଯାଇଥିବା ପେନସନ ଆବେଦନ ପତ୍ର ବିଚାରକୁ ନେଇ ଅବସର ପୂର୍ବରୁ ପେନସନ ଓ ଜିପିଏଫ ପ୍ରଦାନ କରୁଥିବାରୁ, ଜିଲ୍ଲାପାଳ ପ୍ରଶଂସା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଚନ୍ଦ୍ରକାର ଏଜି କାର୍ଯ୍ୟାଳୟ ପକ୍ଷରୁ ପେନସନର ମାନଙ୍କ ପେନସନର ଅବସରକାଳୀନ ପ୍ରାପ୍ୟ ଫଇସଲା ପାଇଁ ଏହିଭଳି କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଧନ୍ୟବାଦ ଦେଇଥିଲେ। ଏହି ଅଦାଲତକୁ ସହକାରୀ ଲେଖାଧିକାରୀ ଦିଲ୍ଲୀପ ଦୁବେ, ଶରତ ଚନ୍ଦ୍ର ମହାପାତ୍ର, ବସନ୍ତ କୁମାର ପଣ୍ଡା, ଭିନେଶ ଯାଦବ, ପୁରୁଷୋତ୍ତମ ବଳ, ଅଶୋକ କୁମାର ପାତ୍ର, କୌଶିକ କୁମାର କବି, ଯାମି ସଞ୍ଜୟ ସିଂହ, ଚନ୍ଦ୍ର ଶେଖର ବେହେରା ଓ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ପ୍ରମୁଖ ପେନସନ ଅଦାଲତକୁ ପରିଚାଳନା କରିଥିଲେ।

## ଯାତ୍ରୀ ପ୍ରତୀକ୍ଷାଳୟ ଜାଳି ଦେଲେ ଦୁର୍ବୃତ୍ତ

କୋକସରା, (ଭାସ୍କର ନ୍ୟୁଜ): ବିଜୁ ଏକ୍ସପ୍ରେସ୍‌ୱେର କୋକସରା ବ୍ଲକ ସାନପୋଡ଼ାଗୁଡ଼ା ନିକଟରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଜାଳି ଦେଇଥିବା ଜଣାପଡ଼ିଛି । ଯାହା ଫଳରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ବିଜୁ ଏକ୍ସପ୍ରେସୱେ ନିର୍ମାଣ ସମୟରେ ଅଞ୍ଚଳବାସୀଙ୍କ ଦାବି ପରେ ଯାତ୍ରୀମାନଙ୍କ ସୁବିଧା ପାଇଁ ରାସ୍ତା କଡ଼ରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା । ବିଭିନ୍ନ ସ୍ଥାନକୁ ଯିବା ପାଇଁ ବସ୍ ଅପେକ୍ଷାରେ ଥିବା ଯାତ୍ରୀମାନେ ଦୈନିକ ଏଠାରେ ଆସି ବସ୍ ଆସିବା ପର୍ଯ୍ୟନ୍ତ ବିଶ୍ରାମ କରୁଥିଲେ । ଖରା ଓ ବର୍ଷା ସମୟରେ ଏହି ବସ୍‌ଷ୍ଟାଣ୍ଡ ଯାତ୍ରୀଙ୍କ ପାଇଁ ବେଶ୍ ସହାୟକ ହେଉଥିଲା । ହେଲେ କେହି ଦୁର୍ବୃତ୍ତ ଶନିବାର ବିଳମ୍ବିତ ରାତିରେ ଏହି ଯାତ୍ରୀ ପ୍ରତୀକ୍ଷାଳୟକୁ ନିଆଁ ଲଗାଇ ଜାଳି ଦେଇଛି । ଯାହା ଫଳରେ ବସ୍‌ଷ୍ଟାଣ୍ଡ ଉପରେ ଥିବା ପ୍ଲାଷ୍ଟିକ ଚଦର ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି । ବର୍ତ୍ତମାନ ବସ୍ ଅପେକ୍ଷାରେ ଆସୁଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଅଞ୍ଚଳର ଲୋକେ ପ୍ରକାଶ କରିଥିବା ବେଳେ ଏହାକୁ ତୁରନ୍ତ ମରାମତି କରିବା ପାଇଁ ଦାବି ହୋଇଛି ।

## କେନାଲ ପାଣି ପାଇଁ ତେଜୁଛି ଚାଷୀ ଅସନ୍ତୋଷ

# ଜଳସେଚନ ନହେଲେ ୩ରେ ଅନ୍ନଦାତାଙ୍କ ଆନ୍ଦୋଳନ

କୋକସରା, (ଭାସ୍କର ନ୍ୟୁଜ): ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ପ୍ରକଳ୍ପରୁ ଚଳିତ ରବି ଚାଷ ନିମନ୍ତେ ଜଳସେଚନ ବନ୍ଦ ରହିବା ନେଇ ବିଭାଗୀୟ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାପରେ ଅଞ୍ଚଳର ଚାଷୀମାନେ ଜଳସେଚନ ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀ ସହ ଧର୍ମଗଡ଼ ବିଧାୟକ ଓ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ବାରମ୍ବାର ବିଭାଗୀୟ ଅଧିକାରୀ ଓ ପ୍ରଶାସନ ସହିତ ଚାଷୀମାନେ ଆଲୋଚନା ମଧ୍ୟ କରିଛନ୍ତି । ଏହାସତ୍ତ୍ୱେ ମଧ୍ୟ କେନାଲ ବିଭାଗ ନିଜ ଜିଦ୍‌ରେ ଅଟଳ ରହି ଜଳସେଚନ କରିବା ଦିଗରେ କୌଣସି ଦୃଷ୍ଟି ଦେଉ ନାହିଁ । ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବଢ଼ିବା ସହ ଆନ୍ଦୋଳନର ଦାନା ବାନ୍ଧିଛି । ସୋମବାର କୋକସରା ବ୍ଲକ ସଦର ମହକୁମା ସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ କୃଷକ ସଚେତନ ମଞ୍ଚର ସଭାପତି ଚାଷୀ ନେତା ଶିବ ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ଅଞ୍ଚଳର ଶହ ଶହ ଚାଷୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କୋକସରା ବ୍ଲକର ୧୪ଟି ପଞ୍ଚାୟତର ଚାଷୀ ସମେତ ଜୟପାଟଣା ବ୍ଲକର ୯ଟି ପଞ୍ଚାୟତ ଓ ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳର ୮ଟି ପଞ୍ଚାୟତର ଚାଷୀମାନେ ସାମିଲ



ହୋଇଥିଲେ । ଏନେଇ ଉପସ୍ଥିତ ଚାଷୀମାନେ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରୁ ଜଳସେଚନ ବ୍ୟବସ୍ଥା ନକଲେ ଆସନ୍ତା ୩ ତାରିଖ ଦିନ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଜାତୀୟ ରାଜପଥର ମୋଟେର ଛକ ନିକଟରେ ରାସ୍ତା ଅବରୋଧ କରିବା ସହ ଅଖଚକ ବନ୍ଦ କରିବା ପାଇଁ ଚେତାବନୀ ଦେଇଛନ୍ତି । ବୈଠକରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ପଙ୍କଜ ମୁଖ ଚୌଧୁରୀ, ଜୟଲାଲ ନାଏକ, ସତ୍ୟବାନ ପାଣିଗ୍ରାହୀ, କମଳା କାନ୍ତ ସାହୁ, ଘନଶ୍ୟାମ ସାହୁ, କ୍ଷୀରସିନ୍ଧୁ ନେଗୀ, ନିମାଇ ଚରଣ ଧଙ୍ଗଡ଼ାମାଝୀ, କିରଣ ସାହୁ, ରୁଦ୍ର ନାଏକ, ନିରଞ୍ଜନ ବିଶି, ବଳିରାମ ସୁନାନୀ, ସନ୍ତ କୁମାର ନାଏକ, ବୈଦ୍ୟନାଥ ଠାକୁର, ଭାସ୍କର ଚନ୍ଦ୍ର ପଟ୍ଟନାୟକ ସମେତ ଜୟପାଟଣା, ଧର୍ମଗଡ଼ ଓ କୋକସରା ବ୍ଲକର ଶତାଧିକ ଚାଷୀ ଯୋଗ ଦେଇଥିଲେ ।

# ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଅଧୀନସ୍ଥ କେସିଙ୍ଗା ବ୍ଲକ ଠାରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଓ ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜୀ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୩୩ ଗୋଟି ଆପତ୍ତି ଅଭିଯୋଗର ପଞ୍ଜିକରଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ୨୩ଗୋଟି ଓ ସାମୂହିକ ୧୦ଗୋଟି ରହିଥିବା ବେଳେ ୬ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସହିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡଃ. ନୀହାରେନ୍ଦ୍ର ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଡେପୁଟି ଜିଲ୍ଲାପାଳ ଚନ୍ଦ୍ରଦାଶ ମହାନନ୍ଦିଆ, କେସିଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କେସିଙ୍ଗା, ତହସିଲଦାର କେସିଙ୍ଗାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।



# ଭବାନୀପାଟଣାରେ ଏନ୍‌ସିସି ଦିବସ ପାଳିତ





ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ଠାରେ ରବିବାର ଦିନ ପୂର୍ବାହ୍ନରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ୭୬ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି । ଭବାନୀପାଟଣାର ସିନିୟର ଡିଭିଜନ, ଉଇଙ୍ଗ୍ ଏବଂ ଜୁନିୟର ଡିଭିଜନ, ଉଇଙ୍ଗ୍ ଏନ୍‌ସିସିର ଶତାଧିକ ଛାତ୍ରଛାତ୍ରୀ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନ୍‌ସିସି ପତାକା ଉତ୍ତୋଳନ କରିବା ସହ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କ୍ୟାଡେଟ୍‌ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏଏନ୍‌ଓ, ଏନ୍‌ସିସି (ଆର୍ମି) ମେଜର ଡ. ଜୟଦେବ ସାହୁ, ବିଶ୍ୱବିଦ୍ୟାଳୟର ଏଏନ୍‌ଓ, ଏନ୍‌ସିସି (ନାଭାଲ), ଏଏନ୍‌ଓ, ଏନ୍‌ସିସି (ଏୟାର ଉଇଙ୍ଗ୍), ଜୟ ପ୍ରକାଶ ସାଂଧ୍ୟ ମହାବିଦ୍ୟାଳୟର ଏଏନ୍‌ଓ, ଏନ୍‌ସିସି (ନାଭାଲ), ଲେଫ୍ଟ. ସୁଶାନ୍ତ କୁମାର ଦାଶ, ସ୍ଥାନୀୟ ପୋଲିସ ହାଇସ୍କୁଲର ଏଫ୍/ଓ, ଗଙ୍ଗାଧର ନନ୍ଦ, ଏନ୍‌ସିସି ଅଫିସର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରଜ ବିହାରର ସିଟିଓ, ଏନ୍‌ସିସି ଅଫିସର ସୁରେଶ ସାହୁ, ମାଣିକେଶ୍ୱରୀ ହାଇସ୍କୁଲର ସିଟିଓ, ଏଏନ୍‌ଓ, ଏନ୍‌ସିସି, ଜଗମୋହନ ବିଶ୍ୱାଳ, ପ୍ରଗତି ଡିଗ୍ରୀ କଲେଜର ସିଟିଓ, ପୂର୍ଣ୍ଣଚନ୍ଦ୍ର ବାଗ ଓ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପାଟଣାର ସିଟିଓ ସୌରଭ ସରକିଙ୍କ ମିଳିତ ତତ୍ତ୍ୱାବଧାନରେ ପରେଡ଼, ପୁରସ୍କାର ବିତରଣ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା । ଏହି ଅବସରରେ ଏନ୍‌ସିସିର ଆର୍ମି, ନାଭାଲ୍ ଓ ଏୟାର ଉଇଙ୍ଗ୍ ପକ୍ଷରୁ ପ୍ରଦର୍ଶିତ ଚିତ୍ତାକର୍ଷକ ମିଳିତ ପରେଡ଼ରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଦେଶର ଗଣତନ୍ତ୍ର ଦିବସ ପରେଡରେ ଅଂଶଗ୍ରହଣ କରିଥିବା ଓ ଯୁବ ବିନିମୟ କାର୍ଯ୍ୟକ୍ରମରେ ଭାଗନେଇ ଦେଶ ବାହାରକୁ ଯାଇଥିବା କ୍ୟାଡେଟ୍‌ମାନଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିବା ବେଳେ ଏହି ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ କ୍ୟାଡେଟ୍‌ମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ସ୍ଥାନୀୟ ମାଣିକେଶ୍ୱରୀ ହାଇସ୍କୁଲର ପୂର୍ବତନ ଏନ୍‌ସିସି ଅଫିସର ତଥା ଅବସରପ୍ରାପ୍ତ ଶିକ୍ଷକ ରବି କାନୁନଗୋଙ୍କୁ ଏହି ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କ୍ୟାଡେଟ୍‌ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉତ୍ସବରେ ବହୁ ନିମନ୍ତ୍ରିତ ଅତିଥି, ଛାତ୍ରଛାତ୍ରୀ ଅଭିଭାବକ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ୪୭ଟିକିଆ ହାତୀପଲ ଉପଦ୍ରବ, ମହିଳା ଗୁରୁତର

ନର୍ଲା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅଧୀନ କମେଡଙ୍ଗରରେ ପ୍ରାୟ ଦୁଇମାସ ହେଲା ୪୭ ଟିକିଆ ଜଙ୍ଗଲୀ ହାତୀପଲ ଉପଦ୍ରବ କରୁଛନ୍ତି । ଏହି ହାତୀପଲ ଭାନପୁର ପଞ୍ଚାୟତ ଅନ୍ତର୍ଗତ ଗୁଡାଙ୍ଗଗୁଛା ଦେଇ ଗିଗିନା ପଞ୍ଚାୟତର ଭଟାଖମାର, ଶ୍ରୀପୁର, ଡମପଦର, ଗିଗିନା ଦେଇ ଯୋଡ଼ାବନ୍ଧ ଓ ଟାପରାଙ୍ଗ ଅଞ୍ଚଳରେ ଅନେକ ଚାଷ ନଷ୍ଟ କରିଥିଲେ । ସେହି ଅଞ୍ଚଳରୁ କୁନ୍ଦେଇଝରନ୍ ଜଙ୍ଗଲକୁ ଚାଲିଯାଇ ସେଠାରେ ଉକ୍ତ ହାତୀପଲ ରହି ଆସୁଥିଲେ । ତେବେ ମାସକ ତଳେ ସେହି ଅଞ୍ଚଳରୁ କମେଡଙ୍ଗରକୁ ଫେରି ଆସିଥିଲେ । ତାପରେ ଉକ୍ତ ହାତୀପଲ ଦିଗ ପରିବର୍ତ୍ତନ କରି ବାଗପୁର ପଞ୍ଚାୟତ ଅଧୀନ ବଫଲାରେ ରାଜ୍ୟ ରାଜପଥ ଅତିକ୍ରମ ସହ ସାନ୍ଦୁଲ୍ ନଦୀ ପାରକରି ଲଗାତାର୍ ୧୦ଦିନ ହୋଇଗଲା ଭୀମକେଲା ପଞ୍ଚାୟତ ଅଧୀନ ବୁର୍ଡିପଡା ଓ ପଲସାପଡା ତଥା ରୁପ୍ରା ପଞ୍ଚାୟତ ଅଧୀନ ତିତକେଲା (ନିଘୁପଡା) ଅଞ୍ଚଳରେ ନିଜର କାୟା ବିସ୍ତାର କରି ଚାଷ କ୍ଷତି କରୁଛନ୍ତି । ଏଥିପାଇଁ ବନ କର୍ମଚାରୀ ତଥା ଚାଷୀମାନେ ପ୍ରବଳ ଶୀତରାତିରେ ଉଜାଗର ରହି ଭୟ ଲାଗୁଥିଲେ ମଧ୍ୟ ଫସଲକୁ ଜଗି ରହୁଥିବା ଜଣାପଡ଼ିଛି । ନର୍ଲା ବନପାଳ ଭବାନୀ ଶଙ୍କର ନାଏକଙ୍କ ସୂଚନା ମୁତାବକ ଏହି ୪୭ ଟିକିଆ ହାତୀପଲ ଦିନବେଳା ନର୍ଲା ରେଞ୍ଜ୍ ଅଧୀନ କମେଡଙ୍ଗରରେ ରହୁଥିବା ବେଳେ ରାତି ହେଲେ କେସିଙ୍ଗା ରେଞ୍ଜ୍ ରୁପ୍ରାରୋଡ୍ ସେକ୍ସନ୍ ଭୀମକେଲା ପଞ୍ଚାୟତ ଅଧୀନ ବୁର୍ଡିପଡା ଓ ପଲସାପଡ଼ା ତଥା ରୁପ୍ରା ପଞ୍ଚାୟତ ଅଧୀନ ତିତକେଲା (ନିଘୁପଡା) ଅଞ୍ଚଳକୁ ଚାଲିଆସି ଅମଳକ୍ଷମ ଧାନ ଫସଲ ଖାଉଥିବା ସହ ଦଳି ମକଚି ନଷ୍ଟ କରୁଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ତେବେ ମଙ୍ଗଳବାର ପ୍ରାତଃ ସମୟରେ ରୁପ୍ରା ବାଲିପଡା ରାସ୍ତାର ଭଟାଖମାର ଦେବତା ଗୁଡି ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ପୋଖରୀରେ ହାତୀପଲ ଗାଧୋଇବା ସହ ପୋଖରୀ ପାଣି ସମ୍ପୂର୍ଣ୍ଣ ଗୋଳିଆ କରିଦେଇଛନ୍ତି ଓ ନିକଟରେ ଥିବା ଭଟାଖମାର ଗ୍ରାମର ଶୋଭାକର ସାହୁଙ୍କ ଧାନ ଫସଲ ଖାଇବା ସହ ମାଡି ନଷ୍ଟ କରିଛନ୍ତି । ପରେ ରୁପ୍ରା ବାଲିପଡା ରାସ୍ତା ପାର୍ କରି ଗିଗିନା ପଞ୍ଚାୟତ ଅଧିନ ଡମପଦର ଅଞ୍ଚଳକୁ ପୁଣିଥରେ ଫେରିଛନ୍ତି । ଡମପଦର ଗ୍ରାମର ସ୍ୱର୍ଗତ ଦିଗାମ୍ବର ନାଏକଙ୍କ ପତ୍ନୀ ପୂର୍ଣ୍ଣମୀ ବେହ୍ରା (୪୦ ବର୍ଷ) ସକାଳୁ ଶୌଚ ପାଇଁ ଯାଇଥିବା ବେଳେ ପଟିକିଆ ହାତୀ ହାବୁଡରେ ପଡିଥିଲେ । ତାଙ୍କୁ ହାତୀ ଶୁଣ୍ଢରେ ଟେକି କଚାଡି ଦେବାରୁ ସେ ଗୁରୁତର ଆହତ ହେବା ସହ ପଡିରହିଥିଲେ । ଏସମ୍ପର୍କରେ ଗ୍ରାମବାସୀ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମହିଳାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଫୋନ୍ କରିବାରୁ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚି ଗୁରୁତର ପୂର୍ଣ୍ଣମୀଙ୍କୁ ଚିକିତ୍ସା ନିମନ୍ତେ କେସିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି । ଏବାବଦରେ ରୁପ୍ରାରୋଡ୍ ଫରେଷ୍ଟର୍ ଯଶୋବନ୍ତ ପାତ୍ର ଖବର ପାଇ ତୁରନ୍ତ କେସିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସା ବ୍ୟବସ୍ଥା କରାଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଗୁରୁତର ଆହତ ହୋଇଥିବା ପୂର୍ଣ୍ଣମୀଙ୍କ ସ୍ୱାମୀ ଦିଗାମ୍ବର ଗତବର୍ଷ କିଡ୍‌ନୀ ରୋଗରେ ପ୍ରାଣ ହରାଇଥିବା ବେଳେ ବର୍ତ୍ତମାନ ତାଙ୍କର ତିନିଝିଅ ମିଲି, ଝିଲି ଓ ଯାଞ୍ଜ ଦାଦନ ଖଟିବାକୁ ବାହାର ରାଜ୍ୟରେ ଥିବାବେଳେ ଘରେ ଦୁଇ ଛୋଟପୁଅ କରନ୍ ଓ କେସିପ୍ ରହିଛନ୍ତି । ଏପରି ସମୟରେ ଏହି ଘଟଣା ଘଟିଥିବାରୁ ଉକ୍ତ ପରିବାରକୁ ସରକାରୀ ସହାୟତା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ସେହିପରି ଉକ୍ତ ହାତୀପଲକୁ ବିଭାଗୀୟ ଅଧିକାରୀ ସୁରକ୍ଷା ଦେବା ପାଇଁ ପ୍ରାୟ ଦୁଇମାସ ହୋଇଗଲା ନୟାନ୍ତ ହେଉଥିବା ଜଣାପଡିଛି । ରୁପ୍ରାରୋଡ୍ ଫରେଷ୍ଟର୍ ଯଶୋବନ୍ତ ପାତ୍ର, ଗଜସାଥି ତଥା ସ୍କ୍ୱାର୍ଡ ହାତୀପଲ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି । ସେହିପରି ବନ ବିଭାଗ କର୍ମଚାରୀଙ୍କ ସହିତ ସ୍ଥାନୀୟ ଚାଷୀମାନେ ଉପସ୍ଥିତ ରହି ନିଜର ଫସଲକୁ ଜଗି ରହୁଛନ୍ତି। ତେବେ ଆଗରୁ ହାତୀପଲ ଗାଁ ତଥା ଚାଷଜମି ମୁହାଁ ହେଉନଥିବା ବେଳେ ପ୍ରାୟ ୭/୮ ବର୍ଷ ହେଲା ଲଗାତାର ଭାବରେ ହାତୀପଲଙ୍କ ଆଗମନ ରହୁଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହେଉଛି । ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରିଛନ୍ତି।



# ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ସମ୍ପର୍କରେ ସଚେତନତା

କୋକସରା,(ଭାସ୍କର ନ୍ୟୁଜ): କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଭବାନୀପାଟଣା ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଭାରତ ସରକାର ଓ ଦଣ୍ଡପାଟ ଯୁବ ସେବା ସଂଗଠନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର କୋକସରା ବ୍ଲକ ଖୁଣ୍ଟିଆ ଗ୍ରାମ ପଞ୍ଚାୟତର ଶ୍ରୀରାମପୁରଠାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଓ ଜଳ ଶକ୍ତି ଅଭିଯାନ ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି । କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଭବାନୀପାଟଣା କ୍ଷେତ୍ର ପ୍ରଚାରକ ଖଗେଶ ବାଇପାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କଳାହାଣ୍ଡି ଦିଲୀପ କୁମାର ମହାରଣା ଯୋଗ





ଦେଇଥିଲେ । ମୁଖ୍ୟବକ୍ତା ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତ, ଖୁଣ୍ଟିଆ ସରପଞ୍ଚ ମାଧବୀ ଧରୁଆ, ପୂର୍ବତନ ସରପଞ୍ଚ ଧର୍ମବ୍ରତ ପଣ୍ଡା, ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀର ସଭାପତି ରଜତ ବଂଶଳ, ସଞ୍ଜୀବ କୁମାର ଠାକୁର, ସମିତିସଭ୍ୟ ଦେବେନ୍ଦ୍ର ଧରୁଆ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ଘର ଉପରେ ସୌର ପ୍ୟାନେଲ ଲଗାଇବା ପାଇଁ ସରକାର ସବ୍‌ସିଡି ଓ ଋଣର ବ୍ୟବସ୍ଥା କରିଛନ୍ତି । ଏହି ଯୋଜନା ମାଧ୍ୟମରେ ବିଜୁଳି ପାଇବା ସଙ୍ଗେ ସଙ୍ଗେ ଆର୍ଥିକ ଲାଭ ମଧ୍ୟ ପାଇପାରିବେ । ତେଣୁ କେମିତି ଏହି ଯୋଜନାରେ ସାମିଲ ହେବେ ଏବଂ ଏହାର ଫାଇଦା ଉଠାଇବେ ସେନେଇ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ । ଏଥି ସହିତ ଜଳର ସୁବିନିଯୋଗ କରିବା ସହ କିଭଳି ଭାବରେ ପ୍ରଦୂଷଣ ମୁକ୍ତ କରିବା, କେମିତି ସଂରକ୍ଷଣ କରିବା ସେ' ବିଷୟରେ ଅତିଥିମାନେ ସଚେତନତା ସୃଷ୍ଟି କରିଥିଲେ । ଏହି କ୍ରମରେ ଉପସ୍ଥିତ ମହିଳାମାନଙ୍କୁ ନେଇ ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସଠିକ୍ ଉତ୍ତର ଦେଇଥିବା ପ୍ରତ୍ୟେକ ମା'ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ନେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ସାର୍ଟିଫିକେଟ୍ ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆ ମଞ୍ଚ ସଂଯୋଜନା କରିଥିଲେ । ଦଣ୍ଡପାଟ ଯୁବ ସେବା ସଂଗଠନର ସଂପାଦକ ଭୁଜବଳ ନାଏକ, ଉପସଭାପତି ତ୍ରିଲୋକ ନାଥ ସିଂ, ସହ ସଂପାଦକ ସୁଶିଲ ଚନ୍ଦ୍ର ନାଗ, କୋଷାଧ୍ୟକ୍ଷ ଭିକାରୀ ଚରଣ ଗୋପାଳ, ହେମାଲ ବିଶି, ଭିଷ୍ମ ବାଣୁଆ,ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀ ସଭାନେତ୍ରୀ ସୁଚିତ୍ରା ଗୋପାଳ, ଉପସଭାନେତ୍ରୀ ସାବିତ୍ରୀ ନାଏକ, ସଂପାଦିକା ସଂଗୀତା ବିଶି, ସହ-ସଂପାଦିକା ଦୁଲ୍ଲଭି ହଂସ, କୁନି ବାଣୁଆ, ଦିପିକା ସାହୁ, ହାରାମଣୀ ନାଏକ, ହିମାଦ୍ରୀ ଖଣ୍ଡାଧାରୀ, ହେମଲତା ନାଗ ସମେତ ମିଶନ ଶକ୍ତି ମହିଳାମାନେ ଯୋଗ ଦେଇଥିଲେ।

# ସମ୍ବିଧାନ ଦିବସ ପାଳିତ

ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଚାରିଛକ ସ୍ଥିତ ଡ. ବି.ଆର୍ ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରେ ୧୭୫ ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡେରେସନ୍ ଧର୍ମଗଡ଼ ଏବଂ ଏସ୍‌ସି ଏସ୍‌ଟି ଓବିସି ମିଳିତ ମଞ୍ଚ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡ଼ ଉପଜିଲ୍ଲାପାଳ ଧ୍ୱମାନ ଚୋକମା, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ତହସିଲଦାର ଅଜିତ କୁମାର ମହନ୍ତ ପ୍ରମୁଖ ଉପସ୍ଥିତ ରହି ସମ୍ବିଧାନ ପ୍ରଣେତା ଡ଼ ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଦେଶରେ ଶାସନ ପାଇଁ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ସମ୍ବିଧାନ ହେଉଛି ଏମିତି ଏକ ବିଚାରଧାରା ଯାହା ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ଏକତ୍ର ବାନ୍ଧି ରଖିଥାଏ । ସମ୍ବିଧାନ ଦ୍ୱାରା ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରେ ଏବଂ ସେମାନଙ୍କୁ ସମାନ ନିୟମରେ ବାନ୍ଧି ରଖିଥାଏ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ସଙ୍ଘର ସାଧାରଣ ସମ୍ପାଦକ ପ୍ରଭାକର ଜାଲ, ଢଗ ନାଏକ, ବିଦୁର ଜାଲ, କୀର୍ତ୍ତନ ଯାଦବ, ଡମ୍ବରୁଧର ଲହଜଳ, ଡାକେ ଲହଜଳ, ସମିତିସଭ୍ୟ ପ୍ରତିନିଧି ଜୀବନ୍ତ ମାଝୀ, ସତ୍ୟବାନ ନାଏକ, ଚକ୍ରଧର ବେନୁପାଣି, ଫୁଲେଶ୍ୱର ସେନାପତି ଦେବାର୍ଚ୍ଚନ ସେଠିଆ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।





## ରାଶିଫଳ

ବୁଧବାର, ୨୭ ନଭେମ୍ବର ୨୦୨୪



**ମେଷ:** ଆଜି ଏହି ରାଶିର ଲୋକମାନେ ସର୍ବସାଧାରଣ କ୍ଷେତ୍ରରେ ପ୍ରଶଂସା ପାଇବେ । ଆଜି ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହେବେ । ପାରିବାରିକ ଏବଂ ଦାମ୍ପତ୍ୟ ଜୀବନରେ ସୁଖ ଏବଂ ତୃପ୍ତି ରହିବ । ବ୍ୟବସାୟୀଙ୍କ ବ୍ୟବସାୟ ଏବଂ ଆୟ ବୃଦ୍ଧି ପାଇବ।



**ବୃଷ:** ଆଜି ଅସୁସ୍ଥ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟରେ ଉନ୍ନତି କରିବେ। ସ୍ଥାନାନ୍ତରଣରେ ବ୍ୟାଘାତ ହେବାର ସମ୍ଭାବନା ଅଛି, ଯଦି ସମ୍ଭବ, ସ୍ଥାନାନ୍ତର କରନ୍ତୁ ନାହିଁ। ଯଦି କାର୍ଯ୍ୟ ଠିକ୍ ସମୟରେ ସମାପ୍ତ ନ ହୁଏ ତେବେ ଆପଣ ବିରକ୍ତ ଅନୁଭବ କରିବେ।



**ମିଥୁନ:** ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆଜି ଏକ ଅନୁକୂଳ ଦିନ ନୁହେଁ । ଆଜି ତୁମର ସତେଜତା ଏବଂ ଶକ୍ତିର ଅଭାବ ହେବ । ଏହା ସହିତ କ୍ରୋଧର ଅତ୍ୟଧିକ ହେବ। ଏହାର ଫଳ ସ୍ୱରୂପ, ଆପଣଙ୍କର କାର୍ଯ୍ୟ ଖରାପ ହେବାର ସମ୍ଭାବନା ଅଛି ।



**କର୍କଟ:** ଆଜି ଆପଣଙ୍କ ଭିତରେ ଆନନ୍ଦ ଏବଂ ଉତ୍ସାହର ଅଭାବ ଦେଖାଯିବ । ମନରେ ଦୁଃଖ ରହିବ । ଛାତି ଯନ୍ତ୍ରଣା କିମ୍ବା ଅନ୍ୟ କୌଣସି କାରଣରୁ ଆପଣ ଅସନ୍ତୋଷ କିମ୍ବା ଅନିଦ୍ରା ଭୋଗନ୍ତି । ଶ୍ରମିକ ଶ୍ରେଣୀ ଏବଂ ମାତୃ ପାର୍ଶ୍ୱରୁ ଲାଭ ମିଳିବ । ସ୍ୱାସ୍ଥ୍ୟ ଭଲ ରହିବ ।



**ସିଂହ:** ଆଜି ଏକ ସ୍ୱଳ୍ପ ଯାତ୍ରା ହେବ କିମ୍ବା ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କ ସହିତ ରହିବେ । ପ୍ରିୟଜନ ଏବଂ ପ୍ରିୟ ଲୋକଙ୍କ ସହିତ ଏକ ଆଲୋଚନା ହେବ । ଆପଣ ପିଲାମାନଙ୍କୁ ନେଇ ଭଲ ଖବର ପାଇବେ । ତୁମେ ଆର୍ଥିକ ଲାଭ ପାଇବ ।



**କନ୍ୟା:** ଆଜି ତୁମର ଦିନ ବହୁତ ବ୍ୟସ୍ତ ହେବାକୁ ଯାଉଛି । ମନ ସହିତ କରାଯାଇଥିବା କାର୍ଯ୍ୟ ଲାଭଦାୟକ ହେବ। ପୁରୁଣା ଟେନ୍‌ସନ୍ କମିଯିବ । ଆଜି ତୁମର ମଧୁର ସ୍ୱରର ଯାଦୁ ଅନ୍ୟ ଲୋକଙ୍କୁ ପ୍ରଭାବିତ କରିବ । ଯାତ୍ରା ସମ୍ଭାବନା ରହିଛି ।



**ତୁଳା:** ଆଜି ଅପରାହ୍ନ ସୁଦ୍ଧା, ଆପଣ ଫୋନ୍ ମାଧ୍ୟମରେ ଭଲ ଖବର ପାଇପାରିବେ। ଅଫିସ୍ ସାଥୀମାନେ ମଧ୍ୟ ଦଳଗତ କାର୍ଯ୍ୟରେ ଖୁସି ହେବେ । କାରବାର ଏବଂ ବ୍ୟବସାୟରେ ସାବଧାନ ରୁହନ୍ତୁ। ସୃଜନଶୀଳ କାର୍ଯ୍ୟ କରିବେ। କାର୍ଯ୍ୟ ସଫଳ ହେବ।



**ବିଛା:** ଆଜି ଅପରାହ୍ନ ପର୍ଯ୍ୟନ୍ତ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡିବ । ସନ୍ଧ୍ୟା ସୁଦ୍ଧା ଲାଭ ପାଇଁ ଅନେକ ସୁଯୋଗ ମିଳିବ । ଆପଣ ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ । ଆଜି, ଆପଣ ମନୋରଞ୍ଜନ ପାଇଁ ଟଙ୍କା ଖର୍ଚ୍ଚ କରିବେ । ମାନସିକ ଚିନ୍ତା ଏବଂ ଶାରୀରିକ ସମସ୍ୟା ଦ୍ୱାରା ତୁମେ ଅସୁବିଧାରେ ପଡ଼ିବ।



**ଧନୁ :** ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ସଫଳତା ଏବଂ ଆର୍ଥିକ ଲାଭ ପାଇବା ସମ୍ଭାବନା ରହିଛି । ଶୁଭ କାର୍ଯ୍ୟକ୍ରମରେ ପରିବାର ଉପସ୍ଥିତ ରହିବେ । ତୁମେ ପ୍ରେମର ଖୁସିର ମୁହୂର୍ତ୍ତକୁ ଉପଭୋଗ କରିବାକୁ ସମର୍ଥ ହେବ । ଆୟ ଉତ୍ସ ବୃଦ୍ଧି ପାଇବ । ଉଚ୍ଚ ପଦାଧିକାରୀ ଏବଂ ବରିଷ୍ଠମାନଙ୍କ ଅନୁଗ୍ରହ ରହିବ । ସାଙ୍ଗମାନଙ୍କ ସୁନ୍ଦର ଭ୍ରମଣର ଆୟୋଜନ କରାଯିବ ।



**ମକର:** ଆଜି ବ୍ୟବସାୟ କ୍ଷେତ୍ରରେ ଅର୍ଥ, ସମ୍ମାନ ଏବଂ ପ୍ରତିଷ୍ଠା ବୃଦ୍ଧି ପାଇବ । ଅଧିକ ପରିଶ୍ରମ ସହିତ କମ୍ ସଫଳତା ପାଇବା ହତାଶାର କାରଣ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଦାମ୍ପତ୍ୟ ଜୀବନରେ ଅସୁବିଧା ହେବ । ଯଦି ଉଚ୍ଚ ପଦାଧିକାରୀମାନେ ଖୁସି ହୁଅନ୍ତି, ପଦୋନ୍ନତିର ସମ୍ଭାବନା ଆସିବ ।



**କୁମ୍ଭ:** ଆଜି ଆପଣ ପତ୍ନୀ ଓ ପୁଅଙ୍କଠାରୁ ସୁଖ ଏବଂ ତୃପ୍ତି ଅନୁଭବ କରିବେ । ସ୍ଥାନାନ୍ତରଣ, ପର୍ଯ୍ୟଟନ ଏବଂ ବିବାହ ସମନ୍ୱୟ ସୃଷ୍ଟି ହେବ । ଚାକିରିରେ ଆପଣଙ୍କୁ ଉଚ୍ଚ ପଦାଧିକାରୀଙ୍କ ସହିତ ସତର୍କ ରହିବାକୁ ପଡିବ । ଭ୍ରମଣ ପଛରେ ଟଙ୍କା ଖର୍ଚ୍ଚ ହେବ । ପିଲାଙ୍କ ବିଷୟରେ ଚିନ୍ତା ହେବ।



**ମୀନ:** ଆଜି ବହୁତ ଧୀର ଦିନ ହେବ । ହଠାତ୍ ଲାଭର ଏକ ରାଶି ଅଛି । ଚେଷ୍ଟା କଲେ ସ୍ଥଗିତ କାର୍ଯ୍ୟ ଆଗକୁ ନେଇଯିବ । ସତର୍କ ରୁହ ଏବଂ ତୁମର କାର୍ଯ୍ୟରେ ଜଡିତ ହୁଅ, ବୋଧହୁଏ ଏହା ସଂଗ୍ରାମର ଶେଷ ରାଉଣ୍ଡ ହେବ। ଥଣ୍ଡା, ନିଶ୍ୱାସ ପ୍ରଶ୍ୱାସ, କାଶ ଏବଂ ପେଟ ଯନ୍ତ୍ରଣା ଧରିବ। ଖର୍ଚ୍ଚ ବୃଦ୍ଧି ପାଇବ । ଉତ୍ତରାଧିକାର ଲାଭ ହେବ ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଫୁଲନଖରା, (ଭାସ୍କର ନ୍ୟୁଜ): ବିଡିଓ ଧର୍ମରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ୩୩ ନଂ ଜୋନ୍ ସାଇଁଶୋ ଗ୍ରାମ ପଞ୍ଚାୟତରେ ବିଶ୍ୱ ଶୌଚାଳୟ ଦିବସ ସରପଞ୍ଚ ସରୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହା ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଲୋକମାନଙ୍କୁ ଶୌଚାଳୟ ନିୟମିତ ବ୍ୟବହାର କରିବା ଓ ଶୌଚାଳୟରୁ ବାଦ ପଡିଥିବା ପରିବାରକୁ ଚିହ୍ନଟ କରି ସେମାନଙ୍କୁ ଅନୁମତିପତ୍ର ପ୍ରଦାନ କରିବା ସହ ସମସ୍ତ ଅନୁଷ୍ଠାନ, ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଥିବା ଶୌଚାଳୟର ରକ୍ଷଣାବେକ୍ଷଣ କରି କାର୍ଯ୍ୟକ୍ରମ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମିତି ସଭ୍ୟ ଅବଦୁଲ ତୋହିଦ ଖାଁ, ୱାର୍ଡସଭ୍ୟ, ଯୁବକ ସଂଘ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ପାଇଖାନା ନଥିବା ପରିବାରକୁ ଅନୁମତି ପତ୍ର ପ୍ରଦାନ କରାଯାଇଥିଲା । ବାରଙ୍ଗ ବ୍ଲକ ସ୍ୱଚ୍ଛ ଭାରତ ସଂଯୋଜକ ମହେନ୍ଦ୍ର ବେହେରା ଏହା ବିଭିନ୍ନ ଗ୍ରାମ ପଞ୍ଚାୟତରେ ପାଳନ କରାଯାଇ ଲୋକମାନଙ୍କୁ ସଚେତନ କରାଯିବ ବୋଲି କହିଥିଲେ ।

## ମୁନିଗୁଡାରେ ବିକାଶ ନାମରେ ହରିଲୁଟ୍ ଅଭିଯୋଗ




ମୁନିଗୁଡା(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲାରେ ଏମିତି ଏକ ବ୍ଲକ ରହିଛି ସେଠାରେ ଦଳୀୟ କର୍ମୀଙ୍କ ଦ୍ୱାରା ବିକାଶ ନାମରେ ହରିଲୁଟ ଚାଲିଛି । ଜିଲ୍ଲାରଏପରି ବ୍ଲକ ଦେଖିବାକୁ ମିଳିଛି ମୁନିଗୁଡା ।ଏହି ବ୍ଲକରେ ଦୀର୍ଘ ୨୪ ବର୍ଷ ହେବ ଖାଲି ନେତା ଓ ଦଲାଲଙ୍କ ଇଙ୍ଗିତରେ ରାଜୁତି ଚାଲିଥିଲା ।ଇତି ମଧ୍ୟରେ ଏଠାକାର ଶାସନ କଳ ବଦଳି ଥିବା ବେଳେ ପ୍ରତିନିଧିତ୍ୱ ମଧ୍ୟ ବଦଳିଛି । ହେଲେ ପଞ୍ଚାୟତର ବିକାଶ ନ କରି ନେତାଙ୍କୁ ପୋଷିବା ଭଳି ଅପନିନ୍ଦା ଲୋକଙ୍କ ଠାରୁ ଶୁଣୁଥିଲେ ମଧ୍ୟ ସେମାନଙ୍କର ପୁରୁଣା ଢାଞ୍ଚାରେ ଶାସନ ଚାଲିଥିବା କେତେକ ପ୍ରକାଶ କରୁଛନ୍ତି । କହିବାକୁ ଗଲେ ଏହି ବ୍ଲକରେ ଡେଭେଲପମେଣ୍ଟ ବିଭାଗ ଖାଲି ମନ୍ତ୍ରୀଙ୍କ ଇଙ୍ଗିତରେ କୁଜି ନେତା ଓ କର୍ମୀଙ୍କୁ ସୁହାଇଲା ଭଳି ବିକାଶ କରି ଆସୁଥିବା ବେଳେ ମୁନିଗୁଡା ଭଳି ଅନେକ ଗ୍ରାମ ପଞ୍ଚାୟତରେ ଭଲ ରାସ୍ତା କି ଡ୍ରେନ୍ ନଥିବା ବେଳେ ପାର୍କ,ଖେଳପଡିଆ,ଏବଂ ୫ଟି କାର୍ଯ୍ୟରେ ହେର୍‌ଫେର୍ କରି ଅନେକ ପଞ୍ଚାୟତରେ କାର୍ଯ୍ୟ ହୋଇନଥିବା ଅଭିଯୋଗ ହେଉଛି । ଖାଲି ଦଳୀୟ ଭିତିରେ କୋଠାଘର ଅଙ୍ଗନୱାଡି କେନ୍ଦ୍ର କରି ବାହାବା ନେବାଛଡା ଆଉ କିଛି ନାହିଁ ।ତାଛଡା ସରକାରଙ୍କର ଅନେକ ଯୋଜନା ଆସୁଥିବା ବେଳେ ବାଛି ବାଛି ଦଳିୟ ଲୋକଙ୍କ ମଧ୍ୟରେ ସୁବଣ୍ଟନ ହୋଇ ଯୋଜନାର ଫଳପ୍ରଦ ରିପୋର୍ଟ ଦିଆଯାଇଥିବା ମଧ୍ୟ ଅନେକାଂଶରେ ଦେଖିବାକୁ ମିଳିଛି । ସେହିପରି ଆବାସ ଯୋଜନା ଓ ରେସନକାର୍ଡ ଯୋଗ୍ୟ କି ଅଯୋଗ୍ୟ ହିତାଧିକାରୀଙ୍କୁ କିପରି କାହାକୁ ଦିଆଯାଇଛି ତାହା ମଧ୍ୟ ତଦନ୍ତ ସାପେକ୍ଷ ହେଲେ କ୍ଷୀରକୁ କ୍ଷୀର ପାଣିକୁ ପାଣି ଜଣାପଡିବ । ସାମାଜିକ ମଙ୍ଗଳ ଭଡା ମଧ୍ୟ ନିଜର କୋଟିପତି କର୍ମୀଙ୍କୁ ବଣ୍ଟନ କରି ବାହାବା ନେଇଥିବା ମଧ୍ୟ ଅନେକ ଗ୍ରାମ ପଞ୍ଚାୟତରେ ଦେଖିବାକୁ ମିଳିଛି ।କୃଷି ବିଭାଗ ନିଜର ସର୍ବସ୍ୱ ବ୍ଲକର କେଇଜଣ ଦଳୀୟ ଚାଷୀ ମଧ୍ୟରେ ସୀମିତ ରହି ନିଜର ବିହନ, ଯନ୍ତ୍ରପାତି ଓ ଚାଷ ସମ୍ବନ୍ଧୀୟ ସୂଚନା ଯୋଜନାର ଭରପୁର ଫାଇଦା ଉଠାଇ ମାଲା ମାଲ ହୋଇଥିବା ମଧ୍ୟ ଦେଖିବାକୁ ମିଳୁଛି ।ସେହିପରି ଉଦ୍ୟାନ କୃଷି ବିଭାଗ ନିଜର ସମସ୍ତ ଯୋଜନା କିପରି ଦଳୀୟ ସରପଞ୍ଚଙ୍କ ପଞ୍ଚାୟତରେ ରଖି ବିଭାଗୀୟ ଓ ସରପଞ୍ଚଙ୍କ ମଧ୍ୟରେ ଉତ୍ତମ ବୁଝାମଣା ହୋଇ ରହୁଥିବା ମଧ୍ୟ ଅନେକାଂଶରେ ଲୁଚାଛପା କଥା ପଦାକୁ ଆସୁଛି ।ଏହି ଯୋଜନାରେ ଅନେକ କୋଟିପତି ରାସନ କାର୍ଡ ହାତେଇଥିବା ବେଳେ ଆହୁରି ଅନେକ ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ ପଡିଥିବା ମଧ୍ୟ ଦେଖିବାକୁ ମିଳିଛି । ସବୁଠାରୁ ମୌଳିକ ସୁବିଧା ପାନୀୟ ଜଳ ଯାହାକି ଅନେକ ଗ୍ରାମ ପାଇଁ ସ୍ୱପ୍ନ ହେବାରେ ମଧ୍ୟ ଲାଗିଛି । ଏପୁରା ପ୍ରକରଣକୁ ଦେଖିଲେ ଜଣାପଡେ ଏଠି ୨୪ ବର୍ଷର ବିକାଶ କିଭଳି ହୋଇଛି ତାହା ତଦନ୍ତ ସାପେକ୍ଷ ବୋଲି ମଧ୍ୟ ଚର୍ଚ୍ଚା ଜୋର ଧରିଛି ।

### କୃଷି ବିଭାଗର ବିଚିତ୍ର ନିୟମ ||||||||||||||||||||||||||||||||
## ଅମଳ ସମୟରେ ଦିଆଯିବ ବାଦାମ ବିହନ

ନିଆଳି (ଭାସ୍କର ନ୍ୟୁଜ୍): ବାଦାମ ଚାଷ ପାଇଁ ଚାଷୀ ଏବେ କ୍ଷେତ ପ୍ରସ୍ତୁତ କରି ରହିଥିବା ବେଳେ ବିହନ ସାଜିଛି ବାଧକ । ସରକାରୀ ବିହନକୁ ଅପେକ୍ଷା କଲେ ଜାନୁଆରୀ ମାସ ଶେଷ ହୋଇଯିବ ବୋଲି କହିଛନ୍ତି ଚାଷୀମାନେ । ଖୋଲା ବଜାରରୁ ବାଦାମ ବିହନ କିଣିଲେ ଉଚ୍ଚା ଦରରେ ଅର୍ଥ ଦେବାକୁ ପଡିବ । ଚାଷୀ ଲାଭ କରିବା ବଦଳରେ କ୍ଷତି ସହିବ । ନିଆଳି କୃଷି ବିଭାଗ ଚାଷୀମାନଙ୍କୁ ସଠିକ ସମୟରେ ବାଦାମ ବିହନ ଯୋଗାଇ ପାରୁନଥିବାରୁ ଚାଷୀମାନେ କ୍ଷେତରେ ଫସଲ କରି ଲାଭ କରିବାତ ଦୂରର କଥା ବିଳମ୍ବରେ ଦେଲେ ଜଳବାୟୁ ପରିବର୍ତ୍ତନ ଯୋଗୁ ଫଳ ନହୋଇପାରେ । ଯାହାଫଳରେ କ୍ଷତି ସହିବେ ଚାଷୀମାନେ । ଚଳିତ ବର୍ଷ ନିଆଳି ବ୍ଲକ କୃଷି ବିଭାଗ ପକ୍ଷରୁ କପାସି ପଂଚାୟତରେ ପୋଦନା ଓ ବଡାର ଗ୍ରାମ ପାଇଁ ୫୦ ହେକ୍ଟର ଜମି ଚିହ୍ନଟ କରାଯାଇ ବାଦାମ ବିହନ ଯୋଗାଇ ଦିଆଯିବ ବୋଲି କୃଷିବିଭାଗ କହିଛି । ବ୍ଲକ କୃଷି ଅଧିକାରିଣୀ ସନ୍ଧ୍ୟା ଦାସ କହିଛନ୍ତି ବାଦାମ ବିହନ କଟକ ଜିଲ୍ଲାରେ କେଉଁ ଜାଗାରେ ଦିଆଯାଇନାହିଁ, ଆମେ ଚିଠି କରିଛୁ । ବିହନ ସାରା ଜିଲ୍ଲାକୁ ଗୋଟିଏ ଏଜେନ୍ସି ଯୋଗାଇଥାଏ । ବିହନ ମିଳୁ ମିଳୁ ଡିସେମ୍ବର ମାସ ଶେଷ ହୋଇଯିବ କହିଛନ୍ତି । ଯାହାଫଳରେ ଚାଷୀଙ୍କୁ ଦେଉ ଦେଉ ଜାନୁଆରୀ ପ୍ରଥମ ସପ୍ତାହ ବି ଚାଲିଯିବ । ଯେଉଁ ସମୟରେ ବାଦାମର ଅମଳ ହେବା ସମୟ ଆରମ୍ଭ ହୋଇଥାଏ । ନିଆଳି ବ୍ଲକର ବାଦାମ ଚାଷୀମାନେ ଅମଳ ସମୟରେ ବାଦାମ



ଲଗାଇ ଲାଭ କରିବା ବଦଳରେ କ୍ଷତି ସହିବେ । ସରକାରଙ୍କ ନିୟମ ନଭେମ୍ବର ୧୫ ତାରିଖ ସୁଦ୍ଧା ବ୍ଲକକୁ ବାଦାମ ମଞ୍ଜି ପହଂଚିବାର ଶେଷ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଏଠାରେ କାହିଁକି ଏତେ ବ୍ୟତିକ୍ରମ । ଚାଷୀମାନଙ୍କୁ ତୁରନ୍ତ ବାଦାମ ମଞ୍ଜି ଯୋଗାଇ ଦେବାକୁ ଚାଷୀ ବସନ୍ତ କୁମାର ଜେନା,କୈଳାସ ସାହୁ, ସୁଧାକର ମଲିକ, ବିଜୟ ମହାପାତ୍ର, କାଳନ୍ଦୀ ପ୍ରଧାନ, ବିଶ୍ୱଜିତ ସ୍ୱାଇଁ ଙ୍କ ସମେତ ଅନେକ ଚାଷୀ ଦାବି କରିଛନ୍ତି ।

## ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଦାବିରେ ଗଣଧାରଣା

ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ହରିଶଙ୍କର ଶାଖା ତରଫରୁ ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଆଇନ ଦାବିରେ ସୋମବାର ଗଣଧାରଣା ଆରମ୍ଭ ହୋଇଯାଇଛି । ଏହି ଅବସରରେ ପ୍ରଥମେ ଆନ୍ଦୋଳନକାରୀମାନେ ସ୍ଥାନୀୟ ଥାନା ଛକରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ । ଗନ୍ଧମାର୍ଦ୍ଦନ ପାହାଡ଼ର ଚାରିପଟରେ ଏକ ନିର୍ଦ୍ଦିଷ୍ଟ ଅଣ ଓଡ଼ିଆ କମ୍ପାନୀ ଜମି ଅଧିଗ୍ରହଣ କରିଥିବା ନେଇ ଜନ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଗନ୍ଧମାର୍ଦ୍ଦନ ପାହାଡର ଚତୁର୍ପାର୍ଶ୍ୱରେ ବସବାସ




କରୁଥିବା ଜନ ସାଧାରଣ କମ୍ପାନୀର ଏହି ଜମି ଅଧିଗ୍ରହଣକୁ ନେଇ ଭୟଭୀତ ହେବା ସହ କାଳେ କମ୍ପାନୀ ଗନ୍ଧମାର୍ଦ୍ଦନ ପାହାଡକୁ ଖଣି ଖନନ ପାଇଁ ଜମି ଅଧିଗ୍ରହଣ କରୁଛି ବୋଲି ସନ୍ଦେହ କରିଛନ୍ତି । ଏହାକୁ ନେଇ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ସରକାରଙ୍କ ସ୍ୱଷ୍ଟୋକ୍ତି ସହିତ ସ୍ଥାୟୀ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବି କରି ତହସିଲ କାର୍ଯ୍ୟାଳୟ ସମ୍ମୁଖ ରେ ଗଣଧାରଣା ଦେବା ସହିତ ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି । ଏହି ଧାରଣାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଜୟ ସିଂ ପୁଜାରୀ, ଅନନ୍ତ ବାରିକ ଯୁଗ୍ମ ଆବାହକ, ଟେକେନ୍ଦ୍ର ଜାଲ, କ୍ଷମାନିଧି ଭୋଇ, ରଘୁନାଥ ସିଂ ବରିହା, ଶଶିରେଖା ଧରୁଆ, ଯଶୋବନ୍ତ ବରିହା, କୁଶ ଧ୍ୱଜ ମାଝୀ, ସୁଶୀଲ ନାଏକ, ନୀଳମାଧବ ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିବା ବେଳେ ବରଗଡ଼ ଜିଲ୍ଲାରୁ ରାଜ କୁମାର ସେଠ, ଡାଇମଣ୍ଡ ଭୁଏ, ପ୍ରଶାନ୍ତ ମାଝୀ, ସଞ୍ଜୀବ ବରିହା, ମୋହନ ଜଗତ, କ୍ଷେତ୍ର ଲୁହାର, ଧବଳେଶ୍ୱର ସାହୁ, ଗିରିଶ ଦଣ୍ଡସେନା, ନକୁଲ ବରିହା, ନରସିଂହ ବନଛୋର ପ୍ରମୁଖ ଏହି ଗଣ ଧାରଣାରେ ସାମିଲ ହୋଇଥିଲେ । ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ମାନେ ଧାରଣାରେ ବସିଥିବା ଜଣାପଡିଛି । ସୂଚନା ଯୋଗ୍ୟ ପୂର୍ବରୁ ଉପମୁଖ୍ୟ ମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ଓ ବରଗଡ ଲୋକ ସଭା ସାଂସଦ ତଥା ବରିଷ୍ଠ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନ ନେତା ପ୍ରଦୀପ ପୁରୋହିତ ଗନ୍ଧମାର୍ଦ୍ଦନ ପାହାଡ ରେ ଖଣି ଖନନ ହେବାରୁ ଦିଆଯିବ ନାହିଁ ବୋଲି କହିସାରିଛନ୍ତି । ସେହିପରି ବଲାଙ୍ଗିର ଡି ଏଫ୍ ଓ ଅଣ ଓଡ଼ିଆ କମ୍ପାନୀ ର ଜମି କିଣା କମ୍ପାନୀର ପରିପୂରକ ବନୀକରଣ ହେବ ବୋଲି ଗଣମାଧ୍ୟମକୁ ପୂର୍ବରୁ ସୂଚନା ଦେଇଛନ୍ତି ।

## ଚାଷୀଙ୍କୁ ଡାଲି ଜାତୀୟ ବୁଟ ବିହନ ବଣ୍ଟନ



ଉମରକୋଟ/(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ କୃଷି କାର୍ଯ୍ୟାଳୟ ଠାରେ ରବି ଚାଷ ପାଇଁ ଚାଷୀଙ୍କୁ ଡାଲି ଜାତୀୟ ବୁଟ ବିହନ ବଣ୍ଟନ କରାଯାଇଛି । ଓଉଜଓଝଇଞ୍ଜ ଓ ସାହାରା ଏନଜିଓ ର ମାଧ୍ୟମରେ କୃଷି ବିଭାଗର ତତ୍ତ୍ୱାବଧାନ ରେ ଡାଲି ଜାତୀୟ ବିହନ ବଣ୍ଟନ କରାଯାଉଛି ।ଏହି କାର୍ଯ୍ୟକ୍ରମ ରେ ଉମରକୋଟ ବିଧାୟକ ପ୍ରତିନିଧି ଅଶୋକ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସୂଚନା ଅନୁଯାଇ ଚାଷୀଙ୍କ ଆର୍ଥିକ ସ୍ଥିତି ମଜବୁତ କରିବା ସହ ମାଟିର ଉର୍ବରତା ବଢାଇବା ପାଇଁ ରାଜ୍ୟ ସରକାର ଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ମାଗଣାରେ ଏହି ବିହନ ବଣ୍ଟନ କରାଯାଇଛି ।ବ୍ଲକରେ ୨୮୦୦ ହେକ୍ଟର ଜମିରେ ବୁଟ ଚାଷ ଓ ୨୦୦ ହେକ୍ଟର ଜମିରେ ମୁଗ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି । ଧାନ ଫସଲ କଟାଯିବା ପରେ ଏହି ଫସଲ ପାଇଁ ଚାଷୀଙ୍କୁ ବୁଟ ବିହନ ବଣ୍ଟନ କରାଯାଇଥାଏ କାରଣ ଏହି ଫସଲ ପାଇଁ ବିଶେଷ ପାଣୀର ଆବଶ୍ୟକ ନଥାଏ ଏବଂ ବିଶେଷ ପରିଶ୍ରମ କରିବାକୁ ପଡି ନଥାଏ,ତେଣୁ ବିହନ ନେଇ ଚାଷ କରିବା ପାଇଁ ଚାଷୀଙ୍କ ମହଲରେ ବେଶ ଆଗ୍ରହ ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ସୋମବାର ଦିନ ଚିକଲପଦର,ଭାମିନି, ସେମଳା ପଞ୍ଚାୟତ ର ପ୍ରାୟ ୨୫୪ ହେକ୍ଟର ଜମି ପାଇଁ ୩୪୭ ଜଣ ଚାଷୀଙ୍କୁ ବୁଟ ବିହନ ବଣ୍ଟନ କରାଯାଇଛି ।ଆଗାମୀ ଦିନରେ ବ୍ଲକର ସମସ୍ତ ପଞ୍ଚାୟତ ର ଚାଷୀଙ୍କୁ ଏହି ବୁଟ ବିହନ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି ।ବିହନ ବଣ୍ଟନ ସମୟରେ ବିଧାୟକ ପ୍ରତିନିଧି ଙ୍କ ସହ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ନାୟକ , ସହକାରୀ କୃଷି ଅଧିକାରୀ ନୀଳକଣ୍ଠ ପରିଡା ଙ୍କ ସହ କ୍ଷେତ୍ର କର୍ମଚାରୀ ଓ ଏନ ଜି ଓ ସଂସ୍ଥା ର ପ୍ରମୁଖ ସଦସ୍ୟ ଉପସ୍ଥିତ ରହିଥିଲେ ।

## ଅସହାୟ ମହିଳା ରାଧାଙ୍କ ପରିବାରକୁ ସହାୟତା କେବେ ?



ବାଲିମେଲା (ଭାସ୍କର ନ୍ୟୁଜ୍): ସ୍ୱାମୀଙ୍କ ମୃତ୍ୟୁପରେ ଅସହାୟ ମହିଳା ତିନି ଝିଅ ଓ ଛୋଟ ପୁଅକୁ ଧରି ଭୋକ ଉପାସରେ କଟୁଛି ଜୀବନ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ପାପ୍ରମେଟଲା ପଞ୍ଚାୟତର ଲୁଚାପାଣି ଗ୍ରାମରେ । ଲୁଚାପାଣି ଗ୍ରାମର ରାଧା ହନ୍ତାଳ ଗତ ରବିବାର ଦିନ ନିଜ ସ୍ୱାମୀଙ୍କ ମୃତ୍ୟୁ ପରେ ନିଜର ଚାରି ଛୋଟ ଛୋଟ ପିଲାଙ୍କୁ ଧରି ସମ୍ପୂର୍ଣ୍ଣ ରୂପେ ଅସହାୟ ହୋଇପଡିଛନ୍ତି । ଆଧାର ଲିଙ୍କ ବ୍ୟାଙ୍କ ପାସବୁକ୍ ନଥିବାରୁ ବର୍ଷେ ହେଲା ଚାଉଳ ମିଳୁନାହି ।ସ୍ୱାମୀ ବଂଚିଥିଲା ବେଳେ ଦୁଃଖ ସୁଖ ରେ ସଂସାର ଚାଲିଯାଉଥିଲା ହେଲେ ସ୍ୱାମୀଙ୍କ ମୃତ୍ୟୁ ପରେ ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ଅଲଗା ହୋଇଯାଇଛି । ଛୋଟ ଛୋଟ ତିନି ଝିଅ ଓ ପୁଅ ବଡ ଝିଅର ବୟସ ଆଠ ବର୍ଷ, ଆଉ ତା ତଳ ଝିଅ ବୟସ ସାତ ବର୍ଷ, ଓ ଆଉ ଜଣଙ୍କ ବୟସ ପାଞ୍ଚ ବର୍ଷ । ବର୍ତ୍ତମାନ ତିନିଝିଅ ମୂଲ ଲାଗିବା ପାଇଁ ଅନ୍ୟ ଘରକୁ ଚାଲି ଯାଇଛନ୍ତି । ଛୋଟ ପୁଅକୁ ଧରି ଏକୁଟିଆ ଅସହାୟ ଭାବେ ନିଜ ଘରେ ପଡି ରହିଛନ୍ତି ମହିଳା । ଜମି ବାଡ଼ି ବୋଲି କିଛି ନାହିଁ ଗାଁ ଲୋକେ ଯାହା ଦେଲେ ସେଥିରେ କଷ୍ଟ ଦୁଃଖ ରେ ଚଳୁଛନ୍ତି ମହିଳା ।କାଗଜ ପତ୍ର ଠିକ ନଥିବାରୁ କୌଣସି ସରକାରୀ ସହାୟତା ମିଳୁନାହିଁ । ପ୍ରଶାସନ ପକ୍ଷରୁ ଘଟଣାକୁ ଗୁରୁତର ସହ ନେଇ ରାଧା ହନ୍ତାଳ ପରିବାରକୁ ସହାୟତାର ହାତ ବଢ଼େଇବାକୁ ଲୁଚାପାଣି ଗ୍ରାମବାସୀ ନିବେଦନ କରିଛନ୍ତି । ତେବେ ଅସହାୟ ମହିଳା ରାଧା ଏବଂ ତାଙ୍କ ପିଲାମାନଙ୍କୁ କେବେ ଜିଲ୍ଲା ପ୍ରଶାସନ ସହାୟତା ଯୋଗାଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ଅଞ୍ଚଳ ମହାବିଦ୍ୟାଳୟ ଏବଂ କିସ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ



ବରଗଡ (ଭାସ୍କର ନ୍ୟୁଜ): ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁର ଏବଂ କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଅଛି । ଅଞ୍ଚଳ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀ ଲଳିତ ମୋହନ ପଣ୍ଡା ଏବଂ ଆଇକ୍ୟୁ ଏ ସି ସଂଯୋଜକ ଶ୍ରୀ ନବକୃଷ୍ଣ ମିଶ୍ର କିସ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ମାନ୍ୟବର କୁଳପତି ପ୍ରୋ. ଦୀପକ କୁମାର ବେହେରା, କୁଳସଚିବ ଡ଼ଃ ପ୍ରଶାନ୍ତ ରାଉତରାୟ ଏବଂ ଆଇକ୍ୟୁଏସି ସଂଯୋଜକ ପ୍ରୋ. ଯୁଗଳ କିଶୋର ମିଶ୍ରଙ୍କ ଉପସ୍ଥିତିରେ ଏମ୍‌ଓୟୁ ସ୍ୱାକ୍ଷରିତ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଏହା ହେଉଛି ଅଞ୍ଚଳ ମହାବିଦ୍ୟାଳୟ ର ବିଶ୍ୱବିଦ୍ୟାଳୟ ସହ ପ୍ରଥମ ଏମ୍ ଓୟୁ । ଏହା ଫଳରେ ଅଞ୍ଚଳ ମହାବିଦ୍ୟାଳୟ ଏବଂ କିସ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ବିଭିନ୍ନ ଗବେଷଣାମୂଳକ କାର୍ଯ୍ୟ ,ଆଲୋଚନା ଚକ୍ର, କର୍ମଶାଳା, ଅଧ୍ୟାପକ ଦକ୍ଷତା ବିକାଶ, ଅଧ୍ୟାପକ ବିନିମୟ, ରିଫ୍ରେଶର କୋର୍ସ, ତାଲିମ ମୂଳକ କାର୍ଯ୍ୟ ଇତ୍ୟାଦି ଆୟୋଜିତ କରାଯାଇପାରିବ ବୋଲି ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା କହିଛନ୍ତି । ଅଞ୍ଚଳ ମହାବିଦ୍ୟାଳୟ ଗନ୍ଧମାର୍ଦ୍ଦନ ପର୍ବତ ନିକଟରେ ଥିବାରୁ ଭାରତୀୟ ଜ୍ଞାନ ବ୍ୟବସ୍ଥା ଏବଂ ପାରମ୍ପରିକ ଉପଶମ ମୂଳକ ଗବେଷଣା ଇତ୍ୟାଦି କାର୍ଯ୍ୟକ୍ରମ ପାଇଁ ବାଟ ଫିଟିବ ବୋଲି ଆଶା କରାଯାଉଛି । ଏହି ଏମ୍‌ଓୟୁକୁ କାର୍ଯ୍ୟାତ୍ମକ କରିବା ପାଇଁ ଅନଲାଇନ ଏବଂ ଅଫଲାଇନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକ ମିଳିତ ଆନୁକୁଲ୍ୟରେ ଆୟୋଜନ କରାଯିବ । ଏହା ପରେ ପରେ ଅଞ୍ଚଳ ମହାବିଦ୍ୟାଳୟ ଏବଂ କିସ୍ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ମଧ୍ୟରେ ସହଯୋଗିତା ସ୍ୱାକ୍ଷରୀତ ହୋଇଥିଲା । ଏହି ବିଭାଗୀୟ ସହଯୋଗିତା ଟି ଉଭୟ ଶିକ୍ଷାନୁଷ୍ଠାନ ର ଆଇକ୍ୟୁଏସି ସଂଯୋଜକ ଏବଂ ବିଭାଗୀୟ ମୁଖ୍ୟ ଙ୍କ ଉପସ୍ଥିତି ରେ ହୋଇଥିଲା । ଏଥିପାଇଁ ଅଞ୍ଚଳ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପକ ଡଃ ତୁଷାରକାନ୍ତ ସାହୁ, ଡଃ ଭେଙ୍କଟେଶ୍ୱର ମେହେର ଏବଂ ଅଧ୍ୟାପିକା ସୁଶ୍ରୀ ସସ୍ମିତା ମେହେର (କିସ୍ ବିଶ୍ୱବିଦ୍ୟାଳୟ ର ଆଲୁମିନି); କିସ୍ ବିଶ୍ୱବିଦ୍ୟାଳୟ ର ଡଃ ଯୁଗଳ କିଶୋର ମିଶ୍ର ଓ ଡଃ ସୁଜାତା ଆଚାର୍ଯ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଅଞ୍ଚଳ ମହାବିଦ୍ୟାଳୟ କିସ୍ ବିଶ୍ୱବିଦ୍ୟାଳୟ ସହ ମିଳିତ ଆନୁକୁଲ୍ୟରେ ଆଇ.ସି.ଏସ.ଏସ.ଆର, ନୂଆଦିଲ୍ଲୀ ଦ୍ୱାରା ପ୍ରାୟୋଜିତ ଏକ ବୃହତ୍ ଗବେଷଣା ପ୍ରକଳ୍ପ ପ୍ରାପ୍ତ କରିଛି ଏବଂ ଆସନ୍ତା ନଭେମ୍ବର ୨୯-୩୦, ୨୦୨୪ ରେ ଉଭୟ ଅନୁଷ୍ଠାନ ର ମିଳିତ ଆନୁକୁଲ୍ୟରେ ଏକ ଜାତୀୟ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହେବ । ଏହି ଏମ୍ ଓ ୟୁ ସ୍ୱାକ୍ଷର ପାଇଁ ଅଞ୍ଚଳ ମହାବିଦ୍ୟାଳୟ ର ଅଧ୍ୟକ୍ଷ,କିସ୍ ବିଶ୍ୱବିଦ୍ୟାଳୟ ର କୁଳପତି,କୁଳସଚିବ, ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ନବଜାତ ଶିଶୁକନ୍ୟା ବିକ୍ରି ଘଟଣା ||||||||||||
## ପରିବାର ବର୍ଗଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ଖପ୍ରାଖୋଲ (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ କରୁଆଁଝର୍ ପଞ୍ଚାୟତ ସାନଗୁର୍ଜିଭଟା ଗ୍ରାମରେ ନବଜାତ ଶିଶୁ କନ୍ୟାକୁ ବିକ୍ରି କରାଯାଇଥିବା ଚର୍ଚ୍ଚା ହୋଇଥିଲା । ଉକ୍ତ ଘଟଣା ବିଷୟରେ ବିଭିନ୍ନ ଗଣମାଧ୍ୟମ ଖବର ପ୍ରକାଶ ପରେ ପ୍ରଶାସନ ତରଫରୁ ତଦନ୍ତ ଆରମ୍ଭ ହୋଇଥିଲା । ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପରିବାର ବର୍ଗଙ୍କୁ ଭେଟି ପଚାରି ବୁଝିଥିଲେ । ଏହା ସହ ନିରପେକ୍ଷ ତଦନ୍ତ ପାଇଁ ଆଦେଶ ଦେଇଥିଲେ । ଏହା ପରେ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଉକ୍ତ ନବ ଜାତ ଶିଶୁ କନ୍ୟା ଙ୍କୁ କାହିଁକି ଅନ୍ୟ ହାତରେ ଟେକି ଦେଇଥିବା ବିଷୟରେ ବୁଝିବା ପାଇଁ ବିଜେଡି ର ପ୍ରତିନିଧି ଦଳ ଆସି ଶିଶୁ କନ୍ୟା ର ପରିବାର ବର୍ଗ ଙ୍କୁ ପଚାରି ବୁଝିଥିଲେ । ଉକ୍ତ ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନି ଛୁରିଆ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ , ପୂର୍ବତନ ମନ୍ତ୍ରୀ ରିତା ସାହୁ , ପୂର୍ବତନ ବିଧାୟକ ସରୋଜ କୁମାର ମେହେର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ , ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମିଥିଳା ମାଝୀ , ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ ପରିବାର ବର୍ଗ ଙ୍କୁ ଭେଟି ଘଟଣା ବିଷୟରେ ପଚାରି ବୁଝିଥିଲେ । ପ୍ରତିନିଧି ଦଳ ପରିବାର ସଦସ୍ୟଙ୍କୁ ପଚାରି ବୁଝିବା ପରେ ଅଭାବ କାରଣ ରୁ ଶିଶୁ କନ୍ୟାକୁ ବିକ୍ରି କରିଦେଇଥିଲେ ବୋଲି କହିଥିଲେ । ଏହା ସହ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଉକ୍ତ ଘଟଣା ବିଷୟରେ ଜଣାଇ ଶିଶୁ କନ୍ୟା ବିକ୍ରି କରିଥିବ ପରିବାର ବର୍ଗଙ୍କୁ ଆବଶ୍ୟକ ସହାୟତା ଦେବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ସଂଯୁକ୍ତା ମେହେର , ସମିତି ସଭ୍ୟ ଦେବରାଜ ତାଣ୍ଡି ବିଜେଡି ସାଧାରଣ ସମ୍ପାଦକ ପବିତ୍ର ପଟେଲ , ଖପ୍ରାଖୋଲ ବ୍ଲକ ବିଜେଡି ସଭାପତି ରମେଶ ପଧାନ ଓ ବିଜେଡି କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ ।

## ବାତ୍ୟା 'ଦାନା'ର କ୍ଷୟକ୍ଷତି ଆକଳନ ନେଇ କେନ୍ଦ୍ରୀୟ ଦଳଙ୍କ କ୍ଷେତ୍ର ପରିଦର୍ଶନ



ଭଦ୍ରକ(ଭାସ୍କର ନ୍ୟୁଜ୍): ଗତ ଅକ୍ଟୋବର ମାସରେ ଘଟିଯାଇଥିବା ବାତ୍ୟା 'ଦାନା' ଯୋଗୁଁ ପ୍ରଭାବିତ ଭଦ୍ରକ ଜିଲ୍ଲାର କ୍ଷୟକ୍ଷତି ଆକଳନ ସକାଶେ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ତରଫରୁ ପ୍ରେରିତ କେନ୍ଦ୍ରୀୟ ଦଳ ଭଦ୍ରକରେ ପହଞ୍ଚିଛନ୍ତି । ନୂଆ ସର୍କିଟ ହାଉସ୍‌ରେ ପହଞ୍ଚିଲା ପରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ସେମାନଙ୍କୁ ପ୍ରଭାବିତ ଅଞ୍ଚଳ ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ଏହି କେନ୍ଦ୍ରୀୟ ଦଳରେ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡ. ମାନ ସିଂହ ଏବଂ ଜଳ ଶକ୍ତି ମନ୍ତ୍ରାଳୟର ନିର୍ଦ୍ଦେଶକ ସୁଶାନ୍ତ କୁମାର ସାମଲ ଭଦ୍ରକ ଆସିଛନ୍ତି । ପରେ ପରେ ସେମାନେ ଚାନ୍ଦବାଲି ବ୍ଲକ୍‌ର ଧାମରା ଅଞ୍ଚଳକୁ ଗସ୍ତ କରିଥିଲେ । ସେଠାରେ ଦୋସିଙ୍ଗା ଗ୍ରାମପଞ୍ଚାୟତର ଚାନ୍ଦିନୀପାଳ ବହୁମୁଖୀ ବାତ୍ୟାଶ୍ରୟର କମ୍ୟୁନିଟି ସଦସ୍ୟମାନଙ୍କ ସହ ବାର୍ତ୍ତାଳାପ କରିଥିଲେ । ବାଂଶଡ଼ା ଗ୍ରାମପଞ୍ଚାୟତର ଚେଡ଼କ ଗାଁରେ ବାତ୍ୟା 'ଦାନା' ଯୋଗୁଁ ଘର ଭଙ୍ଗା ଜନିତ କ୍ଷୟକ୍ଷତିର ଆକଳନ କରିଥିଲେ । ସେହିପରି ଜାଗୁଲା ଗ୍ରାମପଞ୍ଚାୟତର ବାଲିସାହି ଗ୍ରାମର ବାତ୍ୟା 'ଦାନା' ଯୋଗୁଁ ଫସଲର କ୍ଷୟକ୍ଷତି ଆକଳନ କରିଥିଲେ । ଏ ସମସ୍ତ କ୍ଷେତ୍ର ପରିଦର୍ଶନ ସମୟରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ କେନ୍ଦ୍ରୀୟ ଦଳଙ୍କ ସହିତ ଉପସ୍ଥିତ ଥିଲେ ।

## ବନ୍ୟପ୍ରାଣୀ ସୁରକ୍ଷା ଓ ବନାଗ୍ନି ନିବାରଣ ସଚେତନତା କାର୍ଯ୍ୟକ୍ରମ



କରଞ୍ଜିଆ, (ଭାସ୍କର ନ୍ୟୁଜ): ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ସହଯୋଗରେ ଜଙ୍ଗଲ, ବନ୍ୟପ୍ରାଣୀ ସୁରକ୍ଷା ଓ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ରବିବାର ଦିନ କରଞ୍ଜିଆ ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବା ସହିତ ଏକ ସଚେତନତା ରଥ ମଧ୍ୟ ଉଦଘାଟିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର ରିସର୍ଚ୍ଚ ପର୍ସନ ସୁବ୍ରତ କୁମାର ବିଶ୍ୱାଳ ସଂଯୋଜନା କରିଥିବାବେଳେ ବନପାଳ ସୁରମୋହନ ବେହେରା, ବନରକ୍ଷୀ ରଶ୍ମିତା ବାରିକ,ଖୁଲଣା ଦେଓ ପ୍ରମୁଖ ଯୋଗଦାନ କରିଥିଲେ । ବନଖଣ୍ଡ ଅଧିକାରୀ ଶ୍ରୀ ନାଏକ ତାଙ୍କ ବକ୍ତବ୍ୟରେ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଓ ଅଗ୍ନି ନିରାପତ୍ତା ସଚେତନତା କିପରି ଲୋକମାନଙ୍କ ଦ୍ୱାରା ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ ।ପ୍ରଶିକ୍ଷଣ ଦାତା ସୁବ୍ରତ ବିଶ୍ୱାଳ ଉପସ୍ଥିତ ବନ ସୁରକ୍ଷା ସମିତି ସଦସ୍ୟ ସଦସ୍ୟା ଓ ଗ୍ରାମବାସୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷିତ ରହିଲେ ପରିବେଶ ସୁରକ୍ଷିତ ଓ ସନ୍ତୁଳିତ ରହିବ । ବର୍ତ୍ତମାନ ଶୀତଦିନ ଥିବାରୁ ଅନେକ ସମୟରେ ଜଙ୍ଗଲ ନିକଟରେ ଥିବା ଗାଁ ଲୋକେ ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି ତଥା ଏହାର ଆଳ ଦେଖାଇ ଯନ୍ତୁ ଶିକାର କରିଥାନ୍ତି । ତେଣୁ ଅଗ୍ନିକାଣ୍ଡରୁ ଜଙ୍ଗଲକୁ ସୁରକ୍ଷା ଓ ସଂରକ୍ଷଣ ରଖିବା ଆମର ଦାୟିତ୍ୱ ଏବଂ ନିଜେ ସଚେତନ ହେଲେ ଏହା ସୁରକ୍ଷିତ ରହିବ ବୋଲି ବନପାଳ ଶ୍ରୀ ବେହେରା ସୂଚନା ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ବନ କର୍ମଚାରୀ ଗୁରୁଚରଣ ବନ୍ଦ୍ରା, ନିଳକଣ୍ଠ ହେମ୍ବ୍ରମ, ବଳରାମ ପାଲିଆ, ସୁକୁମାର ନାଏକ,ମିଥୁନ ନାଏକ, ସଙ୍କଳନ ପାତ୍ର,ସମରା ହୋ ଉପସ୍ଥିତ ଥିଲେ ।

### ■ଜେସିଆଇର ଷଷ୍ଠ ସ୍ଥାପନା ଦିବସ
## ମହେଶ ଅଗ୍ରୱାଲ ହେଲେ ନୂତନ ସଭାପତି

ତାଳଚେର (ଭାସ୍କର ନ୍ୟୁଜ): ଜୁନିଅର ଚାମ୍ବର ଇଣ୍ଟରନ୍ୟାସନାଲ (ଜେସିଆଇ) ତାଳଚେର ଶାଖା ର ଷଷ୍ଠ ସ୍ଥାପନା ଦିବସ ଶନିବାର ସନ୍ଧ୍ୟା ରେ ପାଳିତ ହୋଇ ଯାଇଅଛି । ହୋଟେଲ ସୂର୍ଯ୍ୟା ଗାର୍ଡେନ ଠାରେ ଅନୁଷ୍ଠିତ ଉତ୍ସବରେ ନୂତନ ସଭାପତି ମହେଶ ଅଗ୍ରୱାଲ ଶପଥ ଗ୍ରହଣ କରିଥିଲେ । ବିଦାୟୀ ସଭାପତି କୁଶଳ ଅଗ୍ରୱାଲ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ ତାଳଚେର ଉପ ଆରକ୍ଷୀ ଅଧିକ୍ଷକ ମାନସ ରଞ୍ଜନ ବାରିକ ମୁଖ୍ୟ ଅତିଥି, ବ୍ୟବସାୟୀ ସଂଘ (କେଟ) ର ଅନୁଗୁଳ ଜିଲ୍ଲା ଅଧ୍ୟକ୍ଷ କମଳ ଅଗ୍ରୱାଲ, ଜେସିଆଇ ଜୋନ ସଭାପତି ଅମନ୍ ଶୁକ୍ଲା, ପୂର୍ବତନ ଜୋନ ସଭାପତି ଆଶିଷ ଅଗ୍ରୱାଲ, ଉପଦେଷ୍ଟା ଡ. ରଶ୍ମି ରଂଜନ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସମାଜ ସେବା ଦିଗ ରେ ଜେସିଆଇ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରକାଶ କରିଥିଲେ । ଆଗାମୀ ଦିନରେ ସମାଜର ଅବହେଳିତ, ଦରିଦ୍ର ଓ ଅସହାୟ ବ୍ୟକ୍ତିଙ୍କ ପ୍ରତି ସହଯୋଗ ବଜାୟ ରଖିବାକୁ ଅତିଥିଗଣ ପରାମର୍ଶ ଦେଇଥିଲେ । ବିଦାୟୀ ସଭାପତି କୁଶଳ ଅଗ୍ରୱାଲ ବିବରଣୀ ପାଠ କରିବା ସହିତ ବିଗତ ବର୍ଷ ରେ ଜେସିଆଇ ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କ ରେ ସୂଚନା ଦେଇଥିଲେ । ପୂର୍ବତନ ଜୋନ ସଭାପତି ଆଶିଷ ଅଗ୍ରୱାଲ ନୂତନ ସଭାପତି ଓ କର୍ମକର୍ତ୍ତା ଙ୍କୁ ଶପଥ ପାଠ କରାଇବା ସହିତ ଦାୟିତ୍ୱ ହସ୍ତାନ୍ତର କରିଥିଲେ ।

## ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱମ୍ଭର ପରିଡାଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ପ୍ରତିମୂର୍ତ୍ତି ଉନ୍ମୋଚିତ



ଜଗତସିଂହପୁର (ଭାସ୍କର ନ୍ୟୁଜ) ଜଗତସିଂହପୁର ଜିଲ୍ଲା ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାମ୍ବାଦିକ ବିଶ୍ୱମ୍ଭର ପରିଡାଙ୍କ ପଚିଶିତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ସଁପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ରିବନ କାଟି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱମ୍ଭର ପରିଡା ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ଏହାପରେ ବିଡ଼ିଓ ଆଶୁତୋଷ ମିଶ୍ରଙ୍କ ସଭାପତିତ୍ୱରେ ବିଧାୟକ ଅମରେନ୍ଦ୍ର ଦାସ, ମୁଖ୍ୟ ବକ୍ତା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ସରପଞ୍ଚ ସ୍ୱରୂପ କୁମାର ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ତଥା ସ୍ୱାଧୀନତା ସଂଗ୍ରାମୀ ବିଶ୍ୱମ୍ଭର ପରିଡା ଙ୍କ ସୁକନ୍ୟା ଅଞ୍ଜଳି ପରିଡା, ପୂର୍ବତନ ଏ ପି ଡି ବିଷ୍ଣୁ ଚରଣ, ବିଶିଷ୍ଟ ସମାଜସେବୀ କ୍ରିଷ୍ଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ପଞ୍ଚାୟତ ର ହଜାରହଜାର ନରନାରୀ ଏହି ଉଦଘାଟନୀ ସଭାରେ ଉପସ୍ଥିତ ରହି ସମସ୍ତ ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଏହା ପରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ଥିବା ବିଶିଷ୍ଟ ସମାଜସେବୀ ସାଧୁ ଚରଣ ମହାନ୍ତି, ସୁସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଗଙ୍ଗାଧର ପଣ୍ଡା, ପ୍ରହଲ୍ଲାଦ ଚନ୍ଦ୍ର ଦାସ ପ୍ରମୁଖ ଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଏ ସମସ୍ତ କାର୍ଯ୍ୟକ୍ରମକୁ ସମୀର ତାରିଣୀଆଁ, ଅଶୋକ ନାୟକ, ପ୍ରଭାକର ସାହୁ, ସାରଦା ନାୟକ, ରଞ୍ଜନ ନାୟକ, ସ୍ୱର୍ଣ୍ଣଲତା ସାହୁ, କେଦାର ନାଥ ପାଳ, ରବୀନ୍ଦ୍ର ରାଉତ ପ୍ରମୁଖ ପରିଚାଳନା କରିଥିଲେ ।

## ପଦ୍ମପୁର ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ପଦ୍ମପୁର ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ଏକ ସ୍ୱାଗତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଗତିକୃଷ୍ଣ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ହରିହର ଦାସ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ସାଂସଦ ଅନନ୍ତ ନାୟକଙ୍କୁ ମହାବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଯୁକ୍ତତିନି ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରାଯିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଗବେଷକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିମ୍ବାଧର ବେହେରା ଆଜିର ଶିକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀ ମାନଙ୍କ ଅଧ୍ୟୟନଜନିତ ସାଧନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମ୍ମାନିତବକ୍ତା ଭାବେ ସାମ୍ବାଦିକ ତଥା ସାହିତ୍ୟିକ ଶରତ ଜେନା ସ୍ୱାଗତ ଓ ସମ୍ବର୍ଦ୍ଧନାର ଉପଦେୟ ଦିଗ ଉପରେ ମତ ପୋଷଣ କରିଥିବା ବେଳେ ସମ୍ମାନିତ ଅତିଥି ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିବେକାନନ୍ଦ ମହାନ୍ତ ମହାବିଦ୍ୟାଳୟର ବିକାଶ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆବଶ୍ୟତା ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି କୁମ୍ଭକର୍ଣ୍ଣ ଦେହୁରୀ,ପ୍ରତିଷ୍ଠାତା ସମ୍ପାଦକ ତଥା ସମାଜସେବୀ କିଶୋରଚନ୍ଦ୍ର ସାହୁ ଏବଂ ହଳଧର ସାହୁ ପ୍ରମୁଖ ଅନୁଷ୍ଠାନର ଶିକ୍ଷାବିକାଶ ନେଇ ନିଜ ନିଜର ଅନୁଭୂତିପ୍ରକାଶ କରିଥିଲେ ।ଅଧ୍ୟାପିକା ସ୍ମିତା ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅର୍ଥନୀତି ଅଧ୍ୟାପକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।